ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ବାଲେଶ୍ୱର, ବୁଧବାର, ନଭେମ୍ବର ୧୭/୨୦୨୧ (୮+୮=୧୬ ପୃଷ୍ଠା) | Balasore, Wednesday, November 17/2021 | ★★★★

୪୭ଶ ଭାଗ ୩୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



## ଆଲର୍ଜି ଆପଣଙ୍କ ରୋଗର କାରଣ କି?



### ରକ୍ତ ପରୀକ୍ଷା ଦ୍ୱାରା ଆଲର୍ଜିର କାରଣ ଜଣାପଡ଼ିଯାଇଥାଏ

Jerath Path Labs & Allergy Testing Centre
*working for your better health*

ରୋଗକୁ ଡରିବା ନାହିଁ, ତା' ସହ ଲଢ଼ିବା।
ଆଜି ହିଁ ଆଲର୍ଜି ପରୀକ୍ଷା କରାଇନିଅନ୍ତୁ

**ECHS/ESI/CGHS** କାର୍ଡଧାରୀଙ୍କ ପାଇଁ **ଅତିରିକ୍ତ ରିହାତି**

**Vitamin B12 ଏବଂ Vitamin D** ପରୀକ୍ଷା **ନିଃଶୁଳ୍କ (FREE)** ପାଆନ୍ତୁ ଆଲର୍ଜି ପରୀକ୍ଷା ସହିତ

ସାମ୍ପଲ ଦେବାର ସମୟ ସକାଳ 9ରୁ ସନ୍ଧ୍ୟା 5ଟା ପର୍ଯ୍ୟନ୍ତ

**19, 20, 21 ଓ 22 ନଭେମ୍ବର ଦିନ ବାଲେଶ୍ୱର, ବାରିପଦା, ଭଦ୍ରକଠାରେ ଅଧାରୁ କମ୍ ଦରରେ ଆଲର୍ଜି ପରୀକ୍ଷା କରାନ୍ତୁ**

**ଓଡ଼ିଶା ବିଶିଷ୍ଟ ଆଲର୍ଜି ପ୍ୟାନେଲ୍ ଉପଲବ୍ଧ (Odisha Specific Allergy Panel Available)**

ଓଡ଼ିଶା ବ୍ୟାପକ (Comprehensive) ଆଲର୍ଜେନ ପ୍ୟାନେଲ୍
ଓଡ଼ିଶା ପାଇଁ ବିଶିଷ୍ଟ ଆଲର୍ଜି ଯାଞ୍ଚ
(ପ୍ରକାଶିତ ଅଧ୍ୟୟନ ଓ ଉପାଖ୍ୟାନର ଅନୁଭୂତି ଆଧାରରେ)

### ଆଲର୍ଜି କ'ଣ?

ପରାଗ ରେଣୁ, ଧୂଳିକଣିକା, ଖାଦ୍ୟ ଇତ୍ୟାଦି ଭଳି କେତେକ ବାହ୍ୟ ତତ୍ତ୍ୱ ପ୍ରତି ଆମ ଶରୀରର ରୋଗପ୍ରତିରୋଧକ କ୍ଷମତାର ଅସ୍ୱାଭାବିକ ପ୍ରତିକ୍ରିୟାକୁ ଆଲର୍ଜି କୁହାଯାଏ । ଏହି ରୋଗ ସାରା ପୃଥିବୀରେ ଦ୍ରୁତଗତିରେ ବ୍ୟାପିବାରେ ଲାଗିଛି । ଆଜିକାଲି ଯୁବ ଓ ବାଲ୍ୟାବସ୍ଥାରେ ମଧ ଆଲର୍ଜି ରୋଗ ଦେଖିବାକୁ ମିଳିଲାଣି । ଆଲର୍ଜି ପ୍ରତିକ୍ରିୟା ସୃଷ୍ଟି କରୁଥିବା ତତ୍ତ୍ୱଗୁଡ଼ିକୁ ଆଲର୍ଜେନ୍ କୁହାଯାଏ । ଏହି ଆଲର୍ଜେନ୍ ବା ଆଲର୍ଜି ସୃଷ୍ଟିକାରୀ ତତ୍ତ୍ୱରେ ପ୍ରକୃତରେ କୌଣସି କ୍ଷତିକାରକ କୀଟାଣୁ କିମ୍ବା ବିଷାଣୁ ନ ଥାନ୍ତି, ବରଂ କ୍ଷତିକାରକ ଉପାଦାନ ରହିଥାଏ, ଯେମିତିକି ଗହମ, ବାଦାମ, ଦୁଗ୍ଧ, ପରାଗରେଣୁ, ଧୂଳିକଣିକା କିମ୍ବା ପରିବେଶରେ ଉପସ୍ଥିତ କେତେକ ପ୍ରାକୃତିକ ତତ୍ତ୍ୱ । ଏହି କାରଣରୁ ସବୁ ଲୋକଙ୍କୁ ଏଗୁଡ଼ିକ କ୍ଷତି ପହଞ୍ଚାଇ ନ ଥାଏ । ଗୋଟିଏ ଘରେ, ସମାନ ପରିବେଶରେ ଜଣେ ବ୍ୟକ୍ତିଙ୍କୁ ଆଲର୍ଜି ହେଉଥିବା ବେଳେ ଅନ୍ୟମାନେ ତାହାଦ୍ୱାରା ପ୍ରଭାବିତ ହୋଇ ନ ଥାନ୍ତି ।

### ଆଲର୍ଜିର ଲକ୍ଷଣ (Allergy Symptoms)

1. ନାକର ଆଲର୍ଜି - ବାରମ୍ବାର ଥଣ୍ଡା ହେବା, ନାକ କୁଣ୍ଡେଇ ହେବା, ନାକରୁ ବହିବା, ଲଗାତର ଛିଙ୍କ, ନାକ ବନ୍ଦ ହେବା
2. ତ୍ୱଚାର ଆଲର୍ଜି - ଅତି ସାଧାରଣ, ବର୍ଷାଦିନେ ଅଧିକ ହୋଇଥାଏ । କୁଣ୍ଡିଆ, ନାଲି ଦାଗ, ଦାନା, ଭାତୁଡ଼ି ଇତ୍ୟାଦି ହୋଇପାରେ ।
3. ଆଖିର ଆଲର୍ଜି - ଆଖିରୁ ପାଣି, ଆଖି ନାଲି ପଡ଼ିବା, ଆଖିରେ ଜ୍ୱାଳା ଓ କୁଣ୍ଡେଇ ହେବା ।
4. ଫୁସ୍‌ଫୁସ୍‌ର ଆଲର୍ଜି - କାଶ, ଶ୍ୱାସକ୍ରିୟାରେ ସମସ୍ୟା, ଫୁସ୍‌ଫୁସ୍‌ରେ କଫ, ଆଜ୍‌ମା କିମ୍ବା ଅଣନିଃଶ୍ୱାସୀ ଲାଗିବା
5. ଖାଦ୍ୟ ଓ ପାନୀୟର ଆଲର୍ଜି - ଅନେକ ଲୋକଙ୍କୁ ଖାଦ୍ୟ ପାନୀୟ (ଅଣ୍ଡା, ମାଛ, ଚକୋଲେଟ୍, ଦୁଗ୍ଧ ଇତ୍ୟାଦି)ରୁ ଆଲର୍ଜି ହୋଇଥାଏ ।
6. ସମ୍ପୂର୍ଣ୍ଣ ଶରୀରର ଆଲର୍ଜି - ସମ୍ପୂର୍ଣ୍ଣ ଶରୀରରେ ଗୁରୁତର ଲକ୍ଷଣ ଅତି ଗମ୍ଭୀର ପ୍ରଭାବ ପକାଇଥାଏ । ତୁରନ୍ତ ଚିକିତ୍ସାଳୟ ଯିବା ଆବଶ୍ୟକ ହୋଇଥାଏ ।




### ବିଶେଷଜ୍ଞଙ୍କ ବିଚାର



ଡା. ପ୍ରଶାନ୍ତ ଜେରଥ୍ (ଏମ୍.ଡି. ପାଥୋଲୋଜିଷ୍ଟ) (M.D. Pathologist) କୁହନ୍ତି ଯେ ଆଜିର ସହରୀକରଣ ଯୁଗରେ ସବୁକିଛି ପ୍ରଦୂଷିତ ହୋଇଯାଇଛି । କେଉଁ ଜିନିଷ ଆପଣଙ୍କୁ କିପରି ଭାବେ ପ୍ରଭାବିତ କରିବ ତାହା ଆପଣ ଅନୁମାନ ମଧ କରିପାରନ୍ତି ନାହିଁ । ବିଶେଷକରି ଶ୍ୱାସରୋଗ ସମୟରେ ପ୍ରତ୍ୟେକ ଜିନିଷକୁ ନେଇ ସତର୍କ ରହିବା ଉଚିତ ।

ଆପଣ ରାସ୍ତାରେ ଚାଲୁଚାଲୁ ହଠାତ୍ ଆପଣଙ୍କ ଦେହ କୁଣ୍ଡେଇ ହେଲେ କିମ୍ବା ତ୍ୱଚା ଫୁଲି କୁଣ୍ଡେଇ ହେଲେ, ବୁଝିନିଅନ୍ତୁ ଯେ ଏପରି କୌଣସି ଜିନିଷ ଆପଣଙ୍କ ଆଖପାଖରେ ଅଛି କିମ୍ବା ଅତିକ୍ରମ କରିଛି ଯାହା ପ୍ରତି ଆପଣଙ୍କର ଆଲର୍ଜି ଅଛି । ଆପଣ ଜଣେ ଶ୍ୱାସରୋଗୀ ହୋଇଥିଲେ ଆଲର୍ଜି ଆହୁରି ବିପଜ୍ଜନକ ହୋଇଯାଇଥାଏ । ଶ୍ୱାସରୋଗର ପ୍ରଭାବ ସହିତ ଆଲର୍ଜିର ପ୍ରଭାବ ପ୍ରାଣଘାତୀ ସାବ୍ୟସ୍ତ ହୋଇପାରେ । ମାତ୍ର ଗୋଟିଏ ବ୍ଲଡ୍ ଟେଷ୍ଟ ଆପଣଙ୍କ ସମସ୍ୟାକୁ ସହଜ କରିପାରିବ । ଏହା ସହିତ ଆଲର୍ଜି ପରୀକ୍ଷା ଓଡ଼ିଶାର ବିଭିନ୍ନ ଜିଲ୍ଲା ଓ ସହରରେ ଆୟୋଜନ କରାଯିବ ।



ଡା. ନବନୀତ (ନାକ, କାନ ଓ ଗଳା ବିଶେଷଜ୍ଞ) (M.B.B.S., MS ENT) ନାକ, କାନ ଓ ଗଳାର ଆଲର୍ଜି ବିଷୟରେ କହିଛନ୍ତି ଯେ, ଏହିସବୁ ଅଙ୍ଗ ପରସ୍ପର ସହିତ ସଂଲଗ୍ନ, ଯେଉଁ କାରଣରୁ ଏହି ତିନିଟି ଅଙ୍ଗ ମଧ୍ୟରୁ ଯେକୌଣସି ଗୋଟିଏ ଅଙ୍ଗରେ infection ହେଲେ, ବାକି ଦୁଇ ଅଙ୍ଗକୁ ମଧ ତାହା ବ୍ୟାପିଯିବା ସମ୍ଭାବନା ବଢ଼ିଯାଇଥାଏ ।

Ear Problem - ଏହାକୁ ନେଇ ଆମେ ଅବହେଳା ପ୍ରଦର୍ଶନ କଲେ କାନ ବ୍ୟଥା, କାନରୁ ପାଣି ଝରିବା, କମ୍ ଶୁଭିବା ଓ କାନ ସହ ଜଡ଼ିତ ଅନ୍ୟାନ୍ୟ ଅନେକ ସମସ୍ୟା ଦେଖାଦେଇଥାଏ ।

Nose Problem - ଥଣ୍ଡା, ସର୍ଦ୍ଦି ଭଳି ସମସ୍ୟା ଆମକୁ ଯେକୌଣସି ସମୟରେ ଦେଖାଦେଇପାରେ କାରଣ ଏହା ଆମର ଅତ୍ୟନ୍ତ ସମ୍ବେଦନଶୀଳ ଅଙ୍ଗକୁ ପ୍ରଭାବିତ କରିଥାଏ ଓ ଏହି ଅଙ୍ଗଗୁଡ଼ିକ ସର୍ବଦା ପରିବେଶ ସଂସ୍ପର୍ଶରେ ରହୁଥିବାରୁ ଯଦି ଆମର immunity ଦୁର୍ବଳ ହୋଇଥାଏ, ତେବେ ଆମେ ଖୁବ୍ ଶୀଘ୍ର ଏହି ସମସ୍ୟାରେ ପୀଡ଼ିତ ହୋଇଯାଇଥାଉ ।

Throat Problem - ଗଳାର କେତେକ ସାଧାରଣ ସମସ୍ୟା ହେଉଛି ଗଳାରେ ବ୍ୟଥା, ଟନ୍‌ସିଲ ହେବା, ଗଳା ଖରଖର କିମ୍ବା ସ୍ୱର ବଦଳିବା, ଯାହା ଋତୁ କାରଣରୁ ମଧ ହୋଇପାରେ ।

### ଆଲର୍ଜିର କାରଣ (Causes of Allergy)

1. କୀଟ (Insect Allergy) - ଘରେ ଛୋଟ ଛୋଟ ପୋକ କିମ୍ବା ଅସରପା କାମୁଡ଼ିବା କାରଣରୁ ମଧ ତ୍ୱଚା ଫୁଲି ନାଲି ପଡ଼ିଯାଏ, ବାନ୍ତି ଓ ଜ୍ୱର ମଧ ଆସିପାରେ ।
2. ଖାଦ୍ୟ (Food Allergy) - କେତେଜଣ ବ୍ୟକ୍ତିଙ୍କୁ ଖାଦ୍ୟପଦାର୍ଥ (ଯେପରିକି ଚିନାବାଦାମ, ବାଦାମ, ଦୁଗ୍ଧ, ବିଲାତି ବାଇଗଣ, ମାଛ, ଅଣ୍ଡା କିମ୍ବା ବଜାରର କେମିକାଲଯୁକ୍ତ ଭୋଜନ)ରୁ ମଧ ଆଲର୍ଜି ହୋଇଥାଏ । କୁଣ୍ଡିଆ, ଅଇ ଉଠିବା, ଶରୀରରେ ଦାନା ମଧ ଦେଖାଦେଇପାରେ ।
3. ସୁଗନ୍ଧ (Fragrance Allergy) - ସୁନ୍ଦର ଦେଖାଯିବା ପାଇଁ ପ୍ରୟୋଗ କରାଯାଉଥିବା ସାମଗ୍ରୀ (ପାଉଡର, ଶାମ୍ପୁ, ପର୍‌ଫ୍ୟୁମ୍, କ୍ୟାଣ୍ଡେଲ୍, ସାବୁନ ଇତ୍ୟାଦି)ରୁ ମଧ କେତେଜଣ ବ୍ୟକ୍ତିଙ୍କଠାରେ ମୁଣ୍ଡବିନ୍ଧା, ଅଇ ଉଠିବା କିମ୍ବା ନାକରେ ସମସ୍ୟା ଦେଖାଦେଇଥାଏ ।
4. ଜୀବଜନ୍ତୁ (Pet Allergy) - ପୋଷ୍ୟଜନ୍ତୁଙ୍କ ଲୋମ, ରୁପି, ଲାଳ ଯୋଗୁ ମଧ କେତେଜଣ ବ୍ୟକ୍ତିଙ୍କଠାରେ ଗମ୍ଭୀର ପ୍ରତିକ୍ରିୟା ଦେଖାଦେଇଥାଏ ।
5. ପରାଗରେଣୁ/ଘାସ (Pollen/Grass Allergy) - ଅନେକ କ୍ଷେତ୍ରରେ ଘାସ, ଗଛଲତା, ଫୁଲ ଓ ତାହାର ରେଣୁ ମଧ ଋତୁକାଳୀନ ଆଲର୍ଜି (କୁଣ୍ଡିଆ, ଛିଙ୍କ, ଆଖିରେ ଜ୍ୱାଳା ଇତ୍ୟାଦି) ଭଳି ସମସ୍ୟା ସୃଷ୍ଟି କରିଥାଏ ।

### ଆଲର୍ଜିର ପ୍ରତିରୋଧ (Allergy Treatment)

**ଆଲର୍ଜିରୁ ଦୂରେଇ ରହିବା ହିଁ ସର୍ବୋତ୍ତମ ଚିକିତ୍ସା ଅଟେ**

- ଘରର ପରିପାର୍ଶ୍ୱକୁ ସଫା ରଖନ୍ତୁ। ଘର ମଧ୍ୟରେ ଖୋଲା ଓ ତାଜା ପବନ ଚଳାଚଳ ହେବାକୁ ଦିଅନ୍ତୁ
- ଯେଉଁ ଖାଦ୍ୟପଦାର୍ଥ ପ୍ରତି ଆଲର୍ଜି ଥିବ, ତାହାକୁ ଖାଆନ୍ତୁ ନାହିଁ
- ହଠାତ୍ ଥଣ୍ଡାରୁ ଗରମ କିମ୍ବା ଗରମରୁ ଥଣ୍ଡା ବାତାବରଣକୁ ଯାଆନ୍ତୁ ନାହିଁ
- ମୁହଁ ଓ ନାକକୁ ଘୋଡ଼ାଇ ବାଇକ୍ ଚଲାନ୍ତୁ, ଭଲ କ୍ୱାଲିଟିର ଚଷମା ପିନ୍ଧନ୍ତୁ
- କମ୍ବଳ, ତକିଆ ଖୋଳ, ଗଦି ଓ ଚଦରକୁ ନିୟମିତ (ଗରମ ପାଣିରେ) ସଫା କରନ୍ତୁ
- ଯଦି ଜୀବଜନ୍ତୁଙ୍କଠାରୁ ଆଲର୍ଜି ରହିଥାଏ, ତେବେ ଘରେ ପୋଷନ୍ତୁ ନାହିଁ, ସେମାନଙ୍କୁ ଲିଭିଂ ରୁମ୍‌ରୁ ଦୂରେଇ ରଖନ୍ତୁ
- ଘରକୁ ସବୁବେଳେ ସଫା ରଖନ୍ତୁ, ଅଳନ୍ଧୁ ଜମା ହେବାକୁ ଦିଅନ୍ତୁ ନାହିଁ
- ଧୂଳିରୁ ଆଲର୍ଜି ଥିଲେ, ଫେସ୍‌ମାସ୍କ ପିନ୍ଧି କାମ କରନ୍ତୁ



**ଫ୍ରାଞ୍ଚାଇଜି** ହେବା ପାଇଁ ସମ୍ପର୍କ କରନ୍ତୁ **99150-46200, 99150-46300**

ଦୟାକରି କୋଭିଡ୍ ଗାଇଡ୍‌ଲାଇନ୍ସ ପାଳନ କରନ୍ତୁ (Wear Mask & Maintain Social Distance)

Jerath Path Labs & Allergy Testing Centre

CORPORATE OFFICE : JALANDHAR - 14, Link Road, Adj. State Bank of India, Jalandhar
CORPORATE OFFICE : CHENNAI - 29a ARK Colony (Anantha Ramakrishna Iyyer Colony) Eldams Road, Teynampet

ପରୀକ୍ଷା କରାଇବା ପାଇଁ ସମ୍ପର୍କ କରନ୍ତୁ:- **98759-30831, 98759-30832, 98759-30833**

| BALASORE | BALASORE | BALASORE | BARIPADA | BHADRAK |
|---|---|---|---|---|
| 9861311604, 8144033910 | 7978166283, 7735147178 | 7381046655, 7381046656, 06782260944 | 8249183671, 9438500998 | 8917351472 |
| Gayatri Diagnostic, Jail Road Or Zilla High School Road, Balasore | Add Life Physiotherapy Clinic, Near Sai Mandir Gopalgaon, Balasore Odisha | CURE AND CARE MULTISPECIALITY CLINIC, 1st Floor OPO: ST. VINCENT'S CONVENT SCHOOL, NEAR PANI TANKI, HOSPITAL ROAD (V.N. MARG) | Ayush Amrit Diagnostic, Near Radharani School, Hospital Road, Baripada | Care Diagnostic Centre, Back Side of Subham Hospital, Nr. Dr. Adhar Nayak Clinic Naya Bazaar |

Member of Advertising Standards Council of India (Responsible Advertising)

**ଆଜି ଖୋଲିବ କର୍ତାରପୁର କରିଡର**

ଗୁରୁ ନାନକଙ୍କ ଜନ୍ମଦିବସ ଉପଲକ୍ଷେ ପାକିସ୍ତାନ ସଂଲଗ୍ନ କର୍ତାରପୁର କରିଡର ଖୋଲିବା ପାଇଁ ଶିଖ୍ ସମ୍ପ୍ରଦାୟ ଏବଂ ଶ୍ରଦ୍ଧାଳୁଙ୍କ ଦୀର୍ଘ ଦିନର ଦାବିକୁ କେନ୍ଦ୍ର ସରକାର ପୂରଣ କରିଛନ୍ତି। ବୁଧବାର କର୍ତାପୁର କରିଡର ଖୋଲାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏକ ଟୁଇଟ୍‌ରେ ଜଣାଇଛନ୍ତି। ରବିବାର ଶିଖ୍ ସମ୍ପ୍ରଦାୟର ଏକ ପ୍ରତିନିଧି ଦଳ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରି କରିଡର ପୁଣି ଖୋଲିବା ନିମନ୍ତେ ନିବେଦନ କରିଥିଲେ। କରତାପୁର କରିଡର ପଞ୍ଜାବର ଗୁରୁଦାସପୁର ସ୍ଥିତ ଡେରା ବାବା ନାନକ ସାହିବ୍‌ରୁ ପାକିସ୍ତାନରେ ଥିବା ଦରବାର ସିଂ ସାହିବ୍ ଗୁରୁଦ୍ୱାରକୁ ସଂଯୋଗ କରିଥାଏ।

## ସଂକ୍ଷେପରେ

### ଫାଇଜର ଔଷଧ ପ୍ରସ୍ତୁତ କରିପାରିବେ ଅନ୍ୟ କମ୍ପାନୀ




**ଜେନେଭା, ୧୬।୧୧:** ଆମେରିକା ଫାର୍ମା କମ୍ପାନୀ ଫାଇଜର ଏହାର ଆଣ୍ଟିଭାଇରାଲ କୋଭିଡ୍ ଔଷଧ ପାକ୍ସଲୋଭିଡ୍‌କୁ ଗରିବ ଦେଶଗୁଡ଼ିରେ କମ୍ ଦାମରେ ବିକ୍ରି କରିବାକୁ ଘୋଷଣା କରିଛି। ଏହି ମେଡିସନ୍ ପ୍ରସ୍ତୁତ କରିବା ନିମନ୍ତେ ଜେନେରିକ୍ ଡ୍ରଗ୍ସ ପ୍ରସ୍ତୁତକାରୀ କମ୍ପାନୀକୁ ଫାଇଜର ଲାଇସେନ୍ସ ପ୍ରଦାନ କରିବ। ବିଶ୍ୱ ଜନସଂଖ୍ୟାର ୫୩ ପ୍ରତିଶତ ଲୋକ ଗରିବ ଓ ମଧ୍ୟମ ଆୟ ବର୍ଗ ଦେଶର ହୋଇଥିବାବେଳେ ଫାଇଜରର ଏହି ଘୋଷଣା ଦ୍ୱାରା ସେମାନେ ଉପକୃତ ହେବେ। ଏହି ଔଷଧର ପରୀକ୍ଷଣ ଚାଲିଛି। ପାକ୍ସଲୋଭିଡ୍‌କୁ ଏଚ୍‌ଆଇଭି ମେଡିସିନ ରିଟୋନାଭିର ସହ ନେବାକୁ ପଡ଼ିବ। କୋଭିଡ-୧୯ ଜନିତ ଜଟିଳତା, ଡାକ୍ତରଖାନାରେ ଭର୍ତ୍ତି କିମ୍ବା ମୃତ୍ୟୁ ଆଶଙ୍କା ଟାଳିବାରେ ପାକ୍ସଲୋଭିଡ୍ ୮୯ ପ୍ରତିଶତ ସଫଳ ବୋଲି ଫାଇଜର ପକ୍ଷରୁ କୁହାଯାଇଛି।

### ଦୁର୍ଘଟଣାରେ ସୁଶାନ୍ତ ସିଂଙ୍କ ୫ ସମ୍ପର୍କୀୟ ମୃତ

**ପାଟନା, ୧୬।୧୧:** ବିହାରର ଲକ୍ଷ୍ମୀସରାଇ ଜିଲାରେ ମଙ୍ଗଳବାର ସକାଳେ ଏକ ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ବଲିଉଡ୍ ଅଭିନେତା ସ୍ୱର୍ଗତ ସୁଶାନ୍ତ ସିଂ ରାଜପୁତଙ୍କ ୫ ସମ୍ପର୍କୀୟ ରହିଛନ୍ତି। ଆଉ ୪ ଜଣ ଆହତ ହୋଇଛନ୍ତି। ପୋଲିସ କହିଛି, ହରିୟାଣା ଏଡିଜିପି ଓ. ପି. ସିଂଙ୍କ ଭଉଣୀଙ୍କ ଶେଷକୃତ୍ୟ ସାରି ମୃତାହତମାନେ କାର୍‌ରେ ପାଟନାରୁ ଜାମୁଇ ଯାଉଥିବାବେଳେ ଏକ ଟ୍ରକ୍ ସହ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ଏବଂ ହେଲ୍ପର ଫେରାର ହୋଇଯାଇଛନ୍ତି। ଏଡିଜିପି ସିଂ ସୁଶାନ୍ତ ସିଂଙ୍କ ଭିଣୋଇ।

### କୂଅରୁ ମିଳିଲା ୨ ଶିଶୁଙ୍କ ମୃତଦେହ

**ହାଇଦ୍ରାବାଦ, ୧୬।୧୧:** ତେଲଙ୍ଗାନା ମେଡକ ଜିଲା ଦାଡାଇପାଲି ଗ୍ରାମର ଏକ କୂଅରୁ ମଙ୍ଗଳବାର ୨ ଶିଶୁଙ୍କ ମୃତଦେହ ଜବତ ହୋଇଛି। ମୃତକ ରିଷବନ୍ତଙ୍କ ବୟସ ୪ ଏବଂ ରକ୍ସିତାଙ୍କ ବୟସ ୨ ବର୍ଷ ହେବ। ୨ ପିଲାଙ୍କୁ ଘରେ ନ ପାଇ ମା’ ରଞ୍ଜିତା (୨୫) ସେମାନଙ୍କୁ ଖୋଜାଖୋଜି କରିଥିଲେ। ପରେ ରଞ୍ଜିତା ମଧ ନିଖୋଜ ଅଛନ୍ତି। ସ୍ୱାମୀ ରାଜୁ ସ୍ତ୍ରୀ ରଞ୍ଜିତା ଏବଂ ୨ ଶିଶୁଙ୍କୁ ହତ୍ୟା କରିଥିବା ଗ୍ରାମବାସୀ ସନ୍ଦେହ କରିଛନ୍ତି। ପୋଲିସ ରାଜୁଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି।

# ନିଆଁ ସହ ଖେଳିଲେ ଜଳିଯିବ

## ତାଇୱାନ୍ ପ୍ରସଙ୍ଗରେ ବାଇଡେନ୍‌ଙ୍କୁ ଜିନ୍‌ପିଙ୍ଗ୍‌ଙ୍କ ଚେତାବନୀ

ବେଜିଂ/ୱାଶିଂଟନ,୧୬।୧୧



ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଓ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗ୍‌ଙ୍କ ମଧ୍ୟରେ ମଙ୍ଗଳବାର ବହୁପ୍ରତୀକ୍ଷିତ ଭର୍ଚୁଆଲ ବୈଠକ ହୋଇଛି। ସାମ୍ନାସାମ୍ନି ଆଲୋଚନା ବେଳେ ଚାଇନା ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ତାଇୱାନକୁ ନେଇ ମୁଣ୍ଡ ନ ଖେଳାଇବା ପାଇଁ ବାଇଡେନ୍‌ଙ୍କୁ ସତର୍କ କରାଇଛନ୍ତି। ଚାଇନା ନିଜ ସାର୍ବଭୌମତ୍ୱ ଓ ନିରାପତ୍ତାକୁ ସୁରକ୍ଷା ଦେବ। ତାଇୱାନ ପ୍ରସଙ୍ଗରେ ହସ୍ତକ୍ଷେପ କରିବା ନିଆଁ ସାଙ୍ଗରେ ଖେଳିବା ସହ ସମାନ। ନିଆଁ ସହ ଖେଳିଲେ ଜଳିଯିବା ଥୟ ବୋଲି ଜିନ୍‌ପିଙ୍ଗ୍ କହିଛନ୍ତି।

ଦୁଇ ବିଶ୍ୱ ମହାଶକ୍ତିର ରାଷ୍ଟ୍ରନେତାଙ୍କ ମଧ୍ୟରେ ଶିଞ୍ଜିୟାନ୍ ଓ ହଂକଂ ସମେତ ବିଭିନ୍ନ ପ୍ରସଙ୍ଗରେ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଆଲୋଚନା ହୋଇଥିଲା। ଜିନ୍‌ପିଙ୍ଗ୍‌ଙ୍କୁ ସମ୍ବୋଧିତ କରି ବାଇଡେନ୍ କହିଥିଲେ, ତାଇୱାନ ସ୍ଥିତିକୁ ନେଇ କୌଣସି ପ୍ରକାର ଏକତରଫା ପରିବର୍ତ୍ତନକୁ ଆମେରିକା ଦୃଢ଼ ବିରୋଧ କରେ। ୬୮ବର୍ଷୀୟ ଜିନ୍‌ପିଙ୍ଗ୍ ଚେତାବନୀ ଦେଇଥିଲେ, ତାଇୱାନରେ ସ୍ୱାଧୀନତାକୁ ସମର୍ଥନ ଦେବା ନିଆଁ ସହ ଖେଳିବା ସଦୃଶ। ଯିଏ ନିଆଁ ସହ ଖେଳିବ ସିଏ ଜଳିଯିବ। ଉକ୍ତ ବୈଠକ ପରେ ହ୍ୱାଇଟ୍ ହାଉସ୍ ପକ୍ଷରୁ ପ୍ରେସ୍ ରିଲିଜ୍ ଜାରି କରି କୁହାଯାଇଛି, ଆମେରିକା ୱାନ୍ ଚାଇନା ନୀତିକୁ ନେଇ ପ୍ରତିଶ୍ରୁତିବଦ୍ଧ। ୱାନ୍ ଚାଇନା ପଲିସିକୁ ମାନୁଥିବା ଦେଶ ତାଇୱାନକୁ ଏହାର ଅଂଶ ରୂପେ ବିବେଚନା କରିଥାଆନ୍ତି। ଗତମାସରେ ବାଇଡେନ୍ କହିଥିଲେ, ଚାଇନା ତାଇୱାନ ଉପରେ ଆକ୍ରମଣ କଲେ ଆମେରିକା ତାଇପେଇ ସିଟିକୁ ସୁରକ୍ଷା ଦେବ। ତାଇୱାନ, ବାଣିଜ୍ୟ ଓ ମାନବାଧିକାର ପ୍ରସଙ୍ଗରେ ଆମେରିକା ଓ ଚାଇନା ମଧ୍ୟରେ ଉତ୍ତେଜନା ଲାଗିରହିଥିବାବେଳେ ଦୁଇନେତାଙ୍କ ମଧ୍ୟରେ ଏହି ବୈଠକ ଅନୁଷ୍ଠିତ ହୋଇଛି। ତେଣୁ ପ୍ରତିଦ୍ୱନ୍ଦ୍ୱିତାକୁ ଟକ୍କର ଆଡ଼କୁ ଯିବାକୁ ଦିଆ ନ ଯାଉ ବୋଲି ଜିନ୍‌ପିଙ୍ଗ କହିଥିଲେ। ବାଇଡେନ୍ ଗତ ଜାନୁୟାରୀରେ ଆମେରିକାର ଶାସନ ହାତକୁ ନେବା ପରେ ଜିନ୍‌ପିଙ୍ଗ୍‌ଙ୍କ ସହ ଏହି ଧରଣର ପ୍ରଥମ ଆଲୋଚନା କରିଥିବାରୁ ଏହାକୁ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ବିବେଚନା କରାଯାଉଛି। ଦୁଇନେତାଙ୍କ ମଧ୍ୟରେ ଅଭିବାଦନ ସହ ବୈଠକ ଆରମ୍ଭ ହୋଇଥିଲା। ଜିନ୍‌ପିଙ୍ଗ୍ କହିଥିଲେ, ସେ ତାଙ୍କର ‘ପୁରୁଣା ବନ୍ଧୁ’ ବାଇଡେନ୍‌ଙ୍କୁ ଦେଖି ଖୁସି। କୋଭିଡ୍ ମହାମାରୀ ଓ ଜଳବାୟୁ ପରିବର୍ତ୍ତନ ସଙ୍କଟ ସମୟରେ ଏକାଠି ରହିବା ଜରୁରୀ। ଏହି ଅବସରରେ ବାଇଡେନ୍ ମାନବାଧିକାର ଏବଂ ଇଣ୍ଡୋ-ପାସିଫିକ୍ ପ୍ରସଙ୍ଗ ମଧ ଉଠାଇଥିଲେ। ଏନେଇ ଜିନ୍‌ପିଙ୍ଗ୍ କହିଥିଲେ, ଉଭୟ ରାଷ୍ଟ୍ର ପରସ୍ପରକୁ ସମ୍ମାନ ଦେଇ ସ୍ଥିର ଦ୍ୱିପାକ୍ଷିକ ସମ୍ପର୍କ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ବାଇଡେନ୍ ଚାହାନ୍ତି, ଜିନ୍‌ପିଙ୍ଗ୍ ତାଇୱାନ ସହ ଶାନ୍ତି ବଜାୟ ରଖନ୍ତୁ। କାରଣ କିଛି ମାସ ହେବ ଚାଇନା ଏହାର ପୂର୍ବତଟରେ ଥିବା ଦ୍ୱୀପରାଷ୍ଟ୍ର ଉପରେ ସାମରିକ ଚାପ ବଢ଼ାଇବାରେ ଲାଗିଛି। ଏହି କ୍ରମରେ ବେଜିଂର ୨୦୦ରୁ ଊର୍ଦ୍ଧ୍ୱ ଯୁଦ୍ଧବିମାନ ତାଇୱାନ୍‌ର ଏୟାର ଡିଫେନ୍ସ ଜୋନ୍‌ରେ ପ୍ରବେଶ କରିସାରିଛି।

## ସୁ୍ୟ ଚୀଙ୍କ ନିର୍ବାଚନ ଅସିଦ୍ଧ



ବ୍ୟାଙ୍କକ୍,୧୬।୧୧

ମ୍ୟାନ୍‌ମାର ନିର୍ବାଚନ କମିଶନ (ଇସି) କ୍ଷମତାଚ୍ୟୁତ ନେତ୍ରୀ ଅଙ୍ଗ୍ ସାନ୍ ସୁ୍ୟ ଚୀ ଓ ଅନ୍ୟ ୧୫ ଜଣ ବରିଷ୍ଠ ରାଜନେତାଙ୍କୁ ନିର୍ବାଚନରେ ଜାଲିଆତି ନେଇ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ରାୟ ସରକାରୀ ଖବରକାଗଜ ‘ଗ୍ଲୋବାଲ ନ୍ୟୁ ଲାଇଟ୍ ଅଫ୍ ମ୍ୟାନ୍‌ମାର’ରେ ମଙ୍ଗଳବାର ପ୍ରକାଶ ପାଇଛି। ଗତବର୍ଷ ନଭେମ୍ବର ନିର୍ବାଚନରେ ଷ୍ଟେଟ୍ କାଉନ୍‌ସେଲର ସୁ୍ୟ ଚୀଙ୍କ ନ୍ୟାଶନାଲ ଲିଗ୍ ଫର ଡେମୋକ୍ରାସିକୁ ସଂଖ୍ୟାଗରିଷ୍ଠତା ମିଳିଥିଲା। ସେନା ସମର୍ଥିତ ୟୁନିୟନ୍ ସୋଲିଡାରିଟି ଆଣ୍ଡ ଡେମୋକ୍ରାଟିକ୍ ପାର୍ଟିକୁ ଶକ୍ତ ଝଟ୍‌କା ଲାଗିଥିଲା। ଫଳାଫଳ ଆସିବା ପରେ ଫେବୃୟାରୀରେ ସୁ ଚୀ ଦ୍ୱିତୀୟ ପାଳି ଶାସନ ଆରମ୍ଭ କରିବାକୁ ଯାଉଥିଲେ। ହେଲେ ସେନା ବ୍ୟାପକ ଅନିୟମିତତା ଅଭିଯୋଗ ଆଣି ତାଙ୍କୁ କ୍ଷମତାଚ୍ୟୁତ କରିବା ସହ ଜେଲକୁ ପଠାଇଦେଇଥିଲା। ଏହାର ପ୍ରତିବାଦରେ ଦେଶରେ ମୁଣ୍ଡ ଟେକିଥିବା ଆନ୍ଦୋଳନରେ ବହୁ ଲୋକଙ୍କ ଜୀବନ ଗଲାଣି। ଏବେ ନୂଆ ଇସି ଗତବର୍ଷର ସାଧାରଣ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିଛନ୍ତି।

# ଏନ୍‌କାଉଣ୍ଟରରେ ୨ ବ୍ୟବସାୟୀ ନିହତ

ଶ୍ରୀନଗର, ୧୬।୧୧



ଶ୍ରୀନଗର ହାଇଦରପୋରାଠାରେ ସୋମବାର ଏନ୍‌କାଉଣ୍ଟରରେ ୪ ଜଣ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨ ଜଣ ବ୍ୟବସାୟୀ ଥିବାବେଳେ ୨ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଥିବା କଶ୍ମୀର ଆଇଜି ବିଜୟ କୁମାର ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ନିହତ ୨ ବ୍ୟବସାୟୀ ଡ. ମୁଦସିର୍ ଗୁଲ୍ ଏବଂ ଅଲ୍‌ତାଫ ଭଟ୍ଟ ଆତଙ୍କବାଦୀଙ୍କୁ ସହଯୋଗ କରୁଥିଲେ ବୋଲି ପୋଲିସ କହିଛି। ଯେଉଁ ବ୍ୟବସାୟିକ କମ୍ପ୍ଲେକ୍ସରେ ଏନକାଉଣ୍ଟର ହୋଇଥିଲା ସେଥିରେ ଏହି ଦୁଇ ଜଣ ଦୋକାନ ଦେଇଥିଲେ। ମୁଦସିର୍ ଗୁଲ୍ ଡେଣ୍ଟାଲ ସର୍ଜନ ତାଲିମ ନେଇଥିବାବେଳେ ସେଠାରେ କମ୍ପ୍ୟୁଟର ସେଣ୍ଟର ଚଳାଉଥିଲେ। କମ୍ପ୍ଲେକ୍ସର ମାଲିକ ଅଲ୍‌ତାଫ ସେଠାରେ ଏକ ହାର୍ଡୱେର ଏମଂ ସିମେଣ୍ଟ ଦୋକାନ ମଧ ଦେଇଥିଲେ। ନିହତଙ୍କ ମଧ୍ୟରେ ଜଣେ ପାକିସ୍ତାନୀ ଆତଙ୍କବାଦୀ ଥିବା ସନ୍ଦେହ କରାଯାଉଥିବାବେଳେ ଅନ୍ୟଜଣେ ସ୍ଥାନୀୟ ଆତଙ୍କବାଦୀ ରହିଛନ୍ତି ବୋଲି ପୋଲିସ କହିଛି। ଉକ୍ତ ବିଲ୍ଡିଂରେ ଆତଙ୍କବାଦୀ ଥିବା ସୂଚନା ପାଇ ବାରେ ସୁରକ୍ଷାକର୍ମୀ କବାଟ ବାଡ଼େଇବା ପରେ ଦୁଇ ଆତଙ୍କବାଦୀ ଗୁଳି ଚଳାଇଥିଲେ। ଜବାବୀ କାର୍ଯ୍ୟାନୁଷ୍ଠାନରେ ସୁରକ୍ଷାବଳ ଗୁଳିଚାଳନା କରିଥିଲା। ଏହି ସମୟରେ ସମ୍ପୃକ୍ତ ବ୍ୟବସାୟୀ ଦ୍ୱୟଙ୍କ ମୃତ୍ୟୁ ଘଟିଥିବା ପୋଲିସ ପକ୍ଷରୁ କୁହାଯାଇଛି। ତେବେ କାହାପଟରୁ ଗୁଳି ସେମାନଙ୍କ ଦେହରେ ବାଜିଛି ତାହା ତଦନ୍ତ ପରେ ଜଣାପଡ଼ିବ। ଆତଙ୍କବାଦୀ ରହୁଥିବା ଘରୁ ୨ଟି ପିସ୍ତଲ, ୩ ମାଗାଜିନ୍, ୬ଟି ମୋବାଇଲ ଫୋନ ଜବତ କରାଯାଇଛି। ଆହତ ହେବାରେ ଆତଙ୍କବାଦୀ ବ୍ୟବହାର କରୁଥିବା ଇଞ୍ଜେକଶନ ମଧ କମ୍ପ୍ୟୁଟର ସେଣ୍ଟର କେବିନ୍‌ରୁ ମିଳିଛି। ଜଣେ ଆତଙ୍କବାଦୀଙ୍କ ନାମ ହାଇଦର ଏବଂ ସେ ପାକିସ୍ତାନରୁ ଆସିଥିବା ସନ୍ଦେହ କରାଯାଉଛି ବୋଲି ପୋଲିସ କହିଛି।

- ଆତଙ୍କବାଦୀଙ୍କୁ ସହଯୋଗ ଅଭିଯୋଗ
- ତଦନ୍ତ ଦାବି କଲେ ଓମାର, ମେହବୁବା

ତେବେ ସୁରକ୍ଷାକର୍ମୀ ବିନାକାରଣରେ ୨ ବ୍ୟବସାୟୀଙ୍କୁ ହତ୍ୟା କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ନିରୀହ ସାଧାରଣ ଲୋକଙ୍କୁ ଢାଲ ଭାବେ ବ୍ୟବହାର କରି ଏନକାଉଣ୍ଟର କରାଯିବା ଏବଂ ସେମାନଙ୍କୁ ଓଭର ଗ୍ରାଉଣ୍ଡ ୱାର୍କର (ଓଜିଡବ୍ଲ୍ୟୁ) ଆଖ୍ୟା ଦେବା କେନ୍ଦ୍ର ସରକାରଙ୍କର ଏକ ଏଜେଣ୍ଡା ବୋଲି ଜମ୍ମୁ-କଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫତି ଅଭିଯୋଗ କରିଛନ୍ତି। ପୋଲିସ ଫେକ୍ ଏନ୍‌କାଉଣ୍ଟରରେ ଅନେକ ଜୀବନ ଗଲାଣି ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା କହିଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ କରାଯିବାକୁ ଉଭୟେ ଦାବି କରିଛନ୍ତି।

# ‘ମନ୍ଦିର ପୂଜାବିଧିରେ ହସ୍ତକ୍ଷେପ କରିହେବନି’

ନୂଆଦିଲ୍ଲୀ, ୧୬।୧୧

ମନ୍ଦିରରେ ପ୍ରତିଦିନ ହେଉଥିବା ପୂଜାବିଧିରେ ଅଦାଲତ ହସ୍ତକ୍ଷେପ କରିପାରିବେନି ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ କହିଛନ୍ତି। ତିରୁପତି ବାଲାଜୀ ମନ୍ଦିରରେ ପୂଜାପାଠରେ ଅନିୟମିତତା ହେଉଥିବା ଅଭିଯୋଗ କରି ଏଥିପାଇଁ ନିର୍ଦ୍ଦେଶାବଳୀ ଦେବାକୁ ଏକ ଆବେଦନ ହୋଇଥିଲା। ପ୍ରଧାନ ବିଚାରପତି ଏନ୍. ଭି. ରମନାଙ୍କ ନେତୃତ୍ୱରେ ଜଷ୍ଟିସ୍ ଏ. ଏସ୍. ବୋପାନ୍ନା ଏବଂ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି କହିଛନ୍ତି, ମନ୍ଦିରରେ ପୂଜା କିପରି ହେବ, ନଡ଼ିଆ କିପରି ଭଙ୍ଗାଯିବ, ଠାକୁରଙ୍କ ମୂର୍ତ୍ତିରେ କିପରି ଫୁଲମାଳ ପଡ଼ିବ ତାହା ସାମ୍ବିଧାନିକ ପୀଠ ସ୍ଥିର କରିପାରିବେନି। ପୂଜା ଅନୁଷ୍ଠାନ, ମନ୍ଦିର ପ୍ରଶାସନ ଏ ଦିଗରେ ଧ୍ୟାନ ଦେବା ଆବଶ୍ୟକ। ଅସୁବିଧା ବାବଦରେ ଆବେଦନକାରୀ ମନ୍ଦିର ପ୍ରଶାସନକୁ ଜଣାନ୍ତୁ ବୋଲି ସଦ୍ୟ ସର୍ବୋଚ୍ଚ ଅଦାଲତ କହିଛନ୍ତି। ପ୍ରଶାସନ ୮ ସପ୍ତାହ ମଧ୍ୟରେ ଏହାର ଜବାବ ରଖନ୍ତୁ। ଏ ବାବଦରେ ଆବେଦନକାରୀ ସିଭିଲ କୋର୍ଟକୁ ଯାଇପାରିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

# ଚାଇନାରେ ୧୮ ଭୂତାଣୁ ଠାବ

**ବେଜିଂ, ୧୬।୧୧:** ଚାଇନା ୱେଟମାର୍କେଟରୁ ଅନ୍ତର୍ଜାତୀୟ ବୈଜ୍ଞାନିକ ଟିମ୍ ସ୍ତନ୍ୟପାୟୀ ଜୀବଙ୍କଠାରୁ ସୃଷ୍ଟ ୧୮ ନୂଆ ଭାଇରସ୍ ଠାବ କରିଛନ୍ତି। ଗୃହପାଳିତ ପ୍ରାଣୀ ଏବଂ ମଣିଷଙ୍କ ପାଇଁ ଏହି ଭୂତାଣୁ ବିପଜ୍ଜନକ ହୋଇପାରେ ବୋଲି ଆଶଙ୍କା କରାଯାଇଛି। ଉହାନର ସି ଫୁଡ୍ ମାର୍କେଟ ସହ କରୋନା ଭୂତାଣୁର ଲିଙ୍କ୍ ରହିଛି। ଏଠାରୁ ହିଁ ପ୍ରଥମ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଥିଲେ। ତେବେ ଏହି ଭୂତାଣୁଗୁଡ଼ିକର ସିକ୍ୱେନ୍ସ ସାସ-କୋଭ୍-୨ କିମ୍ବା ସାର୍ସ-କୋଭ ଭାଇରସ୍‌ଠାରୁ ଅଲଗା ବୋଲି ଜଣାପଡ଼ିଛି।




ଦିଲ୍ଲୀରେ ନୂଆ ଅବକାରୀ ନୀତି ଲାଗୁ ହେବା ପରେ ମଦ ଦୋକାନଗୁଡ଼ିକୁ ବନ୍ଦ କରିଦିଆଯାଇଛି। ଏକ ସରକାରୀ ମଦ ଦୋକାନରେ ନୋଟିସ ଦିଆଯାଇଛି ‘ଆଉଟ୍ ଅଫ୍ ଷ୍ଟକ୍’।

# ପୂର୍ବାଞ୍ଚଳ ଏକ୍ସପ୍ରେସ୍‌ୱେ ଲୋକାର୍ପିତ

## ବିକାଶ କମ୍, ରାଜନୀତି ବେଶି

**କଳଙ୍କ ଲିଭାଇବାକୁ ଭାଜପାର ଉଦ୍ୟମ**



କରୋନା ମହାମାରୀର ଦ୍ୱିତୀୟ ଲହର ବେଳେ ଅମ୍ଳଜାନ ଅଭାବରୁ ଆଖିବୁଜୁଥିଲେ ଶତାଧିକ ଲୋକ। ଗଙ୍ଗାନଦୀରେ ଭାସୁଥିଲା କୁଢ଼ କୁଢ଼ ମୃତଦେହ। ଅପହରଣ, ବଳାତ୍କାର, ହତ୍ୟା ଓ ହାଜତ ମୃତ୍ୟୁ ଭଳି ସଙ୍ଗିନ ଅପରାଧର ରାଜଧାନୀ ପାଲଟିଯାଇଥିବା ଉତ୍ତର ପ୍ରଦେଶରେ ହିନ୍ଦୁତ୍ୱ ନାମରେ ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାରର କାହାଣୀ କାହାକୁ ଅଛପା ନୁହେଁ। କେତେବେଳେ ଜିନ୍ନା ତ ପୁଣି କେବେ ତାଲିବାନ୍ ପ୍ରସଙ୍ଗ ଉଠାଇ ଲୋକଙ୍କୁ ଭୁଆଁ ବୁଲାଉଥିବା ଭାଜପା ସରକାର ନିଜ ମୁହଁରୁ କଳଙ୍କ ପୋଛି ପୂର୍ବ ଛବି ଲିଭାଇବାକୁ ଉଦ୍ୟମ କରିଛି। ଆମେ ପୂର୍ବାଞ୍ଚଳରେ ଦେଶର ଦୀର୍ଘତମ ଏକ୍ସପ୍ରେସ୍‌ୱେ କଲୁ। ଆଗକୁ ବି ରାଜ୍ୟରେ ବିକାଶର ଗଙ୍ଗା ପ୍ରବାହିତ କରିବୁ। ତେଣୁ ଆମକୁ ଭୋଟ ଦିଅ। ଏଇ ସନ୍ଦେଶ ଦେବା ପାଇଁ ସୁଲତାନପୁରରୁ ଆରମ୍ଭ କରିଛି ବିକାଶର ରାଜନୀତି। କାରଣ ମୁଣ୍ଡ ଉପରେ ବିଧାନସଭା ନିର୍ବାଚନ, ଯାହାର ପରିଣାମ ସ୍ଥିର କରିବ କେନ୍ଦ୍ରରେ ନରେନ୍ଦ୍ର ମୋଦି ଆଉ ଥରେ ପ୍ରଧାନମନ୍ତ୍ରୀ ଗାଦିରେ ବସିବେ କି ନାହିଁ।

ସୁଲତାନପୁର,୧୬।୧୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଅପରାହ୍ଣରେ ଉତ୍ତର ପ୍ରଦେଶର ସୁଲତାନପୁରରେ ଭାରତୀୟ ବାୟୁସେନା (ଆଇଏଏଫ୍)ର ସି-୧୩୦ଜେ ସୁପର ହାରକ୍ୟୁଲିସ୍ ବିମାନରୁ ଅବତରଣ କରି ୩୪୧ କି.ମି. ବିଶିଷ୍ଟ ପୂର୍ବାଞ୍ଚଳ ଏକ୍ସପ୍ରେସ୍‌ୱେର ଲୋକାର୍ପଣ କରିଛନ୍ତି। ୟୁପି ରାଜଧାନୀ ଲକ୍ଷ୍ମୌରୁ ଗାଜିପୁରକୁ ଯୋଡୁଥିବା ୩୪୧ କି.ମି. ଦୀର୍ଘ ତଥା ୬ ଲେନ୍ ବିଶିଷ୍ଟ ଏହି ପ୍ରଶସ୍ତ ପଥ ନିର୍ମାଣରେ ୨୨,୫୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏକ୍ସପ୍ରେସ୍‌ୱେରେ ଯୁଦ୍ଧବିମାନ ଅବତରଣର ସୁବିଧା କରାଯାଇଛି। ଏୟାରଷ୍ଟ୍ରିପ୍‌ରେ ମୋଦିଙ୍କୁ ୟୁପି ରାଜ୍ୟପାଳ ଆନନ୍ଦିବେନ୍ ପଟେଲ ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସ୍ୱାଗତ କରିଥିଲେ। ଏୟାରଷ୍ଟ୍ରିପ୍ ଭେନ୍ୟୁରେ ପ୍ରଧାନମନ୍ତ୍ରୀ ବିଭିନ୍ନ ବିମାନ ଦ୍ୱାରା କରାଯାଇଥିବା ଏୟାରଶୋ’ ଦେଖିଥିଲେ। ପରେ ମୋଦି ଏକ୍ସପ୍ରେସ୍‌ୱେକୁ ଉଦ୍‌ଘାଟନ କରି ସିଧା ବିରୋଧୀଙ୍କୁ ଟାର୍ଗେଟ ସହ ବକ୍ତବ୍ୟ ଆରମ୍ଭ କରିଥିଲେ। ସେ କହିଥିଲେ, ପୂର୍ବ ମୁଖ୍ୟମନ୍ତ୍ରୀମାନଙ୍କ ଅମଳରେ ରାଜ୍ୟର ବିକାଶ ସୀମିତ ଥିଲା। ସେମାନେ କେବଳ ନିଜ ଓ ସେମାନଙ୍କ ପରିବାର ରହୁଥିବା ସ୍ଥାନରେ କିଛି କିଛି କାମ କରୁଥିଲେ। କିନ୍ତୁ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସରକାର ପୂର୍ବାଞ୍ଚଳରୁ ପଶ୍ଚିମାଞ୍ଚଳ ସବୁଠି ବିକାଶର ଫଳ ଫଳାଉଛନ୍ତି। ପୂର୍ବ ସରକାରଗୁଡ଼ିକ ପୂର୍ବାଞ୍ଚଳକୁ ମାଫିଆବାଦ ଓ ଦାରିଦ୍ର୍ୟ ଭିତରକୁ ଠେଲିଦେଇଥିଲେ। କିନ୍ତୁ ଏବେକାର ଭାଜପା ସରକାର ବିକାଶର ନୂଆ ଅଧ୍ୟାୟ ଲେଖୁଛି। ଏହି ଏକ୍ସପ୍ରେସ୍‌ୱେ ପୂର୍ବାଞ୍ଚଳ ଜୀବନରେଖା ପାଲଟିବ। ଏହା ସମ୍ପୃକ୍ତ ଅଞ୍ଚଳ ସହ ସମଗ୍ର ରାଜ୍ୟରେ ଆର୍ଥିକ ବିକାଶକୁ ଗତି ଦେବ। ଏଥିରୁ ରାଜ୍ୟର ଗରିବ, ମଧ୍ୟବିତ୍ତ, ଚାଷୀ ଓ ବ୍ୟବସାୟୀମାନେ ଲାଭାନ୍ୱିତ ହେବେ ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଥିଲେ। ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କୁ ଟାର୍ଗେଟ କରି ଲୋକଙ୍କୁ ମୋଦି କହିଥିଲେ, ୨୦୧୪ରେ ଆପଣମାନେ ମୋତେ ଏହି ମହାନ୍ ଦେଶର ସେବା କରିବା ପାଇଁ ଏକ ସୁଯୋଗ ଦେଇଥିଲେ। ହେଲେ ସେତେବେଳର ରାଜ୍ୟ ସରକାର ମୋତେ ସହଯୋଗ କରି ନ ଥିଲେ। ଗତ ୪ ବର୍ଷରେ ହଜାର ହଜାର କି.ମି. ରାସ୍ତା ନିର୍ମାଣ ଓ ଅନେକ ମେଡିକାଲ କଲେଜ ପ୍ରତିଷ୍ଠା କରାଯାଇଛି। ଅଦ୍ୟାବଧି ରାଜ୍ୟରେ ୧୪ କୋଟି ଡୋଜ୍ କରୋନା ଭାକ୍ସିନ ଦିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ ଏହି ବିଶାଳ କାର୍ଯ୍ୟକ୍ରମରେ ଭିଡ଼ ଠୁଳ କରିବା ପାଇଁ ୨,୦୦୦ରୁ ଊର୍ଦ୍ଧ୍ୱ ବସ୍‌କୁ ଡାଇଭର୍ଟ କରାଯାଇଥିଲା। ବାରାଣସୀ ଓ ଫୈଜାବାଦରେ ଅଧିକାରୀମାନେ ଏହି ବିଷୟ ସ୍ୱୀକାର କରିଛନ୍ତି। ବସ୍‌ଗୁଡ଼ିକୁ ସୁଲତାନପୁରକୁ ନିଆଯାଇଥିବାରୁ ଅନ୍ୟ ସ୍ଥାନଗୁଡ଼ିକରେ ଲୋକଙ୍କ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ବିରୋଧୀ ସମାଲୋଚନା କରିଛନ୍ତି।



ସୁଲତାନପୁରରେ ପୂର୍ବାଞ୍ଚଳ ଏକ୍ସପ୍ରେସ୍‌ୱେର ଲୋକାର୍ପଣ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ୟୁପି ରାଜ୍ୟପାଳ ଆନନ୍ଦିବେନ୍ ପଟେଲ ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ।

> “ପୂର୍ବ ମୁଖ୍ୟମନ୍ତ୍ରୀମାନେ କେବଳ ସେମାନଙ୍କ ଘର ଥିବା ସ୍ଥାନରେ କାମ କରୁଥିଲେ। କିନ୍ତୁ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସରକାର ପୂର୍ବାଞ୍ଚଳରୁ ପଶ୍ଚିମାଞ୍ଚଳ ସବୁଠି ବିକାଶର ଫଳ ଫଳାଉଛନ୍ତି। ଭାଜପା ବିକାଶର ନୂଆ ଅଧ୍ୟାୟ ଲେଖୁଛି।
>
> **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

> “ଲକ୍ଷ୍ମୌରୁ ଫିତା ଆସିଥିବାବେଳେ ଦିଲ୍ଲୀରୁ କଇଁଚି ଆସିଛି। ସମାଜବାଦୀ ପାର୍ଟି ପକ୍ଷରୁ କରାଯାଇଥିବା ବିକାଶ କାର୍ଯ୍ୟର ଶେୟ ନେବା ପାଇଁ ଟଣାଓଟରା ଚାଲିଛି। ଲକ୍ଷ୍ମୌବାଲେ ଏଯାଏ ଏକାକୀ ବସି ସମାଜବାଦୀ ଏକ୍ସପ୍ରେସ୍‌ୱେ କେତେ ଲମ୍ବା ତାହା ଘୋଷିଦେଇଥିବେ ବୋଲି ଆଶା।
>
> **-ଅଖିଳେଶ ଯାଦବ, ଏସ୍‌ପି ଅଧ୍ୟକ୍ଷ**

> “ୟୁପିର ପୂର୍ବାଞ୍ଚଳ ସ୍ୱାଧୀନତା ପରଠାରୁ ଲଗାତର ଅବହେଳିତ ହୋଇଆସିଥିଲା। ୨୦୧୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ୍ସପ୍ରେସ୍‌ୱେର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏବେ ଏହା ବିକାଶକୁ ଆଉ ପାଦେ ଆଗେଇନେବ।
>
> **-ଯୋଗୀ ଆଦିତ୍ୟନାଥ, ୟୁପି ମୁଖ୍ୟମନ୍ତ୍ରୀ**

# ଧରିତ୍ରୀ
DHARITRI

ବୁଧବାର, ନଭେମ୍ବର ୧୭/୨୦୨୧ | Wednesday, November 17/2021 | ପୃଷ୍ଠା-୧




**ବିବାହ କଲେ ରାଜକୁମାର**

ବଲିଉଡ ଅଭିନେତା ରାଜକୁମାର ରାଓ ଦୀର୍ଘଦିନର ପ୍ରେମିକା ପତ୍ରଲେଖାଙ୍କୁ ବିବାହ କରିଛନ୍ତି।

୦୫

୦୬

**ଟିମ୍ ସୌଦି ଅଧିନାୟକ**

ଭାରତ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ସିରିଜ ପାଇଁ ଟିମ୍ ସୌଦିଙ୍କୁ ନ୍ୟୁଜିଲାଣ୍ଡ ଦଳର ଅଧିନାୟକ ମନୋନୀତ କରାଯାଇଛି।



# ଚାଇଲ୍ଡ ପର୍ନ: ଓଡ଼ିଶାରେ ସିବିଆଇ ଚଢ଼ାଉ

■ ଯାଜପୁର, ଭଦ୍ରକ, ଢେଙ୍କାନାଳରେ ମଧ ଯାଞ୍ଚ

■ ୧୪ ରାଜ୍ୟର ୭୬ ସ୍ଥାନରେ ଚାଲିଛି ଖୋଲତାଡ଼

**ଭୁବନେଶ୍ୱର (ବ୍ୟୁରୋ)/ଯାଜପୁର ଅଫିସ/ବନ୍ତ(ଡି.ଏନ୍.ଏ.), ୧୬।୧୧**

ବିପୁଳ ବୈଦେଶିକ ଟଙ୍କା ଆୟର ମାଧ୍ୟମ ପାଲଟିଛି ଚାଇଲ୍ଡ ଏବଂ ଆଡଲ୍ଟ ପର୍ନ ଭିଡିଓ। ୱେବ୍‌ସାଇଟରେ ଶିଶୁମାନଙ୍କ ଅଶ୍ଳୀଳ ଭିଡିଓ ଅପ୍‌ଲୋଡ କରାଯାଉଛି। ଟେଲିଗ୍ରାମ୍ ଓ ହ୍ୱାଟ୍‌ସଆପ୍‌ରେ ଏହାକୁ ପ୍ରସାରଣ କରାଯାଉଥିବା ନେଇ ଦେଶର ବିଭିନ୍ନ ସ୍ଥାନରୁ ଅଭିଯୋଗ ଆସିବାପରେ ସିବିଆଇ ଗତ ୧୪ ତାରିଖରେ ୮୩ଜଣଙ୍କ ବିରୋଧରେ ୨୩ଟି ପୃଥକ୍ ମାମଲା ରୁଜୁ କରିଥିଲା। ଏହି କ୍ରମରେ ମଙ୍ଗଳବାର ଓଡ଼ିଶା ସମେତ ୧୪ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୭୬ ସ୍ଥାନରେ ସିବିଆଇ ଚଢ଼ାଉ କରିଛି। ଓଡିଶାର ଯାଜପୁର ଜିଲା ପାଣିକୋଇଲି ଥାନା ଅନ୍ତର୍ଗତ କେଉଟଲଗୁଁଆର ଅନିଲ ମାଝି, ଭଦ୍ରକ ବନ୍ତ ବ୍ଲକ ବିନାୟକପୁର ଗ୍ରାମର ମନୋଜ ଦାସ ଏବଂ ଢେଙ୍କାନାଳର ସୁରେନ୍ଦ୍ର ନାୟକଙ୍କ ଘରେ ଏହି ଚଢ଼ାଉ କରାଯାଇଛି। ତେବେ ଢେଙ୍କାନାଳରେ ଚଢ଼ାଉବେଳେ ସିବିଆଇ ଅଧିକାରୀଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଓଡ଼ିଶା ବ୍ୟତୀତ ଆନ୍ଧ୍ରପ୍ରଦେଶ, ଦିଲ୍ଲୀ, ଉତ୍ତରପ୍ରଦେଶ, ପଞ୍ଜାବ, ବିହାର, ତାମିଲନାଡ୍ଡୁ, ରାଜସ୍ଥାନ, ମହାରାଷ୍ଟ୍ର, ଗୁଜରାଟ, ହରିୟାଣା, ଛତିଶଗଡ଼, ମଧ୍ୟପ୍ରଦେଶ, ହିମାଚଳ ପ୍ରଦେଶ ଆଦିର ୭୬ଟି ସ୍ଥାନରେ ଚଢ଼ାଉ ଜାରି ରହିଛି ବୋଲି ସିବିଆଇର ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ ଯାଜପୁର ଜିଲା କୋରେଇ ବ୍ଲକ ଗୋଳେଇପୁର ପଞ୍ଚାୟତ ଅଧୀନ କେଉଟଲଗୁଁଆ ଗ୍ରାମର ଅନିଲ ମାଝୀଙ୍କ ଘର ଉପରେ ମଙ୍ଗଳବାର ସିବିଆଇର ଏକ ୫ଜଣିଆ ଟିମ୍ ପୂର୍ବାହ୍ନ ୧୦ଟାରେ ଚଢ଼ାଉ କରିଥିଲେ। ଅଭିଯୁକ୍ତ ଅନିଲ ଜଣେ କମ୍ପ୍ୟୁଟର ସଫ୍ଟୱେର ମେକାନିକ ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ଦୀର୍ଘ ସମୟ ଯାଞ୍ଚ ପରେ ତାଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ କାଗଜ ଓ ମୋବାଇଲ ଫୋନ ଜବତ କରାଯାଇଛି। ତଦନ୍ତ ଜାରି ରହିଥିବାରୁ ଚଢ଼ାଉରେ ସାମିଲ ଅଧିକାରୀମାନେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଥିଲେ ସୁଦ୍ଧା ଆବଶ୍ୟକ ପଡ଼ିଲେ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରାଯିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ଭଦ୍ରକ ଜିଲା ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ବିନାୟକପୁର ଗ୍ରାମରେ ମଙ୍ଗଳବାର ସକାଳେ ସିବିଆଇର ୫ଜଣିଆ ଟିମ୍ ମନୋଜଙ୍କ ଘରେ ଚଢ଼ାଉ କରିଥିଲା। ସିବିଆଇ ଇନ୍ସପେକ୍ଟର ପି.କେ. ମିଶ୍ରଙ୍କ ନେତୃତ୍ୱରେ ☞ପୃଷ୍ଠା-୨

## ଉଗାଣ୍ଡାରେ ସିରିଜ ବୋମା ବିସ୍ଫୋରଣ
# ୩ ଓଡ଼ିଆ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ସୁରକ୍ଷିତ


ଦୀପ୍ ରଞ୍ଜନ ବିଶୋଇ


ପ୍ରମୋଦ ଭଗତ


ଜି .ଦିଲେଶ୍ୱର ରାଓ

**ଭୁବନେଶ୍ୱର, ୧୬।୧୧(କ୍ରୀଡ଼ା ପ୍ରତିନିଧି)**

ଉଗାଣ୍ଡାର କାମ୍ପାଲା ସହରରେ ମଙ୍ଗଳବାର ସିରିଜ ବୋମା ବିସ୍ଫୋରଣ ହୋଇଛି। ତେବେ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଖେଳିବା ପାଇଁ ସେଠାରେ ଥିବା ଭାରତୀୟ ଦଳର ସଦସ୍ୟମାନେ ସୁରକ୍ଷିତ ଅଛନ୍ତି। ଭାରତୀୟ ପାରା ବ୍ୟାଡ୍‌ମିଣ୍ଟନ ଦଳ କାମ୍ପାଲାର ହଲିଡେ ଏକ୍ସପ୍ରେସ୍ ହୋଟେଲରେ ରହୁଛନ୍ତି। ହୋଟେଲଠାରୁ ୧୦୦ ମିଟର ଦୂରରେ ପୂର୍ବାହ୍ନ ପ୍ରାୟ ୧୦ଟା ୩୦ ମିନିଟରେ ସିରିଜ ବୋମା ବିସ୍ଫୋରଣ ହୋଇଥିଲା। ସେତେବେଳେ କେତେକ ଭାରତୀୟ ଖେଳାଳି ଷ୍ଟାଡିୟମ୍‌କୁ ମ୍ୟାଚ୍ ଖେଳିବାକୁ ଯାଇଥିଲେ। ଅନ୍ୟ ଖେଳାଳିମାନେ ହୋଟେଲରେ ଥିଲେ ମଧ କାହାର କ୍ଷତି ହୋଇନାହିଁ। ନିରାପତ୍ତା ଦାୟିତ୍ୱରେ ଥିବା ଅଧିକାରୀମାନେ ସୁରକ୍ଷିତ ଭାବେ ବସ୍‌ରେ ଖେଳାଳିଙ୍କୁ ହୋଟେଲରୁ ଷ୍ଟାଡିୟମକୁ ନେବାରେ ସହାୟତା କରୁଛନ୍ତି। ଭାରତୀୟ ଦଳରେ ୩ ଜଣ ଓଡ଼ିଆ ଖେଳାଳି ସାମିଲ ଅଛନ୍ତି। ସେମାନେ ହେଲେ ଟୋକିଓ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ପ୍ରମୋଦ ଭଗତ, ଦୀପ୍ ରଞ୍ଜନ ବିଶୋଇ ଓ ଜି .ଦିଲେଶ୍ୱର ରାଓ। ଏମାନଙ୍କର କିଛି କ୍ଷତି ହୋଇ ନ ଥିବା ଜଣାଯାଇଛି। “ଆମେ ସୁରକ୍ଷିତ ଅଛୁ, ଚିନ୍ତା କରିବାର କିଛି ନାହିଁ। ଆମେ ବିଶେଷ କିଛି ଅନୁଭବ କରିପାରିନାହୁଁ। କିଛି ସମୟ ପାଇଁ ହଇଚଇ ସୃଷ୍ଟି ହୋଇଥିଲେ ହେଁ ଆମେ ସମସ୍ତେ ସୁରକ୍ଷିତ ଅଛୁ। ଟୁର୍ନାମେଣ୍ଟ କାର୍ଯ୍ୟସୂଚୀ ଅନୁସାରେ ଅନୁଷ୍ଠିତ ହେଉଛି” ବୋଲି ଓଡ଼ିଶାର ପ୍ରଥମ ଖେଳାଳି ଭାବେ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ☞ପୃଷ୍ଠା-୨

# ଢେଙ୍କାନାଳରେ ଅଧିକାରୀଙ୍କୁ ମାଡ଼


ଜଣେ ମହିଳା ସିବିଆଇ ଅଧିକାରୀଙ୍କୁ ପିଟୁଥିବାବେଳେ ପୋଲିସ ଉଦ୍ଧାର କରୁଛି।

## ଅଭିଯୁକ୍ତ ସୁରେନ୍ଦ୍ର ଗିରଫ, ମୋବାଇଲ ଜବତ

**ଢେଙ୍କାନାଳ ଅଫିସ୍, ୧୬।୧୧**

ଚାଇଲ୍ଡ ଏବଂ ଆଡଲ୍ଟ ପର୍ନ ଭିଡିଓ ପ୍ରସାରଣର ଲିଙ୍କ୍ ଢେଙ୍କାନାଳରୁ ମିଳିଛି। ସ୍ଥାନୀୟ ଜୁବିଲି ଟାଉନ ଯଦୁପତି ନଗର କଲୋନୀ ସାହିର ସୁରେନ୍ଦ୍ର ନାୟକ (୨୨) ନାମକ ଜଣେ ଯୁବକଙ୍କ ଏଥିରେ ସମ୍ପୃକ୍ତି ଥିବା ଜଣାପଡ଼ିବାପରେ ସିବିଆଇର ୫ଜଣିଆ ଟିମ୍ ମଙ୍ଗଳବାର ସକାଳ ପ୍ରାୟ ୭ଟାରେ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରିଛନ୍ତି। ଦୋଷ ସ୍ୱୀକାର ପରେ ସୁରେନ୍ଦ୍ରଙ୍କୁ ଗିରଫ କରାଯାଇଛି। ତାଙ୍କ ଠାରୁ ଏକ ମୋବାଇଲ ଜବତ କରାଯାଇଛି। ଅନ୍ୟପଟେ ଅଧିକାରୀମାନେ ଅପରାହ୍ନ ୩ଟା ଯାଏ ଖୋଲତାଡ଼ ଜାରି ରଖିଥିବାବେଳେ ସାହିବାସୀ କିମ୍ବା ପରିବାର ଲୋକଙ୍କୁ ସ୍ପଷ୍ଟ ତଥ୍ୟ ଦେଇ ନ ଥିବାରୁ ସନ୍ଦେହ ସୃଷ୍ଟି ହୋଇଥିଲା। ସ୍ଥାନୀୟ ପୋଲିସ ପାଖରେ ମଧ ଏ ନେଇ କୌଣସି ତଥ୍ୟ ନ ଥିଲା। ତେଣୁ ଅଧିକାରୀମାନେ ☞ପୃଷ୍ଠା-୨


ଦୁଇଦିନ ପରେ ଖୋଲିଲା ଶ୍ରୀମନ୍ଦିର: ମଙ୍ଗଳବାର ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ବଡ଼ଦାଣ୍ଡରେ ଭକ୍ତମାନେ ଲମ୍ୱାଧାଡ଼ିରେ ଅପେକ୍ଷା କରିଛନ୍ତି।

# ଟିକାକରଣରେ ଜାତୀୟ ହାରଠୁ ଓଡ଼ିଶା ଆଗରେ

**ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)**

ଡିସେମ୍ବର ସୁଦ୍ଧା ପ୍ରଥମ ଡୋଜ୍ ଟିକାକରଣ ଶତପ୍ରତିଶତ କରିବାକୁ ନିର୍ଦ୍ଦେଶ



କୋଭିଡ୍ ପରିଚାଳନା କ୍ଷେତ୍ରରେ ବିଶ୍ୱ ସ୍ତରରେ ପ୍ରଶଂସା ପାଇଥିବା ଓଡ଼ିଶା ପୁଣି ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି। କୋଭିଡ୍ ଟିକାକରଣରେ ଜାତୀୟ ହାରଠାରୁ ରାଜ୍ୟ ହାର ଅଧିକ ରହିଛି। ଜାତୀୟ ହାର ୭୯.୮ ପ୍ରତିଶତ ଥିବାବେଳେ ଓଡ଼ିଶାରେ ୮୨.୪ ପ୍ରତିଶତ ଟିକାକରଣ ହୋଇଛି। ମଙ୍ଗଳବାର ରାଜ୍ୟର ଟିକାକରଣକୁ ନେଇ ହୋଇଥିବା ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରୁ ଏହି ସୂଚନା ମିଳିଛି।

ବୈଠକରେ ଅଧକ୍ଷତା କରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଲେ, ଟିକାକରଣକୁ ଅଧିକ ବ୍ୟାପକ କରି ସମ୍ଭାବ୍ୟ ତୃତୀୟ ଲହରର ମୁକାବିଲା ନିମନ୍ତେ ପୂର୍ଣ୍ଣ ପ୍ରସ୍ତୁତ ରହିବା ଏକାନ୍ତ ଆବଶ୍ୟକ। କୋଭିଡ୍ ଟିକାକରଣରେ ଓଡ଼ିଶା ଏକ ଆଗୁଆ ରାଜ୍ୟ ଭାବେ ଅଭିଯାନ ଜାରି ରଖିଛି। ଜାତୀୟ ଟିକାକରଣ ହାର ତୁଳନାରେ ଓଡ଼ିଶା ଆଗରେ ଅଛି। ଜିଲାୱାରି ସ୍ଥିତିର ସମୀକ୍ଷା କରି ପଞ୍ଚାୟତ ଓ ଗ୍ରାମସ୍ତରରେ ଟିକାକରଣକୁ ଅଧିକ ସଘନ ଓ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ସବୁ ଜିଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି। ଡିସେମ୍ବର ଶେଷ ସୁଦ୍ଧା ପ୍ରଥମ ଡୋଜ୍ ଟିକାକରଣକୁ ଶତ ପ୍ରତିଶତ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ମାନବ ସମ୍ବଳ ସବୁକିଛି**

## ୧୦ ଦିନରେ ୩୪୮୮ ଅଭିଯୁକ୍ତ ଗିରଫ

### ରାଜ୍ୟ ପୋଲିସର ସ୍ପେଶାଲ ଡ୍ରାଇଭ

**କଟକ ଅଫିସ,୧୬।୧୧:** ଦୀର୍ଘଦିନ ଧରି ଅପରାଧ ଘଟାଇ ଆତ୍ମଗୋପନ କରିଥିବା ଅଥବା କୋର୍ଟଙ୍କ ନିର୍ଦ୍ଦେଶକୁ ଭ୍ରୂକ୍ଷେପ କରୁ ନ ଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଳିତମାସ ୫ରୁ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟ ପୋଲିସ ପକ୍ଷରୁ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ବିରୋଧରେ ଏକ ସ୍ପେଶାଲ ଡ୍ରାଇଭ୍ କରାଯାଇଥିଲା। ଜେନେରାଲ ରେଜିଷ୍ଟର(ଜିଆର) ଏବଂ ସେସନ ଟ୍ରାଏଲ (ଏସଟି) ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ପୋଲିସ ପକ୍ଷରୁ ଟାର୍ଗେଟ୍ କରାଯାଇଥିଲା। ୧୦ ଦିନ ମଧ୍ୟରେ ୨୩୯୨ ଜଣଙ୍କୁ ଜେନେରାଲ ରେଜିଷ୍ଟର, ୪୦୦ ଜଣଙ୍କୁ ସେସନ୍ ଟ୍ରାଏଲ ଏବଂ ୬୯୬ ଜଣଙ୍କୁ ଅନ୍ୟ ମାମଲାରେ ଗିରଫକରି କୋର୍ଟଚାଲାଣ କରାଯାଇଛି। କମ୍ ଦିନ ମଧ୍ୟରେ ଏତେ ସଂଖ୍ୟକ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାରୁ ସମସ୍ତ ଜିଲାର ଏସ୍‌ପିଙ୍କ ସମେତ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କୁ ଡିଜିପି ଅଭୟ ସାଧୁବାଦ ☞ପୃଷ୍ଠା-୨

# ଚାଇନା ବିଶ୍ୱର ସବୁଠୁ ଧନୀ ଦେଶ

## ୟୁଏସ୍‌କୁ ପଛରେ ପକାଇଲା

**ନୂଆଦିଲ୍ଲୀ,୧୬।୧୧**



ବିଶ୍ୱର ସବୁଠାରୁ ଧନଶାଳୀ ଦେଶ କ୍ଷେତ୍ରରେ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍)କୁ ବର୍ତ୍ତମାନ ଚାଇନା ପଛରେ ପକାଇଦେଇଛି। ଧନଶାଳୀ ଦେଶଗୁଡ଼ିକ ମଧ୍ୟରେ ଏହା ପ୍ରଥମ ସ୍ଥାନ ହାସଲ କରିଛି। ମ୍ୟାନେଜମେଣ୍ଟ କନ୍‌ସଲଟାଣ୍ଟ ମ୍ୟାକେଞ୍ଜି ଆଣ୍ଡ କମ୍ପାନୀର ଗବେଷଣା ବିଭାଗ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ମୁତାବକ, ଗତ ୨୦ ବର୍ଷରେ ସାରା ବିଶ୍ୱର ସମ୍ପତ୍ତି ୩ ଗୁଣ ବୃଦ୍ଧି ପାଇଛି। ଏହି ବୃଦ୍ଧିରେ ଚାଇନାର ଅଂଶ ପ୍ରାୟ ଏକ ତୃତୀୟାଂଶ। ଚାଇନାର ସମ୍ପତ୍ତି ପ୍ରାୟ ୧୬ ଗୁଣ ବଢ଼ିଥିବା ଜଣାପଡ଼ିଛି।

୨୦୦୦ ମସିହାରେ ଚାଇନାର ସମ୍ପତ୍ତି ୧୫୬ ଟ୍ରିଲିୟନ ଡଲାର ରହିଥିଲା। ୨ ଦଶନ୍ଧି ମଧ୍ୟରେ ୨୦୨୦ରେ ଏହା ବୃଦ୍ଧି ଘଟି ଏହା ୫୧୪ ଟ୍ରିଲିୟନ ଡଲାର ଛୁଇଁଛି। ଏହି ଅବଧିରେ ଚାଇନାର ସମ୍ପତ୍ତି ୭ ଟ୍ରିଲିୟନ ଡଲାରରୁ ୧୨୦ ଟ୍ରିଲିୟନ ଡଲାର ଛୁଇଁଛି। ଗତ ୨୦ ବର୍ଷରେ ଆମେରିକା ସମ୍ପତ୍ତି ପ୍ରାୟ ୨ ଗୁଣ ବଢ଼ି ୯୦ ଟ୍ରିଲିୟନ ଡଲାରରେ ପହଞ୍ଚିଛି। ଏଠାରେ ସମ୍ପତ୍ତି ମୂଲ୍ୟ ଚାଇନା ତୁଳନାରେ କମ୍ ବଢ଼ିଛି। ଫଳରେ ୟୁଏସ୍ ୧ ନମ୍ବର ସ୍ଥାନରୁ ଖସିଯାଇଛି। ରିପୋର୍ଟରେ କୁହାଯାଇଛି, ଚାଇନା ଏବଂ ଆମେରିକାର ମୋଟ ସମ୍ପତ୍ତି କିଛି ଧନିକ ବ୍ୟକ୍ତିଙ୍କ ନିକଟରେ ରହିଛି। ଏହି ଦେଶଗୁଡ଼ିକର ୧୦% ଲୋକଙ୍କ ପାଖରେ ଅଧିକ ପରିମାଣରେ ସମ୍ପତ୍ତି ଠୁଳ ହୋଇଛି। ଉକ୍ତ ସ୍ଥାନଗୁଡ଼ିକରେ ଧନିକ ବର୍ଗଙ୍କ ସମ୍ପତ୍ତି ଦ୍ରୁତ ଭାବେ ବୃଦ୍ଧି ହେଉଛି। ଫଳରେ ଧନୀ ଦେଶ ଏବଂ ଗରିବ ଦେଶ ସମୂହଙ୍କ ମଧ୍ୟରେ ତାରତମ୍ୟ ମଧ ସେହି ଅନୁସାରେ ବଢୁଥିବା ନଜରକୁ ଆସିଛି।

ରିପୋର୍ଟରେ କୁହାଯାଇଛି, ବିଶ୍ୱର ମୋଟ ସମ୍ପତ୍ତି ମଧ୍ୟରୁ ପ୍ରାୟ ୬୮% ଅଚଳ ସମ୍ପତ୍ତି (ରିୟଲ ଇଷ୍ଟେଟ) ଭାବେ ରହିଛି। ଅନ୍ୟ ସମ୍ପତ୍ତିଗୁଡ଼ିକ ଭିତ୍ତିଭୂମି, ମେଶିନେରି, ଉପକରଣ ଭଳି କ୍ଷେତ୍ରରେ ରହିଛି। କ୍ରେଡିଟ୍ ସୁଇସର ଗ୍ଲୋବାଲ ୱେଲ୍‌ଥ ରିପୋର୍ଟ ମୁତାବକ, ୨୦୧୯ ଅକ୍ଟୋବରରେ ଭାରତର ନେଟ୍‌ୱର୍ଥ ୧୨.୬ ଟ୍ରିଲିୟନ ଡଲାର ଥିଲା, ଯାହା ଚାଇନାର ୧୨୦ ଟ୍ରିଲିୟନ ଡଲାର ତୁଳନାରେ ପ୍ରାୟ ୮ଗୁଣ କମ୍। ତେବେ ୨୦୧୯ ପରଠାରୁ ଭାରତର ଏହି ରିପୋର୍ଟ ମିଳିପାରିନାହିଁ।

ତେବେ ଗତ ୨ ଦଶନ୍ଧିରେ ନେଟ୍ ସମ୍ପତ୍ତି କ୍ଷେତ୍ରରେ ଏଭଳି ବୃଦ୍ଧି ଜିଡିପି ଅଭିବୃଦ୍ଧିକୁ ପଛରେ ପକାଇଛି। ସୁଧହାର କମିଥିବା ବେଳେ ସମ୍ପତ୍ତି ମୂଲ୍ୟ ଢ଼େର ପରିମାଣରେ ବଢ଼ିଛି। ଆୟକୁ ବିଚାରକୁ ନେଲ ଦୀର୍ଘମିଆଦୀ ହାରାହାରି ତୁଳନାରେ ସମ୍ପତ୍ତି ମୂଲ୍ୟ ପ୍ରାୟ ୫୦% ବୃଦ୍ଧି ହୋଇଥିବା ନଜରକୁ ଆସିଛି। ଫଳରେ ସମ୍ପତ୍ତିର ଏଭଳି ବୃଦ୍ଧିର ନିରନ୍ତରତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମୂଲ୍ୟ ବୃଦ୍ଧି ଦ୍ୱାରା ସମ୍ପତ୍ତି ବୃଦ୍ଧି ଏବଂ ଉଚ୍ଚ ମୁଦ୍ରାସ୍ଫୀତି ପ୍ରସଙ୍ଗରେ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହୋଇଥାଏ। ବିଭିନ୍ନ ଦିଗରୁ ଏହାର କୁପ୍ରଭାବ ମଧ ରହିଛି। ରିୟଲ ଇଷ୍ଟେଟ ସମ୍ପତ୍ତିଗୁଡ଼ିକର ମୂଲ୍ୟ ବଢ଼ିଲେ ଘର କ୍ରୟ କରିବା ସବୁ ବର୍ଗ ଲୋକଙ୍କ ଲାଗି ସମ୍ଭବ ହୋଇ ନ ଥାଏ। ଏହା ଆର୍ଥିକ ସଙ୍କଟ ଲାଗି ରିସ୍କ ଆଣିଥାଏ। ୨୦୦୮ରେ ଆମେରିକାର ରିୟଲ ଇଷ୍ଟେଟ କ୍ଷେତ୍ର ଭୁଶୁଡିବା ଯୋଗୁ ଏଭଳି ସ୍ଥିତି ଉପୁଜିଥିଲା। ଚାଇନାର ଏଭର ଗ୍ରାଣ୍ଡେ ଗ୍ରୁପ ଭଳି ରିୟଲ ଇଷ୍ଟେଟ କମ୍ପାନୀ ଋଣ ☞ପୃଷ୍ଠା-୨

# କ୍ଷୁଧା ଦୂର ରାଷ୍ଟ୍ରର ପ୍ରଥମ କର୍ତ୍ତବ୍ୟ

■ କେନ୍ଦ୍ର ଉପରେ ବର୍ଷିଲେ ସୁପ୍ରିମକୋର୍ଟ

■ କମ୍ୟୁନିଟି କିଚେନ ପାଇଁ ଶେଷ ସୁଯୋଗ ଦେଲେ

**ନୂଆଦିଲ୍ଲୀ, ୧୬।୧୧**



ଅନାହାର ମୁକାବିଲା ପାଇଁ ସମଗ୍ର ଦେଶରେ କମ୍ୟୁନିଟି କିଚେନ ସ୍ଥାପନ କରିବା ଆବେଦନ ମାମଲାରେ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି ସୁପ୍ରିମକୋର୍ଟ। ଏହି ଯୋଜନା କାର୍ଯ୍ୟକାରୀ କରିବା ଉପରେ କେନ୍ଦ୍ରର କୌଣସି ଉଦ୍ଦେଶ୍ୟ ନ ଥିବା ନେଇ ଅଦାଲତ ସନ୍ଦେହ ପ୍ରକାଶ କରିଛନ୍ତି। ପ୍ରତ୍ୟେକ ଜନମଙ୍ଗଳକାରୀ ରାଷ୍ଟ୍ରର ପ୍ରଥମ କର୍ତ୍ତବ୍ୟ ହେଉଛି ଲୋକଙ୍କ କ୍ଷୁଧା ଦୂର କରିବା ଏବଂ ଅନାହାର ମୃତ୍ୟୁରୁ ସେମାନଙ୍କୁ ବଞ୍ଚାଇବା ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍. ଭି. ରମନା କହିଛନ୍ତି। ରାଜ୍ୟ ସରକାରଙ୍କ ସହ ମିଳିତ ଭାବେ କମ୍ୟୁନିଟି କିଚେନ ସ୍ଥାପନ ନିମନ୍ତେ ଏକ ଜାତୀୟ ନୀତି ପ୍ରସ୍ତୁତିର ଅଗ୍ରଗତି ବାବଦରେ କେନ୍ଦ୍ର ସରକାର ସବିଶେଷ ତଥ୍ୟ ପ୍ରଦାନ କରି ନ ଥିବାରୁ ଅଦାଲତ ବିରକ୍ତି ପ୍ରକାଶ କରିଥିଲେ। ୩ ସପ୍ତାହ ମଧ୍ୟରେ ଏ ବାବଦରେ ବୈଠକ ଡାକି ଯୋଜନା ଆଣିବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଏହା ସରକାରଙ୍କ ପାଇଁ ଶେଷ ସୁଯୋଗ ବୋଲି ସିଜେଆଇ କହିଛନ୍ତି। ଏଥିପାଇଁ ଏକ ବିସ୍ତୃତ ଯୋଜନା କରାଯାଉ। ଯେଉଁ ସ୍ଥାନଗୁଡ଼ିକରେ ଲୋକେ ଏଭଳି ନୀତି ଆବଶ୍ୟକ କରୁଛନ୍ତି ସେଠାରେ ତୁରନ୍ତ ଯୋଜନା ଲାଗୁ କରାଯାଉ। ଯଦି ବାସ୍ତବରେ ସରକାର ଅନାହାର ଦୂର କରିବାକୁ ଚାହାଁନ୍ତି ତେବେ କୌଣସି ☞ପୃଷ୍ଠା-୨

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୫,୪୮,୦୯,୦୬୬ | ୫୧,୨୬,୨୪୮ | ୨୩,୦୩,୫୧,୭୬୫ |
| ଭାରତ | ୩,୪୪,୫୬,୪୦୧ | ୪,୬୩,୮୫୨ | ୩,୩୮,୬୧,୭୫୬ |
| ଓଡ଼ିଶା | ୧୦,୪୫,୮୬୨ | ୮୩୮୧(+୫୩) | ୧୦,୩୪,୯୯୫ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ବେଳାଭୂମିରେ ନିର୍ମାଣ ହେବ ଭାସମାନ ପୋଲ

■ କୋଣାର୍କ ଉତ୍ସବ, ଇକୋ ରିଟ୍ରିଟ ପ୍ରସ୍ତୁତି
■ ଅନୁଧ୍ୟାନ କଲେ ଜିଲାପାଳ

କୋଣାର୍କ,୧୬ା୧୧(ଡି.ଏନ୍.ଏ.)

ରାଜ୍ୟରେ ଶୀତ ଋତୁ ଆରମ୍ଭ ହୋଇଯାଇଥିବା ବେଳେ ପର୍ଯ୍ୟଟକଙ୍କ ପାଇଁ ଖୁବ୍‌ଶୀଘ୍ର କୋଣାର୍କ-ପୁରୀ ବେଳାମାର୍ଗ ରାମଚଣ୍ଡୀ ମୁହାଣ ନିକଟରେ ଇକୋ ରିଟ୍ରିଟ, କୋଣାର୍କରେ କୋଣାର୍କ ଉତ୍ସବ ଓ ଚନ୍ଦ୍ରଭାଗା ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ଆୟୋଜିତ ହେବାକୁ ଯାଉଛି। ଗତ ବର୍ଷ ଭଳି ଚଳିତଥର ମଧ୍ୟ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ଏହି ଉତ୍ସବ ଚାଲିବ। ହେଲେ ଚଳିତବର୍ଷ ପର୍ଯ୍ୟଟକଙ୍କୁ ଆହୁରି ଆକୃଷ୍ଟ କରିବା ପାଇଁ ପ୍ରଶାସନ ପକ୍ଷରୁ ବେଳାଭୂମିରେ ଏକ ଭାସମାନ ପୋଲ ନିର୍ମାଣ ହେବାର ଯୋଜନା ରହିଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ସବୁପ୍ରକାରର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ତେବେ ପ୍ରଥମେ କୋଣାର୍କ ଉତ୍ସବ, ଦ୍ୱିତୀୟ ସପ୍ତାହରେ ଇକୋ ରିଟ୍ରିଟ ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ରହିଛି। ଏଥି ନିମନ୍ତେ ମଙ୍ଗଳବାର ପୂର୍ବାହ୍ନରେ ପୁରୀ ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ରାମଚଣ୍ଡୀ ମୁହାଣ, ଚନ୍ଦ୍ରଭାଗା ବେଳାଭୂମି ଓ ମୁକ୍ତାକାଶ ରଙ୍ଗମଞ୍ଚରେ ପହଞ୍ଚି ବିଭିନ୍ନ କାର୍ଯ୍ୟ ଅନୁଧ୍ୟାନ କରି ଫେରିଥିଲେ। ରାମଚଣ୍ଡି ମୁହାଣ ନିକଟ ବେଳାଭୂମିରେ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଖୁବଶୀଘ୍ର ପାନୀୟ ଜଳ ବ୍ୟବସ୍ଥା, ସଫେଇ, ଟେଣ୍ଟ ଓ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା ଆରମ୍ଭ ହେବ। ସମୁଦ୍ର କୂଳରୁ ୩୦ ମିଟର ବାଦ ଦେଇ ବେଳାଭୂମିରେ ୫୦ ଅତ୍ୟାଧୁନିକ ଟେଣ୍ଟ ନିର୍ମାଣ ଓ ଭାସମାନ ପୋଲ ନିର୍ମାଣ ହେବ। ଟେଣ୍ଟରେ ସମସ୍ତ ସୁବିଧା ସହିତ ସୁରକ୍ଷା ପ୍ରତି ଅଧିକ ଦୃଷ୍ଟି ଦିଆଯିବ। ପର୍ଯ୍ୟଟକମାନେ ବେଳାଭୂମିରେ ପାରାସେଲିଂ, ଯୋଗ ଆଦି କାର୍ଯ୍ୟକ୍ରମକୁଉପଭୋଗ କରିବେ। କରୋନା କଟକଣା ଯୋଗୁ ଏଥର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଷ୍ଟଲକୁ ବାତିଲ କରାଯାଇଛି। ଜିଲାପାଳଙ୍କ ଏହି ଗସ୍ତ ସମୟରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ଗୋପ ତହସିଲଦାର ଏସ୍.କେ. ସାଗିର, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ ପ୍ରମୁଖ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ। କୋଭିଡ୍ ଗାଇଡ୍‌ଲାଇନ ପାଳନ କରାଯାଇ ଇକୋ ରିଟ୍ରିଟ ସହିତ ଜଡିତ ସମସ୍ତ ବିଭାଗକୁ କାର୍ଯ୍ୟ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଜିଲାପାଳ ବର୍ମା ସୂଚନା ଦେଇଥିଲେ।


ଇକୋ ରିଟ୍ରିଟ୍ ହେଉଥିବା ସ୍ଥଳରେ ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

# ପୂର୍ବତନ ମୁଖ୍ୟ ଶାସନ ସଚିବ ରବି ନାରାୟଣ ଦାସଙ୍କ ପରଲୋକ

ଭୁବନେଶ୍ୱର, ୧୬ା୧୧(ବ୍ୟୁରୋ)



ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ରବିନାରାୟଣ ଦାସଙ୍କର ମଙ୍ଗଳବାର ପରଲୋକ ଘଟିଛି। ସଂକ୍ରମଣଜନିତ ରୋଗ ଯୋଗୁ ସେ କିଛିଦିନ ତଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତେବେ ମଙ୍ଗଳବାର ସକାଳ ୧୦ଟାରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକଙ୍କ ପକ୍ଷରୁ ସୂଚନା ମିଳିଛି। ତାଙ୍କୁ ୮୭ବର୍ଷ ହୋଇଥିଲା। ଯାଜପୁର କମାଗଡ଼ରେ ୧୯୩୫ରେ ଜନ୍ମଗ୍ରହଣ କରିଥିବା ରବି ନାରାୟଣ କଟକ ରେଭେନ୍‌ଶା କଲେଜରୁ ବିଏ ଓ ବିହାର ପାଟଣା ବିଶ୍ୱବିଦ୍ୟାଳୟରୁ ଏମ୍‌ଏ କରିଥିଲେ। ୧୯୫୯ ବ୍ୟାଚ୍‌ର ଆଇଏଏସ୍ ଅଫିସର ରବି ନାରାୟଣ ୧୯୯୨ ଡିସେମ୍ବର ୧ରୁ ୧୯୯୫ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଓଡ଼ିଶାର ୨୮ତମ ମୁଖ୍ୟ ଶାସନ ସଚିବ ଥିଲେ। ସେ ହେଉଛନ୍ତି ପ୍ରଖ୍ୟାତ କବୟିତ୍ରୀ ନିର୍ମଳା ଦେବୀଙ୍କ ସୁପୁତ୍ର। ତାଙ୍କର ୨ ଝିଅ ଓ ଜଣେ ପୁଅ ଅଛନ୍ତି। ଭୁବନେଶ୍ୱର ସତ୍ୟନଗର ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ଜର୍ମାନୀରେ ରହୁଥିବାରୁ ବଡ଼ ଝିଅ ପଞ୍ଚମୀ ମାନୁ ଉକିଲ ମୁଖାଗ୍ନି ଦେଇଥିଲେ।

# ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ

କବିସୂର୍ଯ୍ୟନଗର,୧୬ା୧୧(ଡି.ଏନ.ଏ.): ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ମୁଖ୍ୟ ରାସ୍ତାରେ ମଙ୍ଗଳବାର ଏକ ଟ୍ରକ୍ ଧକ୍କାରେ ୨ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କବିସୂର୍ଯ୍ୟନଗର ସହରର ଶିଖରପୁର ସାହିର ସପନୀ ଦାଶ ଓ ଅଜିତ ଦାଶ। ମଙ୍ଗଳବାର ଭୋର୍‌ରେ ମର୍ଦ୍ଦରାଜ ହାଇସ୍କୁଲ ସମ୍ମୁଖରେ ବାଇକ୍‌ରେ ଦୁଇଜଣ ଯୁବକ ଯାଉଥିଲେ। ଏହି ସମୟରେ ସେହି ରାସ୍ତାରେ ଜଣେ ମହିଳା ପୂଜା ସାମଗ୍ରୀ ଧରି ଯାଉଥିବା ବେଳେ ତାଙ୍କୁ ବଞ୍ଚାଇବାକୁ ଯାଇ ବାଇକ୍‌ଟି ଏକ ଟ୍ରକ୍ ସହ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହିଁ ଦୁଇଜଣଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ଲାଗି ରହିଥିଲା। ପ୍ରାୟ ୩ ଘଣ୍ଟା ଧରି ମୁଖ୍ୟ ରାସ୍ତାକୁ ଅବରୋଧ କରି ରଖିଥିଲେ ସ୍ଥାନୀୟ ଲୋକେ। ସ୍ଥାନୀୟ ପୋଲିସ, ତହସିଲଦାର ଓ ସ୍ଥାନୀୟ ନେତା ମନୋରଞ୍ଜନ ମହାପାତ୍ର ପ୍ରମୁଖ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ।

# ନଦୀଶଯ୍ୟାରୁ ବୌଦ୍ଧ କୀର୍ତ୍ତିରାଜି ଉଦ୍ଧାର

ଭଣ୍ଡାରିପୋଖରୀ,୧୬ା୧୧(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ମଣିନାଥପୁର ଚବିଶକୁଦ ଠାରେ ବୈତରଣୀ ନଦୀଶଯ୍ୟାରୁ ବୌଦ୍ଧ କୀର୍ତ୍ତିରାଜି ଉଦ୍ଧାର ହୋଇଛି। ଗବେଷକ ବିଶ୍ୱମ୍ଭର ରାଉତଙ୍କ ଉଦ୍ୟମ କ୍ରମେ ଉଦ୍ଧାର ହୋଇଥିବା ୮ଟି ଅର୍ଘ୍ୟ ସ୍ତୂପ ଓ ୫୦ରୁ ଊର୍ଦ୍ଧ୍ୱ ପ୍ରାଚୀନ ମାଟିପାତ୍ରକୁ ଷୋଳମପୁର ବୌଦ୍ଧ ବିହାର ସଂଗ୍ରହାଳୟକୁ ହସ୍ତାନ୍ତର କରାଯାଇଛି।

ପ୍ରକାଶ ଯେ, ଗ୍ରାମର ମଦନ ବେଉରିଆଙ୍କ ପୁଅ ସୁଧାଂଶୁ ନଦୀପଠାକୁ ଯାଇଥିବା ସମୟରେ ଏକ ପ୍ରସ୍ତର ମୂର୍ତ୍ତି ଦେଖି ଗବେଷକ ରାଉତଙ୍କୁ ଜଣାଇଥିଲେ। ରାଉତ ଘଟଣାସ୍ଥଳରେ ପହଞ୍ଚି ଏହା ଏକ ଭୋଟିଭି ସ୍ତୂପ ଓ ବୌଦ୍ଧ ବିହାରର ପ୍ରାଚୀନ ଅଂଶ ବିଶେଷ ବୋଲି ଜାଣି ଏହାକୁ ସଂଗ୍ରହ କରିଥିଲେ। ଗ୍ରାମର ସୁଧାଂଶୁ ଓ ରଘୁନାଥ ତାଙ୍କୁ ସହଯୋଗ କରିଥିଲେ। ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ସୁନୀଲ ପଟ୍ଟନାୟକ ଓ ଗବେଷକ ଡ.ଏକାଦଶୀ ପାଢ଼ୀଙ୍କ ମତରେ ଉଦ୍ଧାର ସମସ୍ତ ଅର୍ଘ୍ୟ ସ୍ତୂପ ଓ ମାଟିପାତ୍ର ଅଷ୍ଟମ ଓ ନବମ ଶତାବ୍ଦୀର। ୪ଟି ଭୋଟିଭି ସ୍ତୂପ ମଧ୍ୟରୁ ୩ଟିରେ ବୌଦ୍ଧ ଦେବୀ ତାରାଙ୍କ ମୂର୍ତ୍ତି ଥିବାବେଳେ ଅନ୍ୟ ଗୋଟିଏରେ ମୈତ୍ରେୟଙ୍କ ଅସ୍ପଷ୍ଟ ମୂର୍ତ୍ତି ଦେଖିବାକୁ ମିଳିଛି। ଅନ୍ୟ ୪ଟି ସାଧାରଣ ଅର୍ଘ୍ୟ ସ୍ତୂପ ଅଟେ। ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିକୋଣରୁ ଏଗୁଡ଼ିକ ତାନ୍ତ୍ରିକ ମହାଜନ ବୌଦ୍ଧଧର୍ମ ସମୟର। ଉଦ୍ଧାର ମାଟିପାତ୍ରକୁ ବୌଦ୍ଧ ସନ୍ନ୍ୟାସୀମାନେ ବ୍ୟବହାର କରୁଥିଲେ ବୋଲି ଡ. ପଟ୍ଟନାୟକ କହିଛନ୍ତି। ନଦୀପଠାରୁ ଏହି କୀର୍ତ୍ତିରାଜିକୁ ଉଦ୍ଧାର କରିବାରେ ଗ୍ରାମବାସୀ ରଘୁନାଥ ବେଉରିଆ, ସୁଧାଂଶୁ ବେଉରିଆ, କପିଳ ଜେନା, ଗୁଣ୍ଡିଆ ସାମଲ, ଦୀପକ ଦାସ ପ୍ରମୁଖ ସହଯୋଗ କରିଥିଲେ।


ଉଦ୍ଧାର ହୋଇଥିବା ବୌଦ୍ଧ କୀର୍ତ୍ତିରାଜି।


## GOVT. (AUTO) COLLEGE, ANGUL
www.gaca.nic.in

### ADMISSION NOTICE: 2021-22

Applications in prescribed form are invited for admission into the following Self-financing Courses (PPP) offered under Utkal University for the academic session **2021-22**.

| Course | Duration | Eligibility |
|---|---|---|
| M. COM. (Finance & Control) | 2 Years (4 Semester) | +3 or Equivalent with 40% in aggregate |
| I-MBA | 5 Years (10 Semester) | +2 or Eqv. with 40% in aggregate |
| MBA (Lateral Entry) | 2 Years (4 Semester) | +3 or Equivalent with 40% in aggregate |

**Scholarship: Available for eligible SC, ST, OBC & Minority Category.**

The application form can be obtained from the College on all working days on payment of Rs.100/- and the last date for sale and receipt of form is 22.11.2021.

**PRINCIPAL**

**Phone: 06764-237370**
**I-MBA: 9853590609, MBA (LE): 9439494248, M.Com (F&C): 9040717438**


# ପ୍ରେସ୍ ଲୋକତନ୍ତ୍ରର ମୂଳଦୁଆ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ। ଭର୍ଚୁଆଲରେ ଯୋଗଦେଇଥିବା ମନ୍ତ୍ରୀ ରଘୁନନ୍ଦନ ଦାସ(ଇନ୍‌ସେଟ୍)।

## ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ

ଭୁବନେଶ୍ୱର,୧୬ା୧୧(ବ୍ୟୁରୋ)

ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମଙ୍ଗଳବାର ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଉଭୟ ମଞ୍ଚ ଓ ଭର୍ଚୁଆଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ 'ମହାମାରୀ ସମୟରେ ଗଣମାଧ୍ୟମ: ଏକ ନୂତନ ଆହ୍ୱାନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଭିଡିଓ ବାର୍ତ୍ତାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସାରା ପୃଥିବୀ କୋଭିଡ୍ ମହାମାରୀକୁ ସାମ୍ନା କରୁଥିବାବେଳେ ନିର୍ଭରଯୋଗ୍ୟ ଓ ବିଶ୍ୱସନୀୟ ସମ୍ବାଦ ପରିବେଷଣ କ୍ରମେ ସମୃଦ୍ଧ ସମାଜ ଗଠନରେ ସାମ୍ବାଦିକଙ୍କ ପ୍ରତିବଦ୍ଧତାକୁ ସେ ପ୍ରଶଂସା କରିଥିଲେ। ଜଳ ସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ତାଙ୍କ ଭିଡିଓ ବାର୍ତ୍ତାରେ କହିଲେ, ପ୍ରେସ୍ ହେଉଛି ଲୋକତନ୍ତ୍ରର ମୂଳଦୁଆ। କରୋନାର ଏହି କଠିନ ସମୟରେ ପ୍ରାୟ ଦେଢ଼ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ମୁଦ୍ରିତ, ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମର ପ୍ରତିନିଧିମାନେ ନିଜ ଜୀବନ ଓ ପରିବାରକୁ ପଛରେ ପକାଇ ଖବର ପରିବେଷଣ ପରି ସବୁଠୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଛନ୍ତି।

ଓଡ଼ିଶା ସରକାରଙ୍କ ଗଣମାଧ୍ୟମ ଓ ଲୋକସମ୍ପର୍କ ଉପଦେଷ୍ଟା ମାନସ ରଞ୍ଜନ ମଙ୍ଗରାଜ କହିଲେ, ମୁଖ୍ୟମନ୍ତ୍ରୀ ସାମ୍ବାଦିକଙ୍କ କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ। କର୍ମଜୀବୀ ସାମ୍ବାଦିକଙ୍କ ସ୍ୱାସ୍ଥ୍ୟବୀମାକୁ ନିୟମିତ ନବୀକରଣ କାର୍ଯ୍ୟ ହେଉ ବା ସାମ୍ବାଦିକ କଲ୍ୟାଣ ପାଣ୍ଠି ଜରିଆରେ ଆର୍ଥିକ ସହାୟତା ପ୍ରଦାନ ହେଉ ରାଜ୍ୟ ସରକାର ଏସବୁ ପାଇଁ ସର୍ବଦା ଯତ୍ନଶୀଳ ଅଛନ୍ତି। 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ସମ୍ପାଦକ ଲେନିନ୍ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ସୁସ୍ଥ ଓ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଗଣମାଧ୍ୟମ ପ୍ରତିନିଧିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏମାନେ କୋଭିଡ୍ ମହାମାରୀର ଆହ୍ୱାନକୁ ସାମ୍ନା କରି ଅତି ସ୍ପର୍ଶକାତର ପ୍ରସଙ୍ଗଗୁଡ଼ିକୁ ଲୋକଲୋଚନକୁ ଆଣି ପାରିଥିବା ସେ କହିଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସାମ୍ବାଦିକ ଓ ଗଣ ଯୋଗାଯୋଗ ବିଭାଗର ସହକାରୀ ପ୍ରଫେସର ଦେବୀଲାଲ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିବାବେଳେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ସଭାପତିତ୍ୱ କରିଥିଲେ। କରୋନାରେ ପ୍ରାଣ ହରାଇଥିବା ସାମ୍ବାଦିକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣପୂର୍ବକ ନୀରବ ପ୍ରାର୍ଥନା କରାଯାଇଥିଲା। ବିଭାଗର ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା ଓ ଅତିରିକ୍ତ ନିର୍ଦ୍ଦେଶକ ସୁରେନ୍ଦ୍ର ନାଥ ପରିଡ଼ା ଧନ୍ୟବାଦ ଦେଇଥିଲେ।

# ଖାତରେ ପଡ଼ିଥିବା ହାତୀଛୁଆ ଉଦ୍ଧାର

କୁଚିଣ୍ଡା,୧୬ା୧୧(ଡି.ଏନ.ଏ.)

ସମ୍ବଲପୁର ଜିଲା ବାମରା ବନ୍ୟପ୍ରାଣୀ ଡିଭିଜନ ମହୁଲପାଲି ସେକ୍ସନ ଅଧୀନ ବେତଝରନ ଗ୍ରାମ ନିକଟ ଜଙ୍ଗଲରେ ଏକ ଖାତରେ ପଡିଥିବା ହାତୀ ଛୁଆକୁ ମଙ୍ଗଳବାର ବନ ବିଭାଗ ଓ ଗ୍ରାମବାସୀ ମିଳିତ ଭାବେ ଉଦ୍ଧାର କରିଛନ୍ତି। ସୂଚନା ଅନୁସାରେ ମଙ୍ଗଳବାର ପ୍ରତ୍ୟୁଷରୁ ଗ୍ରାମବାସୀ ଖାତରେ ପଡିଥିବା ହାତୀ ଛୁଆର ଚିତ୍କାର ଶୁଣି ପାଖକୁ ଯାଇଥିଲେ। ମାତ୍ର ଆଖପାଖରେ ଜଙ୍ଗଲି ହାତୀପଲକୁ ଦେଖି ଭୟରେ ଗାଁକୁ ଫେରି ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ଖାତରୁ ହାତୀ ଛୁଆକୁ ଉଦ୍ଧାର କରିଥିଲେ। ହାତୀ ଛୁଆର ବୟସ ପାଖାପାଖି ବର୍ଷେ ହେବ ବୋଲି ବନ କର୍ମଚାରୀ କହିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଗତ କିଛିଦିନ ହେବ ଏହି ଅଞ୍ଚଳରେ ୧୪/୧୫ ହାତୀ ଥିବା ପଲ ଚଳପ୍ରଚଳ କରୁଥିଲେ।


ବେତଝରନ ଜଙ୍ଗଲରୁ ଉଦ୍ଧାର ହାତୀଛୁଆ।


**APPOINTMENT**
URGENTLY REQUIRED 1. TECHNICIAN (R.O / CHIMINEY), 2. SALES MANAGER, 3. FRONT OFFICE EXECUTIVE, 4. OFFICE ASSISTANT, 5. COOK.
Contact: 9040043929

**Urgently Required**
(Direct joining, permanent job)
Groundstaff, supervisor, checker, loader, helper, Driver
Salary: 25,500/- ରୁ 55,500/-
ଯୋଗ୍ୟତା- ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ ।
Contact - 8448123162

**WANTED**
We urgenty required **Telecaller & Marketing Executive** for our office with Salary- 5000/- + Incentive 5%. **SATYANJANA PROPERTIES PVT. LTD. (Real Estate Company), N1/200, IRC Village, Nayapalli, Bhubaneswar.**
**9937605788 (M)**

**APPOINTMENT**
Required Teachers (**MATH., SCL, ENG., HINDI, SST**).
**RDM Public School, Patia, Bhubaneswar.**
Contact: 9337325035 9668484511

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

TP Western Odisha Distribution Limited invites tenders (2part bidding) from eligible vendors for the following packages:
1) **TPWODL/SD/O/SU/059- Rate Contract for Supply of Insulated Conductor**
2) **TPWODL/SA/O/SU/053- Rate Contract for Supply of SFU**
3) **TPWODL/RP/O/SU/054- PO for supply of Relay test kit, LV tan delta kit, CT/PT Analyser**

Interested bidders to submit Tender Participation Fee and Authorization Letter through email before **27th Nov. 2021, 1500Hrs**, after which link from e-Tender system shall be shared.

For detailed tender documents of all tenders mentioned above, please visit Tender section on website www.tpwesternodisha.com. Further details for participating in tender is given in the tender document.

All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.

Sd /- **Chief-Contracts and Stores**

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553

CAD-1870:-
**TENDER ALERT**

**01) Tender Call Notice No.04/2021-22:** Procurement of 120 watt, 230 Volt LED Flood lights for illumination of switch yards of different Grid S/Ss under EHT O&M Division, Bolangir.
**02) Tender Call Notice No.05/2021-22:** Painting of 40MVA 132/33kV Power Transformer-II & Substation Stuctures all in 132kV & 33kV Switch yard at 132/33 kV Grid S/S, Bolangir under EHT O&M Division, Bolangir.
**03) Tender Call Notice No.12/BBS/2021-22:** Supply & laying of GI Channel, GI Flat, GI Cable Tray & MS Checkers Plate for renovation of cable trench for on-going SAS work at 132/33 kV Grid Sub-Station, Puri under EHT O&M Division, Puri.
**04) Tender Call Notice No.13/BBS/2021-22:** Supply of Identification Tower Board (CR Sheet of Size 14"X 10") containing Name of the Line, Location No., Phase and Circuit along with GI Nut & Bolt for fixing of board as per tower angle size of different EHT Lines under EHT O&M Circle, Bhubaneswar.
**05) Tender Call Notice No.03/2021-22:** Hiring of diesel run commercial registered 9 seater Non-AC Bolero or equivalent for EHT O&M Sub-Division, Samangara under EHT O&M Division, Puri.
**06) Tender Call Notice No.01/2021-22:** Hiring of Diesel run commercial registered light vehicle 09 seated (preferred)/07 seated Non-AC Bolero or its equivalent for E&MR S/D, Khurda under E&MR Division, Bhubaneswar.
For details please visit : **www.optcl.co.in.**
OIPR-04011/11/0090/2122 FIPR-63/2021-22

Office of Chief CSO-cum-District Managers,
**ODISHA STATE CIVIL SUPPLIES CORPORATION LTD.**
District - Cuttack

**NOTICE INVITING TENDER**

Tender No. 3839 Dt-15.11.2021

Cost of Tender Document :- Rs.5,900/- inclusive of GST for each UNIT.
Online tenders are invited from eligible bidders for selection and appointment of transport contractors for transportation of Paddy from Paddy Purchase Centres (PPC) to Rice Mills within district or outside the district within the State of Odisha.

| | | |
|---|---|---|
| 1 | Availability of tender documents | From Date 17.11.2021, Downloadable from website : www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference | On 22.11.2021 at 11.30 AM in the Office of the CCSO-cum-District Manager, OSCSC Ltd., Cuttack |
| 3 | Last date and time for online submission of completed Tender Documents with enclosures | Through e-Procurement Portal www.tendersodisha.gov.in, Up to 01.12.2021 at 5.30 PM. |
| 4 | Date, time and venue for opening of Technical Bid by the Tender Committee | On Dt.03.12.2021 at 11.30 AM in the O/o the Chief CSO-cum-District Manager, OSCSC Ltd., Cuttack |
| 5 | Date, Time and Venue of submission of original documents in support of scanned copies uploaded in the portal for verification. | On Dt.03.12.2021 at 11.30 AM in the O/o the Chief CSO-cum-District Manager, OSCSC Ltd., Cuttack |
| 6 | Date and time of Financial Bid opening by the Tender Committee (Only of Technically Qualified Bidders) | To be announced after Technical Bid evaluation. |

N.B.-1 : If the office happens to be closed on the date of opening of tenders, tenders will be opened on the next working day in the same time.

Sd/-
**Chief CSO-cum-District Managers,**
OSCSC Ltd., Cuttack

DSPL-253:-

Voter

**ଭୋଟର ହେଲ୍ପଲାଇନ୍ ଆପ୍ ଆପଣଙ୍କୁ ସାହାଯ୍ୟ କରେ**

1. ଭୋଟର ଭାବରେ ପଞ୍ଜିକରଣ କରିବା ପାଇଁ |
2. ଭୋଟର ତାଲିକାରେ ନାମ ବାଦ୍ କିମ୍ବା ପଞ୍ଜୀକରଣ ସମ୍ବନ୍ଧୀୟ ଦାବି ଓ ଆପତ୍ତି ଦାଖଲ କରିବା ପାଇଁ |
3. ଭୋଟରଙ୍କ ବିବରଣୀ ସଂଶୋଧନ କରିବା ପାଇଁ |
4. ଏକ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରେ ଠିକଣା ପରିବର୍ତ୍ତନ ପାଇଁ |

ଭୋଟର ହେଲ୍ପଲାଇନ୍ ଆପ୍ ଡାଉନଲୋଡ୍ କରିବାକୁ କ୍ୟୁଆର୍ କୋଡ୍ ଟିକୁ ସ୍କାନ୍ କରନ୍ତୁ |

OIPR-01314/13/0001/2122

ଡାଉନ୍‌ଲୋଡ୍ e-EPIC
ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା
ଆମ ସହିତ ସଂଯୋଗ କରନ୍ତୁ
୧୯୫୦

ଧରିତ୍ରୀ
DHARITRI
ବୁଧବାର, ୧୭ ନଭେମ୍ବର, ୨୦୨୧

“ଭଗବାନ କେବେ ଦୁଃଖିତ ହୁଅନ୍ତି ନାହିଁ। ଭଗବାନଙ୍କୁ ଉପଲବ୍ଧି କରିବାକୁ ହେଲେ ତୁମକୁ ତୁମ ଭିତରୁ ସମସ୍ତ ଦୁଃଖଭାବ ଦୂରକୁ ଫିଙ୍ଗି ଦେବାକୁ ହେବ ଏବଂ ସବୁପ୍ରକାର ଭାବପ୍ରବଣ ଦୁର୍ବଳତା ମଧ୍ୟ ତ୍ୟାଗ କରିବାକୁ ହେବ। —ଶ୍ରୀମା



# ମାନବ ସମ୍ବଳ ସବୁକିଛି

ମାକେଞ୍ଜି ଆଣ୍ଡ୍ କମ୍ପାନୀର ଗବେଷଣା ଶାଖା ପକ୍ଷରୁ ସଦ୍ୟ ପ୍ରକାଶିତ ରିପୋର୍ଟ ଅନୁଯାୟୀ ବିଶ୍ୱର ସର୍ବାଧିକ ଧନୀ ରାଷ୍ଟ୍ର ଆମେରିକାକୁ ଚାଇନା ଅତିକ୍ରମ କରିଯାଇଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ବିଶ୍ୱ ସମ୍ପତ୍ତି ୩ ଗୁଣା ବୃଦ୍ଧି ପାଇଥିବା ବେଳେ ଏହି ସମୟରେ ଚାଇନାର ଅର୍ଥନୀତି ୧୧୩ ଟ୍ରିଲିୟନ ଡଲାର ବଢ଼ିଛି। ହିସାବରୁ ଜଣାପଡ଼ିଛି ଯେ, ୨୦୦୦ ମସିହାରେ ଚାଇନାର ସମ୍ପତ୍ତି ୭ ଟ୍ରିଲିୟନ ଡଲାର ଥିଲା ଓ ୨୦୨୦ରେ ଏହା ୧୨୦ ଟ୍ରିଲିୟନ ଡଲାରରେ ପହଞ୍ଚିଥିଲା। ହେଲେ ଉକ୍ତ ସମୟ ଭିତରେ ଆମେରିକାର ସମ୍ପତ୍ତି ଦୁଇ ଗୁଣ ବଢ଼ିଥିଲେ ମଧ୍ୟ ୯୦ ଟ୍ରିଲିୟନ ଡଲାରରେ ରହିଛି। ଏଥିରୁ ଜଣାପଡ଼ିଛି ଯେ ଚାଇନାର ସମ୍ପତ୍ତି ଦ୍ରୁତ ଗତିରେ ବଢ଼ିଥିବା ବେଳେ ଆମେରିକା ଧିମେଇ ଯାଇଛି। ଦେଖିବାକୁ ଗଲେ ଆମେରିକାରେ ବିଗତ ଦିନରେ ଶିଳ୍ପଗତ ଅଭିବୃଦ୍ଧି ଘଟି ସାଚ୍ୟୁରେଶନ ବା ସଂତୃପ୍ତି ସ୍ତରରେ ପହଞ୍ଚିଯାଇଥିବା ବେଳେ ଚାଇନାର ଶିଳ୍ପ ଊର୍ଦ୍ଧ୍ୱମୁଖୀ ହୋଇଚାଲିଛି। ଅର୍ଥାତ୍ ଏହା ଆଗକୁ ବଢ଼ିବାର ସୁଯୋଗ ରହିଛି।

ଆଜି ବିଶ୍ୱ ଭୂରାଜନୈତିକ ସ୍ଥିତିକୁ ଅନିଶା କଲେ ଦେଖାଯାଉଛି ଯେ, ଚାଇନା ଅର୍ଥନୈତିକ ଓ ସାମରିକ ଦୃଷ୍ଟିକୋଣରୁ ଶକ୍ତିଶାଳୀ ହେବାରେ ଲାଗିଛି। କିନ୍ତୁ କମ୍ୟୁନିଷ୍ଟ ଚିନ୍ତାଧାରାରେ ଶାସନ ହେଉଛି ବୋଲି ଦର୍ଶାଇ ଏକଚ୍ଛତ୍ରବାଦୀ ଚାଇନା ଗଣତାନ୍ତ୍ରିକ ରାଷ୍ଟ୍ର ଆମେରିକାର ସୁପରପାୱାର ମାନ୍ୟତାକୁ ଅତିକ୍ରମ କରିବା ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। କାରଣ ଅତୀତରେ ଦେଖାଦେଇଛି ଶୀତଳ ଯୁଦ୍ଧ ପରେ ସୋଭିଏଟ୍ ୟୁନିୟନ୍ ଯେତେ ଚେଷ୍ଟା କଲେ ମଧ୍ୟ ଆମେରିକାକୁ ପଛରେ ପକାଇପାରୁ ନାହିଁ। କାରଣ ବିଶ୍ୱବ୍ୟାପୀ ରାଜନୈତିକ, ଅର୍ଥନୈତିକ ଓ ସାଂସ୍କୃତିକ ଆଧିପତ୍ୟ ଜାରି ରଖିବାରେ ଆମେରିକା ଯେତେ ଆଗରେ ରହିଛି, ତାହାର ପାଖ କେହି ପଶିପାରୁ ନାହାନ୍ତି। ଇଣ୍ଟେଲେକ୍ଚୁଆଲ ପାୱାର ବା ବୌଦ୍ଧିକ ଶକ୍ତି ବ୍ୟବହାର କରି ଦୁନିଆସାରା ଲୋକଙ୍କୁ ନିଜ ଆଡ଼କୁ ନେଇପାରିଛି ଆମେରିକା। ଏହାର ଇତିହାସ ଦେଖିଲେ ପୃଥିବୀର ସବୁ ଦେଶରୁ ନିଜ ନିଜ କ୍ଷେତ୍ରରେ ସର୍ବୋଚ୍ଚରେ ପହଞ୍ଚିଥିବା ଗବେଷକ, ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିୟରଙ୍କ ଭଳି ମାନବ ସମ୍ବଳ ସବୁବେଳେ ସେହି ଆମେରିକାକୁ ନିଜ ସ୍ୱପ୍ନର ଭୂମି ଭାବେ ଦେଖି ଆସିଛନ୍ତି। ଭିଟାମାଟି ଛାଡ଼ି ଏଭଳି ସଫଳତା ହାସଲ କରିପାରିଥିବା ବ୍ୟକ୍ତିବିଶେଷ ସେହି ଆମେରିକୀୟ ସ୍ୱପ୍ନ ପଛରେ ଦୀର୍ଘକାଳ ଧରି ଧାଉଁଛନ୍ତି। ଆଜି ମଧ୍ୟ ଆମେରିକାରେ ବସବାସ କରିବା ପାଇଁ ସବୁ ଦେଶର ଅନେକ ନାଗରିକଙ୍କ ଇଚ୍ଛା ରହିଛି। ଏଭଳି ଉଚ୍ଚକୋଟୀର ମାନବ ସମ୍ବଳ ସହିତ ଉତ୍ତର ଆମେରିକା ମହାଦେଶର ପ୍ରାକୃତିକ ସମ୍ପଦ ମିଶିଯିବା ହେତୁ ଆମେରିକା ଏକ ଭିନ୍ନ ଧରଣର ଦେଶ ପାଲଟିଯାଇଛି। ବିଲ୍ ଗେଟ୍ସଙ୍କ ମାଇକ୍ରୋସଫ୍ଟଠାରୁ ଆରମ୍ଭକରି ଷ୍ଟିଭ୍ ଜବ୍ସଙ୍କ ଆପଲ, ମାର୍କ ଜୁକରବର୍ଗଙ୍କ ଫେସ୍‌ବୁକ୍, ଜାକ୍ ଡୋର୍ସିଙ୍କ ଟୁଇଟର ହେଉ ବା ମାଇକେଲ ଜାକ୍‌ସନଙ୍କ ଭଳି 'କିଙ୍ଗ୍ ଅଫ୍ ପପ୍'ଙ୍କ ସଙ୍ଗୀତର ରାଜୁତି ଚାରିଆଡ଼େ ଚାଲିଛି। ସେହିଭଳି ବାକ୍ ସ୍ୱାଧୀନତା ଓ ମାନବ ଅଧିକାର ସୁରକ୍ଷା ସଂକ୍ରାନ୍ତ ଧାରଣାକୁ ବିଶ୍ୱ ସ୍ତରରେ ପ୍ରଚାର କରିପାରିଥିବାରୁ ଆମେରିକାର ଉପସ୍ଥିତି ସବୁଆଡ଼େ ରହିଛି। କିନ୍ତୁ କମ୍ୟୁନିଷ୍ଟ ଚିନ୍ତାଧାରାରେ ଶାସନ ହେଉଛି ବୋଲି ଦର୍ଶାଇ ଏକଚ୍ଛତ୍ରବାଦୀ ବ୍ୟବହାରରେ ପରିଚାଳିତ ଚାଇନା କେବେ ହେଲେ ବିଶ୍ୱବ୍ୟାପୀ ଉଚ୍ଚତମ ମାନବ ସମ୍ବଳକୁ ଆକର୍ଷିତ କରିବା ସକାଶେ ସଫଳ ହୋଇପାରିବ ନାହିଁ। ଏପରି କି ତା'ର ନାଗରିକଙ୍କୁ ଚାଇନା କିଭଳି ନିର୍ଯାତନା ଦେଇଚାଲୁଛି, ସେ ସଂକ୍ରାନ୍ତ ଅନେକ ରିପୋର୍ଟ ପ୍ରକାଶ ପାଉଛି। ହେଲେ ସେହି ଖବରକୁ ଚପାଇ ଦିଆଯାଉଛି। ନିଜର ବଡ଼ିମା ଦେଖାଇବା ପାଇଁ ବିଭିନ୍ନ ଅନ୍ତର୍ଜାତୀୟ ଗବେଷଣା ଓ ଅନୁଧ୍ୟାନକାରୀ ସଂସ୍ଥାକୁ ଅର୍ଥ ଯାଚି ତା' ସପକ୍ଷରେ ବିବରଣୀ ଯୋଗାଡ଼ରେ ବେଜିଂ ଅହରହ ଲାଗିଥିବା ଖବର ଶୁଣିବାକୁ ମିଳେ। ଉଦାହରଣ ସ୍ୱରୂପ, କୋଭିଡ୍-୧୯ ଭୂତାଣୁ ବିଶ୍ୱବ୍ୟାପୀ ଭ୍ରମଣ କରିବା ପରେ ଚାଇନାକୁ ସବୁଆଡ଼ୁ ନିନ୍ଦା କରାଯାଇଥିଲା। ଏ ସଂକ୍ରାନ୍ତରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ରୁ ସ୍ପଷ୍ଟୀକରଣ ମଗାଯିବା ବେଳେ ଜଣାପଡ଼ିଥିଲା ଯେ ଏହା ଚାଇନା ଦ୍ୱାରା ପ୍ରଭାବିତ ହୋଇ ନୀରବ ରହିବାକୁ ଉଚିତ ମଣିଥିଲା। ଯେଉଁ ରାଷ୍ଟ୍ରରେ ପ୍ରତି କ୍ଷେତ୍ରରେ ସ୍ୱଚ୍ଛତା ନ ଥାଏ, ତାହାର ଅର୍ଥନୈତିକ ଅଭିବୃଦ୍ଧି ଯେତେ ହେଲେ ମଧ୍ୟ ସେହି ରାଷ୍ଟ୍ର ସର୍ବୋଚ୍ଚ ସ୍ତରରେ ପହଞ୍ଚିବା କଷ୍ଟକର। ଜର୍ମାନୀର ଏକଚ୍ଛତ୍ରବାଦୀ ଶାସକ ଆଡଲ୍ଫ ହିଟଲରଙ୍କଠାରୁ ଆରମ୍ଭ କରି ଇଟାଲୀର ବେନିଟୋ ମୁସୋଲିନ୍, ଲିବିୟାର ମୁଆମାର ଗଦାଫି ଓ ଏବର ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ଉଚ୍ଚାକାଂକ୍ଷା ସେମାନଙ୍କୁ ନିର୍ଦ୍ଦିଷ୍ଟ ସମୟରେ ବଳଶାଳୀ କରିଥାଇପାରେ, କିନ୍ତୁ ଦୀର୍ଘକାଳୀନ ଓ ସାର୍ବଜନୀନ ଆଧିପତ୍ୟ ବିସ୍ତାର କରିବା ସମ୍ଭବ ହୁଏନାହିଁ। ଅର୍ଥ ଓ ସାମରିକ ବଳ ଏକ ଭୂଖଣ୍ଡକୁ ପ୍ରତିପତ୍ତି ସହ ସୁରକ୍ଷା ଦେବାରେ ସକ୍ଷମ ହୋଇପାରେ, କିନ୍ତୁ ସୁପରପାୱାର ମାନ୍ୟତା ପାଇବାକୁ ହେଲେ ଏହାର ଊର୍ଦ୍ଧ୍ୱକୁ ଉଠିବାକୁ ହେବ।



# ଇତିହାସ ଲେଖାରେ ଭୁଲ୍

ସହଦେବ ସାହୁ

ସ୍ୱାର୍ଥପର ୟୁରୋପୀୟମାନେ ଇତିହାସକୁ ତେଢ଼ାମେଢ଼ା କରି ନିଜର ଉତ୍କର୍ଷ ଦେଖାଇଛନ୍ତି ଏବଂ ଆମେ ଇଂଲିଶ ପଢ଼ା ଲୋକେ ତାକୁ ଗ୍ରହଣ କରିନେଇଛୁ। ଆସନ୍ତୁ ଆଗେ ଆଫ୍ରିକା କଥା ବିଚାର କରିବା। କ୍ରୀତଦାସମାନଙ୍କ ବିଷୟରେ ଆରମ୍ଭ ହୋଇଥିବାରୁ ଆଫ୍ରିକାର ଇତିହାସ ଆଧୁନିକ ବିଶ୍ୱ ଇତିହାସରୁ ଲିଭିଯାଇଛି କହିଲେ କଥାଟା ଲଘୁ ହୋଇଯିବ, ଲିଭାଇଦିଆଯାଇଛି କହିଲେ ବେଶି ସତ ହେବ। ୟୁରୋପୀୟମାନେ ଆଧୁନିକ ପରସ୍ପର ସମ୍ପୃକ୍ତ ଦୁନିଆର ଇତିହାସ ଲେଖିବା ଆରମ୍ଭ କଲେ ବୋଲି ଧରାଯାଏ। ଯେଉଁ ୟୁରୋପୀୟମାନେ ଏପରି ବାଟ ଫିଟାଇଲେ ସେମାନେ ନିଜର ସେତେବେଳର ସମାଜକୁ ଆଦର୍ଶ ବା ଛାଞ୍ଚ ରୂପେ ଧରିନେଲେ। ଭୁଲିଗଲେ ଯେ ସେମାନେ ଯାହା କିଛି ଉତ୍କର୍ଷ ହାସଲ କରିଛନ୍ତି ତାହାର ଉତ୍ସ ହେଉଛି ଆଫ୍ରିକା। କିନ୍ତୁ ଆଫ୍ରିକୀୟମାନଙ୍କ ଜୀବନ ସେମାନଙ୍କ ପାଇଁ ତୁଚ୍ଛ ଥିଲା, ବର୍ଜ୍ୟବସ୍ତୁ ଥିଲା।

ଭୁଲ୍ ଜାଗାରୁ ଆରମ୍ଭ କଲେ ଠିକ୍ ସିଦ୍ଧାନ୍ତରେ କାହାଣୀଟି ପହଞ୍ଚି ପାରିବ ନାହିଁ, ପହଞ୍ଚେ ବି ନାହିଁ। ସେଇମିତି ଆଧୁନିକ ଦୁନିଆର ଇତିହାସ ଆରମ୍ଭ ହୋଇଛି। ପାରମ୍ପରିକ ଇତିହାସ ପ୍ରାଥମିକତା ଦେଇଛି ୟୁରୋପର ୧୫ଶ ଶତାବ୍ଦୀ-ଆବିଷ୍କାର-ଯୁଗକୁ, ପଶ୍ଚିମ ଓ ପୂର୍ବ ଭିତରେ ସାମୁଦ୍ରିକ ସମ୍ପର୍କକୁ। ଏହି ଐତିହାସିକ ସଫଳତା ସହିତ ଯୋଡ଼ିଦେଲେ ସେମାନଙ୍କ ଯୁଗାନ୍ତକାରୀ ଅଥଚ ଆକସ୍ମିକ ଆବିଷ୍କାରକୁ, ଯାହାକୁ ସେମାନେ କହିଲେ ନିୟୁ ୱାର୍ଲ୍ଡ, ନୂତନ ଦୁନିଆ।

କେତେକେ କହନ୍ତି ଆଧୁନିକ ଦୁନିଆର ଧାରଣା ଆସିଲା ଇହୁଦୀ-ଖିରସ୍ତାନ ବିଶ୍ୱାସ ସହ ଯୋଡିହୋଇଥିବା ନୈତିକତା ଓ ମାନସିକତାରୁ, କିମ୍ବା ବୈଜ୍ଞାନିକ ଉପାୟର ବିକାଶ ଓ ପ୍ରସାର କାରଣରୁ, କିମ୍ବା ୟୁରୋପୀୟମାନେ ଯେମିତି ସବୁବେଳେ କହିହୁଅନ୍ତି ସେମାନଙ୍କ ଅନନ୍ୟ ବୁଦ୍ଧିମତ୍ତା ଓ ଉଦ୍ଭାବନଶୀଳତା ଯୋଗୁ। ଇଂଲଣ୍ଡ ଓ ହଲାଣ୍ଡ ଭଳି ସ୍ଥାନରେ ପ୍ରୋଟେଷ୍ଟାଣ୍ଟ ରିଫର୍ମେଶନ୍ ଘଟିଥିଲା ; ଆଚରଣରେ-ନୈତିକତା (ୱାର୍କ ଏଥିକ୍ସ), ବ୍ୟକ୍ତିବିଶେଷତା (ଇଣ୍ଡିଭିଜୁଆଲିଜମ୍) ଓ ଉଦ୍ୟୋଗୀଭାବନା (ଏଣ୍ଟରପ୍ରିନିୟୁରିଆଲ୍ ଡ୍ରାଇଭ୍) ଭଳି ଗୁଣ ଏହି ପ୍ରୋଟେଷ୍ଟାଣ୍ଟ ସଂସ୍କାରରୁ ଆସିଲା, ୟୁରୋପର ଲୋକଙ୍କ ଆଖିରେ ଏ ଧାରଣା (ଆଇଡିଆ)ଗୁଡ଼ିକ ସେତେବେଳେ ବଳବତ୍ତର ହୋଇରହିଲା। ୟୁରୋପର ଲୋକଙ୍କ ଆଖିରେ ଏ ଧାରଣା (ଆଇଡିଆ) ସ୍ଥାୟୀ ଛବି ଆଙ୍କିଛି।

ଅବଶ୍ୟ ୧୪୯୮ରେ ଭାରତ ମହାସାଗର ଦେଇ ଭାରତରେ ପହଞ୍ଚିଥିବା ଭାସ୍କୋଡାଗାମା, ଦକ୍ଷିଣ ଆମେରିକାର ଦକ୍ଷିଣ ଅଗ୍ରଭାଗ ଘୂରି ପଶ୍ଚିମରେ ଯାତ୍ରା କରି ଏସିଆରେ ପହଞ୍ଚିଥିବା ଫର୍ଡିନାଣ୍ଡ ମାଜେଲାନ୍ ଏବଂ କଲମ୍ବସ୍‌ଙ୍କ ଭଳି ନାବିକମାନଙ୍କ ନୌଯାତ୍ରାର ତାତ୍ପର୍ଯ୍ୟ (ସିଗ୍ନିଫିକାନ୍ସ)କୁ ମନା କରିହେବ ନାହିଁ। ଲେଖିକା ମାରି ଅରଣା (ଯାହାଙ୍କ ବାପା ପେରୁଦେଶର ଓ ପିତା ଆମେରିକାର ଲୋକ) ତାଙ୍କ ବହିରେ ଲେଖିଛନ୍ତି ଯେ କଲମ୍ବସ୍ ଯେତେବେଳେ ପଶ୍ଚିମମୁହାଁ ନୌବହର ନେଇଯାଉଥିଲେ ସେତେବେଳେ ସେ ଥିଲେ ଏକ ମାନ୍ଧାତା ଅମଳୀୟ ଲୋକ ଏବଂ ମଧ୍ୟଯୁଗୀୟ ଅନ୍ଧବିଶ୍ୱାସ ତାଙ୍କ ମୁଣ୍ଡରେ ଭର୍ତ୍ତି ହୋଇଥିଲା: 'ସେ ଯେଉଁ ନୂଆ ଭୂଇଁ ଖୋଜିବାକୁ ଯାଉଛନ୍ତି ସେଠି ଅଛନ୍ତି କଣା ଅସୁର (ସାଇକ୍ଲୋପ), ବାଙ୍ଗରା ମଣିଷ, ରଣହୁଙ୍କାରପ୍ରିୟ ଅସୁରୁଣୀ (ଆମାଜନ୍), କୁକୁରମୁହାଁ ମଣିଷ, ମୁଣ୍ଡରେ ଚାଲୁଥିବା ଓ ପାଦରେ ଚିନ୍ତାକରୁଥିବା ପ୍ରାଣୀ (ଆଣ୍ଟିପାଡିଆନ୍), କଳାଚମବାଲା ଓ ତାଳପତ୍ର ଆକାରର କାନ ଥିବା ମଣିଷ। ସେ ସ୍ଥାନରେ ସୁନା ଆଉ ମୂଲ୍ୟବାନ୍ ରତ୍ନର ଫସଲ ହୁଏ।' କିନ୍ତୁ ସେ ଆମେରିକା ଭୂଇଁରେ ପହଞ୍ଚି ନୂଆ ସଭ୍ୟତା ଦେଖିଲେ, ସେ ଭୂଇଁରେ କେବଳ ନୂଆ ଦୁନିଆ ଦେଖିଲେ ନାହିଁ, ଚାରିଆଡ଼େ ପ୍ରାକୃତିକ ପୁଷ୍ଟି ଓ ସରଳ ସଭ୍ୟତା ଦେଖିଥିଲେ। ଅଥଚ କଲମ୍ବସ୍ ଫେରି ୟୁରୋପରେ ଯାହା କହିଲେ ତାହା ଆଧୁନିକତାର ଦର୍ପଣ ହୋଇଗଲା। କିନ୍ତୁ ଆମେ କ'ଣ ଦେଖୁଛୁ ? ଭଲ କରି ଦେଖନ୍ତୁ ଏ ଇତିହାସର କେନ୍ଦ୍ରରେ ଅଛି ଆଫ୍ରିକା: ଆଫ୍ରିକାର ଭୂମିକାକୁ 'କଳା' ଅତୀତ କରିଦେଇ ପିଢ଼ି ପରେ ପିଢ଼ି ୟୁରୋପୀୟଙ୍କୁ 'ଗୋରା' ଆଧୁନିକତାର ମୂଳଦୁଆ ବିଷୟରେ ଗହୀର ଭାବେ ଭ୍ରାନ୍ତଧାରଣା ଯୋଗାଇଛି।

ଆମକୁ ସ୍କୁଲରେ ପଢ଼ାଯାଇଛି, ''ଏସିଆକୁ ଖୋଜିବା'' ପାଇଁ ଏ ସବୁ ନୌଯାତ୍ରା ହୋଇଥିଲା। ତାହା ସତ ନୁହେଁ। ଇତିହାସ ଦେଖାଏ ଯେ ଆଫ୍ରିକାକୁ 'ଅନ୍ଧକାର' ମହାଦେଶ କହୁଥିଲେ ବି ଆଫ୍ରିକା ବହୁତ ଧନୀ ବୋଲି ସେମାନେ ଜାଣିଥିଲେ, ସେ ଭୂଖଣ୍ଡର ଅଭ୍ୟନ୍ତରରେ ଥିବା କଳାଲୋକଙ୍କ ପାଖରେ ପ୍ରଚୁର ଧନ ଅଛି ବୋଲି ସେମାନଙ୍କ ସହ ବାଣିଜ୍ୟିକ ସମ୍ପର୍କ ରଖିବାକୁ ଚାହୁଁଥିଲେ। ଲାଇବେରିଆର ନାବିକମାନେ ସାମୁଦ୍ରିକ ଯାତ୍ରାରେ ପ୍ରସିଦ୍ଧିଲାଭ କରିଥିଲେ, ସେମାନ ପଶ୍ଚିମ ଆଫ୍ରିକାର ଉପକୂଳ-ମାର୍ଗ ଦେଖାଇଥିଲେ। ଆଫ୍ରିକାରେ ହିଁ ୟୁରୋପୀୟମାନେ ସମୁଦ୍ର ଯାତ୍ରା କୌଶଳ ଓ ନୌଯାତ୍ରା ପଥର ମାନଚିତ୍ର ତିଆରି କଳାରେ ନିପୁଣତା ହାସଲ କରିଥିଲେ। ସେଇଠି ସ୍ପେନ୍ ଓ ପର୍ତ୍ତୁଗାଲ୍‌ର ନାବିକମାନେ ଜାହାଜ ନିର୍ମାଣର କୌଶଳ ଶିଖିଥିଲେ। ସେଇଠି କଲମ୍ବସ୍ ଆଟଲାଣ୍ଟିକ୍ ମହାସାଗର ଉପରର ବାୟୁପ୍ରବାହ ଓ ତାହାର ସାମୁଦ୍ରିକ ସ୍ରୋତର ଦିଗ ଉପରେ ଜ୍ଞାନ ଆହରଣ କରିଥିଲେ, ଫଳରେ ପରିଶେଷରେ ସେ ସାଗରର ପଶ୍ଚିମ ଉପକୂଳ ସମ୍ପର୍କରେ ଜ୍ଞାନ ଓ ସାହସ ପାଇଗଲେ ଏବଂ ସେଠାରୁ ଘରକୁ ଫେରି ଆସିବାର ମାର୍ଗ ମଧ୍ୟ ପାଇଗଲେ। ଏ ଜ୍ଞାନ ତାଙ୍କ ପୂର୍ବରୁ କେହି ୟୁରୋପୀୟ ପାଇ ନ ଥିଲେ। ଏସବୁର ପ୍ରମାଣ ହେଉଛି ଘାନାର ଏଲ୍‌ମିନାଠାରେ ୧୫ଶ ଶତାବ୍ଦୀରେ ତିଆରି ହୋଇଥିବା ଦୁର୍ଗ। କ୍ରୀତଦାସ ବ୍ୟବସାୟ ଓ ସୁନା କାରବାର କରୁଥିବା ୟୁରୋପୀୟମାନେ ଏହାର ନିର୍ମାଣ କରିଥିଲେ, ଏହା ହୋଇଯାଇଥିଲା ପ୍ରଥମ ବୃହତ୍‌କାୟ ସୁରକ୍ଷିତ ସାଗରପାରି ସୈନ୍ୟଫାଣ୍ଡି। ଜେନୋଆରୁ 'ଇଟାଲୀ'ବାସୀ କଲମ୍ବସ୍ 'ସ୍ପେନ୍' ତରଫରୁ ନୌଯାତ୍ରା ଆରମ୍ଭ କଲା ବେଳେ ଏହି ଦୁର୍ଗକୁ ପ୍ରଥମ ଗନ୍ତବ୍ୟ ସ୍ଥଳ ଧରିଥିଲେ। ଗ୍ରୀଷ୍ମମଣ୍ଡଳରେ ଅବସ୍ଥିତ ସେ ଅଞ୍ଚଳର ନାଁ ଦିଆହୋଇଥିଲା 'ଗୋଲ୍ଡ କୋଷ୍ଟ', ଏବେ ଘାନା। ୧୫ଶ ଶତାବ୍ଦୀର ମଧ୍ୟଭାଗରେ ୟୁରୋପୀୟ ଅଭିଯାତ୍ରୀମାନଙ୍କ ପଶ୍ଚିମ ଆଫ୍ରିକାକୁ ଯିବାର ଉଦ୍ଦେଶ୍ୟ ଥିଲା ସୁନା ଖୋଜିବା। ପର୍ତ୍ତୁଗୀଜମାନେ ୧୪୭୧ ବେଳକୁ ଘାନାରେ ସୁନା ବାଣିଜ୍ୟ କାରବାର କରୁଥିଲେ, ୧୪୮୨ବେଳକୁ ସୁରକ୍ଷା ପାଇଁ ଦୁର୍ଗ ତିଆରି କରିଥିଲେ। ସୁନା ବାଣିଜ୍ୟର ଲାଭରେ ଭାସ୍କୋଡାଗାମାଙ୍କ ଏସିଆ ଆବିଷ୍କାରର ଯାତ୍ରା ବ୍ୟୟ ଭରଣା କରାଯାଇଥିଲା। ଲିସ୍‌ବନ୍ ଏକ ଛୋଟ ରାଜ୍ୟର ରାଜଧାନୀ ହେଲେ ବି ସୁନାର ପ୍ରଭୂତ ଯୋଗାଣ ଲିସ୍‌ବନ୍‌କୁ ୟୁରୋପରେ ବଳଶାଳୀ କରିଦେଲା, ଛୋଟିଆ ପର୍ତ୍ତୁଗାଲ୍ ଦେଶ ବିଶ୍ୱ ଇତିହାସର ମାର୍ଗକୁ ବଦଳାଇଦେଲା।

ଏଲ୍‌ମିନା ଦୁର୍ଗକୁ ଭଲଭାବେ ଜାଣିଥିବା ଆଉ ଜଣେ ପର୍ତ୍ତୁଗୀଜ ଅଭିଯାତ୍ରୀ (ଏକ୍ସପ୍ଲୋରର) ବାର୍ତ୍ତୋଲୋମିୟୁ ଡାୟାସ୍ ୧୪୮୮ରେ ଆଫ୍ରିକାର ଉତ୍ତମାଶା ଅନ୍ତରୀପ କୂଳେ କୂଳେ ଘୂରି ଯେଉଁ ମହାସାଗରକୁ ନୂଆ ସମୁଦ୍ରପଥ ଅଛି ବୋଲି ପ୍ରମାଣ କଲେ ତାହା ପରେ ଭାରତ ମହାସାଗର ବୋଲି ଜଣାଗଲା। ତାହା ସତ୍ତ୍ୱେ ପ୍ରାୟ ଗୋଟିଏ ଦଶନ୍ଧି ଯାଏ ଏସିଆକୁ କୌଣସି ସମୁଦ୍ରଯାତ୍ରାର ଚେଷ୍ଟା କରାଗଲା ନାହିଁ କି ପରବର୍ତ୍ତୀ ୩ ଦଶନ୍ଧି ପର୍ଯ୍ୟନ୍ତ ଏସିଆ ଆବିଷ୍କାର କଥା କୁହାଗଲା ନାହିଁ। ୧୪୭୧ରେ ଏଲ୍‌ମିନାରେ ପର୍ତ୍ତୁଗୀଜମାନଙ୍କ ଦୁର୍ଗ ନିର୍ମାଣଠାରୁ ୧୪୯୮ରେ ଭାରତର କାଲିକଟ୍ (ଏବେ ତାହା କୋଝିକୋଡ୍)ରେ ଭାସ୍କୋଡା ଗାମାଙ୍କ ଅବତରଣ ଯାଏ। ଗାମାଙ୍କ ପହଞ୍ଚିବା ପରେ ପୁଣି ଇତିହାସ ପୃଷ୍ଠା ଲେଖାଗଲା। ଯେଉଁମାନେ ଇତିହାସ ପଢ଼ାନ୍ତି ସେମାନେ ଏହି ପ୍ରାୟ ୩୦ ବର୍ଷ -୧୪୭୧ରୁ ୧୪୯୮ ଯାଏ କାହାଣୀ ଉପରେ ନିରବ ରହନ୍ତି।

ଏହି ମୁହୂର୍ତ୍ତରୁ ଏବେ ଯାହାକୁ ସବ୍-ସାହାରାନ୍ ଆଫ୍ରିକା କୁହାଯାଉଛି ତାହା ସହିତ ୟୁରୋପର ସବୁଦିନିଆ ଗାଢ଼ ସମ୍ପର୍କ ଆସିଗଲା ଏବଂ ଆଧୁନିକ ଯୁଗର ମୂଳଦୁଆ ପଡ଼ିଲା। କିନ୍ତୁ ୟୁରୋପୀୟମାନେ ଶୋଷଣ କରିବା ଓ ଅମାନବିକ ଆଚରଣ ଦେଖାଇଥିବା ଘଟଣାମାନ ଇତିହାସ ପୃଷ୍ଠାରେ ଭରିହୋଇଯିବ ବୋଲି ଇତିହାସ ଲେଖାର ଧାରା ବଦଳିବ ଆଶା କରାଯାଇ ନ ପାରେ!

ଏହି ତିନି ଦଶନ୍ଧିକୁ ଉହ୍ୟ ରଖାଯାଇଥିବା ଉଦାହରଣ ଦେବାର କାରଣ ଆଧୁନିକ ଇତିହାସରୁ ଆଫ୍ରିକୀୟ ଓ ଆଫ୍ରିକୀୟମାନଙ୍କ ଦାୟାଦମାନଙ୍କୁ ଓ ସେମାନଙ୍କ ଅବଦାନକୁ ଅଣଦେଖା କରିବା, ନ୍ୟୂନ କରିବା ଓ ଲୁଚାଇଦେବା: ଯେଉଁ ଅପଚେଷ୍ଟା ଶତାବ୍ଦୀ ଶତାବ୍ଦୀ ଧରି ଚାଲି ଆସିଛି। ଏ ମୌଳିକ ଘଟଣାଗୁଡ଼ିକ ଯେ ୟୁରୋପୀୟ ଐତିହାସିକମାନେ ଜାଣିନାହାନ୍ତି ତାହା ନୁହେଁ, କଥା ହେଉଛି ଆଫ୍ରିକୀୟ କଳାଲୋକଙ୍କଠାରୁ ୟୁରୋପୀୟ ଗୋରାଲୋକେ ଆଧୁନିକତା ଶିଖିଲେ ତାହା ବଖାଣିବାକୁ ୟୁରୋପୀୟମାନଙ୍କୁ ଲାଜ ଲାଗୁଛି। ଯେମିତି ଯିଶୁ ଖ୍ରୀଷ୍ଟଙ୍କୁ ଅଣ-ଶ୍ୱେତାଙ୍ଗ କହିବାକୁ ସେମାନେ କୁଣ୍ଠିତ!

୧୫ଶ ଶତାବ୍ଦୀରୁ ଆରମ୍ଭ କରି ଆଫ୍ରିକୀୟ ଓ ୟୁରୋପୀୟମାନଙ୍କ ଭିତରେ ସଂଘର୍ଷ ହିଁ ଆଟଲାଣ୍ଟିକ୍‌ମୁହାଁ ୟୁରୋପୀୟମାନଙ୍କୁ ମହାନ୍ ସଭ୍ୟତାକେନ୍ଦ୍ର ହୋଇଯାଇଥିବା ଏସିଆ ଓ ଇସ୍‌ଲାମିକ୍ ବିଶ୍ୱ ଆଡ଼କୁ ଟାଣିନେଲା। ୟୁରୋପର ଉତ୍ଥାନ କୌଣସି ଅନ୍ତର୍ନିହିତ ବା ସ୍ଥାୟୀ ଗୁଣ ଉପରେ ପର୍ଯ୍ୟବସିତ ନୁହେଁ, କି ସେମାନଙ୍କ ଶ୍ରେଷ୍ଠତ୍ୱ ଆପେ ଆପେ ଆସିନାହିଁ, ଅଳ୍ପ କାଳ ନୁହେଁ ୧୫ଶ ଶତାବ୍ଦୀ ମଧ୍ୟଭାଗରୁ ୧୯ଶ ଶତାବ୍ଦୀ ଶେଷ ପର୍ଯ୍ୟନ୍ତ ଆଫ୍ରିକା ଓ ଆଫ୍ରିକାର ମୂଳ ଅଧିବାସୀମାନେ ୟୁରୋପୀୟମାନଙ୍କ ଆଧୁନିକତା ବୃଦ୍ଧି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି, ସେମାନଙ୍କ ଅବଦାନ ଭୁଲିଗଲେ କେବଳ ୟୁରୋପୀୟମାନେ ଯେ ୧୫ଶ ଶତାବ୍ଦୀର ଗରିବୀ ଓ ସଭ୍ୟତାରେ ଏବେ ବି ଥାଆନ୍ତେ, ଆମେରିକା ମଧ୍ୟକ ଆବିଷ୍କୃତ ହୋଇ ନ ଥାନ୍ତା, ଅତ୍ୟଧିକ ବିକଶିତ ହେବା ତ ଦୂରର କଥା! ଆଫ୍ରିକା ସହିତ ଅର୍ଥନୈତିକ ଓ ରାଜନୈତିକ ସମ୍ପର୍କ ଉପରେ ୟୁରୋପର ଶ୍ରେଷ୍ଠତା ପର୍ଯ୍ୟବସିତ – ଏକଥା ଐତିହାସିକମାନେ ଭୁଲିଯାଉଛନ୍ତି। ଆଉ ଭୁଲିଯାଉଛନ୍ତି ଶହ ଶହ ବର୍ଷ ଧରି ଆଟଲାଣ୍ଟିକ୍ ପରପାରିରେ ନିୟୁ ୱାର୍ଲ୍ଡରେ (ମାନେ ଆମେରିକାରେ) ଆଖୁ, ଧୂଆଁପତ୍ର, କପା ଓ ଅନ୍ୟ କଞ୍ଚାପଇସା ମିଳୁଥିବା ଫସଲର ପ୍ଲାଣ୍ଟେଶନ୍‌ରେ, (କାଶ୍ କ୍ରପ୍‌ରେ) କିଣାଚାକର ଭାବେ କାମ କରିଥିବା ବିପୁଳ ସଂଖ୍ୟାର ଆଫ୍ରିକୀୟମାନଙ୍କୁ।

sahadevas@yahoo.com

# ପ୍ରଦୂଷଣ: ଦିନରେ ରାତି

ସୁସ୍ଥ ଜୀବନ ପାଇଁ ପ୍ରଦୂଷଣମୁକ୍ତ ପରିବେଶ ଅପରିହାର୍ଯ୍ୟ। ହେଲେ ତାହା ଏବେ ଉପଲବ୍ଧ ହେଉ ନ ଥିବା ଦିଲ୍ଲୀ ସହରର ବାୟୁ ପ୍ରଦୂଷଣରୁ ସ୍ପଷ୍ଟ ହୋଇଛି। ବର୍ତ୍ତମାନ ଦିଲ୍ଲୀ ସହରର ଲୋକେ ସବୁଠୁ ଖରାପ ବାୟୁ ଗ୍ରହଣ କରୁଛନ୍ତି। ସୁପ୍ରିମକୋର୍ଟ ପ୍ରଦୂଷଣ ରୋକିବାରେ ଦିଲ୍ଲୀ ସରକାରଙ୍କ ଅକ୍ଷମତାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ପରେ କେନ୍ଦ୍ର ସରକାର ଦିଲ୍ଲୀ, ପଞ୍ଜାବ, ହରିୟାଣା ଓ ଉତ୍ତରପ୍ରଦେଶକୁ ନେଇ ଜରୁରୀ ବୈଠକ ଡାକିଛନ୍ତି । ପ୍ରଦୂଷଣର ପ୍ରତିକାର ସମ୍ପର୍କରେ ନିଷ୍ପତ୍ତି ନେଇ ଗଠିତ ହେବାକୁ ଥିବା କମିଟି ନିକଟରେ ଜଣାଇବାକୁ ପ୍ରଧାନ ବିଚାରପତି ଏମ.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଦରକାର ପଡ଼ିଲେ ପ୍ରଦୂଷଣ ମୁକାବିଲା ଲାଗି ସମଗ୍ର ଦିଲ୍ଲୀ ସହର ଲକ୍‌ଡାଉନ ପାଇଁ ପ୍ରସ୍ତୁତ ବୋଲି ଦିଲ୍ଲୀ ସରକାର କୋର୍ଟକୁ ଜଣାଇଛନ୍ତି। ଏଥିରୁ ପ୍ରଦୂଷଣର ଗମ୍ଭୀରତା ଜଣାପଡ଼ିଛି। ମନେ ରଖିବାକୁ ହେବ ଯେ, ଦିଲ୍ଲୀ ସରକାରଙ୍କ କ୍ଷମତା ଅତ୍ୟନ୍ତ ସଙ୍କୁଚିତ। ଏପରିକି ଦିଲ୍ଲୀ ପୋଲିସ ମଧ୍ୟ ଦିଲ୍ଲୀ ସରକାରଙ୍କ ନିୟନ୍ତ୍ରଣାଧୀନ ନୁହେଁ। ସେଥିପାଇଁ ଦେଶର ରାଜଧାନୀର ପ୍ରଦୂଷଣ ନିୟନ୍ତ୍ରଣ ଦାୟିତ୍ୱ ସମ୍ପୂର୍ଣ୍ଣ କେନ୍ଦ୍ର ସରକାରଙ୍କ ଉପରେ ରହୁଛି। କେନ୍ଦ୍ର ନିଜଆଡ଼ୁ ଦୋଷ ଖସାଇ ଖୁଣ୍ଟା ପୋଡ଼ିକୁ ଦାୟୀ କରୁଛନ୍ତି। ହେଲେ ସୁପ୍ରିମକୋର୍ଟ ତାହାକୁ ଅସ୍ୱୀକାର କରିବା ସହ ଖୁଣ୍ଟା ପୋଡ଼ି ଏହି ସମସ୍ୟାର ଏକ ଅଂଶ ହୋଇପାରେ, କିନ୍ତୁ ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ ନୁହେଁ ବୋଲି କହିଛନ୍ତି। କୃଷକଙ୍କ ଦୋଷ ଦେଇ ଖସିଯିବାକୁ ଯେତେ ଚେଷ୍ଟା କଲେ ମଧ୍ୟ ଶେଷରେ କୋର୍ଟ ପ୍ରଦୂଷଣ ପାଇଁ ନିର୍ମାଣ, ଶିଳ୍ପ, ଗାଡ଼ି ମୁଖ୍ୟତଃ ଦାୟୀ ବୋଲି ଜଣାଇଛନ୍ତି। କମ୍ୟୁନିଟି ପ୍ଲାଟ୍‌ଫର୍ମ ଲୋକାଲ ସର୍କଲର ସର୍ଭେରୁ ଜଣାପଡ଼ିଛି ଯେ, ଦିଲ୍ଲୀ-ଏନସିଆର୍‌ର ୮୦ ପ୍ରତିଶତ ପରିବାରରେ ଅତିକମ୍‌ରେ ଜଣେ ସଦସ୍ୟ ବାୟୁ ପଦୂଷଣଜନିତ ରୋଗରେ ପୀଡ଼ିତ।

କେବଳ ଦିଲ୍ଲୀ ନୁହେଁ, ବିଶ୍ୱର ସବୁଠୁ ବେଶି ପ୍ରଦୂଷିତ ୩୦ ସହର ମଧ୍ୟରେ ଭାରତର ୨୨ଟି ରହିଛି। ଆମେ କିଭଳି ଭୟଙ୍କର ପ୍ରଦୂଷଣ ବଳୟକୁ ଠେଲି ହୋଇଯାଉଛେ ତାହା ଏଥିରୁ ଅନୁମେୟ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ) ଅନୁଯାୟୀ, ବାୟୁ ପ୍ରଦୂଷଣ ଯୋଗୁ ଭାରତରେ ପ୍ରତିବର୍ଷ ପାଖାପାଖି ୨୦ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟୁଛି। ହାର୍ଭାର୍ଡ ୟୁନିଭର୍ସିଟି ଗବେଷଣାରୁ ମଧ୍ୟ ଜଣାପଡ଼ିଛି, ଚାଇନା ଓ ଭାରତରେ ଜୀବାଶ୍ମ ଇନ୍ଧନ ଉପଯୋଗଜନିତ ପ୍ରଦୂଷଣ ହେତୁ ସର୍ବାଧିକ ଲୋକଙ୍କର ମୃତ୍ୟୁ ଘଟୁଛି। ବାୟୁ ପ୍ରଦୂଷଣ ବିଶ୍ୱର ୫ମ ବୃହତ୍ ଘାତକ ହୋଇଥିବାବେଳେ ଭାରତରେ ମୋଟ୍ ମୃତ୍ୟୁର ୧୮% ଏହା ଯୋଗୁ ହେଉଛି। ଏହା ରୋକିବା ଲାଗି ୨୦୧୯ରେ ନ୍ୟାଶ୍‌ନାଲ କ୍ଲିନ୍ ଏୟାର ପ୍ରୋଗ୍ରାମ (ଏନ୍‌ସିଏପି) ଆରମ୍ଭ କରାଯାଇଥିଲେ ମଧ୍ୟ ସେଭଳି ଅଗ୍ରଗତି ହୋଇପାରିନାହିଁ। ଏଥିପାଇଁ ବ୍ୟୟବରାଦ ହୋଇଥିବା ୪,୪୦୦ କୋଟି ଟଙ୍କା କେଉଁଠି ଖର୍ଚ୍ଚ ହେଲା ତାହା ଜାଣିବା କଷ୍ଟକର। ଏଥିରେ ୨୦୨୪ ସୁଦ୍ଧା ବାୟୁ ପ୍ରଦୂଷଣ କଣିକା ୨୦ରୁ ୩୦% କମ୍ କରିବା ଲାଗି ଯେଉଁ ଲକ୍ଷ୍ୟ ରଖାଯାଇଥିଲା ତାହା ଏବେ ମରୀଚିକା ଭଳି ଲାଗୁଛି। ବିଶ୍ୱରେ ଅଧିକ ସଂଖ୍ୟକ ପ୍ରଦୂଷିତ ସହର ଭାରତରେ ଥାଇ ୨୦୭୦ ସୁଦ୍ଧା ଆମେ ନେଟ୍ ଜିରୋ ବା ଶୂନ କାର୍ବନ ନିର୍ଗମନ ହାସଲ କରିବାକୁ ସଦ୍ୟ ସମାପ୍ତ ଗ୍ଲାସ୍‌ଗୋ ଜଳବାୟୁ ସମ୍ମିଳନୀ (କପ୍୨୬)ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯାହା କହିଛନ୍ତି, ସେହି ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ ହେଉଥିବା ଭଳି ମନେ ହେଉନାହିଁ।



# କନ୍ୟାରତ୍ନଙ୍କ ଭାଗ୍ୟ

ନଗେନ୍ଦ୍ରନାଥ ପଟ୍ଟନାୟକ

ଚାକଚକ୍ୟଭରା ଇ-ଯୁଗରେ ଆମେ ଏବେ ପାଶ୍ଚାତ୍ୟ ବା ବିଦେଶୀ ସଂସ୍କୃତିକୁ ଆପଣାଇ ନେଇଛେ। ନିଜର ପରିପୁଷ୍ଟ ସଂସ୍କାର ଓ ଗୌରବମୟ ସଂସ୍କୃତିକୁ ପଛକୁ ଠେଲି ଅତଳ,ଅଥଳ ଗର୍ତ୍ତରେ ପ୍ରବେଶ କରିବାକୁ ସମ୍ପୂର୍ଣ୍ଣ ଭାବେ ତୟାର ହୋଇ ବସିଛେ। ଏହି ଗର୍ତ୍ତ ଏତେ ଗଭୀର ଯେ, ତହିଁରୁ ଉବୁକିବା ଏକପ୍ରକାର ଅସମ୍ଭବ, କାଠିକର ପାଠ। ଏକଥା ଆମକୁ ବେଶ୍ ଭଲ ଭାବରେ ଜଣା ଯେ,ଯେଉଁ ମା'ଙ୍କୁ ଆମେ ଆଦ୍ୟଗୁରୁ ବୋଲି ବିବେଚନାକରୁ ତା'ର ସର୍ବପ୍ରଥମ ତଥା ପ୍ରଧାନ ଦାୟ ହେଲା, ପିଲାଙ୍କୁ ସଂସ୍କାର ଦେବା। କେବଳ ମା' ହିଁ ପିଲାକୁ ତା'ର ଉଚିତ ଜୀବନପଥରେ ଆଗେଇନେବାରେ ବିଶେଷ ସହାୟ ହୋଇପାରିବ । ସେହିପରି ବାପାଙ୍କ ପରମ କର୍ତ୍ତବ୍ୟ,ସେ ପିଲାଙ୍କୁ ଏମିତି ସଂସ୍କାର ଦେବେ ଯଦ୍ୱାରା ପିଲାଟି କେବେ ବି ପ୍ରମାଦ ଗଣିବ ନାହିଁ। ଏମିତିକି ସେ ପଥଭ୍ରଷ୍ଟ ହୋଇ ଭୁଲ୍ ବିଚାର କରିବ ନାହିଁ କି ଖରାପ କାମରେ ହାତ ଦେବନାହିଁ। ଜୀବନର ପ୍ରତିଟି କ୍ଷେତ୍ରରେ ଧର୍ମ ଓ ସଂସ୍କାରର ଶିକ୍ଷା ଅପରିହାର୍ଯ୍ୟ। କାରଣ ପିଲାଙ୍କୁ ଏହା ଏକ ଉଜ୍ଜ୍ୱଳ ଭବିଷ୍ୟତ ଦେବା ଲାଗି ଅନୁପ୍ରେରିତ କରାଏ। ଏଥିସହିତ ଉତ୍ତମ ନାଗରିକ ରୂପେ ଗଢ଼ିତୋଳେ ମଧ୍ୟ। ସୁତରାଂ ଧର୍ମ ଆମକୁ ସଂସ୍କାର ଓ ନୈତିକ ଶିକ୍ଷା ପ୍ରଦାନ କରିଥାଏ। ଅବଶ୍ୟ ପ୍ରତି ଜାଗାରେ ପୋଲିସ ମୁତୟନ କରାଇ ସମାଜରେ ଅପରାଧ ରୋକିବାଟା ଏକପ୍ରକାର ଦୁରୂହ ବ୍ୟାପାର। ପୁନଶ୍ଚ ଆମର ଧର୍ମନିରପେକ୍ଷ ରାଷ୍ଟ୍ରରେ ପ୍ରତ୍ୟେକ ଧର୍ମଗୁରୁ ଓ ଧର୍ମାନୁଷ୍ଠାନକୁ ମହତ୍ତ୍ୱ ଦେବା ସରକାରଙ୍କ ପ୍ରମୁଖ ଉଦ୍ଦେଶ୍ୟ। କାରଣ ସରକାରଙ୍କ ବଦ୍ଧମୂଳ ଧାରଣା ଯେଉଁଠି ପୋଲିସର ଭୟ ନାହିଁ ସେଠି ତ ଭଗବାନ୍‌ଙ୍କ ଡର ଥିବ ନିଶ୍ଚୟ। ଅଧିକନ୍ତୁ ସବୁଜାଗାରେ ପୋଲିସ ମୁତୟନ କରେଇବା ସମ୍ଭବପର ନୁହେଁ।

ଆମ ଦେଶରେ ପ୍ରଚଳିତ ପର୍ବପର୍ବାଣି, ଉତ୍ସବ ମହୋତ୍ସବ ଓ ଯାନିଯାତ୍ରା ଆମର ସାମାଜିକ ସମ୍ପର୍କକୁ ମଜଭୁତ କରେ। ଖାଲି ସଶକ୍ତ କରେନି, ସମ୍ମାନ ଦେବା ମଧ୍ୟ ଶିଖାଏ । ସେହିଭଳି ବ୍ରତର ପୌରାଣିକ ଆଖ୍ୟାନ ଆମ ପାଇଁ ବେଶ୍ ପ୍ରେରଣାଦାୟକ। କିନ୍ତୁ ବିଡ଼ମ୍ବନାର ବିଷୟ ପର୍ବ,ଉତ୍ସବ,ବ୍ରତ କ୍ରମଶଃ ବିଲୁପ୍ତ ପଥରେ। ବିଧାତାଙ୍କ ସର୍ବଶ୍ରେଷ୍ଠ ସୃଷ୍ଟି ମଣିଷ ଏବେ ପଶୁ ପାଲଟିଯିବାକୁ ବସିଲାଣି। ଏମିତିରେ ଦେଖିଲେ, ସୋସିଆଲ ମିଡିଆ ବା ସାମାଜିକ ଗଣମାଧ୍ୟମ ମନୁଷ୍ୟକୁ ନଗ୍ନତା ପ୍ରଦର୍ଶନ କରାଏ ଏଣେ ଛୋଟଛୋଟ ପିଲାଙ୍କ ହାତମୁଠାରେ ସ୍ମାର୍ଟଫୋନ୍। ଆଙ୍ଗୁଠି ଟିପ କାମୋଦ୍ଦୀପକ ଯୌନଚିତ୍ର ବଟମ ଉପରେ। ଚାହିଁଲେ ସରକାର ରୋକ ଲଗାଇପାରିବେ ନାହିଁ। ବରଂ ଏହାକୁ ଯୌନ ଭାରସାମ୍ୟ ତଥା ଚତୁର୍ଥ ଭାଷା ରୂପେ ଅବତାରଣା କରାଯାଉଛି। ତଥାପି ଦେଶରେ କନ୍ୟାରତ୍ନ ବଳାତ୍କାର ଓ ଦୁଷ୍କର୍ମ ଭଳି ଅଭାବିତ ଘଟଣା ଉପରମୁହାଁ ହେବାରେ ଲାଗିଛି। ଏଭଳି ଅଭାବନୀୟ ଘଟଣାର ଉପରାନ୍ତେ ମହମବତି ପ୍ରଜ୍ଜ୍ୱଳନ କରି ରାଜରାସ୍ତାରେ ଶୋଭାଯାତ୍ରାରେ ବାହାରିଯିବା କେତେଦୂର ଯଥାର୍ଥ ତାହା ସହଜରେ ଅନୁମେୟ। ତେବେ ସରକାରଙ୍କ ଆଡ଼ୁ କ୍ଷତିପୂରଣ ବାବଦରେ କେଉଁ ପୀଡ଼ିତା ପରିବାରକୁ ୧୦ଲକ୍ଷ ତ ଆଉ କୋଉ ପରିବାରକୁ ୫୦ହଜାର ଅଥବା ୨୫ ହଜାର ଲେଖାଏ ଅର୍ଥରାଶି ପ୍ରଦାନ କରାଯାଉଛି। ଉଚ୍ଚଶିକ୍ଷିତ, ଆଭିଜାତ୍ୟ ସମ୍ପନ୍ନ ସମ୍ଭ୍ରାନ୍ତ ପରିବାରର ପିଲାଏ ବି ହାତଛଡ଼ା ହୋଇଯାଉଛନ୍ତି । ଓଲଟି ମୁହଁତୋଡ଼ ଜବାବ ଦେବାକୁ ପଛାଉ ନାହାନ୍ତି। ଅଥଚ ଅପାଠୁଆ ଅଧାପାଠୁଆ ଗରିବ ପିଲାଏ ଏବେ ମଧ୍ୟ ବେକାର। କାମଧନ୍ଦା ହାତରେ ନାହିଁ। ଦାନାମୁଠେ ପାଇଁ ସେମାନଙ୍କ କରୁଣ ଚିତ୍କାର ଶୁଣିଛି ବା କିଏ ? ସହରର ଗଳିକନ୍ଦିରେ ହେଉ ଅବା ପ୍ରଶସ୍ତ ସଡ଼କରେ,ଦିନ ଦ୍ୱିପ୍ରହରରେ ବାରବୁଲା ଯୁବକମାନଙ୍କୁ ବେଧଡ଼କ ବେଫିକର ହୋଇ ଏଣେତେଣେ ବୁଲୁଥିବାର ଆମେ ଦେଖୁଛେ। ଅଥଚ ସେମାନଙ୍କୁ ଥଇଥାନ କରିବା ପାଇଁ କୌଣସି ନିର୍ଦ୍ଧାରିତ କାର୍ଯ୍ୟକ୍ରମ ନାହିଁ। ସରକାରୀ କାର୍ଯ୍ୟକ୍ରମ କେବଳ ଧର୍ମକୁ ଆଖିଠାର ଭଳି ଏକ ଲୋକଦେଖାଣିଆ ପ୍ରଦର୍ଶନ। ଯଦିଓ ଏ ଦିଗରେ ସରକାରଙ୍କ କୌଣସି ନିର୍ଦ୍ଧାରିତ କାର୍ଯ୍ୟକ୍ରମ ରହିଛି ତାହା ତୃଣମୂଳ ସ୍ତର ପାଇଁ ଅପହଞ୍ଚ।

ସମାଜ ଏବେ ଅଦ୍ଭୁତ ପ୍ରକାର ଭୟର କବଳିତ। ପ୍ରଥମେ ଲୋକମାନେ କେବଳ ପୁତ୍ରସନ୍ତାନ ଚାହୁଁଥିଲେ, ବର୍ତ୍ତମାନ ଯୁଗରେ କନ୍ୟାରତ୍ନ କୋଳମଣ୍ଡନ କଲେ ବାପାମାଆ ଖୁସିରେ ବିଭୋର ହୋଇଉଠନ୍ତି। ନିଜକୁ ବେଶ୍ ଭାଗ୍ୟବାନ୍ ମଣନ୍ତି। ଅଧିକାଂଶ ଲୋକ କହନ୍ତି -ବୃଦ୍ଧାବସ୍ଥାରେ କନ୍ୟାରତ୍ନ ମଧ୍ୟ ଆମ ପାଇଁ ବଳିଷ୍ଠ ସାହାରା, ଆମର ଦେଖାରେଖା ଓ ଚଳପ୍ରଚଳର ଆଶାବାଡ଼ି ସଦୃଶ। ତେବେ କନ୍ୟାରତ୍ନଙ୍କ ସୁରକ୍ଷାକୁ ନେଇ ଭୟରେ ଥୋକେ ମାଆବାପା ସଦାବେଳେ ଘାରି ହୋଇଉଠନ୍ତି। ଏଇ ଭୟ ଲୋକଙ୍କ ମନରୁ ଅପସାରିତ ହେବା ନିହାତି ଜରୁରୀ। ଏହାଛଡ଼ା, ଆମ କନ୍ୟାରତ୍ନମାନେ ବେଶ୍ ଜାଗରୁକ ହେବା ବାଞ୍ଛନୀୟ। ଦେଶରେ ସେମାନଙ୍କ ସୁରକ୍ଷା ନିମନ୍ତେ ସରକାରଙ୍କ ଦ୍ୱାରା ପ୍ରଚଳିତ ଆଇନକାନୁନ ବାବଦରେ ସମ୍ୟକ ଧାରଣା ସୃଷ୍ଟି ହେବା ଆବଶ୍ୟକ । ନାରୀ ଅଧିକାର ସମ୍ପର୍କରେ ସଚେତନ ହୋଇ ତାହା ସାବ୍ୟସ୍ତ କରିବା ସଙ୍ଗେ ସଙ୍ଗେ ଅନ୍ୟାୟ, ଅନୀତି, ଅତ୍ୟାଚାର, ଶୋଷଣ ଦୁଷ୍କର୍ମ ବିରୋଧରେ ତୀବ୍ର ସ୍ୱର ଉତ୍ତୋଳନ କରିବା ବୁଦ୍ଧିମତ୍ତାର ପରିଚୟ। କିନ୍ତୁ ଦୁଃଖର ବିଷୟ, ଅଧିକାଂଶ ପ୍ରତାରିତ, ଶୋଷିତ ମହିଳା ନିଜ ପରିବାର ,ସମାଜ ବିରୋଧରେ ସ୍ୱର ଉଠାଉନାହାନ୍ତି। ଯେଉଁ ପୀଡ଼ିତା ମହିଳା ସ୍ୱର ଉଠାଉଛି ସେ ଏକପ୍ରକାର ନ୍ୟାୟରୁ ବଞ୍ଚିତ ହେଉଛନ୍ତି। ଯଦିବା ମିଳୁଛି ତାହା ତା'ପାଇଁ ବିଳମ୍ବିତ ନ୍ୟାୟ। ସମାଜରେ ମହିଳାମାନେ ଅତ୍ୟାଚାରର ଶିକାର ହେଉଥିବା କାରଣଗୁଡ଼ିକୁ ମନୋବିଜ୍ଞାନୀମାନେ ଅନ୍ୱେଷଣ କରି ଠାବକରିବା ଆବଶ୍ୟକ।

**ଜଗମୋହନନଗର,ଜାଗମରା,ଖଣ୍ଡଗିରି**
**ଭୁବନେଶ୍ୱର,ମୋ-୯୪୩୮୩୩୨୧୩୮**

## ଏଇ ଭାରତରେ

ହଜାର ହଜାର ଝିଅଙ୍କୁ ସଶକ୍ତ କରି ସମାଜ ଲାଗି ପ୍ରେରଣା ସାଜିଛନ୍ତି ବିହାର ବୈଶାଳୀ ଜିଲାର ପୁନମ ରାୟ । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ପେଣ୍ଟିଂରେ ଡିଗ୍ରୀ ହାସଲ କରିବା ପରେ ପୁନମ ୧୯୯୫ରେ ବିବାହ କରିଥିଲେ। କନ୍ୟା ସନ୍ତାନର ଜନନୀ ହେବା ପରେ ତାଙ୍କ ପ୍ରତି ନିର୍ଯାତନ ବଢ଼ିଲା ଓ ବାଲକୋନିରୁ ପଡ଼ିଯିବା ଯୋଗୁ ତାଙ୍କ ମେରୁଦଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ଏହାଯୋଗୁ ପକ୍ଷାଘାତରେ ଶିକାର ହେବା ପରେ ପୈତୃକ ଘର ଲେଉଟି ଆସି ୧୫ ବର୍ଷ ଧରି ଚିକିତ୍ସା ପରେ ସୁସ୍ଥ ହୋଇଥିଲେ। ୨୦୧୬ରେ ସେ ଆତ୍ମରକ୍ଷା କୌଶଳ ଶିକ୍ଷା କରିବା ପରେ ବିନ୍ଦେଶ୍ୱର ରାୟ ଫାଉଣ୍ଡେଶନ ଗଠନ କରି ତା'ମାଧ୍ୟମରେ ଝିଅମାନଙ୍କୁ ଆତ୍ମରକ୍ଷା ପାଇଁ ଟାଏକୋଣ୍ଡୋ ଶିକ୍ଷା ଦେଉଛନ୍ତି। ପେଣ୍ଟିଂ ଏକ୍‌ଜିବିଶନ ଆୟୋଜନ କରି ଏଥିପାଇଁ ପାଣ୍ଠି ଯୋଗାଡ଼ କରୁଛନ୍ତି । ସେ ମଧ୍ୟ ପିଲାମାନଙ୍କୁ ପେଣ୍ଟିଂ ଶିକ୍ଷା ଦେଉଛନ୍ତି। ଏବେ ସୁଦ୍ଧା ତାଙ୍କ ସଂସ୍ଥା ୩୦୦୦ରୁ ଅଧିକ ଝିଅ ଟାଏକୋଣ୍ଡୋ ଶିଖି ସାରିଲେଣି। ଅସହାୟ ଝିଅମାନଙ୍କୁ ମାଗଣାରେ ଶିକ୍ଷା ଦେଉଛନ୍ତି। ସେମାନଙ୍କ ମଧ୍ୟରୁ ୨୦ ଜଣ ରାଜ୍ୟ ଓ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ନଭେମ୍ବର ୧୯୯୬

- ଦୁର୍ନୀତି ନିରୋଧ ଅଭିଯାନର ପଦକ୍ଷେପ ସ୍ୱରୂପ ପାକିସ୍ତାନର ବରଖାସ୍ତ ବେନଜୀର ଭୁଟ୍ଟୋ ସରକାରର ୫ ଅଫିସରଙ୍କୁ ଗିରଫ କରାଯାଇଛି।
- ପଶ୍ଚିମବଙ୍ଗର ବର୍ଦ୍ଧମାନ ଜିଲା ଅନ୍ତର୍ଗତ ବାନସ୍କୋରା ଗ୍ରାଣ୍ଟଟ୍ରଙ୍କ୍ ରୋଡ୍‌ଠାରେ ଦୁଇଟି ବେସରକାରୀ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ଲାଗିବା ଫଳରେ ୧୨ ଯାତ୍ରୀ ମୃତ।
- ପାକିସ୍ତାନ କ୍ରିକେଟ ଦଳ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୩୩ଟି ଏକଦିବସୀୟ ଆନ୍ତର୍ଜାତିକ ମ୍ୟାଚ୍ ଖେଳି ଏକ ନୂତନ ରେକର୍ଡ ସୃଷ୍ଟି କରିଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | 4 | | | | 2 | |
| 8 | 2 | | 6 | | | | | 4 |
| | | 4 | | | | 9 | | |
| 3 | | | | 1 | | | | 7 |
| | | 7 | 3 | | 2 | | | |
| | | | | | 4 | | | 9 |
| | | | 5 | | 8 | 3 | | |
| | | 8 | 2 | | | | | 6 |
| 6 | | 3 | | 9 | 1 | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 9 | 8 | 1 | 7 | 3 | 4 | 6 |
| 4 | 6 | 8 | 3 | 2 | 5 | 7 | 1 | 9 |
| 1 | 7 | 3 | 9 | 6 | 4 | 8 | 5 | 2 |
| 9 | 2 | 1 | 5 | 4 | 3 | 6 | 8 | 7 |
| 7 | 8 | 5 | 6 | 9 | 1 | 2 | 3 | 4 |
| 3 | 4 | 6 | 2 | 7 | 8 | 1 | 9 | 5 |
| 5 | 9 | 7 | 1 | 3 | 2 | 4 | 6 | 8 |
| 8 | 1 | 2 | 4 | 5 | 6 | 9 | 7 | 3 |
| 6 | 3 | 4 | 7 | 8 | 9 | 5 | 2 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମହିଳାଙ୍କୁ ସୁରକ୍ଷା ଦିଆଯାଉ

ମହାଶୟ,

ରାଜ୍ୟରେ ମହିଳାମାନଙ୍କ ଜୀବନ ଆଦୌ ସୁରକ୍ଷିତ ରହୁନାହିଁ । ସାମାନ୍ୟ କାରଣରୁ ମୂଲ୍ୟବାନ ଜୀବନ ଦେବାକୁ ପଡୁଛି । ଆଇନ ବ୍ୟବସ୍ଥାରେ ଦଣ୍ଡ କଠୋର କରାଯିବା ସହ ପୁନର୍ବାର ଅଘଟଣ ନ ଘଟିବା ଆବଶ୍ୟକ । ନାବାଳିକାଙ୍କ ପ୍ରତି ମଧ୍ୟ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଉ । ଲୋକମାନେ କାହାକୁ ଖାତିର ନ କରି ଅପରାଧ ରଚୁଛନ୍ତି। ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

**-ରମେଶ ବେହେରା, କିଶନନଗର, କଟକ**

## ଚିରନ୍ତନୀ

କ୍ଷୁଧିତକୁ ଶିଖାଅ ହେ ଭାଗ୍ୟ ତା'ର ନୁହେଁ ଅନାହାର
ଅପର ନେଇଛି କାଢ଼ି ଜନ୍ମଗତ ସର୍ବ ଅଧିକାର।
ବସ୍ତ୍ରହୀନେ ବତାଅ ହେ ନିଜ ହାତେ ନିର୍ମିବାକୁ ବସ୍ତ୍ର
ନିରସ୍ତ୍ରକୁ ଦିଅ ଆଣି ଅଦ୍ଭୁତ ଅହିଂସାର ଅସ୍ତ୍ର।
-(ଜାଗ ଜାଗ ଗାନ୍ଧି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ଟିକସ କମାଇବାକୁ ଲୋକେ ରାଜ୍ୟ ସରକାରଙ୍କୁ କୁହନ୍ତୁ

**ନୂଆଦିଲ୍ଲୀ,୧୬।୧୧:** ପେଟ୍ରୋଲ ଡିଜେଲର ଉଚ୍ଚ ଦରକୁ ନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୋମବାର ଏକ ଖବରଦାତା କାର୍ଯ୍ୟକ୍ରମରେ ମତ ରଖିଛନ୍ତି। ରାଜ୍ୟଗୁଡ଼ିକ ତେଲ ଦର କାହିଁକି କମ୍ କରିନାହାନ୍ତି ବୋଲି ଲୋକେ ସେମାନଙ୍କ ନିର୍ବାଚିତ ସରକାରଙ୍କୁ ପ୍ରଶ୍ନ କରନ୍ତୁ ବୋଲି ସେ କହିଛନ୍ତି। କେନ୍ଦ୍ର ସରକାର ଉତ୍ପାଦ ଟିକସ କମାଇବା ପରେ ରାଜ୍ୟ ମାନେ ମଧ ଉଚିତ ପଦକ୍ଷେପ ଦ୍ୱାରା ଲୋକଙ୍କ ଉପରେ ବୋଝକୁ କମାଇବାକୁ ନିବେଦନ କରାଯାଇଥିଲା। ନିକଟରେ କେନ୍ଦ୍ର ସରକାର ପେଟ୍ରୋଲ ଉପରେ ୫ ଟଙ୍କା ଏବଂ ଡିଜେଲ ଉପରୁ ୧୦ ଟଙ୍କାର ଟିକସ କମାଇଛନ୍ତି। ଅଣ ଏନ୍‌ଡିଏ ଶାସିତ ରାଜ୍ୟଗୁଡିକ ଭାଟ୍ କମାଇବା କ୍ଷେତ୍ରରେ ଏତେଟା ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରିନାହାନ୍ତି। ରାଜସ୍ଥାନ, କେରଳ, ଝାଡଖଣ୍ଡ, ଛତିଶଗଡ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଦିଲ୍ଲୀ ଭଳି ରାଜ୍ୟ ଭ୍ୟାଟରେ କାଟ କରିନାହାନ୍ତି। ଏହାକୁ ଦେଖି ଲୋକେ ଟିକସ କମାଇବାକୁ ରାଜ୍ୟ ସରକାରଙ୍କୁ କୁହନ୍ତୁ ବୋଲି ସୀତାରାମନ କହିଛନ୍ତି। ଟିକସ ଯୋଗୁ ପେଟ୍ରୋଲ ୨ ଗୁଣ ମହଙ୍ଗା ହେଉଛି। ଏପଟେ କେନ୍ଦ୍ର ସରକାର ତେର ଥର ଉତ୍ପାଦ ଟିକସ ବଢାଇ ୪ଥର ହ୍ରାସ କରିଛନ୍ତି।

## ଉଡ଼ାଣ ଭରିବା ଲାଗି ଆକାଶାର ପ୍ରସ୍ତୁତି

**ନୂଆଦିଲ୍ଲୀ,୧୬।୧୧:** ଶେୟାର ବଜାରର ବିଗ୍ ବୁଲ୍ କୁହାଯାଉଥିବା ରାକେଶ ଝୁନଝୁନୱାଲାଙ୍କ ବିମାନ କମ୍ପାନୀ ଆକାଶା ଏୟାର ଉଡ଼ାଣ ଭରିବା ଲାଗି ଆଉପାଦେ ଆଗେଇଛି। ଏହି ଅଲଟ୍ରା ଲୋ କଷ୍ଟ ଏୟାରଲାଇନ ୭୨ଟି ବୋଇଙ୍ଗ ୭୩୭ ମାକ୍ସ ଜେଟ୍ କିଣିବା ଲାଗି ଅର୍ଡର ଦେଇଛି। ଏହି ବିମାନଗୁଡିକର ମୋଟ ମୂଲ୍ୟ ପ୍ରାୟ ୯ ବିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି। ଆକାଶକୁ ଭାରତରେ ନୋ ଅବଜେକଶନ ସାର୍ଟିଫିକେଟ ମିଳିଛି। ଏହା ବର୍ତ୍ତମାନ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ) ନିକଟରେ ପରମିଟ୍ ଲାଗି ଆବେଦନ କରିବ। ଆସନ୍ତା ବର୍ଷ ଗ୍ରୀଷ୍ମ ଋତୁରୁ ବିମାନ କମ୍ପାନୀ ଆରମ୍ଭ ହେବାର ସମ୍ଭାବନା ରହିଛି।

# ଆର୍‌ବିଆଇର କ୍ରିପ୍ଟୋକରେନ୍ସି ଚିନ୍ତା

ନୂଆଦିଲ୍ଲୀ,୧୬।୧୧




■ଆର୍ଥିକ ସ୍ଥିରତା ବିଗିଡ଼ିବା ଆଶଙ୍କା

■ଗଭୀର ବିଚାରବିମର୍ଶ ଜରୁରୀ:ଶକ୍ତିକାନ୍ତ

କ୍ରିପ୍ଟୋକରେନ୍ସି କାରବାରକୁ ଏବେ ସୁଦ୍ଧା ଭାରତରେ ବୈଧ ମାନ୍ୟତା ମିଳିନାହିଁ। ଏହାକୁ ନେଇ ସରକାର ଏବେ ସୁଦ୍ଧା ନିର୍ଯ୍ୟାସରେ ପହଞ୍ଚି ପାରିନାହାନ୍ତି। ଏଭଳି ସ୍ଥିତିରେ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ମତ ସାମ୍ନାକୁ ଆସିଛି। ଏସ୍‌ବିଆଇ କନ୍‌କ୍ଲେଭ ଅବସରରେ ସେ କହିଛନ୍ତି, ଆର୍‌ବିଆଇ କ୍ରିପ୍ଟୋକରେନ୍ସିକୁ ନେଇ ଚିନ୍ତା ପ୍ରକଟ କରିଛି। ଏହା ମାଇକ୍ରୋଇକୋନୋମିକ ଏବଂ ଆର୍ଥିକ ସ୍ଥିରତା ଉପରେ କ୍ଷତି ପହଞ୍ଚାଇବାର ଆଶଙ୍କା ରହିଛି। ଏଭଳି ବିଭିନ୍ନ ଦିଗକୁ ବିଚାରକରି ଏ ଦିଗରେ ଗଭୀର ବିଚାରବିମର୍ଶ ଜରୁରୀ ବୋଲି ଶକ୍ତିକାନ୍ତ ମତ ରଖିଛନ୍ତି।

ଟେରର ଫଣ୍ଡିଂ ଏବଂ ଅନ୍ୟ ଦିଗକୁ ବିଚାରକରି ନଭେମ୍ବର ୨୯ରୁ ଆରମ୍ଭ ହେଉଥିବା ସଂସଦର ଶୀତକାଳୀନ ଅଧିବେଶନରେ କ୍ରିପ୍ଟୋକରେନ୍ସି ସମ୍ପର୍କିତ ବିଧେୟକ ଉପସ୍ଥାପନ କରିପାରନ୍ତି। ବର୍ତ୍ତମାନ କ୍ରିପ୍ଟୋକରେନ୍ସିକୁ ନେଇ ଦେଶ ମଧ୍ୟରେ କୌଣସି ନିୟମ କିମ୍ବା ପ୍ରତିବନ୍ଧକ ଲଗାଇବା ଲାଗି ଏଜେନ୍ସି ନାହିଁ। ଭର୍ଚୁଆଲ କରେନ୍ସିକୁ ନେଇ ଅର୍ଥ ମନ୍ତ୍ରଣାଳୟ, ଆର୍‌ବିଆଇ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୈଠକ କରିଛନ୍ତି।

ଗଭର୍ନର ପୁଣି କହିଛନ୍ତି, କରୋନା ଲକ୍‌ଡାଉନ ହଟିବା ପରେ ଦେଶ ମଧ୍ୟରେ ଅର୍ଥ ବ୍ୟବସ୍ଥାର ବିଭିନ୍ନ କ୍ଷେତ୍ର ସୁଧାର ପଥକୁ ଫେରୁଥିବା ନଜରକୁ ଆସିଛି। ମହାମାରୀ ପରେ ଦ୍ରୁତ ଅଭିବୃଦ୍ଧି ହାସଲ କରିବା ଲାଗି ଭାରତ ନିକଟରେ ଗଭୀର ସମ୍ଭାବନା ରହିଛି। ବ୍ୟାଙ୍କିଙ୍ଗ୍ କ୍ଷେତ୍ର ସଂସ୍କାର ଉପରେ ମତ ରଖି ସେ କହିଛନ୍ତି, ନିବେଶ ପ୍ରକ୍ରିୟାକୁ ନଜରରେ ରଖି ବ୍ୟାଙ୍କଗୁଡ଼ିକ ସେହି ଅନୁସାରେ ପ୍ରସ୍ତୁତ ହେବାକୁ ପଡ଼ିବ। ବ୍ୟାଙ୍କଗୁଡ଼ିକର ପୁଞ୍ଜି ପରିଚାଳନା କାର୍ଯ୍ୟକ୍ରମ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଆର୍‌ବିଆଇ କିଛି ବ୍ୟାଙ୍କର ମଡେଲ ଉପରେ ଅତି ନିକଟରୁ ନଜର ରଖିଛି। ନଗଦର ପୁନଃ ସନ୍ତୁଳନ ଉପରେ ମଧ କେନ୍ଦ୍ରୀୟ ବ୍ୟାଙ୍କ କାମ କରୁଛି। ଷ୍ଟାର୍ଟ ଅପ୍ କ୍ଷେତ୍ରରେ ଭାରତ ଟପ୍ ପରଫରମର ଭାବେ ଉଭା ହୋଇଛି। ଅପରପକ୍ଷରେ ବିଶ୍ୱବଜାରରେ ସୁଧାର ସହିତ ରପ୍ତାନିରେ ଉନ୍ନତି ଆସିବ ବୋଲି ସେ ଆଶା ପ୍ରକଟ କରିଛନ୍ତି।

# ଓଏସ୍‌ଓର ଚତୁର୍ଥ ବାର୍ଷିକ ସମ୍ମିଳନୀ



ଭୁବନେଶ୍ୱର,୧୬।୧୧

କ୍ୟାନସରର ବିଭିନ୍ନ ରୋଗକୁ ନେଇ ଲୋକମାନେ ଭୟଭୀତ ଅଛନ୍ତି। ରୋଗର ନିଦାନ ଲାଗି ଚିକିତ୍ସା ବିଜ୍ଞାନୀ ଓ ଚିକିତ୍ସକମାନେ ମଧ ଅଧିକରୁ ଅଧିକ ଚିକିତ୍ସା ସମ୍ପର୍କୀତ ଅଧ୍ୟୟନ କରୁଛନ୍ତି ବୋଲି ନିକଟରେ ଆୟୋଜିତ ଓଡିଶା ସୋସାଇଟି ଅଫ୍ ଅଙ୍କୋଲୋଜି (ଓଏସଓ)ର ବାର୍ଷିକ ସମ୍ମିଳନୀ ଅବସରରେ ଅତିଥିମାନେ ମତବ୍ୟକ୍ତ କରଛନ୍ତି। ଏହି ଅବସରରେ ପ୍ରଫେସର ଡ. କେ. ଗୋବିନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉକ୍ତ କର୍ମଶାଳାକୁ ଉଦଘାଟନ କରିଥିଲେ। ଚଳିତ ବର୍ଷ କର୍ମଶାଳାର ବିଷୟ ବସ୍ତୁ 'ଆମେ ଜିତିବା' ଶୀର୍ଷିକ ଉପରେ ଆଧାରିତ ଥିଲା। ସମ୍ମାନିତ ଅତିଥି ଭାବେ ଡ. ଅର୍ଣ୍ଣବ ଗୁପ୍ତା, ଓଏସଓର ସଭାପତି ଡ. ପି.କେ ଦାସ, ଓଏସଓର ସଚିବ ଡ. ସଞ୍ଜୀବ କୁମାର ମିଶ୍ର ଏବଂ ପ୍ରଫେସର କେ. ବି ଦାସ ପ୍ରମୁଖ ଯୋଗ ଦେଇଥିଲେ। କର୍ମଶାଳାର ପ୍ରଥମ ପର୍ଯ୍ୟାୟରେ କର୍କଟ ରୋଗ ଉପରେ ଏକ ସିଏମ୍‌ଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଇଣ୍ଡିଆନ ସୋସାଇଟି ଅଫ ମେଡିକାଲ ଆଣ୍ଡ ପେଡିଆଟ୍ରିକ ଅଙ୍କୋଲୋଜିର ସଭାପତି ପ୍ରଫେସର ଡ. କେ. ଗୋବିନ୍ଦଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ପ୍ରଫେସର ଡ. ୟୁ.ଏନ ପଣ୍ଡା କର୍କଟ ରୋଗ ସମ୍ପର୍କୀତ ଏକ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଫୁସଫୁସ କର୍କଟ ରୋଗର ବାୟୋଲୋଜିକାଲ ଥେରାପି ଏବଂ ଇମ୍ୟୁନୋ ଥେରାପି ସହ ବିଭିନ୍ନ ଚିକିତ୍ସା ପଦ୍ଧତି ସମ୍ପର୍କରେ ସେ ଅବଗତ କରାଇଥିଲେ। ଅପରପକ୍ଷରେ ଇଣ୍ଡିଆନ ଆସୋସିଏଶନ ଅଫ ସର୍ଜିକାଲ ଅଙ୍କୋଲୋଜିର ସଭାପତି ଡ. ଅର୍ଣ୍ଣବ ଗୁପ୍ତା ବର୍ତ୍ତମାନର ସ୍ଥିତି ବିଷୟରେ ଆଲୋଚନା କରିଥିଲେ। ପରିଶେଷରେ ଓଏସଓର ସଚିବ ସଞ୍ଜୀବ କୁମାର ମିଶ୍ର କର୍କଟ ରୋଗର ବର୍ତ୍ତମାନର ଚିକିତ୍ସା ପଦ୍ଧତି ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଶେଷରେ ଡ. ରଞ୍ଜନ କୁମାର ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

# ସବୁ ସ୍ତରରେ ପହଞ୍ଚିବ 'କିୟୋରବେ' ଚିକିତ୍ସା ସେବା




ଭୁବନେଶ୍ୱର,୧୬।୧୧

ସ୍ୱାସ୍ଥ୍ୟ ସେବାଭିତ୍ତିକ ଷ୍ଟାର୍ଟଅପ୍ 'କିୟୋରବେ' ଓଡ଼ିଶାରେ ବୁଧବାରଠାରୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିବ। ଏହା ହେଉଛି ରାଜ୍ୟର ପ୍ରଥମ ଇ-କ୍ଲିନିକ, ଯାହା ସହରାଞ୍ଚଳଠାରୁ ଦୁର୍ଗମ ଅଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଯୋଗାଇବ। ସୁଲଭ ମୂଲ୍ୟରେ ରୋଗୀ ସେବା ଯୋଗାଇବାରେ ଏହା ବେଶ ସହାୟକ ହେବ ବୋଲି କୁହାଯାଇଛି। ସୋମବାର ପୁରୀ ଜିଲାର ଗୋପ ଓ ନିମାପଡାର ୨ଟି ସ୍ଥାନରେ ଦୁଇଟି ଇ-କ୍ଲିନିକ୍‌ର ଶୁଭାରମ୍ଭ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

**ରାଜ୍ୟର ପ୍ରଥମ ଇ-କ୍ଲିନିକ ଷ୍ଟାର୍ଟଅପ**

ଏହି ସ୍ୱାସ୍ଥ୍ୟ ସେବା ଷ୍ଟାର୍ଟଅପ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ନିୟମାବଳୀ ଅନୁସାରେ ସେବା ପ୍ରଦାନ କରିବା ସହ ଆଗାମୀ ୬ ମାସ ମଧ୍ୟରେ କେବଳ ଓଡ଼ିଶାରେ କିୟୋର ବେ ୫୦ଟି ସାଟେଲାଇଟ୍ ସେଣ୍ଟର ଖୋଲିବାର ଯୋଜନା କରିଛି। ଏ ସମ୍ପର୍କରେ କିୟୋର ବେର ପ୍ରତିଷ୍ଠାତା ତଥା ସିଇଓ ପ୍ରିୟଦର୍ଶୀ ମହାପାତ୍ର କହିଛନ୍ତି, ରାଜ୍ୟର ଦୁର୍ଗମ ଅଞ୍ଚଳରେ ଥିବା ରୋଗୀମାନଙ୍କୁ ସୁଲଭ ମୂଲ୍ୟରେ ଗୁଣବତ୍ତା ପ୍ରାଥମିକ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ଦିଗରେ କମ୍ପାନୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛି। ଟେକ୍ ପ୍ଲାଟଫର୍ମ ଦ୍ୱରା ଆମର ସାଟେଲାଇଟ ଇ-କ୍ଲିନିକ ନେଟୱର୍କ ଓ ରାଜ୍ୟର ବହୁ ପ୍ରତିଷ୍ଠିତ ଡାକ୍ତର ଓ ମେଡିକାଲ୍ ସହିତ ଆମେ ସହଭାଗୀତା ମାଧ୍ୟମରେ ସବୁ ବର୍ଗର ଲୋକଙ୍କୁ ଉପଯୁକ୍ତ ସେବା ଯୋଗାଇ ଦେବାର ଲକ୍ଷ୍ୟ ରଖିଛୁ। ଓମନିଚ୍ୟାନେଲ୍ ମଡେଲ୍ ମାଧ୍ୟମରେ ଉଚ୍ଚମାନର ସ୍ୱାସ୍ଥ୍ୟ ସେବାକୁ ରାଜ୍ୟର ଅପହଞ୍ଚ ସ୍ଥାନରେ ଲୋକମାନଙ୍କ ନିକଟରେ ପହଞ୍ଚାଇବା ଦିଗରେ କମ୍ପାନୀ ଅଗ୍ରସର ବୋଲି ସେ ମତବ୍ୟକ୍ତ କରିଥିଲେ।

## ମୋ ସ୍କୁଲ ଅଭିଯାନରେ ଓଏସ୍‌ଏଲ୍‌ର ୧୦ ଲକ୍ଷ ଦାନ

ଭୁବନେଶ୍ୱର,୧୬।୧୧

ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍ (ଓଏସ୍‌ଏଲ୍) ପକ୍ଷରୁ ମୋ ସ୍କୁଲ ଅଭିଯାନ ମାଧ୍ୟମରେ ବଡ଼ଚଣାସ୍ଥିତ ମହାବିନାୟକ ବିଦ୍ୟାଳୟକୁ ନିକଟରେ ୧୦ ଲକ୍ଷ ଦାନ କରିଛି। ମୋ ସ୍କୁଲ ଅଭିଯାନ ପରିଚାଳନା ସଙ୍ଗଠନ ଅଧିନରେ ନିକଟରେ ଓଏସ୍‌ଏଲ୍ କଟକ ଜିଲାର ସ୍କୁଲ ଗୁଡିକୁ ୨୦ ଲକ୍ଷ ଟଙ୍କାର ସହାୟତା ରାଶି ଯୋଗାଇ ଦେଇଥିଲା। ସ୍ମାର୍ଟ ସ୍କୁଲର ଆବଶ୍ୟକତା ପୂରଣ ଲାଗି ଏହି ଅନୁଦାନ ସ୍କୁଲ କ୍ୟାମ୍ପସରେ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଦୀର୍ଘକାଳୀନ ଭିତ୍ତିରେ ସହାୟକ ହୋଇପାରିବ। ସମସ୍ତଙ୍କ ଲାଗି ଅନ୍ତର୍ନିବେଶୀ ଏବଂ ଗୁଣାତ୍ମକ ଶିକ୍ଷଶ ତଥା ଜୀବନବ୍ୟାପୀ ଶିକ୍ଷାକୁ ନିଶ୍ଚିତ କରାଇବା କ୍ଷେତ୍ରରେ ଓଏସ୍‌ଏଲ୍ ଯୋଗଦାନ ରଖୁଥିବା କମ୍ପାନୀର ଏମ୍‌ଡି ମହିମାନନ୍ଦ ମିଶ୍ର କହିଛନ୍ତି। ମୋ ସ୍କୁଲ ଅଭିଯାନକୁ କମ୍ପାନୀ ପକ୍ଷରୁ ସହାୟତା ଆଗାମୀ ଦିନରେ ମଧ ଜାରି ରହିବ। ଏହି ଅବସରରେ ମହାବିନାୟକ ବିଦ୍ୟାୟନ ବଡ଼ଚଣାରେ ମୋ ଅଭିଯାନ ବୈଠକ କରାଯାଇଥିଲା।

# କେଏଲ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ମେଧାବୃତ୍ତି ଘୋଷଣା




ଭୁବନେଶ୍ୱର,୧୬।୧୧

ସ୍ନାତକ ଓ ଉଚ୍ଚଶିକ୍ଷା ପାଇଁ ଦେଶରେ ଅନ୍ୟତମ ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ କେଏଲ୍ ବିଶ୍ୱବିଦ୍ୟାଳୟ (ଡିମ୍‌ଡ-ଟୁ-ବି ୟୁନିଭର୍ସିଟି)ର ପ୍ରଯୁକ୍ତି କ୍ଷେତ୍ରରେ କ୍ୟାରିୟର କରିବାକୁ ଲକ୍ଷ୍ୟ ରଖିଥିବା ଛାତ୍ରୀଛାତ୍ରଙ୍କ ପାଇଁ କେଏଲ୍ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ୨୦୨୨ (କେଏଲ୍‌ଇଇଇ-୨୦୨୨) ତାରିଖ ଘୋଷଣା କରିଛି। ପରୀକ୍ଷାଗୁଡିକ ୨୦୨୨ ଜାନୁୟାରୀ ୨୭, ୨୮ ଓ ୨୯ ତାରିଖରେ ହେବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। କେଏଲଇଇଇ-୨୦୨୨ ଓଡ଼ିଶା ବିଧାନସଭାର ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଛି। ଏ ସମ୍ପର୍କରେ କେଏଲ୍ ଡିମ୍‌ଡ ଟୁ ବି ୟୁନିଭର୍ସିଟିର ଡାଇରେକ୍ଟର ଅଫ୍ ଆଡମିଶନ ଡ. ଜେ ଶ୍ରୀନିବାସ ରାଓ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି।

**ଡକ୍ଟରେଟ୍ ଉପାଧିରେ ସମ୍ମାନିତ**



କଣ୍ଠଶିଳ୍ପୀ ତଥା ଅନନ୍ୟା କ୍ରିଏଟିଭସର ଡାଇରେକ୍ଟର ସନ୍ଧ୍ୟା ପଟ୍ଟନାୟକଙ୍କୁ ଆମେରିକାର ବୋଷ୍ଟନ ୟୁନିଭର୍ସିଟି RAU ପକ୍ଷରୁ ଦୁବାଇଠାରେ ଗତ ଅକ୍ଟୋବର ମାସ ୨୧ତାରିଖରେ ଡକ୍ଟରେଟ୍ ଉପାଧିରେ ସମ୍ମାନିତ କରାଯାଇଛି। ୨୦ବର୍ଷରୁ ଅନନ୍ୟା କ୍ରିଏଟିଭସ ମାଧ୍ୟମରେ ରାଜ୍ୟ ତଥା ଦେଶର ମହିଳାମାନଙ୍କର କଳାର ବିକାଶ କ୍ଷେତ୍ରରେ କାର୍ଯ୍ୟ କରି ଆସୁଥିବାରୁ ତାଙ୍କୁ ଏହି ଉପାଧିରେ ସମ୍ମାନିତ କରାଯାଇଅଛି। ଏକାଧାରରେ ଡ. ସନ୍ଧ୍ୟା ଜଣେ କଣ୍ଠଶିଳ୍ପୀ ସହିତ ଅନନ୍ୟା କ୍ରିଏଟିଭସର ଡାଇରେକ୍ଟର, ଲେଡିଜ ଉଇଙ୍ଗର ଅଧ୍ୟକ୍ଷ, ସୋସିଓ କଲଚରାଲ ଅର୍‌ଗାନାଇଜେସନର ଉପଦେଷ୍ଟା, କ୍ରାଫ୍ଟସ, ଲାଇଫ ଷ୍ଟାଇଲ ଡିଜାଇନର ଭାବରେ କାର୍ଯ୍ୟରତ ଅଛନ୍ତି। ଦେଶ ବିଦେଶର ବ୍ୟକ୍ତି ବିଶେଷ ତଥା ସଂଗଠନମାନଙ୍କଠାରୁ ଶୁଭେଚ୍ଛା ବାର୍ତ୍ତା ପାଇଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

ଧ-୨୨୩୦୧

**ଫୁର୍‌ସତ୍**

## ୨୪ କୋଟିର ମଇଁଷି

**ଜୟପୁର:** ମଇଁଷିର ଦାମ୍ ୨୪ କୋଟି। ଏମିତି ଏକ ଦାମୀ ତଥା ବିଶେଷ ଧରଣର ମଇଁଷି ଅଛି ରାଜସ୍ଥାନର ଯୋଧପୁରରେ। ଯୋଧପୁରର ଅରବିନ୍ଦ ଜାଙ୍ଗିଡିଙ୍କର ଏକ ମଇଁଷି ରହିଛି ଯାହାର ନାଁ ରହିଛି ଭୀମ। କିଛି ମାସ ତଳେ ଭୀମକୁ ଆଫଗାନିସ୍ଥାନର ଜଣେ ବ୍ୟକ୍ତି ୨୪ କୋଟି ଟଙ୍କାରେ ନେବା ପାଇଁ ନିଲାମ ଡାକିଥିଲେ। କିନ୍ତୁ ଅରବିନ୍ଦ ଭୀମକୁ ବିକ୍ରି କରିବା ପାଇଁ ମନା କରି ଦେଇଥିଲେ। ଭୀମ ହେଉଛି ଏକ ସ୍ୱତନ୍ତ୍ର ପ୍ରଜାତିର ମଇଁଷି, ଯାହାର ସିମେନ୍‌ର ଚାହିଦା ବହୁତ ଅଧିକ ରହିଛି। ଦେଶର ବିଭିନ୍ନ ଅଞ୍ଚଳକୁ ଭୀମର ସିମେନ୍ ପଠାଇଥାନ୍ତି ଅରବିନ୍ଦ। ବିଭିନ୍ନ ସ୍ଥାନରେ



ଆୟୋଜିତ ମେଳାରେ ଭୀମକୁ ପ୍ରଦର୍ଶନ କରାଇ ଅନେକ ପୁରସ୍କାର ବି ହାସଲ କରିଛନ୍ତି ଅରବିନ୍ଦ। ୧୪ ଫୁଟ ଲମ୍ବା ଓ ୬ ଫୁଟ ଉଚ୍ଚା ଭୀମର ଓଜନ ୧୫୦୦ କିଲୋଗ୍ରାମ୍। ଏହାର ମାତ୍ର .୨୫ ମିଲିଗ୍ରାମ୍ ସିମେନ ୫୦୦ ଟଙ୍କାରେ ବିକ୍ରିହୋଇଥାଏ।

# ସଚେତନତା ହିଁ ଉପଚାର

**ଅ**ପସ୍ମାର ହେଉଛି ଏକ ଅଣ-ସଂକ୍ରାମକ ମସ୍ତିଷ୍କଜନିତ ସମସ୍ୟା। ଏହା ଆଂଶିକ ଭାବେ ଶରୀରର ଗୋଟିଏ ଅଂଶ କିମ୍ବା ବେଳେବେଳେ ସମଗ୍ର ଶରୀରକୁ ଆକ୍ରାନ୍ତ କରିଥାଏ। ଏପରି ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ରୋଗୀ ବେଳେବେଳେ ଚେତା ହରାଇବା ଭଳି ସ୍ଥିତି ସୃଷ୍ଟି ହୋଇଥାଏ। ମସ୍ତିଷ୍କ କୋଷିକାରେ ହଠାତ୍ ଅସନ୍ତୁଳନ ସୃଷ୍ଟି ହେଲେ ଏଭଳି ଅବସ୍ଥା ସୃଷ୍ଟି ହୋଇଥାଏ। ଜଣେ ବ୍ୟକ୍ତି ଯେକୌଣସି ବୟସରେ ଅପସ୍ମାରର ଶିକାର ହୋଇପାରେ। ତେଣୁ ଏହାର ଲକ୍ଷଣ ବିଷୟରେ ଆମେ ଅବଗତ ହେବା ନିହାତି ଜରୁରୀ। ତେବେ ଏପରି ସମସ୍ୟାଠାରୁ ଜଣେ ନିଜକୁ ଦୂରେଇରଖିବା ସହ ଏହାର ସମ୍ମୁଖୀନ ହେଲେ ତୁରନ୍ତ ଚିକିତ୍ସିତ ହୋଇପାରିବେ। ପ୍ରତିବର୍ଷ ନଭେମ୍ବର ୧୭ରେ ଜାତୀୟ ଏପିଲେପ୍ସି ଦିବସ (ଜାତୀୟ ଅପସ୍ମାର ଦିବସ) ପାଳନ କରାଯାଇଥାଏ।




ଏହି ଦିବସ ପାଳନ ଅବସରରେ ଅପସ୍ମାରର ଲକ୍ଷଣ ଏବଂ ଚିକିତ୍ସା ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥାଏ। ଏପିଲେପ୍ସି ଫାଉଣ୍ଡେସନ ଅଫ୍ ଇଣ୍ଡିଆ ଦ୍ୱାରା ଭାରତରେ ଏହି ସମସ୍ୟା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଲାଗି ଜାତୀୟ ସ୍ତରରେ ଏକ ସ୍ୱାସ୍ଥ୍ୟ ଅଭିଯାନ ଆରମ୍ଭ କରାଯାଇଥିଲା, ଯାହା 'ଜାତୀୟ ଏପିଲେପ୍ସି ଦିବସ' ଭାବରେ ପରିଚିତ। ମୁମ୍ବାଇରେ ଥିବା ଏପିଲେପ୍ସି ଫାଉଣ୍ଡେଶନ ଡା. ନିର୍ମଳ ସୂର୍ଯ୍ୟଙ୍କ ଦ୍ୱାରା ୨୦୦୯ରେ ଏହି ଅନୁଷ୍ଠାନ ସ୍ଥାପିତ ହୋଇଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ସର୍ଭେ ଅନୁଯାୟୀ, ସମ୍ପ୍ରତି ସମଗ୍ର ବିଶ୍ୱରେ ବର୍ଷକୁ ପ୍ରାୟ ୫୦ ନିୟୁତ ବ୍ୟକ୍ତି ଏହି ରୋଗ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି।

## ଶାଢି ପିନ୍ଧି ପୂଜା କରନ୍ତି ପୁରୁଷ

**କୋଲକାତା:** ଭାରତର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପରମ୍ପରା ରହିଛି। ଏହି ପରମ୍ପରାଗୁଡ଼ିକ ମଧ୍ୟରୁ କେତେକ ଅତ୍ୟନ୍ତ ସ୍ୱତନ୍ତ୍ର। ପଶ୍ଚିମବଙ୍ଗର ହୁଗଳି ଜିଲାର ଚନ୍ଦନ ନଗରରେ ଏକ ନିଆରା ପରମ୍ପରା ରହିଛି। ଏଠାରେ ପୁରୁଷମାନେ ଶାଢି ପିନ୍ଧି ଦେବୀଙ୍କୁ ପୂଜା କରନ୍ତି। ଚଳିତ ବର୍ଷ ମଧ ଏହି ପରମ୍ପରା ଚନ୍ଦନ ନଗରରେ ପାଳିତ ହୋଇଥିଲା। ଏହି ସମୟରେ ଦେବୀ ଜଗଦ୍ଧାତ୍ରୀଙ୍କୁ ପୂଜା କରାଯାଏ। ଘରର ପୁରୁଷମାନେ ଶାଢି ପିନ୍ଧି ପୂଜାପାଠ କରନ୍ତି। ପ୍ରତିବର୍ଷ ଏହି ପୂଜା ଦେଖିବାକୁ ଶହ ଶହ ଲୋକଙ୍କ ଭିଡ ଜମେ। ଏଥର ମଧ ଶହ ଶହ ଲୋକ ଏକତ୍ରିତ ହୋଇଥିଲେ। ପୂଜା କମିଟିର ପୃଷ୍ଠପୋଷକ କହିଛନ୍ତି ଯେ ୨୨୯ ବର୍ଷ ପୂର୍ବେ ଯେତେବେଳେ ବ୍ରିଟିଶମାନେ କ୍ଷମତାରେ ଥିଲେ, ସେତେବେଳେ ମହିଳାମାନେ ଭୟରେ ସନ୍ଧ୍ୟା ପରେ ଘରୁ ବାହାରୁ ନ ଥିଲେ। ସେହି ସମୟ ମଧ୍ୟରେ, ତାଙ୍କର ପୂର୍ବପୁରୁଷମାନେ ଏକ ଶାଢି ପିନ୍ଧି ମାତା ଜଗଦ୍ଧାତ୍ରୀଙ୍କୁ ପୂଜା କରିଥିଲେ।

# ପତ୍ରଲେଖାଙ୍କ ହାତ ଧରିଲେ ରାଜକୁମାର



**ମୁମ୍ବାଇ:** ବଲିଉଡ ଅଭିନେତା ରାଜକୁମାର ରାଓ ଗର୍ଲଫ୍ରେଣ୍ଡ ପତ୍ରଲେଖାଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଉଭୟ ନିଜ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ବିବାହର ସୁନ୍ଦର ଫଟୋ ଶେୟାର କରିଛନ୍ତି। ଚଣ୍ଡିଗଡରେ ଉଭୟଙ୍କ ପରିବାର ଅନୁଷ୍ଠିତ ହୋଇଥିଲା। ୧୧ ବର୍ଷର ପ୍ରେମ ସମ୍ପର୍କ ପରେ ଦୁହେଁ ବିବାହ କରିଛନ୍ତି। ରାଜକୁମାର ପ୍ରଥମେ ଏକ ବିଜ୍ଞାପନରେ ପତ୍ରଲେଖାଙ୍କୁ ଦେଖି ପ୍ରେମରେ ପଡିଥିଲେ। ମୁମ୍ବାଇକୁ ଆସିବା ପରେ ପତ୍ରଲେଖା ହଂଶଲ ମେହେଟାଙ୍କ ନିର୍ଦ୍ଦେଶିତ ଫିଲ୍ମ 'ସିଟି ଲାଇଟ'ରୁ କ୍ୟାରିୟର ଆରମ୍ଭ କରିଥିଲେ। ରାଜକୁମାର ତାଙ୍କ ସହ ମୁଖ୍ୟ ଭୂମିକାରେ ଥିଲେ।

## ମନେ ପଡ଼ନ୍ତି

**ଏକାଦଶ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ରେଣୁ ପଟ୍ଟନାୟକ
ସ୍ୱାମୀ: ବାବୁଲାଲ ପଟ୍ଟନାୟକ
ଶାସନପଡ଼ିଆ, ପୁରୁଣା ଭୁବନେଶ୍ୱର

ଆବିର୍ଭାବ: ୧୧।୦୨।୧୯୫୫
ତିରୋଧାନ: ୨୦।୧୧।୨୦୧୦
(ବଡ଼ଓଷା) ବୈକୁଣ୍ଠ ଚତୁର୍ଦ୍ଦଶୀ

ଆପଣଙ୍କ ଅମରାତ୍ମାର ସଦ୍‌ଗତି କାମନା କରୁଛୁ।

ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ

ଧ-୪୬୫୫୭

**ଶ୍ରଦ୍ଧାଞ୍ଜଳି**



ଂଶ୍ରୀଯୁକ୍ତ ଦଣ୍ଡଧର ବେହେରା
ବିଶିଷ୍ଟ ସମାଜସେବୀ, ସରକାରୀ ଅବସରପ୍ରାପ୍ତ, ମେଳାପୀ, ମିଷ୍ଟଭାଷୀ
ଗ୍ରାମ: ଡିହସାହି, ଗ୍ରା.ପ.- ବାଉଁଶ ପୋଖରୀ, ହିନ୍ଦୋଳ, ଜି: ଢେଙ୍କାନାଳ

ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦତଳେ ଆମର ବିନମ୍ର ପ୍ରାର୍ଥନା।

-:ଶୋକସନ୍ତପ୍ତ ପରିବାରବର୍ଗ:-
ପୁତ୍ର: କ୍ଷୀରୋଦ, ରୋହିତ, ଝିଅ: ଝେଟକ, ନାତି/ନାତୁଣୀ: ଦୁଷ୍ମନ୍ତ, ସତ୍ୟବ୍ରତ, ସୁବ୍ରତ, ଗୋଲଛୀ, ଜୁଲି, ତାନା, ଆର୍ଭୀ, ଔରଭ, ବିହାନ, ମିଷ୍ଟି ଓ ଡିହସାହି ଗ୍ରାମବାସୀ।

ଧ-୨୨୨୯୧

CLASSIFIED DISPLAY
MORE SPACE • SAME PRICE
TARIFF GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## କେମିତି ମଦ ଛାଡିବେ

ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ଣ ୧୦ଘଟିକାରୁ ଅପରାହ୍ଣ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ଼, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ, ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮ , ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୂଜା ହେଲ୍‌ଥ ସେଣ୍ଟର।

ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ରୋହିତ-ଦ୍ରାବିଡ୍ ଯୁଗ ଆରମ୍ଭ

## ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଟି୨୦ ଆଜି



ତାରକା ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ସହ ଅଧିନାୟକ ରୋହିତ ଶର୍ମା।

**ଜୟପୁର,୧୬।୧୧**

ଟି୨୦ ବିଶ୍ୱକପ ବିପର୍ଯ୍ୟୟକୁ ଭୁଲି ଭାରତୀୟ କ୍ରିକେଟ ଦଳ ଏବେ ନବ ନିଯୁକ୍ତ ଅଧିନାୟକ ଓ କୋଚ୍ଙ୍କ ତତ୍ତ୍ୱାବଧାନରେ ନୂଆ ଆରମ୍ଭ କରିବାକୁ ଯାଉଛି। ନୂଆ ଅଧିନାୟକ ରୋହିତ ଶର୍ମା ଓ ନୂଆ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍ଙ୍କ ଯୁଗର ଶୁଭାରମ୍ଭ ହେବାକୁ ଯାଉଛି। ଭାରତ ଓ ଟି୨୦ ବିଶ୍ୱକପ୍ ରନର୍ସଅପ୍ ନ୍ୟୁଜିଲାଣ୍ଡ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଆରମ୍ଭ ହେବାକୁ ଯାଉଛି। ବୁଧବାର ସ୍ଥାନୀୟ ସବାଇ ମାନସିଂ ଷ୍ଟାଡିୟମରେ ଦୁଇ ଦଳ ପ୍ରଥମ ଟି୨୦ ମୁକାବିଲାରେ ମୁହାଁମୁହିଁ ହେବେ। ଆଉ ୧୧ ମାସ ପରେ ଦ୍ୱିତୀୟ ଟି୨୦ ବିଶ୍ୱକପ ଅଷ୍ଟ୍ରେଲିଆରେ ଆରମ୍ଭ ହେବାକୁ ଯାଉଥିବା ବେଳେ ପୂର୍ବରୁ ତ୍ରୁଟି ସୁଧାରି ଏକ ସମର୍ଥ ଓ ସନ୍ତୁଳିତ ଦଳ ଗଠନ ଉପରେ ଅଧିକ ଧ୍ୟାନ ଦିଆଯିବ ବୋଲି ଆଶା କରାଯାଉଛି।

ୟୁଏଇରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ରେ ଭାରତ ସେମିଫାଇନାଲକୁ ଉଠିବାରେ ବିଫଳ ହୋଇଥିଲା। ଫଳରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସ୍ଥାନରେ ଜଣେ ନୂଆ ଅଲରାଉଣ୍ଡର ଖୋଜିବାକୁ ଟିମ ମ୍ୟାନେଜମେଣ୍ଟ ପ୍ରୟାସ କରିବ। ହାର୍ଦ୍ଦିକଙ୍କ ବଳଦ ଅଲରାଉଣ୍ଡର ଭାବେ ଗତ ଆଇପିଏଲରେ ଦକ୍ଷତା ଦେଖାଇଥିବା ଭେଙ୍କଟଶ ଆୟାରଙ୍କୁ ଦଳରେ ନିଆଯାଇଛି। ଜଣେ ଫାଷ୍ଟ ବୋଲିଂ ଅଲରାଉଣ୍ଡର ଭାବେ ଆୟାର ନିଜର ଦକ୍ଷତା ପ୍ରତିପାଦନ କରିବାର ସୁଯୋଗ ପାଇବେ। ଅଧିକ ସଂଖ୍ୟକ ପାୱାର ହିଟରଙ୍କ ଦ୍ୱାରା ଭାରତ ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି। ଦଳରେ ସାମିଲ ହୋଇଥିବା ଅନ୍ୟ ଆଇପିଏଲ୍ ପ୍ରଦର୍ଶନକାରୀମାନେ ହେଲେ ଋତୁରାଜ ଗାଏକ୍ୱାଡ, ହର୍ଶଲ ପଟେଲ, ଆଭେସ ଖାଁ ଓ ୟୁଜବେନ୍ଦ୍ର ଚହଲ।

ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରାଙ୍କୁ ବିଶ୍ରାମ ଦିଆଯାଇଥିବାରୁ ଭାରତ ଅନ୍ୟ ଜଣେ ଦକ୍ଷ ଦ୍ରୁତ ବୋଲରଙ୍କ ଅନ୍ୱେଷଣରେ ରହିଛି। ସେହି ବୋଲର ନିରନ୍ତର ଘଣ୍ଟା ପ୍ରତି ୧୪୦ କି.ମି. ବେଗରେ ବୋଲିଂ କରିବାର ଦକ୍ଷତା ରଖୁଥିବେ। ୟୁଏଇରେ ଅତିରିକ୍ତ ଦ୍ରୁତ ବୋଲିଂ କାମରେ ଆସିଥିଲା। ଏହାକୁ ଦୃଷ୍ଟିରେ ରଖି ଆଭେସ ଓ ମହମ୍ମଦ ସିରାଜଙ୍କୁ ଦଳରେ ସାମିଲ କରାଯାଇଛି। ଅଷ୍ଟ୍ରେଲିଆରେ ପରବର୍ତ୍ତୀ ଟି୨୦ ବିଶ୍ୱକପ୍ ଖେଳାଯିବ। ତେଣୁ ଅଷ୍ଟ୍ରେଲିଆର ସ୍ଥିତିକୁ ଦୃଷ୍ଟିରେ ରଖି ରୋହିତ ଓ ଦ୍ରାବିଡ୍ ଖେଳାଳିମାନଙ୍କ ଦକ୍ଷତା ପରଖିବେ। ଦଳରେ ଟି୨୦ ଫର୍ମାଟର ୫ଜଣ ଓପନର ସ୍ଥାନ ପାଇଛନ୍ତି। ତେଣୁ ସେମାନଙ୍କୁ ମିଡିଲ ଅର୍ଡର ବିଭିନ୍ନ ସ୍ଥାନରେ ଖେଳାଇବା ମଧ୍ୟ ଏକ ବଡ଼ ଚ୍ୟାଲେଞ୍ଜ।

ରୋହିତ ଓ ଉପ-ଅଧିନାୟକ ଲୋକେଶ ରାହୁଲ ଇନିଂସ ଓପନ କରିବେ। ତେବେ ଇଶାନ କିଶନ ଓ ଗାଏକ୍ୱାଡଙ୍କୁ ନେଇ ଭାରତ ପରୀକ୍ଷା ନିରିକ୍ଷା କରିପାରେ। ଭେଙ୍କଟେଶ ମଧ୍ୟକ୍ରମରେ ବ୍ୟାଟିଂ କରିବେ। ସୂର୍ଯ୍ୟକୁମାର ଯାଦବ ୪ ନମ୍ବରେ ସୁଯୋଗ ପାଇବେ। ରବୀନ୍ଦ୍ର ଜାଡେଜାଙ୍କ ଅନୁପସ୍ଥିତିରେ ଅକ୍ଷର ପଟେଲ ସ୍ପିନ୍ ବୋଲିଂ ଅଲରାଉଣ୍ଡର ଭାବେ ଖେଳିବା ସୁଯୋଗ ପାଇବେ। ସେହିପରି ଅଭିଜ୍ଞ ରବିଚନ୍ଦ୍ରନ ଅଶ୍ୱିନ୍ ସୀମିତ ଓଭର କ୍ରିକେଟକୁ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି ଓ ଦଳରେ ସ୍ଥାନ ବଜାୟ ରଖିଛନ୍ତି। ଗତ ବିଶ୍ୱକପ୍‌ରେ ମିଳିଥିବା ସୁଯୋଗର ସେ ସଦ୍‌ବ୍ୟବହାର କରିଛନ୍ତି।

ନ୍ୟୁଜିଲାଣ୍ଡ ଦଳ ସୋମବାର ଦୁବାଇରୁ ଜୟପୁରରେ ପହଞ୍ଚିଛି। ଟେଷ୍ଟ ସିରିଜକୁ ଦୃଷ୍ଟିରେ ରଖି ଟି୨୦ ସିରିଜରୁ ନିୟମିତ ଅଧିନାୟକ କେନ୍ ୱିଲିୟମସନଙ୍କୁ ବିଶ୍ରାମ ଦିଆଯାଇଛି। ତାଙ୍କ ଅନୁପସ୍ଥିତିରେ ଅଭିଜ୍ଞ ଦ୍ରୁତ ବୋଲର ଟିମ୍ ସୌଦି ଏହି ସିରିଜରେ ଦଳର ନେତୃତ୍ୱ ନେବେ। ରିଷ୍ଟ ସ୍ପିନରଙ୍କୁ ଖେଳିବାରେ ରୋହିତ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ରୋହିତ ଓ ନ୍ୟୁଜିଲାଣ୍ଡ ରିଷ୍ଟ ସ୍ପିନର ଇଶ ସୋଧୀଙ୍କ ମଧ୍ୟରେ ମୁକାବିଲା ରୋମାଞ୍ଚକ ହେବ।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଲୋକେଶ ରାହୁଲ, ଋତୁରାଜ ଗାଏକ୍ୱାଡ, ଶ୍ରେୟାସ ଆୟାର, ସୁର୍ଯ୍ୟକୁମାର ଯାଦବ, ରିଷଭ ପନ୍ତ, ଇଶାନ କିଶନ, ଭେଙ୍କଟେଶ ଆୟାର, ୟୁଜବେନ୍ଦ୍ର ଚହଲ, ରବିଚନ୍ଦ୍ରନ ଅଶ୍ୱିନ, ଅକ୍ଷର ପଟେଲ, ଆଭେସ ଖାଁ, ଭୁବନେଶ୍ୱର କୁମାର, ଦୀପକ ଚହର, ହର୍ଶଲ ପଟେଲ ଓ ମହମ୍ମଦ ସିରାଜ।

**ନ୍ୟୁଜିଲାଣ୍ଡ ଦଳ:** ଟିମ ସୌଦି (ଅଧିନାୟକ), ଟୋଡ ଆସଲେ, ଟ୍ରେଣ୍ଟ ବୋଲ୍ଟ, ମାର୍କ ଚାପମ୍ୟାନ, ଲୋକି ଫର୍ଗୁସନ, ମାର୍ଟିନ ଗୁପ୍‌ଟିଲ, କାଏଲ ଜେମିଶନ, ଆଡାମ ମିଲନେ, ଡାରିଲ ମିଚେଲ, ଜିମି ନିଶାମ, ଗ୍ଲେନ ଫିଲିପ୍ସ, ମିଚେଲ ସାଣ୍ଟନର, ଟିମ ସିଫର୍ଟ ଓ ଇଶ ସୋଧୀ।

**ସ୍ଥାନ: ଜୟପୁର**
**ସମୟ: ସନ୍ଧ୍ୟା ୭ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**



ଜୟପୁରର ସବାଇ ମାନସିଂ ଷ୍ଟାଡିୟମରେ ମଙ୍ଗଳବାର ଭାରତୀୟ ଦଳର ଅଭ୍ୟାସ ସେସନ ଅବସରରେ ଆଲୋଚନା ରତ ଲୋକେଶ ରାହୁଲ ଓ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ।

## ଟି୨୦ ସିରିଜରୁ ଓହରିଲେ ୱିଲିୟମସନ

**ଜୟପୁର,୧୬।୧୧:** ବୁଧବାରଠାରୁ ଆରମ୍ଭ ହେବାକୁ ଥିବା ଭାରତ ବିପକ୍ଷ ଟି୨୦ ସିରିଜରୁ ନ୍ୟୁଜିଲାଣ୍ଡ ନିୟମିତ ଅଧିନାୟକ କେନ୍ ୱିଲିୟମସନ ଓହରିଯାଇଛନ୍ତି। ନଭେମ୍ବର ୨୫ ତାରିଖରୁ ଆରମ୍ଭ ହେବାକୁ ଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଉପରେ ଏକାଗ୍ର ହେବାକୁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ତାଙ୍କ ଅନୁପସ୍ଥିତିରେ ଦ୍ରୁତ ବୋଲର ଟିମ୍ ସୌଦି ଟି୨୦ ସିରିଜରେ ନ୍ୟୁଜିଲାଣ୍ଡର ନେତୃତ୍ୱ ନେବେ। ବୁଧବାର, ଶୁକ୍ରବାର ଓ ରବିବାର ରାତିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଟି୨୦ ମ୍ୟାଚ୍ ଯଥାକ୍ରମେ ଜୟପୁର, ରାଞ୍ଚି ଓ କୋଲକାତାରେ ଖେଳାଯିବ। କାଏଲ ଜେମିସନ, ଡାରିଲ ମିଚେଲ, ଗ୍ଲେନ ଫିଲିପ୍ସ ଓ ମିଚେଲ ସାଣ୍ଟନର ଉଭୟ ସିରିଜରେ ଦଳ ପାଇଁ ଉପଲବ୍ଧ ହେବେ। ଆଘାତ ସମସ୍ୟାରୁ ମୁକୁଳି ଲୋକି ଫର୍ଗୁସନ ଟି୨୦ ସିରିଜରେ ସାମିଲ ହେବେ ବୋଲି ଆଶା କରାଯାଉଛି।

## ନଭେମ୍ବର ୧୩ରେ ମେଲବୋର୍ନରେ ଫାଇନାଲ

**ଦୁବାଇ,୧୬।୧୧**

ଟି୨୦ ବିଶ୍ୱକପ୍‌ର ପରବର୍ତ୍ତୀ ତଥା ଅଷ୍ଟମ ସଂସ୍କରଣ ଆସନ୍ତାବର୍ଷ ଅଷ୍ଟ୍ରେଲିଆର ୭ଟି ସହରରେ ଆୟୋଜନ ହେବ। ଏହି ମେଗା ଇଭେଣ୍ଟ ୨୦୨୨ ଅକ୍ଟୋବର ୧୬ରୁ ଆରମ୍ଭ ହୋଇ ନେଭେମ୍ବର ୧୩ ରେ ଶେଷ ହେବ। ଐତିହାସିକ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଫାଇନାଲ ଅନୁଷ୍ଠିତ ହେବ। ମେଲବୋର୍ନ, ସିଡନୀ, ବ୍ରିସ୍‌ବେନ, ପର୍ଥ, ଆଡିଲେଡ ସମେତ ୭ଟି ସହରରେ ମ୍ୟାଚ୍‌ଗୁଡିକ ଖେଳାଯିବ। ପ୍ରଥମ ରାଉଣ୍ଡର ମ୍ୟାଚ୍‌ଗୁଡିକ ଅନ୍ୟ ଦୁଇଟି ସହର ଗିଲଙ୍ଗ ଓ ହୋବାର୍ଟରେ ଆୟୋଜନ ହେବ।

ବିଶ୍ୱକପ୍‌ରେ ମୋଟ ୪୫ଟି ମ୍ୟାଚ୍ ଖେଳାଯିବ ବୋଲି ଆଇସିସି ପକ୍ଷରୁ କୁହାଯାଇଛି। ପ୍ରଥମ ଓ ଦ୍ୱିତୀୟ ସେମିଫାଇନାଲ ଯଥାକ୍ରମେ ନଭେମ୍ବର ୯ ଓ ୧୦ରେ ସଡ୍‌ନୀ ଓ ଆଡିଲେଡରେ ଖେଳାଯିବ। ଚାମ୍ପିୟନ ଅଷ୍ଟ୍ରେଲିଆ ଓ ରନର୍ସ- ଅପ ନ୍ୟୁଜିଲାଣ୍ଡ ସମେତ ଆଫଗାନିସ୍ତାନ, ବାଂଲାଦେଶ, ଇଂଲଣ୍ଡ, ଭାରତ, ପାକିସ୍ତାନ ଓ ଦକ୍ଷିଣ ଆଫ୍ରିକା ଉଚ୍ଚ ର୍‍ୟାଙ୍କର ଦଳ ଭାବେ ସୁପର-୧୨ରେ ସିଧାସଳଖ ପ୍ରବେଶ କରିଛନ୍ତି। ନାମ୍ବିଆ, ସ୍କଟଲାଣ୍ଡ, ଶ୍ରୀଲଙ୍କା ଓ ଦୁଇଥର ଚାମ୍ପିୟନ ୱେଷ୍ଟଇଣ୍ଡିଜ ରାଉଣ୍ଡ-୧ ଖେଳିବେ। ବାକିଥିବା ୪ଟି ସ୍ଥାନ ପାଇଁ ଦଳଗୁଡିକ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ଖେଳିବେ। ଗୋଟିଏ କ୍ୱାଲିଫାଇଂ ଟୁର୍ନାମେଣ୍ଟ ଫେବୃୟାରୀ ମାସରେ ଓମାନରେ ଓ ଅନ୍ୟଟି ଜୁନ/ଜୁଲାଇରେ ଜିମ୍ବାୱେରେ ଖେଳାଯିବ। ଅଷ୍ଟ୍ରେଲିଆକୁ ପୁଣି ଥରେ ଆଇସିସି ଟୁର୍ନାମେଣ୍ଟ ପ୍ରତ୍ୟାବର୍ତ୍ତନ କରୁଛି ବୋଲି ହେଡ୍ ଅଫ୍ ଇଭେଣ୍ଟ କ୍ରିସ ଟେଟଲି କହିଛନ୍ତି।

**ଅଷ୍ଟମ ଟି୨୦ ବିଶ୍ୱକପ୍**

MARUTI SUZUKI ARENA

ପରିବର୍ତ୍ତନ କରନ୍ତୁ। କିଛି ଭଲ କରନ୍ତୁ। ଅଚିନ୍ତାରେ ରୁହନ୍ତୁ।
ଆଗକୁ ବଢ଼ନ୍ତୁ ଉନ୍ନତ ଟେକ୍‌ନିକ୍ ଏବଂ ମାରୁତି ସୁଜୁକୀର ଆକର୍ଷଣୀୟ ଏକ୍ସଚେଞ୍ଜ ଅଫର୍ସ ସହିତ!




BIG SAVINGS
VITARA BREZZA ₹23 000* DZIRE ₹19 500* SWIFT ₹26 000*

୫ଟି ଆକର୍ଷକ ଫାଇନାନ୍ସ-ଅଫର୍ସ
• ଏବେ କିଣନ୍ତୁ, ପରେ ଟଙ୍କା ଦେବେ* • 100% ଅନ-ରୋଡ଼ ଲୋନ ଉପଲବ୍ଧ* • 7% କମ୍ ସୁଧର ହାର* • ଅତିକମର ଡାଉନପେମେଣ୍ଟ* • ₹799 ର କମ ମାସିକ କିସ୍ତି*

GOLD VOUCHER ₹2 000 ପର୍ଯ୍ୟନ୍ତ ଗୋଲ୍ଡ ଭାଉଚର#

ERTIGA VITARA BREZZA DZIRE SWIFT

E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in

**JYOTE MOTORS**
BHUBANESWAR: LEWIS ROAD: 9798190190.
NAYAPALLI: 9798190190. KEONJHAR: 9798190190. NAYAGARH: 9798190190.
BALUGAON: 9798190190. ANANDPUR: 9798190190. BALASORE: 9798190190.
BHADRAK: 9798190190. BARIPADA: 9798190190. UDALA: 7064499950.
RAIRANGPUR: 9853446906. JALESWAR: 7064499950.

**NARAYANI MOTORS**
BHUBANESHWAR: 9583022019,9583022012, 9583022013. JAGATSINGHPUR: 9583022090.
PURI: 9583022035. NIMAPARA: 7381093626.
PARADEEP: 9583022034/48.

**SKY AUTOMOBILES**
BHUBANESWAR: 9776645711.
CUTTACK: 9776677771, 7381873818.
DHENKANAL: 9776900005. NARSHINGPUR: 9776900005.
KAMAKHYANAGAR: 9776900005. JAJPUR: 9776900777.
SALEPUR: 9583544555. CHANDIKHOL: 9583544555.

**ODYSSEY MOTORS**
ANGUL: 7752076136. 9776901481. PALLAHARA: 7873565435. 9437831123.

**TUSHI MOTORS**
CUTTACK: 9078076450.

*Offer includes consumer offer, exchange bonus and institutional/rural offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. #Gold Voucher is applicable on select models/variants. The terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 30th November, 2021.

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# କେନାଲ ଖୋଳା ବେଳେ ମାଟି ଧସିଲା



## ୩ ଶ୍ରମିକ ଉଦ୍ଧାର

ସୋରଡ଼ା,୧୬।୧୧ (ଡି.ଏନ୍.ଏ.)

ଗଞ୍ଜାମ ଜିଲା ସୋରଡ଼ା ବ୍ଲକ ପାଲକାଟୁ ପଞ୍ଚାୟତ ନୂଆଗାଁ ଗ୍ରାମ ନିକଟରେ ମଙ୍ଗଳବାର କେନାଲ ଖୋଳା କାମରେ ନିୟୋଜିତ ୩ ଶ୍ରମିକ ମାଟି ଅତଡ଼ା ଧସିବାରୁ ପୋତି ହୋଇଯାଇଥିଲେ। ସମସ୍ତଙ୍କୁ ସୁରକ୍ଷିତଭାବେ ଉଦ୍ଧାର କରାଯାଇ ସୋରଡ଼ା ମେଡିକାଲରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ଗୋପାଳପୁର ଶାସନ ଗ୍ରାମର ହର୍ଷ ଗଉଡ, ଧନିଆ ଗଉଡ, ନୂଆଗାଁର ରାଧା ଗଉଡ।

୩ ଶ୍ରମିକ ନୂଆଗାଁ ଗ୍ରାମ ନିକଟ ଜମିରେ ପାଣି ଯିବା ପାଇଁ କେନାଲଖୋଳା କାମରେ ନିୟୋଜିତ ଥିଲେ। ହଠାତ୍ ପାର୍ଶ୍ୱରେ ଥିବା ମାଟି ଅତଡ଼ା ଧସିଯିବାରୁ ସମସ୍ତ ଶ୍ରମିକ ପୋତି ହୋଇଯାଇଥିଲେ। ପାଟି ଶୁଣି ଗ୍ରାମବାସୀ ଅଚେତ ଅବସ୍ଥାରେ ସେମାନଙ୍କୁ ବାହାର କରିଥିଲେ। ଖବର ପାଇ ଦମକଳ ବାହିନୀ ପହଞ୍ଚି ସମସ୍ତ ଶ୍ରମିକଙ୍କୁ ସୋରଡ଼ା ମେଡିକାଲ ନେଇଥିଲେ। ଥାନାଧିକାରୀ ରମେଶ କୁମାର ପ୍ରଧାନ ଉପସ୍ଥିତ ରହି ସହଯୋଗ କରିଥିଲେ। ତୁରନ୍ତ ଚିକିତ୍ସା ମିଳିବା ଯୋଗୁ ଶ୍ରମିକମାନେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛନ୍ତି।

# ବସ୍ ମାଲିକଙ୍କୁ ୧ ଲକ୍ଷ ଟଙ୍କା ଋଣ

***କରୋନା ମହାମାରୀରେ ଆର୍ଥିକ ଦୁର୍ଗତି ଦେଇ ଗତି କରୁଥିବା ବସ୍ ମାଲିକମାନଙ୍କୁ ରାଜ୍ୟ ସରକାର ଋଣ ଆକାରରେ ଆର୍ଥିକ ସହାୟତା ଯୋଗାଇ ଦେବେ। ପ୍ରତ୍ୟେକ ବସ୍ ପିଛା ୧ ଲକ୍ଷ ଟଙ୍କା ଋଣ ସହାୟତା ପ୍ରଦାନ କରାଯିବ। ସୁଧ ବାବଦକୁ ସରକାର ୨ ବର୍ଷରେ ଯଥାକ୍ରମେ ୭୫% ଏବଂ ୫୦% ଅର୍ଥ ବହନ କରିବେ ବୋଲି ନିଷ୍ପତ୍ତି ହୋଇଛି।***

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

ଜଣେ ବସ୍‌ମାଲିକଙ୍କୁ ସର୍ବାଧିକ ୫ ବସ୍ ପାଇଁ ୧ ଲକ୍ଷ ଟଙ୍କା ଲେଖାଏ ଋଣ ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି। ବସ୍



ମାଲିକମାନେ ଯେକୌଣସି ଜାତୀୟକରଣ ବ୍ୟାଙ୍କ କିମ୍ବା ସମବାୟ ବ୍ୟାଙ୍କରୁ ଋଣ ନେଇପାରିବେ। ସେହି ଋଣ ଉପରେ ସରକାର ପ୍ରଥମ ବର୍ଷରେ ୭୫% ଓ ଦ୍ୱିତୀୟ ବର୍ଷରେ ୫୦ ପ୍ରତିଶତ ସୁଧ ବହନ କରିବେ। ୨ ବର୍ଷ ମଧ୍ୟରେ ଏହି ଋଣ ଶୁଝିବାକୁ ପଡ଼ିବ। ନଚେତ୍ ଋଣ ଉପରେ କୌଣସି ରିହାତି ମିଳିବ ନାହିଁ। ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏ ନେଇ ଅର୍ଥ ବିଭାଗକୁ ପ୍ରସ୍ତାବ ଦିଆଯାଇଛି। ଅର୍ଥ ବିଭାଗ ପକ୍ଷରୁ ଦିନେ ଦୁଇ ଦିନ ମଧ୍ୟରେ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇବ। ଏଥିସହିତ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଦିଆଯାଇଥିବା ଅନ୍ୟ ଦାବିଗୁଡ଼ିକୁ ମଧ୍ୟ ରାଜ୍ୟ ସରକାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ନିକଟରେ କେନ୍ଦ୍ର ଓ ରାଜ୍ୟ ସରକାର ଡିଜେଲ ଉପରୁ ଟିକସ ହ୍ରାସ କରିଛନ୍ତି। କିଛିଦିନ ପାଇଁ ବସ୍‌ଗୁଡ଼ିକ ଫିଟ୍‌ନେସ ଲାଗି ଫିଟ୍‌ନେସ ସେଣ୍ଟରକୁ ଯିବେନାହିଁ। ଆଉ କିଛି ମାସ ପାଇଁ ୧୫ ବର୍ଷରୁ ଊର୍ଦ୍ଧ୍ୱ ବସ୍‌ଗୁଡ଼ିକୁ ଚାଲିବା ପାଇଁ ଅନୁମତି ଦିଆଯାଇଛି। ପର୍ମିଟ ହସ୍ତାନ୍ତର ବିଷୟ ଏବଂ ସ୍ଲିପର କୋଚ୍ ବସ୍ ଦିନରେ ଚାଲିବ କି ନାହିଁ ସେ ଉପରେ ପରିବହନ କମିଶନର ବିଚାର କରିବେ। ରାଜ୍ୟ ସରକାର ସଂଘର କେତେକ ଦାବି ପୂରଣ କରିଥିବା ବେଳେ ଅନ୍ୟାନ୍ୟ ଦାବିଗୁଡ଼ିକ ବିଚାର କରିବାକୁ ପ୍ରତିଶ୍ରୁତି ଦେଇଥିବାରୁ ସଂଘ ପ୍ରସ୍ତାବିତ ଧର୍ମଘଟରୁ ଓହରିଯାଇଛି।

## ମମିତାଙ୍କ ପରିବାର ହାଇକୋର୍ଟଙ୍କ ଦ୍ୱାରସ୍ଥ

କଟକ ଅଫିସ୍, ୧୬।୧୧

କଳାହାଣ୍ଡି ମହାଲିଙ୍ଗ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟା ଘଟଣାର ତ୍ୱରିତ ତଦନ୍ତ ପାଇଁ ପରିବାର ହାଇକୋର୍ଟରେ ନିବେଦନ କରିଛନ୍ତି। ଏଥିରେ ଗୃହ ସଚିବ, ପୋଲିସ ମହାନିର୍ଦ୍ଦେଶକ, ବଲାଙ୍ଗୀର ଜିଲାପାଳ ଓ ଏସ୍‌ପି ଏବଂ ସିନ୍ଧେକେଲା ଥାନା ଅଧିକାରୀଙ୍କୁ ପକ୍ଷଭୁକ୍ତ କରାଯାଇଛି। ମମିତା ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ଗିରଫ କରାଯାଇଥିଲେ ସୁଦ୍ଧା ଏଥିରେ ରାଜନୈତିକ ସମ୍ପୃକ୍ତି ରହୁଥିବାରୁ ମାମଲାର ତ୍ୱରିତ ତଦନ୍ତ ନେଇ ସନ୍ଦେହ ପ୍ରକାଶ ☞ପୃଷ୍ଠା-୫

# ଜଳେଶ୍ୱରରେ ଚାଷୀ ଆତ୍ମହତ୍ୟା

ଜଳେଶ୍ୱର, ୧୬।୧୧(ଡି.ଏନ.ଏ.)

■ ଚକଡ଼ା ପୋକ ଲାଗି ଚାଷ ଉଜୁଡ଼ିଲା

■ ଜମିରେ ବିଷ ପିଇଦେଲେ

ଚକଡ଼ା ପୋକ ଲାଗି ଚାଷ ଉଜୁଡ଼ିଯିବାରୁ ଜଣେ ଚାଷୀ ଋଣ ଶୁଝିବା ଚିନ୍ତାରେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଛନ୍ତି। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ଆରୁହା ପଞ୍ଚାୟତ ଶାଳିକୋଠା ଗ୍ରାମରେ। ମୃତ ଚାଷୀ ହେଲେ ଲକ୍ଷ୍ମୀନାରାୟଣ ଜେନା(୬୮)। ପରିବାର ଲୋକଙ୍କ କହିବା ଅନୁଯାୟୀ, ପ୍ରତିକୂଳ ପାଗ ଓ ଲଘୁଚାପଜନିତ ମାତ୍ରାଧିକ ବର୍ଷା ସତ୍ତ୍ୱେ ସେ ୧ଲକ୍ଷ ଟଙ୍କା ଋଣ କରି ୪ଏକର ଖରିଫ ଧାନଚାଷ କରିଥିଲେ। ନିଜ ଜମିରେ ଚକଡ଼ା ପୋକ ଲାଗି ଫସଲ ଉଜୁଡ଼ିଯାଇଥିବା ଦେଖି ସେ ଗଭୀର ମାନସିକ ଚିନ୍ତାରେ ଥିଲେ। ଋଣ ଶୁଝି ନ ପାରିବା ଭୟରେ ସୋମବାର ଲକ୍ଷ୍ମୀନାରାୟଣ ଘାସମରା ଔଷଧ କିଣି ସେହି ଜମି ମୁଣ୍ଡରେ ପିଇ ଦେଇଥିଲେ। କିଛି ସମୟ ପରେ ସେ ସେଠାରେ ପଡ଼ିଯାଇଥିଲେ। ଅନ୍ୟ ଜମିରେ କାମ କରୁଥିବା ଆଉ ଜଣେ ଚାଷୀ ତାଙ୍କ ପାଖକୁ ଦୌଡ଼ି ଆସି ପରିବାର ଲୋକଙ୍କୁ ଖବର ଦେଇଥିଲେ। ତାଙ୍କୁ ପ୍ରଥମେ ଜଳେଶ୍ୱର ଓ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ମଙ୍ଗଳବାର ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନିଆଯାଉଥିବା ବେଳେ ବାଟରେ ମୃତ୍ୟୁ ହୋଇଯାଇଥିଲା। ଲକ୍ଷ୍ମୀନାରାୟଣଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ସ୍ତ୍ରୀ, ଜଣେ ପୁତ୍ର ଓ କନ୍ୟାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ପ୍ରକାଶ ପାଇଲା ସଂରକ୍ଷଣ ତାଲିକା

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ-୨୦୨୨ ଲାଗି ଚୂଡ଼ାନ୍ତ ସଂରକ୍ଷଣ ତାଲିକା ମଙ୍ଗଳବାର ପ୍ରକାଶ ପାଇଛି। ବିଭିନ୍ନ ଜିଲାରୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀମାନେ ସେମାନଙ୍କ ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ ଏବଂ ୱାର୍ଡମେମ୍ବରଙ୍କ ଚୂଡ଼ାନ୍ତ ସଂରକ୍ଷଣ ତାଲିକା ରାଜ୍ୟ ନିର୍ବାଚନ କମିଶନଙ୍କୁ ପ୍ରଦାନ କରିଛନ୍ତି। ସେହିପରି ଜିଲାୱାରି ଜିଲା ପରିଷଦ ସଭ୍ୟ ସଂରକ୍ଷଣ ତାଲିକା ପଞ୍ଚାୟତିରାଜ ବିଭାଗ ପକ୍ଷରୁ ରାଜ୍ୟ ନିର୍ବାଚନ କମିଶନରଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟର ମୋଟ ୮୫୩ ଜିଲା ପରିଷଦ ସଭ୍ୟ ପଦ ମଧ୍ୟରୁ ଅନୁସୂଚିତ ଜାତି(ଏସ୍‌ସି) ପୁରୁଷ ବର୍ଗଙ୍କ ଲାଗି ୬୪ଟି ଆସନ ସଂରକ୍ଷିତ ରହିଥିବାବେଳେ ମହିଳାଙ୍କ ଲାଗି ୮୪ ସଂରକ୍ଷିତ ରହିଛି। ସେହିଭଳି ଅନୁସୂଚିତ ଜନଜାତି(ଏସ୍‌ଟି) ପୁରୁଷ ବର୍ଗଙ୍କ ଲାଗି ୧୦୦ଟି ସ୍ଥାନ ସଂରକ୍ଷିତ ରହିଥିବାବେଳେ ମହିଳାଙ୍କ ଲାଗି ୧୧୮ ସ୍ଥାନ ସଂରକ୍ଷିତ ରହିଛି। ପଛୁଆବର୍ଗଙ୍କ ଲାଗି ପୁରୁଷଙ୍କ ପାଇଁ ୪୯ ଏବଂ ମହିଳାଙ୍କ ପାଇଁ ୫୫ ସ୍ଥାନ ସଂରକ୍ଷିତ ରହିଛି। ଅଣ ସଂରକ୍ଷିତ ବର୍ଗରେ ୨୦୭ ସ୍ଥାନ ପୁରୁଷ ଏବଂ

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ-୨୦୨୨**

■ ଜିଲା ପରିଷଦ ସଭ୍ୟ ଏସ୍‌ସି ୧୪୮,ଏସ୍‌ଟି ୨୧୮, ଓବିସି ୧୦୪, ଅଣସଂରକ୍ଷିତ ୩୮୩

ମହିଳାଙ୍କ ଲାଗି ୧୭୬ ସ୍ଥାନ ସଂରକ୍ଷିତ ରହିଛି। ରାଜ୍ୟର ମୋଟ ୬, ୭୯୪ ସରପଞ୍ଚ ପଦ ମଧ୍ୟରୁ ଏସ୍‌ସି ପୁରୁଷଙ୍କ ପାଇଁ ୪୨୬ ଓ ମହିଳାଙ୍କ ପାଇଁ ୫୨୫ ସଂରକ୍ଷିତ ରହିଛି। ସେହିପରି ଅନୁସୂଚିତ ଜନଜାତି (ଏସ୍‌ଟି) ପୁରୁଷଙ୍କ ଲାଗି ୧,୨୩୭ ଓ ମହିଳାଙ୍କ ପାଇଁ ୧୩୭୬ ଆସନ ସଂରକ୍ଷିତ ରହିଛି। ପଛୁଆବର୍ଗ ପୁରୁଷଙ୍କ ଲାଗି ୩୪୯ ଏବଂ ମହିଳାଙ୍କ ପାଇଁ ୪୨୯ଟି ସରପଞ୍ଚ ସ୍ଥାନ ସଂରକ୍ଷିତ ରହିଛି। ଅଣସଂରକ୍ଷିତ ପୁରୁଷ ବର୍ଗରେ ୧,୨୮୨ ଏବଂ ମହିଳାଙ୍କ ପାଇଁ ୧,୧୭୦ ସ୍ଥାନ ସଂରକ୍ଷିତ ରହିଛି। ସେହିପରି ୬,୭୯୩ ସମିତିସଭ୍ୟ ମଧ୍ୟରୁ ଏସ୍‌ସି ବର୍ଗର ପୁରୁଷଙ୍କ ପାଇଁ ୫୧୫ ଓ ମହିଳାଙ୍କ ପାଇଁ ୬୮୨ଟି ସ୍ଥାନ ସଂରକ୍ଷିତ ରହିଛି। ଏସ୍‌ଟି ବର୍ଗର ପୁରୁଷଙ୍କ ପାଇଁ ୮୨୪ ☞ପୃଷ୍ଠା-୫

## ୬୭୯୪ ପଞ୍ଚାୟତରେ ହେବ ଭୋଟ

■ କମିଲା ୭ ପଞ୍ଚାୟତ, ୧୧୧ ୱାର୍ଡ

■ କଳାରାହାଙ୍ଗ କଟିଲା, ଇଞ୍ଜଣା ହେଲା ନୂଆ ପଞ୍ଚାୟତ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ-୨୦୨୨ରେ ୬୭୯୪ ଗ୍ରାମପଞ୍ଚାୟତ ତଥା ଏଥିମଧ୍ୟରେ ଅନ୍ତର୍ଭୁକ୍ତ ୯୧,୯୧୬ଟି ୱାର୍ଡ ଲାଗି ଭୋଟ ଗ୍ରହଣ ହେବ। ୨୦୧୭ ପଞ୍ଚାୟତ ନିର୍ବାଚନରେ ୬୮୦୧ ଗ୍ରାମ ପଞ୍ଚାୟତ ଲାଗି ଭୋଟଗ୍ରହଣ ହୋଇଥିବା ବେଳେ ଆସନ୍ତା ୨୦୨୨ ନିର୍ବାଚନରେ ଏହି ସଂଖ୍ୟାରେ ୭ଟି ହ୍ରାସ ପାଇଛି। ଏଥିମଧ୍ୟରୁ ବାଲେଶ୍ୱର ଜିଲା ରେମୁଣା ବ୍ଲକ୍‌ରେ ଥିବା ଶ୍ରୀକୃଷ୍ଣପୁର, ରେମୁଣା, ଗଣିପୁର ଏବଂ ଗଣେଶ୍ୱରପୁର ଆଦି ୪ ପଞ୍ଚାୟତ ରେମୁଣା ଏନ୍‌ଏସିରେ ଅନ୍ତର୍ଭୁକ୍ତ ହୋଇଥିବାରୁ ଏହାକୁ ପଞ୍ଚାୟତ ତାଲିକାରୁ ☞ପୃଷ୍ଠା-୫

# କିପରି କମିବ କାର୍ବନ ନିର୍ଗମନ

ୱାଶିଂଟନ୍, ୧୬।୧୧

ପରିବେଶ ଉପରେ ପରୋକ୍ଷ ଏବଂ ପ୍ରତ୍ୟକ୍ଷ ଭାବେ ପ୍ରତି ବ୍ୟକ୍ତିଙ୍କ ପ୍ରଭାବ ପଡ଼ିଥାଏ। ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିବା ବିଭିନ୍ନ ସାମଗ୍ରୀ ମାଧ୍ୟମରେ ଅଙ୍ଗାରକାମ୍ଳ ନିର୍ଗମନ ହୋଇଥାଏ। ଶିଳ୍ପ ବିପ୍ଳବ ପୂର୍ବରୁ ମାନବ କାର୍ଯ୍ୟକଳାପ ଦ୍ୱାରା ସୃଷ୍ଟି କାର୍ବନ ଡାଇଅକ୍ସାଇଡ୍‌କୁ ଆମ ଜଙ୍ଗଲ ଶୋଷଣ କରିନେବାରେ ସକ୍ଷମ ଥିଲା। କିନ୍ତୁ ଶିଳ୍ପ ଯୁଗ ଆରମ୍ଭ ପରେ ଇନ୍ଧନର ବହୁଳ ବ୍ୟବହାର, ଜନସଂଖ୍ୟା ବୃଦ୍ଧି, ଜଙ୍ଗଲ ନଷ୍ଟ ଆଦି ପ୍ରମୁଖ କାରଣ ଯୋଗୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ମାତ୍ରା ବଢ଼ିବାରେ ଲାଗିଛି। ଏପରି ସ୍ଥଳେ ଜଳବାୟୁରେ ବିପଜ୍ଜନକ ପରିବର୍ତ୍ତନ ରୋକିବାକୁ ପ୍ରତି ବ୍ୟକ୍ତି ଉଦ୍ୟମ କରିବାର ସମୟ ଉପନୀତ। ଛୋଟ ଛୋଟ ପ୍ରଚେଷ୍ଟାରେ ଏ ଦିଗରେ ସଫଳତା ମଧ୍ୟ ମିଳିପାରିବ। କେତେକ ଆବଶ୍ୟକ ପଦକ୍ଷେପ ଆମ ଘରକୁ ପରିବେଶ ଅନୁକୂଳ କରିବାରେ ଯଥେଷ୍ଟ ସାହାଯ୍ୟ କରିପାରିବ।



ପରିବେଶ ପ୍ରଦୂଷଣରେ ଜୀବାଶ୍ମ ଇନ୍ଧନ ମୁଖ୍ୟ କାରକ। ତେଣୁ ନିତିଦିନିଆ ଜୀବନରେ ପ୍ରାକୃତିକ ଗ୍ୟାସ୍, ତୈଳ ଆଦି ଉପରେ ନିର୍ଭରଶୀଳତା କମାଇବାକୁ ପଡ଼ିବ। ଘରକୁ ସମ୍ପୂର୍ଣ୍ଣ ବିଦ୍ୟୁତ୍‌କରଣ ସହ ହିଟ୍ ପମ୍ପ ବ୍ୟବହାର କରିହେବ। ବିଦ୍ୟୁତ୍ ସୃଷ୍ଟି ନିମନ୍ତେ ସୋଲାର ପ୍ୟାନେଲ, ବ୍ୟାଟେରିର ଉପଯୋଗ ବଢ଼ାଇ ହେବ। ଶକ୍ତି ଖର୍ଚ୍ଚକୁ ନିୟନ୍ତ୍ରଣ ନିମନ୍ତେ ଆମେ ଘରେ ସ୍ମାର୍ଟ ମିଟର ବସାଇପାରିବା। ହିଟ୍ ପମ୍ପ ଯୋଗେ ଘରୁ ଗରମ ଏବଂ ଥଣ୍ଡା ବାୟୁକୁ ବାହାର କରି ତାପମାତ୍ରା ସନ୍ତୁଳିତ କରିହେବ। ହିଟ୍ ପମ୍ପର ବ୍ୟବହାର ଅଧିକାଂଶ ଲୋକଙ୍କ ପକେଟ୍‌କୁ ମଧ୍ୟ ସୁହାଇବ। ଅତ୍ୟଧିକ ଥଣ୍ଡା ପାଣିପାଗରେ ମଧ୍ୟ ଏହା କାର୍ଯ୍ୟ କରିବାରେ ସକ୍ଷମ। ତେବେ କମ୍ ତାପମାତ୍ରାରେ ଏହା ଅଧିକ ବିଦ୍ୟୁତ୍‌ଶକ୍ତି ଆବଶ୍ୟକ କରିଥାଏ।

ଗ୍ୟାସ୍ ଚାଳିତ ଉପକରଣ ବଦଳରେ ଇଣ୍ଡକ୍ସନ ରେଞ୍ଜ୍‌କୁ ଗୁରୁତ୍ୱ ଦେଇପାରିବା। ଏହା ସିଧାସଳଖ ଭାବେ କୌଣସି ପାତ୍ରକୁ ଗରମ କରିବା ପାଇଁ ଚୁମ୍ବକ ବା ☞ପୃଷ୍ଠା-୫




# ଭାଜପା ପାଇଁ ଗଡ଼ ସମ୍ଭାଳିବା କଷ୍ଟ

**ଲକ୍ଷ୍ନୌ,୧୬।୧୧**

ଉତ୍ତରପ୍ରଦେଶ(ୟୁପି)ରେ ୨୦୨୨ ପ୍ରଥମାର୍ଦ୍ଧରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଶାସକ ଭାଜପା ପାଇଁ ଏହି ନିର୍ବାଚନ ଅତ୍ୟନ୍ତ କଠିନ ହେବା ଜଳଜଳ ଦିଶୁଛି। ଗତ ନଭେମ୍ବର ୭ରେ ଭାଜପା ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ମୁଖ୍ୟତଃ ୫ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନ ଉପରେ ଆଲୋଚନା କରାଯାଇଥିଲା। କିନ୍ତୁ ବୈଠକର ବିଶେଷତ୍ୱ ହେଲା, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଦ୍ୱାରା ରାଜନୈତିକ ସଂକଳ୍ପପତ୍ର ଉପସ୍ଥାପିତ ହେବା, ଯାହାକି ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଦ୍ୱାରା ହେଉଥିଲା। ଏହା ଅନେକ ଭାଜପା ନେତାଙ୍କୁ ମଧ୍ୟ ଆଶ୍ଚର୍ଯ୍ୟ କରିଥିଲା। ଯୋଗୀ ସଙ୍କଳ୍ପପତ୍ର ଉପସ୍ଥାପନ କରିବାର ଅନେକ ଅର୍ଥ ଅଛି। ଭାଜପା ଜାଣେ ଯେ, ୨୦୨୪ରେ କେନ୍ଦ୍ରରେ ତୃତୀୟ ଥର ଏନ୍‌ଡିଏ ସରକାର ଗଠନ ପାଇଁ ୨୦୨୨ରେ ୟୁପି ଜିତିବା ଆବଶ୍ୟକ। ନିକଟ ଅତୀତରେ ରାଜ୍ୟରେ ସରକାର ବିରୋଧୀ ବାତାବରଣ ସତ୍ତ୍ୱେ ଯୋଗୀ ହିଁ ସଫଳତା ଆଣିପାରିବେ ବୋଲି ଭାଜପା ଆଶାବାଦୀ। କାରଣ ଗତ ଲୋକ ସଭା ନିର୍ବାଚନ ସମୟରେ



ଯୋଗୀ ମୁଖ୍ୟମନ୍ତ୍ରୀ ଥିବାବେଳେ ଭାଜପା ରାଜ୍ୟର ୮୦ ସିଟ୍ ମଧ୍ୟରୁ ୬୪ଟି ଦଖଲ କରିପାରିଥିଲା। ଏହି ସଫଳତା ନରେନ୍ଦ୍ର ମୋଦିଙ୍କୁ ପୁନଃ ପ୍ରଧାନମନ୍ତ୍ରୀ ହେବାରେ ଇନ୍ଧନ ଯୋଗାଇଥିଲା। କାର୍ଯ୍ୟକାରିଣୀ ବୈଠକର ଏକ ସପ୍ତାହ ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଲକ୍ଷ୍ନୌରେ ଭାଜପା ସଦସ୍ୟତା ଅଭିଯାନ ଆରମ୍ଭ ବେଳେ ଜନସାଧାରଣଙ୍କୁ କହିଥିଲେ, ମୋଦିଙ୍କୁ ୨୦୨୪ରେ ପୁନର୍ବାର ପ୍ରଧାନମନ୍ତ୍ରୀ କରିବାକୁ ହେଲେ ୨୦୨୨ରେ ଯୋଗୀଙ୍କୁ ପୁଣି ଥରେ ମୁଖ୍ୟମନ୍ତ୍ରୀ ଆସନରେ ବସାଇବାକୁ ପଡ଼ିବ। ଭାଷଣ ଶେଷରେ ସେ ହାତଯୋଡ଼ି କହିଥିଲେ, ମୋଦିଙ୍କୁ ଆଉ ଏକ ସୁଯୋଗ ଦିଅ, ଯୋଗୀଙ୍କୁ ପୁଣିଥରେ ମୁଖ୍ୟମନ୍ତ୍ରୀ କର। ଶାହାଙ୍କ ଏହି କଥା ପ୍ରଶ୍ନ ଉଠାଇଛି ଯେ, ଭାଜପା କ'ଣ ନିଜ ସ୍ଥିତି ଦୁର୍ବଳ ହେଉଥିବା ଦେଖୁଛି କି, ତେଣୁ ଦଳର ଚାଣକ୍ୟଙ୍କୁ ଏପରି ନିବେଦନ କରିବାକୁ ପଡୁଛି?

୨୦୧୭ରେ ଭାଜପା ୪୦୩ ଆସନରୁ ୩୧୨ ଜିତିଥିଲା। ସମାଜବାଦୀ ପାର୍ଟି (ଏସ୍‌ପି) ୪୭, ବହୁଜନ ସମାଜ ପାର୍ଟି (ବିଏସ୍‌ପି) ୧୯ ଏବଂ କଂଗ୍ରେସକୁ ମାତ୍ର ୭ ଆସନ ପାଇଥିଲା। କିନ୍ତୁ ଏଥର ଭାଜପାକୁ ବିପରୀତ ସ୍ଥିତି ଦେଖିବାକୁ ପଡ଼ିପାରେ ବୋଲି ରାଜନୀତି ବିଶ୍ଳେଷକମାନେ କହୁଛନ୍ତି। ଏହାର ୨ଟି ପ୍ରମୁଖ କାରଣ ରହିଛି। ଗୋଟିଏ ହେଲା ସମସ୍ତ ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧି ଏବଂ ଅନ୍ୟଟି ହେଲା ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ଶକ୍ତି ବୃଦ୍ଧି। ଅଖିଳେଶ ପାରମ୍ପରିକ ସହଯୋଗୀ ବିଏସ୍‌ପି ଏବଂ କଂଗ୍ରେସକୁ ଗୁରୁତ୍ୱ ନ ଦେଇ ଅନେକ ଛୋଟ ଦଳ ସହ ମେଣ୍ଟ କରିଛନ୍ତି। ଏଥିଯୋଗୁ ଏହା ଅଖିଳେଶଙ୍କ ପାଇଁ ଅଧିକ ଆସନ ଜିତିବାରେ ସହାୟକ ହେବ ବୋଲି ରାଜନୈତିକ ଅଙ୍କ କଷାଯାଉଛି।

ରାଜ୍ୟରେ ଏଭଳି ୮୬ଟି ଆସନ ଅଛି, ଯେଉଁଥିରୁ ସବର୍ଣ୍ଣମାନେ ଭାଜପାର ଦଳିତ ପ୍ରାର୍ଥୀଙ୍କୁ ଭୋଟ ଦିଅନ୍ତି। ସେଥିରୁ ଭାଜପା ୨୦୧୭ରେ ୭୬ଟି ଜିତିଛି। ଏହାର ମୁକାବିଲା ଲାଗି ଅନ୍ୟମାନେ ଭୋଟ ପ୍ରତିଶତ ବୃଦ୍ଧି କରିବା ପାଇଁ ଚେଷ୍ଟା ଚଳାଇଛନ୍ତି। ସେହିପରି ଗତଥର ୫୪ଟି ସିଟ୍‌ରେ ହାରଜିତ ବ୍ୟବଧାନ ୫ ହଜାର ଭୋଟ ମଧ୍ୟରେ ଥିଲା। ଭାଜପା ଏଭଳି ୨୦ଟି ଆସନ ଜିତିଥିଲା। ଅନ୍ୟ ଦଳଗୁଡ଼ିକ ମଧ୍ୟ ଏହି ଆସନ ଉପରେ ଧ୍ୟାନ ଦେଉଛନ୍ତି।

## ବଳ ଗୋଟାଉଛି ଏସ୍‌ପି

ୟୁପିରେ ଶାସକ ଭାଜପା ପାଇଁ ଚ୍ୟାଲେଞ୍ଜ ଭାବେ ସମାଜବାଦୀ ପାର୍ଟି ବଳ ଗୋଟାଇ ଚାଲିଛି। ପାର୍ଟି ସଭାପତି ଅଖିଳେଶ ଯାଦବ ପୂର୍ବାଞ୍ଚଳରେ ସ୍ଥିତି ସୁଦୃଢ଼ ପାଇଁ ଭାଜପାର ପୂର୍ବତନ ସହଯୋଗୀ ଓମ୍‌ପ୍ରକାଶ ରାଜଭରଙ୍କ ସୁହେଲଦେବ ଭାରତୀୟ ସମାଜ ପାର୍ଟି (ଏସ୍‌ବିଏସ୍‌ପି) ସହ ମେଣ୍ଟ କରିଛନ୍ତି। ସେହିପରି ପଶ୍ଚିମ ୟୁପିରେ ପ୍ରଭାବ ରଖୁଥିବା ରାଷ୍ଟ୍ରୀୟ ଲୋକଦଳ (ଆର୍‌ଏଲ୍‌ଡି)ର ସଭାପତି ଜୟନ୍ତ ଚୌଧରୀଙ୍କ ସହ ସେ ହାତ ମିଳାଇଛନ୍ତି। ଚୌଧରୀ ଅଜିତ୍ ସିଂଙ୍କ ପୁଅ ଜୟନ୍ତ ନିକଟରେ ଆଶୀର୍ବାଦ ପଦଯାତ୍ରା କରି ସମର୍ଥକଙ୍କ ଉତ୍ସାହ ବଢ଼ାଇଛନ୍ତି। କେନ୍ଦ୍ରର ୩ ବିବାଦୀୟ କୃଷି ବିଲ୍ ପ୍ରତ୍ୟାହାର ଦାବିରେ ଦିଲ୍ଲୀର ଗାଜିପୁର ସୀମାରେ ଲକ୍ଷାଧିକ ଚାଷୀ ଏବେ ମଧ୍ୟ ଆନ୍ଦୋଳନରତ, ଯାହାର ଫାଇଦା ଜୟନ୍ତଙ୍କୁ ମିଳିପାରେ ବୋଲି କୁହାଯାଉଛି। ଏହା ସତ ହେଲେ ଭାଜପାକୁ ବଡ଼ଧରଣର କ୍ଷତି ସହିବାକୁ ପଡ଼ିପାରେ।

ଅନ୍ୟପକ୍ଷରେ ଅଖିଳେଶ ସମ୍ପ୍ରତି ସମାଜବାଦୀ ବିଜୟ ଯାତ୍ରା ଚଳାଇଛନ୍ତି। ଅମିତ୍ ଶାହା ୨୦୧୭ରେ ପୂର୍ବ ୟୁପିର ମଉଠାରେ ଓମ୍‌ପ୍ରକାଶ ରାଜଭରଙ୍କ ସହ ରାଲି କରିଥିଲେ। ଏବେ ଓମ୍‌ପ୍ରକାଶଙ୍କ ସହ ଅଖିଳେଶ ରାଲି କରିଛନ୍ତି। ଓମ୍‌ପ୍ରକାଶ ପ୍ରତିନିଧିତ୍ୱ କରୁଥିବା ରାଜଭର ସମ୍ପ୍ରଦାୟ ହେଉଛି ରାଜ୍ୟ ଜନସଂଖ୍ୟାର ୩ରୁ ୪%। ଏହି ସଂଖ୍ୟା ରାଜ୍ୟ ସ୍ତରରେ କମ୍ ହୋଇପାରେ, କିନ୍ତୁ ଅଧିକାଂଶ ଲୋକ ପୂର୍ବାଞ୍ଚଳରେ ରହୁଛନ୍ତି। ଓମ୍‌ପ୍ରକାଶଙ୍କ ଦଳ 'ଏସ୍‌ବିଏସ୍‌ପି'ର ଆଧାର କେବଳ ରାଜଭର ସମ୍ପ୍ରଦାୟରେ ନୁହେଁ, ଚୌହାନ, ପାଲ, ପ୍ରଜାପତି, ବିଶ୍ୱକର୍ମା, ମଲ୍ଲାହ ଭଳି ଅନ୍ୟାନ୍ୟ ପଛୁଆ ବର୍ଗରେ ମଧ୍ୟ ରହିଛି। ପୂର୍ବ ୟୁପିର ୧୮ ଜିଲାରେ ୯୦ ଆସନ ରହିଛି। ଏଥିମଧ୍ୟରୁ ୨୫ରୁ ୩୦ ଆସନରେ ବହୁ ସଂଖ୍ୟାରେ ରାଜଭର ଅଛନ୍ତି। ପୂର୍ବ ୟୁପିରେ ୨୦୧୭ରେ ଭାଜପାର ଆସନ ସଂଖ୍ୟା ୧୪ରୁ ୭୨କୁ ବୃଦ୍ଧି ପାଇଥିବାବେଳେ ଏସ୍‌ପିର ସଂଖ୍ୟା ୫୨ରୁ ୯କୁ ଖସି ଆସିଥିଲା। ରାଜଭର ଜାତିଭିତ୍ତିକ ଜନଗଣନା ଦାବି କରୁଛନ୍ତି। ସେନେଇ ଅଖିଳେଶ ସେମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ରାଜଭର ସମ୍ପ୍ରଦାୟର ଅନ୍ୟ ଦୁଇ ବଡ଼ ନେତା ପୂର୍ବତନ ବିଏସ୍‌ପି ନେତା ରାମ ଅଚଳ ରାଜଭର ଏବଂ ପୂର୍ବତନ ବାଚସ୍ପତି ସୁଖଦେବ ରାଜଭରଙ୍କ ପୁଅ କମଲ କାନ୍ତ ମଧ୍ୟ ଅଖିଳେଶଙ୍କ ସହ ଅଛନ୍ତି। ରାମ ଅଚଳ ଏବଂ ବରିଷ୍ଠ ବିଏସ୍‌ପି ନେତା ଲାଲଜୀ ବର୍ମା ଆମ୍ବେଦକରନଗର ରାଲିରେ ଏସ୍‌ପିରେ ଯୋଗଦେଇଥିଲେ। ଏସ୍‌ପି ୨୫ରୁ ୩୦ ଆସନ ଜିତିବାରେ ଏସ୍‌ବିଏସ୍‌ପି ସହାୟକ ହେବ ବୋଲି ଆକଳନ କରାଯାଉଛି। ଭାଜପା ପକ୍ଷରୁ ମନ୍ତ୍ରୀ ଅନିଲ ରାଜଭର ଏହି ସମ୍ପ୍ରଦାୟର ଚେହେରା, କିନ୍ତୁ ତାଙ୍କର ସ୍ଥିତି ଏତେ ବଡ଼ ନୁହେଁ। ଏଭଳିସ୍ଥଳେ କେଶବ ମୌର୍ଯ୍ୟଙ୍କ ନେତୃତ୍ୱରେ ଗଠିତ ପଛୁଆ ବର୍ଗର 'ମହାନ୍ ଦଳ' ସହିତ ମେଣ୍ଟ କରି ଅଖିଳେଶ ନିଜ ଦଳକୁ ଅଧିକ ମଜଭୁତ କରିଛନ୍ତି। ସେହିପରି ବିଏସ୍‌ପିରୁ ନିଲମ୍ବିତ ହୋଇଥିବା ୬ ବିଧାୟକ ଏବଂ ସୀତାପୁରର ବିଦ୍ରୋହୀ ଭାଜପା ବିଧାୟକ ରାକେଶ ରାଥୋଡ ମଧ୍ୟ ଏସ୍‌ପିରେ ଯୋଗଦେଇଛନ୍ତି। ୨୦୨୦ ଅକ୍ଟୋବରରେ ରାଜ୍ୟ ସଭା ନିର୍ବାଚନ ସମୟରେ ଦଳର ପ୍ରାର୍ଥୀ ରାମଜୀ ଗୌତମଙ୍କୁ ବିରୋଧ ଯୋଗୁ ମାୟାବତୀ ୬ ବିଧାୟକଙ୍କୁ ନିଲମ୍ବିତ କରିଥିଲେ। ସେହିପରି ମହାମାରୀ ସମୟରେ ଘଣ୍ଟି ବଜାଇବା ଏବଂ ତାଳି ମାରିବା ପାଇଁ ଲୋକଙ୍କୁ ଅନୁରୋଧ କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଥୋଡ ସମାଲୋଚନା କରି ଦଳୀୟ ଆକ୍ରୋଶର ଶିକାର ହୋଇଥିଲେ। ଅନ୍ୟପକ୍ଷରେ ଲାଲଜୀ ବର୍ମା, ରାମ ଅଚଳ ରାଜଭରଙ୍କ ଭଳି ନେତା ଏସ୍‌ପିରେ ଯୋଗଦେବାକୁ ଭାଜପା ଗୁରୁତ୍ୱ ଦେଇଛି। ତେଣୁ ପୂର୍ବତନ ରାଜ୍ୟ ସଭାପତି ଲକ୍ଷ୍ମୀକାନ୍ତ ବାଜପେୟୀଙ୍କ ଅଧ୍ୟକ୍ଷତାରେ ଭାଜପା ୪ ଜଣିଆ କମିଟି ଗଠନ କରିଛି। କମିଟି ମୁଖ୍ୟତଃ ଅନ୍ୟ ଦଳର ସେହି ନେତାମାନଙ୍କୁ ଚିହ୍ନଟ କରିବ ଯେଉଁମାନେ ଚାପି ହୋଇରହିଛନ୍ତି ଏବଂ ଭଲ ରାଜନୈତିକ ପ୍ଲାଟଫର୍ମ ଖୋଜୁଛନ୍ତି। ରାଜ୍ୟରେ ଓବିସି ବର୍ଗକୁ ଭାଜପାର ବଡ଼ ସମର୍ଥକ ଭାବେ ବିବେଚନା କରାଯାଉଛି। କିନ୍ତୁ ଅଣଯାଦବ ଓବିସି ବର୍ଗ ମଧ୍ୟ ଅଖିଳେଶ ଯାଦବଙ୍କ ପାର୍ଟି ଆଡ଼କୁ ଢଳୁଥିବା ରାଜନୀତି ବିଶାରଦମାନେ ଭାଜପାର ଏବେକାର ରଣନୀତିକୁ ନେଇ ଅନୁମାନ ଲଗାଇଛନ୍ତି।

## ଉତ୍ତରପ୍ରଦେଶ
### ବିଧାନସଭା ନିର୍ବାଚନ

■ଭାଜପା ■ଏସ୍‌ପି ■ବିଏସ୍‌ପି ■କଂଗ୍ରେସ ■ଅପ୍‌ନା ଦଲ୍ ■ ଅନ୍ୟାନ୍ୟ

**ଦଳ ହାସଲ କରିଥିବା ସିଟ୍(ମୋଟ ୪୦୩)**




**୨୦୧୭ରେ ଦଳ ଅନୁଯାୟୀ ଭୋଟ ଅନୁପାତ**




ନୋଟା ୦.୯%

## ମହଙ୍ଗା ପକାଇବ ଲଖିମପୁର ଖେରି

କିଛିଦିନ ହେଲା ଦେଶରେ ଅଧିକ ଚର୍ଚ୍ଚା ସାଉଁଟି ଆସିଛି ଉତ୍ତରପ୍ରଦେଶର ଲଖିମପୁର ଖେରି। ଏହି ଅଞ୍ଚଳ ରାଜ୍ୟରେ ଏକ ନୂତନ କ୍ଷେତ୍ର ଭାବରେ ଉଭା ହୋଇଛି। ଏଥିରେ ୪୨ଟି ଆସନ ଅଛି, ଯେଉଁଥିରୁ ୨୦୧୭ରେ ଭାଜପା ୩୭ଟି ପାଇଛି। ବରିଷ୍ଠ ଖବରଦାତା ପ୍ରଶାନ୍ତ ଟଣ୍ଡନ କୁହନ୍ତି, ୟୁପିର ୧୫% ଶିଖ୍ ଏଠାରେ ରୁହନ୍ତି, ଯେଉଁମାନେ ଶକ୍ତିଶାଳୀ ଏବଂ ଅନ୍ୟମାନଙ୍କୁ ପ୍ରଭାବିତ କରିବାର କ୍ଷମତା ରଖିଛନ୍ତି। ଚାଷୀଙ୍କୁ ଗାଡ଼ିରେ ଦଳି ମାରିଦେବା ଘଟଣା ପରେ ଭାଜପାକୁ ବହୁମୂଲ୍ୟ ଦେବାକୁ ପଡ଼ିପାରେ। ଏକ ରାଲିରେ ଅଖିଳେଶ ଏହି ଘଟଣା ବିଷୟରେ ଉଲ୍ଲେଖ କରି କହିଛନ୍ତି, ଯେପର୍ଯ୍ୟନ୍ତ ଭାଜପା ସରକାର ହଟିନାହିଁ ସେ ପର୍ଯ୍ୟନ୍ତ ଚାଷୀଙ୍କୁ ନ୍ୟାୟ ମିଳିବ ନାହିଁ। ବୋଧହୁଏ ଏସବୁକୁ ଧ୍ୟାନରେ ରଖି ଭାଜପା ସଭାପତି ଜେ.ପି. ନଡ୍ଡା କହିଛନ୍ତି, ମୋଦି ଶିଖ୍ ଭାଇମାନଙ୍କ ପାଇଁ ଯାହା କରିଛନ୍ତି, ସେପରି ଅନ୍ୟ କେହି କରିନାହାନ୍ତି। ଟଣ୍ଡନ କହିଛନ୍ତି, ୨୦୧୪ରୁ ୨୦୧୭ ମଧ୍ୟରେ ରାଜ୍ୟରେ ସାମ୍ପ୍ରଦାୟିକ ଦଙ୍ଗା ୨୮% ବୃଦ୍ଧି ପାଇଥିଲା, ଯାହା ୨୦୧୭ ବିଧାନସଭା ନିର୍ବାଚନରେ ପ୍ରତିଫଳିତ ହୋଇଥିଲା। କିନ୍ତୁ ଏଥର ସେପରି କିଛି ନାହିଁ। ବୋଧହୁଏ ସେଥିପାଇଁ ଧ୍ରୁବୀକରଣ ପ୍ରୟାସ ତୀବ୍ର ହୋଇଛି। ଯୋଗୀ ଅଯୋଧ୍ୟାରେ ଦୀପୋତ୍ସବ ଅବସରରେ କହିଥିଲେ, ପୂର୍ବରୁ ସରକାରୀ ଅର୍ଥ କବରସ୍ଥାନରେ ଖର୍ଚ୍ଚ ହେଉଥିଲା, ଏବେ ଏହା ମନ୍ଦିରରେ ଖର୍ଚ୍ଚ ହେଉଛି। ସେହିପରି ଅଖିଳେଶ ନିକଟରେ ପଟେଲ, ଗାନ୍ଧୀ ଏବଂ ନେହେରୁଙ୍କ ସହ ଜିନ୍ନାଙ୍କୁ ତୁଳନା କରି ବିବାଦୀୟ ହୋଇଥିଲେ। ସେମାନେ ଗୋଟିଏ ଅନୁଷ୍ଠାନରେ ପଢ଼ି ବାରିଷ୍ଟର ହୋଇଥିଲେ ଏବଂ ଆମକୁ ସ୍ୱାଧୀନତା ଦେଇଥିଲେ ବୋଲି ଅଖିଳେଶଙ୍କ ପାଟିରୁ ବାହାରିବା ପରେ ଅନେକ ଭାଜପା ନେତା ଏହାକୁ ସମାଲୋଚନା କରିଛନ୍ତି। ଟଣ୍ଡନ ଅନୁମାନ କରୁଛନ୍ତି ଯେ ଏଥର ମୁସଲମାନ ଭୋଟରମାନେ ମାୟାବତୀଙ୍କ ସହ ଯାଇ ନ ପାରନ୍ତି। କାରଣ ଭାଜପାର ଆସନ ସଂଖ୍ୟା କମିଲେ ସରକାର ଗଠନ ପାଇଁ ମାୟାବତୀ ଗୈରିକ ଦଳକୁ ସମର୍ଥନ କରିପାରନ୍ତି ବୋଲି ମୁସଲମାନ ସମୁଦାୟ ଆଶଙ୍କା କରୁଛନ୍ତି।



"ଭାଜପା ତାଲିବାନ୍ ଏବଂ ପାକିସ୍ତାନ ବିଷୟରେ କଥାବାର୍ତ୍ତା କରୁଛି, କିନ୍ତୁ ପ୍ରକୃତ ପ୍ରସଙ୍ଗ ହେଉଛି ବେକାରି, ମୁଦ୍ରାସ୍ଫୀତି ଏବଂ କୃଷକଙ୍କ ଦୁଃସ୍ଥିତି। ଆମେ ପ୍ରକୃତ ପ୍ରସଙ୍ଗ ଉଠାଇବା ଜାରି ରଖିବୁ।"

-ଜୟନ୍ତ ଚୌଧରୀ, ରାଷ୍ଟ୍ରୀୟ ଲୋକ ଦଳ, ସଭାପତି

# ଡିଜି କ୍ୟାମ୍ପ ଅଫିସ, ନବୀନ ନିବାସ ଘେରିବାକୁ ରାଲି

## କର୍ମୀଙ୍କୁ ଆକ୍ରମଣ, ମନ୍ତ୍ରୀଙ୍କ ବହିଷ୍କାର ଦାବିରେ ଛାତ୍ର କଂଗ୍ରେସର ରଣହୁଙ୍କାର

**ଭୁବନେଶ୍ୱର,୧୬।୧୧(ବ୍ୟୁରୋ)**

ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଓ ଗିରଫ ଦାବିରେ ମଙ୍ଗଳବାର ଛାତ୍ର କଂଗ୍ରେସ ପକ୍ଷରୁ ନବୀନ ନିବାସ ଘେରାଉ ଉଦ୍ୟମ କରାଯାଇଥିଲା। ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଛାତ୍ର କର୍ମୀମାନେ ଫରେଷ୍ଟ ପାର୍କ ଠାରୁ ଏକ ରାଲିରେ ବାହାରି ନବୀନ ନିବାସ ଅଭିମୁଖେ ଯିବା ସମୟରେ ବାଟରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ସେଠାରେ ପୋଲିସ ଏବଂ ଛାତ୍ର କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଛାତ୍ର କଂଗ୍ରେସ କର୍ମୀମାନେ ପୋଲିସ କର୍ମଚାରୀଙ୍କ ଉପରକୁ ଅଣ୍ଡା, ଟମାଟୋ ମାଡ କରିଥିବା ବେଳେ ବିକ୍ଷୋଭକାରୀଙ୍କୁ ପୋଲିସ ଉଠାଇ ନେଇଥିଲା। ଅନୁରୂପଭାବେ ଛାତ୍ର କଂଗ୍ରେସର ଶତାଧିକ କର୍ମୀ ଆଉ ଏକ



ନବୀନ ନିବାସ ଘେରାଉ କରିବାକୁ ଯାଉଥିବାବେଳେ ମଙ୍ଗଳବାର ଛାତ୍ର କଂଗ୍ରେସ କର୍ମୀଙ୍କୁ ପୋଲିସ ଅଟକାଉଛି।

ରାଲିରେ ଆସି ଡିଜି କ୍ୟାମ୍ପ ଅଫିସ୍ ଘେରାଉ କରିବାକୁ ଉଦ୍ୟମ କରିଥିଲା। ବରଗଡ ସମେତ ବିଭିନ୍ନ ଜିଲାରେ ମମିତା ମେହେର ହତ୍ୟା ପ୍ରସଙ୍ଗରେ ବିକ୍ଷୋଭକାରୀ ଛାତ୍ର କଂଗ୍ରେସ କର୍ମୀଙ୍କୁ ବିଜେଡି କର୍ମୀ ଆକ୍ରମଣ କରିବା, ଆନ୍ଦୋଳନକାରୀ ଛାତ୍ର କଂଗ୍ରେସ କର୍ମୀଙ୍କୁ ବନ୍ଧୁକ ଦେଖାଇଥିବା ମନ୍ତ୍ରୀଙ୍କ ପିଏସ୍‌ଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଆକ୍ରମଣ କରିବାକୁ ସୁଯୋଗ ଦେଉଥିବା ପୋଲିସ ଏବଂ ଏସ୍‌ପିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ଛାତ୍ର କଂଗ୍ରେସ ଦାବି କରିଛି। ଏହି ପ୍ରସଙ୍ଗରେ ଛାତ୍ର କଂଗ୍ରେସ କର୍ମୀମାନେ ଡିଜି କ୍ୟାମ୍ପ ଅଫିସ ଆସିବା ସମୟରେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ସେଠାରୁ ମଧ୍ୟ କଂଗ୍ରେସ କର୍ମୀଙ୍କୁ ପୋଲିସ ଉଠାଇ ନେଇ ଅଟକ ରଖିଥିଲା। ଆଉ କିଛି କଂଗ୍ରେସ ନେତା ଓ କର୍ମୀ ଡିଜି କ୍ୟାମ୍ପ ଅଫିସ୍ ଆଗରେ ଦାଣ୍ଡରେ ବସି ଡିଆଇଜି ବିନା ତଦନ୍ତରେ କିଭଳି ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ କ୍ଲିନ୍‌ଚିଟ୍ ଦେଇଦେଲେ ସେକଥା ପ୍ରଶ୍ନ ଉଠାଇଥିଲେ। ଏହାପରେ ଛାତ୍ର କଂଗ୍ରେସର ଏକ ପ୍ରତିନିଧି ଦଳ ପୋଲିସ କମିଶନରଙ୍କୁ ଭେଟି ଉପରୋକ୍ତ ଦାବିଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରି ଡିଜିପିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି।



ଭୁବନେଶ୍ୱର ଡିଜି କ୍ୟାମ୍ପ ଅଫିସ୍ ଆଗରେ ଯୁବ କଂଗ୍ରେସ କର୍ମୀଙ୍କ ବିକ୍ଷୋଭ।

# କେନ୍ଦ୍ର ଆଦିବାସୀ ମନ୍ତ୍ରୀଙ୍କ ଗାଡ଼ିକୁ ଅଣ୍ଡାମାଡ଼

## ଜଗତ୍‌ସିଂହପୁର ଗସ୍ତଙ୍କୁ ଯୁବ ଓ ଛାତ୍ର କଂଗ୍ରେସର ବିରୋଧ

**ନାଉଗାଁ,୧୬।୧୧(ସ୍ୱ.ପ୍ର.)**

କେନ୍ଦ୍ର ଆଦିବାସୀ, ଜଳଶକ୍ତି ରାଷ୍ଟ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମଙ୍ଗଳବାର ଜଗତ୍‌ସିଂହପୁର ଜିଲା ଗସ୍ତରେ ଆସିଥିଲେ। ଏହି ସମୟରେ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ କଳା ପତକା ପ୍ରଦର୍ଶନ କରାଯାଇ ତାଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼ କରାଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ସମେତ ତୈଳ ଦର ବୃଦ୍ଧି, ଉତ୍ତର ପ୍ରଦେଶରେ ଜଣେ କେନ୍ଦ୍ର ମନ୍ତ୍ରୀଙ୍କ ପୁଅ ଚାଷୀଙ୍କୁ ହତ୍ୟା କରିବା ଘଟଣାରେ କେନ୍ଦ୍ର ସରକାର ବିରୋଧରେ ଏପରି କରାଯାଇଥିବା ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ କୁହାଯାଇଛି।

ନାଉଗାଁ ବ୍ଲକ ଅନ୍ତର୍ଗତ ଅଙ୍ଗେଶ୍ୱରପଡ଼ା ଉଚ୍ଚ ବିଦ୍ୟାଳୟରେ ଭଗବାନ ଦାସ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପୂର୍ବତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଭଗବାନ ଦାସଙ୍କ ୨୩ତମ ଶ୍ରାଦ୍ଧ ବାର୍ଷିକୀ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ମନ୍ତ୍ରୀ ଟୁଡୁ ଆସିଥିଲେ। ଅଲଣାହାଟ ଓ ମୁଣ୍ଡାଳ ନିକଟରେ ମନ୍ତ୍ରୀ ଟୁଡୁ ପହଞ୍ଚିବା ପରେ ତାଙ୍କ ଗାଡ଼ି ଉପରକୁ ୨ଥର ଅଣ୍ଡାମାଡ଼ କରାଯାଇଥିଲା। ମନ୍ତ୍ରୀ ଏହାକୁ ଏକ ନିତିଦିନିଆ ଘଟଣା ବୋଲି କହିଥିବା ବେଳେ ଏନେଇ ତଦନ୍ତ ଜାରି ରହିଛି ବୋଲି ନାଉଗାଁ ଥାନା ଅଧିକାରୀ ଅଭୟ ବେହେରା କହିଛନ୍ତି।

ଭଗବାନ ଦାସଙ୍କ ଶ୍ରାଦ୍ଧବାର୍ଷିକୀରେ ମନ୍ତ୍ରୀ ଟୁଡୁ ଯୋଗଦେଇ କହିଥିଲେ, ବିଦ୍ୟାଳୟ ହେଉଛି ମଣିଷ ତିଆରି କାରଖାନା। ପିଲାମାନେ ପଥଭ୍ରଷ୍ଟ ନ ହୋଇ ରାଷ୍ଟ୍ରର ଏକତା ପାଇଁ କାର୍ଯ୍ୟ କରିବା ଆବଶ୍ୟକ। ପୂର୍ବତନ ଶିକ୍ଷକ ନିଳୁରାମ ଜେନା ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ପୂର୍ବତନ ଶିକ୍ଷକ ଉପେନ୍ଦ୍ର ନାଥ ବିଶ୍ୱାଳ, ପ୍ରଧାନ ଶିକ୍ଷକ ତପନ ସିଂ, ବିଷ୍ଣୁ ପ୍ରସାଦ ତରାଇ, ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



କେନ୍ଦ୍ର ଆଦିବାସୀ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ଗାଡ଼ିକୁ ବିରୋଧ ପ୍ରଦର୍ଶନ କରାଯାଉଛି।




ଗୁଆହାଟୀରେ ତେଲ ଓ ଜରୁରୀ ସାମଗ୍ରୀର ଦରଦାମ ବୃଦ୍ଧିରେ ସିପିଆଇଏମ୍ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଜଣେ ବିକ୍ଷୋଭକାରୀ ଧରିଥିବା ପ୍ଲାକାର୍ଡରେ ଲେଖାଅଛି 'ଭାଇ ଓ ଭଉଣୀମାନେ, ପେଟ୍ରୋଲ ଦାମ୍ କମିଲା କି ନାହିଁ?'




## ସଂକ୍ଷେପରେ

### ନିଖୋଜ ବିହାରୀ ଯୁବକ ଉଦ୍ଧାର

**ସୋର, ୧୬।୧୧(ଡି.ଏନ.ଏ.):** ବିହାର ଗରେୟା ଅଞ୍ଚଳର ଜଣେ ଯୁବକ ମହାରାଷ୍ଟ୍ରରେ ରହୁଥିବା ତାଙ୍କ ଭାଇଙ୍କ ଘରୁ ପଳାଇ ଆସି ଦୀର୍ଘ ଦେଢ଼ମାସ ଧରି ବିଭିନ୍ନ ଆଡ଼େ ବୁଲୁଥିଲେ। ସୋରର ସ୍ୱେଚ୍ଛାସେବୀ ଅନୁଷ୍ଠାନ ହେଲପିଂ ହ୍ୟାଣ୍ଡସ ସଦସ୍ୟମାନେ ତାଙ୍କୁ ରବିବାର ଉଦ୍ଧାର କରି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ବିହାର ରୋହତାସ ଜିଲାର ଗାରେୟା ଗ୍ରାମର କୁଅଁର ସିଂଙ୍କ ପୁଅ ଦୀପକ କୁମାର(୩୦) କିଛିଦିନ ତଳେ ମହାରାଷ୍ଟ୍ରରେ ରହୁଥିବା ତାଙ୍କ ସାନଭାଇ ପାଖକୁ ଯାଇଥିଲେ। ସେଠାରୁ ଦେଢ଼ମାସ ତଳେ ହଠାତ୍ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବିଭିନ୍ନ ଆଡ଼େ ଖୋଜାଖୋଜି କରିଥିଲେ ମଧ ତାଙ୍କର ପତ୍ତା ପାଇ ନ ଥିଲେ। ଦୀପକ ସେଠାରୁ ଏକ ଟ୍ରେନ୍‌ରେ ସିକନ୍ଦରାବାଦକୁ ଆସି ସେଠାରୁ ଓହ୍ଲାଇ ଘରକୁ ବାଟ ପାଇ ନ ଥିଲେ। ସେ ଚାଲି ଚାଲି ତାଙ୍କ ଘର ଅଭିମୁଖେ ଯାଉଥିବା ବେଳେ ସୋର ଉତ୍ତରେଶ୍ୱର ଗଣେଶ ଚା’ଦୋକାନୀ ତାଙ୍କ ଅବସ୍ଥା ଦେଖି ଅଟକାଇ ହେଲପିଂ ହ୍ୟାଣ୍ଡସ କର୍ମକର୍ତ୍ତାଙ୍କୁ ଖବର ଦେଇଥିଲେ। ସ୍ୱେଚ୍ଛାସେବୀମାନେ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ନିଜ ପାଖରେ ରଖିବା ସହିତ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଭିଡିଓକଲିଂରେ ତାଙ୍କ ଭାଇଙ୍କୁ ଚିହ୍ନିପାରି ସେ ଖୁସିରେ ଆତ୍ମହରା ହୋଇପଡ଼ିଥିଲେ। ସୋମବାର ସନ୍ଧ୍ୟାରେ ପରିବାର ଲୋକେ ସୋରରେ ପହଞ୍ଚି ଦୀପକଙ୍କୁ ସାଥୀରେ ଘରକୁ ନେଇଯାଇଛନ୍ତି।

### ଦାୟିତ୍ୱ ଗ୍ରହଣ କଲେ ନୂଆ ରେଞ୍ଜର

**ବିଶୋଇ,୧୬।୧୧(ଡି.ଏନ.ଏ.) :** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବନଖଣ୍ଡ ଅଧୀନ ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ କାର୍ଯ୍ୟାଳୟରେ ପ୍ରମୋଦ କୁମାର ସେଠୀ ନୂତନ ରେଞ୍ଜ ଅଧିକାରୀ ଭାବରେ ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ସେ ତେଲକୋଇ ବନାଞ୍ଚଳ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଜୀବଜନ୍ତୁଙ୍କ ସୁରକ୍ଷା ଉପରେ ସେ ବିଶେଷ ଗୁରୁତ୍ୱ ଦେବେ ବୋଲି ସୂଚନା ଦେଇଛନ୍ତି।

### ୧୫ ଦିନରେ ୪ ପେଟ୍ରୋଲ ପମ୍ପରୁ ଲୁଟ୍

**ବାରିପଦା ଅଫିସ,୧୬।୧୧:** ମୟୂରଭଞ୍ଜ ଜିଲାରେ ଗତ ୧୫ ଦିନ ମଧ୍ୟରେ ୪ଟି ପେଟ୍ରୋଲ ପମ୍ପରୁ ଲୁଟ ହେବା ଘଟଣା ଚାଞ୍ଚଲ୍ୟ ଖେଳାଇଛି। ଦୁର୍ବୃତ୍ତମାନେ ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଏହି ଲୁଟପାଟ କରୁଥିବା ବେଳେ ପୋଲିସ ସେମାନଙ୍କ ଟେର ପାଇ ପାରୁନାହିଁ। ୧୮ ନଂ. ଜାତୀୟ ରାଜପଥ ପାର୍ଶ୍ୱ ମଞ୍ଚାବନ୍ଧାସ୍ଥିତ ଏସାର ପେଟ୍ରୋଲପମ୍ପରୁ ସୋମବାର ରାତିରେ ସଶସ୍ତ୍ର ଡକାୟତି ହୋଇଛି। ଖବରପାଇ ବାରିପଦା ଏସ୍‌ଡିପିଓ କେ.କେ.ହରିପ୍ରସାଦ ଓ ସଦର ଥାନାଧିକାରୀ ପ୍ରେମଦା ନାୟକ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜକୁ ଆଧାରକରି ତଦନ୍ତ ଜାରି ରଖିଛନ୍ତି। ଏକ ବାଇକ୍‌ରେ ୩ ଦୁର୍ବୃତ୍ତ ଆସି ତେଲ ପକାଇ ଜଣେ କର୍ମଚାରୀମାନଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ତାଙ୍କ ପାଖରେ ଥିବା ୨୫ଶହରୁ ଊର୍ଦ୍ଧ୍ୱ ଟଙ୍କା ଥିବା ନେଇ ଚମ୍ପଟ ମାରିଥିଲେ। ୧୫ଦିନ ମଧ୍ୟରେ ଜିଲାର ବହଳଦା, ମାଣତ୍ରୀ, ଖୁଣ୍ଟା ଓ ବାରିପଦା ସଦର ଥାନା ଅଞ୍ଚଳରେ ଥିବା ୪ଟି ପେଟ୍ରୋଲ ପମ୍ପରୁ ଡକାୟତି ହୋଇଥିବା ବେଳେ ପୋଲିସର ହାତ ଖାଲି ପଡ଼ିଛି। ଫଳରେ ଅପରାଧୀମାନେ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଚାଲିଥିବା ଅଭିଯୋଗ ହେଉଛି।

### ଅବକାରୀ ଚଢ଼ାଉ, ମଦ ବେପାରୀ ଗିରଫ

**ଖୁଣ୍ଟା,୧୬।୧୧(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଖୁଣ୍ଟା ଅବକାରୀ ଥାନା ପୋଲିସ ଚଢ଼ାଉ କରି ମଦ ବେପାରୀ ଗୋରାଚାନ୍ଦ ସିଂଙ୍କୁ ଗିରଫ କରିଛି। ତାଙ୍କଠାରୁ ୩୦ ଲିଟର ମହୁଲି ମଦ ସମେତ ଏକ ବାଇକ୍ ଜବତ ହୋଇଛି। ଅଭିଯୁକ୍ତଙ୍କ ଘର ବଡ଼ସାହି ଥାନା ଦଲକିଶୋଳ ଗ୍ରାମରେ। ଅବକାରୀ ଅଧିକାରୀ ପ୍ରସନ୍ନ କୁମାର ଜାଲିଙ୍କ ନେତୃତ୍ୱରେ ଏଏସ୍‌ଆଇ ବିଜୟ ମହାନ୍ତ, କର୍ମଚାରୀ ତମନ୍ନ ପରିଡ଼ା, ଦୀପାଞ୍ଜଳି ଦାସ ପ୍ରମୁଖ ଚଢ଼ାଉ କରିଥିଲେ।

# ପ୍ରବେଶଦ୍ୱାରରେ ଫାଟକ କରାଯାଇ କଡ଼ା ପହରା

■ପ୍ରସ୍ତାବିତ ବନ୍ଦର, ପେଟ୍ରୋକେମିକାଲ୍ସ ପ୍ଲାଣ୍ଟକୁ ବିରୋଧ

■ଭିଟାମାଟି ସୁରକ୍ଷା କମିଟିର ଜନଜାଗରଣ ଯାତ୍ରା ଶେଷ

**ବାଲିଆପାଳ, ୧୬।୧୧(ସ୍ୱ.ପ୍ର)**



ଫାଟକ ନିକଟରେ ଭିଟାମାଟି ସୁରକ୍ଷା କମିଟି ସଦସ୍ୟମାନେ ଜଗି ରହିଛନ୍ତି।

ଦକ୍ଷିଣ ବାଲିଆପାଳରେ ପ୍ରସ୍ତାବିତ ବନ୍ଦର ଓ ପେଟ୍ରୋକେମିକାଲ୍ସ ପ୍ଲାଣ୍ଟକୁ ବିରୋଧ କରି ଆନ୍ଦୋଳନ ତେଜିବାରେ ଲାଗିଛି। ଭିଟାମାଟି ସୁରକ୍ଷା କମିଟି ଆବାହକ ଅରୁଣ ଜେନାଙ୍କ ନେତୃତ୍ୱରେ ୬ପଞ୍ଚାୟତର ଶହ ଶହ ଗ୍ରାମବାସୀ ମଙ୍ଗଳବାର ମୋଟର ସାଇକେଲରେ ବାହାରି ଚୌମୁଖ ଗ୍ରାମର ଶିବ ମନ୍ଦିରଠାରେ ପହଞ୍ଚି ପେଟ୍ରୋକେମିକାଲ୍ସ ପ୍ଲାଣ୍ଟ ଓ ବନ୍ଦରକୁ ବିରୋଧ କରି ଜନ୍ମମାଟିକୁ ସୁରକ୍ଷା କରିବାକୁ ଶପଥ ନେଇଥିଲେ। ଡଗରା ବଡଗୁମୁଟୁ ଛକଠାରେ ପଞ୍ଚାୟତବାସୀଙ୍କ ସହମତିକ୍ରମେ ପ୍ରବେଶଦ୍ୱାରକୁ ବନ୍ଦ କରି ଏକ ଗେଟ୍ ସ୍ଥାପନ କରାଯାଇଛି। ଏହି ଗେଟ୍‌କୁ ପାଳି କରି କଡ଼ାପହରା ଦିଆଯିବାର ସୂଚନା ମିଳିଛି। ଅନ୍ୟପକ୍ଷରେ ଚଳିତମାସ ୨ ତାରିଖରୁ ଭିଟାମାଟି ସୁରକ୍ଷା କମିଟି ତରଫରୁ ଜନଜାଗରଣ ଯାତ୍ରା ଆରମ୍ଭ ହୋଇ ମଙ୍ଗଳବାର ଚୌମୁଖ ଶିବ ମନ୍ଦିରଠାରେ ଶେଷ ହୋଇଛି। କାର୍ତ୍ତିକ ନାୟକ, କମଳାକାନ୍ତ ଜେନା, ଚକ୍ରଧର ଗିରି, ରମଣୀ ମଣ୍ଡଳ, ବିଜନ ନାୟକ, ଅରୁଣ ଜେନା, ଅନୁଜ ମହାପାତ୍ର, ଡଗରା ସରପଞ୍ଚ ପ୍ରତିନିଧି ସତ୍ୟାନନ୍ଦ ମହାନ୍ତି, ବେତାଗଡିଆ ସଦସ୍ୟ ସନ୍ତୋଷ ଗିରି, କାମଲଲୋଚନ କର, କୁଶଧ୍ୱଜ ଜେନା, ମାୟାଧର କୁହଲାରୀ ଓ ବେଣୁଧର ରଞ୍ଜିତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜନଜାଗରଣ ଯାତ୍ରା ଶେଷ ହୋଇଥିଲା।

# ମିଲରଙ୍କୁ ସରକାରୀ ଗୋଦାମ ଗୃହ ଯୋଗାଣ

**ଜିଲାପାଳଙ୍କୁ ଅଭିଯୋଗ କଲା କୃଷକ ସଙ୍ଗଠନ**

**ସିମୁଳିଆ, ୧୬।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଜାମୁଝାଡି ସେବା ସମବାୟ ସମିତି ଗୋଦାମ ଗୃହରେ ଶହ ଶହ ଧାନ ବସ୍ତା ମହଜୁଦ ରଖାଯିବା ଓ ଏହାକୁ ଟ୍ରକ ସାହାଯ୍ୟରେ ସ୍ଥାନୀୟ ୟୁନିଦୀପ ରାଇସ୍‌ମିଲକୁ ପଠାଯିବା ସମ୍ପର୍କରେ ସିମୁଳିଆ ଖଇରା ଫାର୍ମାର୍ସ ଆସୋସିଏସନ ପକ୍ଷରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି।

ସୋମବାର ମଧ୍ୟାହ୍ନରେ ଏହି ସେବା ସମବାୟ ସମିତି ଗୋଦାମ ଗୃହ ସମ୍ମୁଖରେ ଟ୍ରକ(ନଂ.ଓଆର୍ ୦୯ ଏଲ ୦୫୫୭) ଲଗାଇ ଧାନ ବୋଝେଇ କରାଯାଉଥିବା ବେଳେ ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ । ଏ ସମ୍ପର୍କରେ ପଞ୍ଚାୟତ ସମ୍ପାଦକ ଜଗବନ୍ଧୁ ପରିଡାଙ୍କୁ ପଚାରିବାରୁ ଏହା ଗତବର୍ଷରୁ ରଖାଯାଇଥିବା ୟୁନିଦୀପ ମିଲର ଧାନ। ତେବେ କେତେ କୁଇଣ୍ଟାଲ ବା କେତେ ବସ୍ତା ଅଛି ତାହା ସେ ଜାଣନ୍ତି ନାହିଁ ବୋଲି କହିଥିଲେ। ଏ ସମ୍ପର୍କରେ ମିଲ୍ ମାଲିକ ଦୀପକ ଦାସଙ୍କୁ ପଚାରିବାରୁ ଏହା କେତେ କୁଇଣ୍ଟାଲ ଅଛି ତାହା ତାଙ୍କର ମନେ ନାହିଁ। ତେବେ ଗୋଦାମ ଗୃହ ଚାରିପଟେ ପାଣି ହୋଇଯାଇଥିବାରୁ ସେ ଗତବର୍ଷ ଆଣି ପାରି ନ ଥିଲେ ବୋଲି କହିଥିଲେ। ଅପରପକ୍ଷେ ଜଣେ ମିଲରଙ୍କୁ କେଉଁ ସ୍ୱାର୍ଥରେ ସରକାରୀ ଗୋଦାମ ଗୃହ ଯୋଗାଇ ଦିଆଯାଇଛି ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ଗତବର୍ଷ ଜାମୁଝାଡି ସେବା ସମବାୟ ସମିତିରେ ଧାନକିଣାରେ ବ୍ୟାପକ ଦୁର୍ନୀତି ହେବା ସମ୍ପର୍କରେ ଜିଲାପାଳ ଓ କମିଶନରଙ୍କ ନିକଟରେ ଅଭିଯୋଗ ହେବା ସହିତ ଏହାର ତଦନ୍ତ ଚାଲିଛି ।

### ସଡ଼କ ଦୁର୍ଘଟଣାରେ ଚାଷୀଙ୍କ ମୃତ୍ୟୁ

**ବାହାନଗା, ୧୬।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସଦର ଥାନା ରସାଲପୁର ପଞ୍ଚାୟତ ୧୧ ନମ୍ବର ୱାର୍ଡଭୀମପୁର ଗ୍ରାମର ଜଣେ ଚାଷୀ ରସାଲପୁର ରାସ୍ତା ଦେଇ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଛନ୍ତି। ମୋଟର ସାଇକେଲ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ଚାଷୀ ହେଲେ ଗ୍ରାମର ନାରାୟଣ ପ୍ରସାଦ ରଣା(୫୬)।

### ଗାଁରେ ମୃତଦେହ ପୁରେଇ ଦେଲେନି

**ପାଟଣା,୧୬।୧୧(ସ୍ୱ .ପ୍ର.)**

କେନ୍ଦୁଝର ଜିଲା ପାଟଣା ଥାନା ଉଦୟପୁର ନୂଆପାତ୍ର ସାହିରେ ସୋମବାର ଏକ ଘରୋଇ ଆମ୍ବୁଲାନ୍ସରେ କଟକ ବଡ଼ ଡାକ୍ତରଖାନାରୁ ଆସିଥିବା ଏକ ମୃତଦେହକୁ ଲୋକେ ଗାଁରେ ପୁରାଇ ଦେଇ ନ ଥିଲେ। ମୃତକ ହେଲେ ଉକ୍ତ ଗ୍ରାମର ମଧୁସୂଦନ ପାତ୍ର। ଫଳରେ ଉକ୍ତ ମୃତଦେହ ମଙ୍ଗଳବାର ପର୍ଯ୍ୟନ୍ତ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆମ୍ବୁଲାନ୍ସ ଭିତରେ ପଡି ରହିଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଦୁର୍ଗନ୍ଧରେ ପଶି ହେଉ ନ ଥିଲା। ମଙ୍ଗଳବାର ପାଟଣା ପୋଲିସ ଖବରପାଇ ଆମ୍ବୁଲାନ୍ସ ଚାଳକଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ମଧୁସୂଦନଙ୍କ ବ୍ରେନ ଷ୍ଟ୍ରୋକରେ କଟକ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ରିସିଭ ଡେଥ ହୋଇଛି ବୋଲି ଜାଣିବାକୁ ପାଇଥିଲା। ସଂସ୍କାର କରିବା ନେଇ ଅନିଶ୍ଚିତତା ଦେଖା ଦେବାରୁ ପାଟଣା ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ ଉଭୟ ପକ୍ଷଙ୍କୁ ଥାନାକୁ ଡକାଇ ପ୍ରକୃତ ଘଟଣା ଜଣାଇବା ପରେ ପରିବାର ଲୋକେ ମୃତଦେହ ନେଇ ଗାଁ ମଶାଣିରେ ସଂସ୍କାର କରିଛନ୍ତି।

# ‘ଲକ୍ଷ୍ୟ ସାଧନ ଲାଗି ଛାତ୍ରୀଛାତ୍ର ଶୃଙ୍ଖଳିତ ହୁଅନ୍ତୁ’

**ସୀମାନ୍ତ କଲେଜରେ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା**

**ସାରସକଣା,୧୬।୧୧(ଡି.ଏନ.ଏ.)**



ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ କଲେଜ ଅଧ୍ୟକ୍ଷ ଓ ଅନ୍ୟମାନେ।

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଅଞ୍ଚଳରେ ଥିବା ସୀମାନ୍ତ ମହାବିଦ୍ୟାଳୟରେ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରରେ ଅଧ୍ୟକ୍ଷ ନଳିନୀ ରଞ୍ଜନ ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅଧ୍ୟାପକ ଅଶୋକ ଶର୍ମା, ଡ.ଦେବଦତ୍ତ ମହାନ୍ତି, ସଞ୍ଜିତ କୁମାର ପଟ୍ଟନାୟକ, ଡ. ପ୍ରବୀର କୁମାର ପଟ୍ଟନାୟକ, ଅନୀଲ ଝା ପ୍ରମୁଖ ମଞ୍ଚାସୀନ ହୋଇ ଯୁକ୍ତ ୩ ଶ୍ରେଣୀରେ ନାମ ଲେଖାଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇବା ସହ ଲକ୍ଷ୍ୟ ସାଧନ ଲାଗି ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ। ଏନ୍‌ସିସି ବିଭାଗ ଅଧ୍ୟାପକ ଲେଫ୍ଟନାଣ୍ଟ ନିହାର ରଞ୍ଜନ ମହାନ୍ତ ଏବଂ କ୍ରୀଡ଼ା ଶିକ୍ଷକ ଶ୍ରଦ୍ଧାନନ୍ଦ ସାହୁ ସଭା ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ଝା ଧନ୍ୟବାଦ ଅର୍ପଣ କରିଥିଲେ।

# କୋଷ୍ଟ କେନାଲ ପୁନରୁଦ୍ଧାର ଦାବି ତେଜିଲା

**ପଦ୍ମପୁର, ୧୬।୧୧(ଡି.ଏନ.ଏ.)**

ବ୍ରିଟିଶ ଶାସନ ସମୟରେ ନିର୍ମାଣ ହୋଇଥିବା କୋଷ୍ଟକେନାଲ ଏବେ ଅବହେଳିତ ହୋଇପଡ଼ିଛି। ଏହାର ପୁନରୁଦ୍ଧାର ପାଇଁ ବିଭିନ୍ନ ସାମାଜିକ ସଙ୍ଗଠନ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ସେମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ୧୮୬୬ରେ ଭଦ୍ରକ ଜିଲା ଚାରବାଟିଆ ଠାରୁ ଅବିଭକ୍ତ ବାଲେଶ୍ୱର ଜିଲାର ଭୋଗରାଇ ବ୍ଲକର ପାଳଜାମକୁଣ୍ଡା କୋଷ୍ଟ କେନାଲ ଏବେ ଅବହେଳିତ। ରକ୍ଷଣାବେକ୍ଷଣ ଓ ପୁନରୁଦ୍ଧାର ନ ହେବା କାରଣରୁ ଦୀର୍ଘଦିନ ଧରି ଉକ୍ତ କେନାଲ ପରିତ୍ୟକ୍ତ ଅବସ୍ଥାରେ। ଓଡ଼ିଶା ଓ ବଙ୍ଗ ଦୁଇ ରାଜ୍ୟ ମଧ୍ୟରେ ବିଭିନ୍ନ ସାମଗ୍ରୀ ପରିବହନ ଓ ଉତ୍ପାଦନର ଉତ୍ସ ପାଲଟିଥିବା ଏହି କେନାଲ ଆଜି ଜବରଦଖଲ ଓ ପୁନରୁଦ୍ଧାର ନ ହେବା କାରଣରୁ ପାଲଟିଛି ଆବର୍ଜନାର ଉତ୍ସ। ଏହାକୁ ନେଇ ମଙ୍ଗଳବାର ପୂର୍ବାହ୍ନରେ ଜଳ ସମ୍ପଦ ଓ ପରିବେଶ ସୁରକ୍ଷା ସମିତିର ଆବାହକ ଶୁଭଙ୍କର ମହାପାତ୍ର, ସଂଯୋଜକ ପ୍ରତାପ ଚନ୍ଦ୍ର ନାୟକ, ଗୋବିନ୍ଦ ଦଳେଇ ପ୍ରମୁଖ ବାସୁଦେବପୁର ଠାରେ ଏକ ବୈଠକରେ ଉପସ୍ଥିତ ଥିଲେ। ଏହି ସମସ୍ୟାକୁ ନେଇ ବିଭିନ୍ନ ସାମାଜିକ ସଙ୍ଗଠନ ପ୍ରତିବାଦ କରିଛନ୍ତି। ସଭାରେ ଶିକ୍ଷାବିତ ଦୁଃଶାସନ ରାଉତ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୁଭଙ୍କର ମହାପାତ୍ର, ଆବାହକ ଜଳସମ୍ପଦ ଓ ପରିବେଶ ସୁରକ୍ଷା ସମିତି, ପ୍ରତାପ ଚନ୍ଦ୍ର ନାୟକ ଓ କେଶୁ ଦାସଙ୍କ ସମେତ ବହୁ ପରିବେଶପ୍ରେମୀ ଯୋଗ ଦେଇଥିଲେ।

### ସାପ କାମୁଡ଼ାରେ ଯୁବ ଖେଳାଳିଙ୍କ ମୃତ୍ୟୁ

**ଜଳେଶ୍ୱର, ୧୬।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ଚମାରଗାଁ ପଞ୍ଚାୟତ ତେଘରୀ ଗ୍ରାମର ଯୁବ ଖେଳାଳି ମୃତ୍ୟୁଞ୍ଜୟ ଦେ (୨୯)ଙ୍କ ବିଷଧର ସାପ କାମୁଡାରେ ମୃତ୍ୟୁ ଘଟିଛି । ସେ ରାମକୃଷ୍ଣ ଦେଙ୍କ ଏକମାତ୍ର ପୁଅ ଥିଲେ। ଗତ ୯ତାରିଖରେ ସେ ବିଲକୁ ଯାଉଥିବା ବେଳେ ଏକ ବିଷଧର ସାପ ତାଙ୍କ ଗୋଡକୁ କାମୁଡି ଦେଇଥିଲା। ପ୍ରଥମେ ଜିକେଭଟ୍ଟର ହସ୍‌ପିଟାଲ ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସୋମବାର ତାଙ୍କର ମୃତ୍ୟୁ ଘଟିଥିଲା । ମୃତ୍ୟୁଞ୍ଜୟ ମୁକ୍ତେଶ୍ୱର ୟୁଥ କ୍ଲବର ଜଣେ ବରିଷ୍ଠ ସଦସ୍ୟ ଥିଲେ। କ୍ରିକେଟ ଓ ଭଲିବଲ୍ ଖେଳରେ ତାଙ୍କର ଯଥେଷ୍ଟ ପାରଙ୍ଗମତା ଥିବାରୁ ସେ ବିଭିନ୍ନ ଆନ୍ତଃ ଜିଲା ଟୁର୍ନାମେଣ୍ଟରେ ଭାଗ ନେଉଥିଲେ। ମଙ୍ଗଳବାର ଅପରାହ୍ନରେ ତାଙ୍କ ମରଶରୀର ଗାଁ ତେଘରୀରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଶହ ଶହ ଗ୍ରାମବାସୀଙ୍କ ସହିତ ୟୁଥ କ୍ଲବର ସଦସ୍ୟମାନେ ତାଙ୍କୁ ଏକ ପଟୁଆରରେ ନେଇଥିଲେ। କ୍ଲବ ପୂର୍ବତନ ସଭାପତି ବଳରାମ ରାଉଳଙ୍କ ନେତୃତ୍ୱରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ଶବାଧାରକୁ ନିଆଯାଇଥିଲା।

# ଦେଢ଼ ବର୍ଷ ହେଲା ମିଳୁନି ସ୍କଲାରଶିପ ଅର୍ଥ

**କେନ୍ଦୁଝର, ୧୬।୧୧ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ମେଧାବୀ ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରି ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ସ୍କଲାରଶିପ ବ୍ୟବସ୍ଥା କରାଯାଇଛି । ଏହି ସ୍କଲାରଶିପ ଅର୍ଥରେ ଗରୀବ ଶ୍ରେଣୀର ପିଲା ମାନେ ଉଚ୍ଚ ଶିକ୍ଷା ଲାଭ କରିବାରେ ସହାୟକ ହେଉଥିବାରୁ ଏହାକୁ ସ୍ୱାଗତ କରାଯାଉଛି । ତେବେ ଉପଯୁକ୍ତ ତଦାରଖ ଅଭାବରୁ ଝୁମ୍ପୁରା ବ୍ଲକର ଟୁକୁଡିହା ଗ୍ରାମର ପ୍ରିୟଙ୍କା ବେହେରା ନାମକ ଜଣେ ଛାତ୍ରୀ ସ୍କଲାରଶିପ ଟେଷ୍ଟ ରେ (ଏନରୋଲମେଣ୍ଟ ନମ୍ବର ୬୭୩୮୯୪୬୪୫୦୭) କୃତକାର୍ଯ୍ୟ ହୋଇ ସ୍କଲାରଶିପ ପାଇବାକୁ ଯୋଗ୍ୟ ହୋଇଥିଲେ ହେଁ ସେବାବଦକୁ ସମସ୍ତ ଅର୍ଥ ଦୀର୍ଘ ପ୍ରାୟ ଦେଢ ବର୍ଷ ହେଲା ପାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ସେ ଜଣେ ଗରିବ ଚାଷୀ ପରିବାରର ହୋଇଥିବାରୁ ଏହି ଅନୁଦାନ ତାଙ୍କର ପାଠ ପଢାରେ ସହାୟକ ହୋଇ ପାରିବ ବୋଲି ଆଶା କରିଥିଲେ। କିନ୍ତୁ ନ ମିଳିବାରୁ ସେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ସ୍କଲାରଶିପ ବାବଦକୁ ଆଠ ହଜାର ଟଙ୍କା ମିଳିବ ବୋଲି ଘୋଷଣା ହୋଇଥିଲା। ପରେ ୨୦୨୦ ମାର୍ଚ୍ଚ ୬ରେ ତାଙ୍କର ଟିଳିଦା ସ୍ଥିତ ଏକ ବ୍ୟାଙ୍କ ଜମାଖାତାରେ ଦୁଇ ହଜାର ଟଙ୍କା ଡିଏମଏଫ ପକ୍ଷରୁ ଜମା ହୋଇଥିଲା। କିନ୍ତୁ ଅବଶିଷ୍ଟ ଅର୍ଥକୁ ଅପେକ୍ଷା କରି ମିଳିଲା ନାହିଁ । ସେ ଏବେ ମାଟ୍ରିକ ପରୀକ୍ଷା ଦେବେ। ଏଣୁ ଏହି ଅର୍ଥ ତାଙ୍କ ପାଠ ପଢାରେ ଲାଗିଥାନ୍ତା । ଏନେଇ ଶିକ୍ଷା ବିଭାଗ ଅଧିକାରୀଙ୍କୁ ଅଭିଯୋଗ କରିବା ପରେ ମଧ ମିଳିଲା ନାହିଁ ବୋଲି ତାଙ୍କ ବାପା କୁଞ୍ଜ ବିହାରୀ ବେହେରା କହିଛନ୍ତି । ଏନେଇ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠି କହିଛନ୍ତି, ସେ ଏ ବିଷୟରେ ଅବଗତ ନାହାନ୍ତି। ଏହାର ଠିକ ଯାଞ୍ଚ କରି ତୁରନ୍ତ ପଦକ୍ଷେପ ନେବେ। ତେବେ ଜିଲାପାଳ ଆଶିଷ ଠାକ୍‌ରେ ସୂଚନା ଦେଇଛନ୍ତି ଯେ, ବଳକା ପଇସା ତାଙ୍କୁ ତୁରନ୍ତ ଦିଆଯିବ ବୋଲି ସମ୍ପୃକ୍ତ ବିଭାଗକୁ ଜଣାଯାଇଛି।

# ‘୨୪ ଘଣ୍ଟା ରୁହନ୍ତି ସଜାଗ’

**ଜାତୀୟ ପ୍ରେସ୍ ଦିବସ**

**କେନ୍ଦୁଝର/ଯୋଡ଼ା/ଚମ୍ପୁଆ/ବଡ଼ବିଲ, ୧୬।୧୧ (ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲା ସଦର ମହକୁମାଠାରେ ମଙ୍ଗଳବାର ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ଆଶିଷ ଠାକରେ ଯୋଗଦେଇଥିଲେ। ସେହିପରି ଯୋଡ଼ା ପ୍ରେସ କ୍ଲବ ପକ୍ଷରୁ ସ୍ଥାନୀୟ ଭ୍ୟାଲି କ୍ଲବ ଠାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଟାଟାଷ୍ଟିଲ ଜିଏମ ଅତୁଲ ଭଟ୍ଟନାଗର, ମୁଖ୍ୟବକ୍ତା ଭାବେ ‘ଦି ହିନ୍ଦୁ’ର ପୂର୍ବତନ ଓଡିଶା ସମ୍ପାଦକ ପ୍ରଫୁଲ୍ଲ ଦାସ, ସମ୍ମାନିତ ଅତିଥି ଭାବେ ଆନ୍ତର୍ଜାତୀୟ କବି ତଥା ବରିଷ୍ଠ ସାମ୍ବାଦିକ କେଦାର ମିଶ୍ର ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ଦୀପକ କୁମାର ଶତପଥୀ ଅତିଥି ମାନଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିଲେ। ମାନସ ରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ।

ଚମ୍ପୁଆ ସାମ୍ବାଦିକ ସଂଘ ପକ୍ଷରୁ ସ୍ଥାନିୟ ପ୍ରେସ କ୍ଲବଠାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚମ୍ପୁଆ ଉପଖଣ୍ଡ ପୋଲିସ ଅଧିକାରୀ ରାମରାୟ ମୁର୍ମୁ, ସମ୍ମାନିତ ଅତିଥି ବନାଞ୍ଚଳ ଅଧିକାରୀ ଶିବ କୁମାର ରାଉତ, ଚମ୍ପୁଆ ଥାନା ଅଧିକାରୀ ଗଗନ ନାୟକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ ଧରଣୀଧର ଦାସ ଯୋଗ ଦେଇ ୨୪ ଘଣ୍ଟା ସଜାଗ ରହି ସାମ୍ବାଦିକମାନେ କାମ କରିଥାନ୍ତି ବୋଲି କହିଥିଲେ। ବଡ଼ବିଲ କ୍ଲବ ପକ୍ଷରୁ ଅନୁଷ୍ଠିତ ସଭାରେ କ୍ଲବ ସଭାପତି ଦେବକାନ୍ତ ଦାସ ସଭାପତିତ୍ୱ ଓ ବରିଷ୍ଠ ଖବରଦାତା ବଳରାମ ମହାନ୍ତି ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଡଃ ତୁଳସୀ ମୁଣ୍ଡା, ମୁଖ୍ୟବକ୍ତା ଭାବେ ବ୍ରଜ କିଶୋର ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ଆଦିବାସୀ ବିକାଶ ସମିତି ସଭାପତି ଦମୟନ୍ତୀ ସାମଲ ଯୋଗଦେଇଥିଲେ।

# ‘ପ୍ରତିକୂଳ ପରିବେଶରେ ଦାୟିତ୍ୱବୋଧକୁ ଗୁରୁତ୍ୱ’



ଓୟୁଜେର ସଙ୍ଗଠନ ସମ୍ପାଦକ ମାନସ ବିଶ୍ୱାଳ ଉଦ୍‌ବୋଧନ ଦେଉଛନ୍ତି।

**ବାଲେଶ୍ୱର ଅଫିସ/ଖଇରା/ରୂପସା/ଭୋଗରାଇ/ଜଳେଶ୍ୱର, ୧୬।୧୧**

ବାଲେଶ୍ୱର ଷ୍ଟେଶନ ଛକ ନିକଟସ୍ଥ ଏକ ହୋଟେଲରେ ଓଡ଼ିଶା ସାମ୍ବାଦିକ ସଂଘ (ଓୟୁଜେ) ଜିଲା ଶାଖା ପକ୍ଷରୁ ମଙ୍ଗଳବାର ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ଦୁର୍ନୀତିକୁ ଲୋକଲୋଚନକୁ ଆଣିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ସାମାଜିକ କର୍ମୀ ତଥା ନାରୀନେତ୍ରୀ ସୁବାସିନୀ ଜେନା ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ପ୍ରତିକୂଳ ପରିବେଶରେ ଗଣମାଧ୍ୟମ ପ୍ରତିନିଧି ନିଜର ଦାୟିତ୍ୱବୋଧତାକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ କୁମାର ସାହୁ ପ୍ରଶାସନ ଓ ଖବରଦାତାଙ୍କ ମଧ୍ୟରେ ସୁସମନ୍ୱୟ ଉପରେ ବିଭିନ୍ନ ଦିଗରୁ ଆଲୋଚନା କରିଥିଲେ। କାର୍ଯ୍ୟକାରୀ ସଭାପତି ରତିକାନ୍ତ ପାତ୍ର ସଭାପତିତ୍ୱ କରିଥିବା ବେଳେ ଓୟୁଜେର ସଙ୍ଗଠନ ସମ୍ପାଦକ ମାନସ ବିଶ୍ୱାଳ ପରିଚାଳନା କରିଥିଲେ। ଖଇରା ବ୍ଲକରେ ମଧ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ଖବରଦାତା କୈଳାସ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଖଇରା ସାମ୍ବାଦିକ ସଂଘ ସଭାପତି ଉତ୍କଳବନ୍ଧୁ ପଣ୍ଡା ଯୋଗଦେଇ ଖବରଦାତାମାନେ ପ୍ରତିକୂଳ ପରିସ୍ଥିତିରେ ସେମାନଙ୍କର ଉତ୍ତରଦାୟିତ୍ୱ ନ ଭୂଲିବାକୁ ପରାମର୍ଶ ଦେଇଥିଲେ। ଖଇରା ସାମ୍ବାଦିକ ସଂଘର ଉପଦେଷ୍ଟା ରଘୁନାଥ ସାମଲ ସାମ୍ବାଦିକ ଭଳି ଗୁରୁଦାୟିତ୍ୱକୁ ଠିକ୍ ଭାବେ ପାଳନ କରିବାକୁ କହିଥିଲେ। ସେହିପରି ବସ୍ତା ପ୍ରେସ କ୍ଲବ, ଭୋଗରାଇ ଓ ଜଳେଶ୍ୱରରେ ମଧ ପ୍ରେସ ଦିବସ ପାଳିତ ହୋଇଯାଇଛି।

# ନିରପେକ୍ଷ ଖବର ପ୍ରସାରଣକୁ ପ୍ରାଧାନ୍ୟ

**ଭଦ୍ରକ ଅଫିସ/ବାସୁଦେବପୁର, ୧୬।୧୧(ଡି.ଏନ.ଏ.)**

ଭଦ୍ରକ ଜିଲାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଜାତୀୟ ପ୍ରେସ୍ ଦିବସ ମଙ୍ଗଳବାର ଜିଲା ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ତ୍ରିଲୋଚନ ମାଝି ଯୋଗ ଦେଇଥିଲେ। ଉପଜିଲାପାଳ ମନୋଜ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଧାମନଗର କଲେଜ ଅଧ୍ୟକ୍ଷ ସାହିତ୍ୟିକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ପବିତ୍ର କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ। ସେହିପରି ବାସୁଦେବପୁର ସହର ସ୍ଥିତ ବାଲିନଗର ଯାଦବ ପଡ଼ିଆ ରାଧାକୃଷ୍ଣ ମନ୍ଦିର ପରିସରରେ ବାସୁଦେବପୁର ଖବରଦାତା ସଂଘ ପକ୍ଷରୁ ସଭାପତି ତଥା ବରିଷ୍ଠ ଖବରଦାତା ବନମାଳୀ ବାରିକ, ସମ୍ପାଦକ ନାରାୟଣ ପ୍ରସାଦ ବାରିକ ପ୍ରମୁଖ ଉପସ୍ଥିତ ରହି ସତ୍ୟ, ନିରପେକ୍ଷ ଖବର ପ୍ରସାରଣ ଉପରେ ଗୁରୁତ୍ୱ ଦେଇଥିଲେ।

# ଗଣମାଧ୍ୟମ ସହଯୋଗରେ ବିପର୍ଯ୍ୟୟ ମୁକାବିଲା ସମ୍ଭବ’

**ବାରିପଦା ଅଫିସ/ଉଦଳା/କୁଆମରା, ୧୬।୧୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜାତୀୟ ପ୍ରେସ ଦିବସ ଜିଲାପାଳଙ୍କ କାର୍ଯ୍ୟାଳୟର ଫେସିଲିଟେସନ କକ୍ଷରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ବିନୀତ ଭରଦ୍ୱାଜ ଉପସ୍ଥିତ ରହି ଶାସନ, ପ୍ରଶାସନ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହଯୋଗରେ ସମସ୍ତ ବିପର୍ଯ୍ୟୟର ମୁକାବିଲା କରାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ପ୍ରମୋଦ କୁମାର ଶତପଥୀ, ସ୍ୱତନ୍ତ୍ର ଅତିଥି ଏସ୍‌ପି କେ.ଆର. ଦ୍ୟାନଦେଓ, ସିଡିଏମ୍‌ଓ ଡା. ରୂପଭାନୁ ମିଶ୍ର ଓ ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତି ଉପସ୍ଥିତ ଥିଲେ। କପ୍ତିପଦା ଉପଖଣ୍ଡସ୍ତରୀୟ ଜାତୀୟ ପ୍ରେସ ଦିବସ ଉଦଳାଠାରେ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନଙ୍କ ପରିଚାଳନାରେ ଆୟୋଜିତ ସଭାରେ ଉପଜିଲାପାଳ ଭଗବାନ ବେହେରା, ପ୍ରକଳ୍ପ ପ୍ରଶାସକ ଦେବଦତ୍ତ ପଣ୍ଡା, ଶିକ୍ଷାବିତ ସନାତନ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଉଦଳା ୟୁନିକ ପ୍ରେସ କ୍ଲବ ସଦସ୍ୟମାନେ ଅଞ୍ଚଳର ଅସହାୟ ଲୋକଙ୍କୁ ଖାଦ୍ୟ ପ୍ରଦାନ କରିଥିଲେ। ଗୋପବନ୍ଧୁ ନଗର ବ୍ଲକ ପ୍ରେସ କ୍ଲବ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ମାଙ୍କଡ଼କେନ୍ଦା ଡାକ୍ତରଖାନାର ଡା.ଦିବ୍ୟ ସ୍ୱରୂପ ଲେଙ୍କା, ବିଶିଷ୍ଟ ଅତିଥି ପଞ୍ଚପଲ୍ଲୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୁଣାକର ଦାସ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ସରୋଜ କୁମାର ସଦୁଆଳ, ସମ୍ମାନିତ ଅତିଥି ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନିରୁଦ୍ଧ ମହଲା ଯୋଗଦେଇଥିଲେ।

## ସଂକ୍ଷେପରେ

### ଅନ୍‌ଲାଇନରେ ମିଳିବ ଗାଡ଼ି କାଗଜପତ୍ର

■ ଜାନୁୟାରୀ ପହିଲାରୁ ଆରମ୍ଭ ହେବ ଏହି ନୂଆ ବ୍ୟବସ୍ଥା
■ ଆରଟିଓ କାର୍ଯ୍ୟାଳୟରେ ଧାଡି ବାନ୍ଧି ଠିଆ ହେବାକୁ ପଡ଼ିବନି

**ଭୁବନେଶ୍ୱର,୧୬।୧୧(ବ୍ୟୁରୋ):** ଗାଡି କାଗଜପତ୍ର ପାଇବା ଲାଗି ଲୋକମାନେ ବିଭିନ୍ନ ସମୟରେ ବ୍ୟାପକ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଅନେକ ସମୟରେ ଗାଡି କାଗଜ ପତ୍ର ଡାକରେ ଆସୁଥିବାରୁ ବିଳମ୍ବ ମଧ ହେଉଥିଲା। କେତେକ ସ୍ଥଳେ ଠିକଣା ଥାଇ ମଧ ଡାକ କର୍ମଚାରୀ ଚିଠି ଦେଉ ନ ଥିବା ଅଭିଯୋଗ ରହିଥିଲା। ଘରକୁ କାଗଜପତ୍ର ପହଞ୍ଚିବା ଲାଗି ଡାକ ଦେୟ ଗାଡି ମାଲିକଙ୍କୁ ଦେବାକୁ ମଧ ପଡୁଥିଲା। ଏଣିକି ଘରେ ବସି ଗାଡିର ସମସ୍ତ କାଗଜ ପତ୍ର ଅନ୍‌ଲାଇନରେ ଡାଉନ୍‌ଲୋଡ୍ କରିହେବ। ଏଥର ଆର୍‌ଟିଓରେ ଧାଡି ବାନ୍ଧି ଠିଆ ହେବାକୁ ପଡିବ ନାହିଁକି ସ୍ମାର୍ଟ କାର୍ଡ ଦରକାର ନାହିଁ। ପୂର୍ବରୁ ଅନେକ ଅଭିଯୋଗ ଆସିବା ପରେ ସରକାର ସ୍ମାର୍ଟ କାର୍ଡକୁ ହଟାଇ ଇଣ୍ଟରନେଟ୍‌ରୁ ଏହିସବୁ କାଗଜପତ୍ର ଡାଉନ୍‌ଲୋଡ କରିବା ସୁବିଧା ଉପଲବ୍ଧ କରିବାକୁ ପରିବହନ ବିଭାଗ ଚୂଡାନ୍ତ କରିଛି। ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ସ୍ମାର୍ଟ କାର୍ଡ ପ୍ରସ୍ତୁତ କରୁଥିବା ସଂସ୍ଥା ସ୍ମାର୍ଟ ଚିପ୍ ଲିମିଟେଡ ସହ ହୋଇଥିବା ଚୁକ୍ତି ଅବଧି ଜୁଲାଇ ୨୮ରେ ଶେଷ ହୋଇଯାଇଛି। ସଂସ୍ଥା ସହ ହୋଇଥିବା ଚୁକ୍ତିର ଆଉ ନବୀକରଣ ନ କରିବା ସକାଶେ ସରକାର ନିଷ୍ପତ୍ତି କରିଛନ୍ତି। ଡ୍ରାଇଭିଂ ଲାଇସେନ୍ସ, ପଞ୍ଜୀକରଣ ପ୍ରମାଣପତ୍ର, ଫିଟ୍‌ନେସ୍ ସାର୍ଟିଫିକେଟ, ବାଣିଜ୍ୟ ପ୍ରମାଣପତ୍ର ଓ ପରମିଟ୍ ପ୍ରଭୃତି ପାଇବା ଲାଗି ଗାଡି ଚାଳକଙ୍କୁ ଆଉ ଆର୍‌ଟିଓ ଧାଇଁବା ଲାଗି ପଡିବ ନାହିଁ ବୋଲି ପରିବହନ ବିଭାଗ ସ୍ପଷ୍ଟ କରିଛି। ଏଥିଲାଗି ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ପୋର୍ଟାଲ ପ୍ରସ୍ତୁତ କରାଯାଇଛି। ଆସନ୍ତା ଜନୁଆରୀ ପହିଲାରୁ ଏହି ସୁବିଧା ସାଧାରଣ ଲୋକମାନଙ୍କ ପାଇଁ ଉପଲବ୍ଧ ହେବ। ଏଥିରେ ସମସ୍ତ କାଗଜପତ୍ର, କର୍ତ୍ତୃପକ୍ଷଙ୍କ ଡିଜିଟାଲ ଦସ୍ତଖତରେ ଉପଲବ୍ଧ ହେବ। ଡାଉନଲୋଡ୍ ହେଉଥିବା ପିଡିଏଫ ସବୁଥିଲାଗି ଗ୍ରହଣୀୟ ହେବ।

### ନନ୍ଦନକାନନରେ ଚାଲିଲା ଟୟ୍ ଟ୍ରେନ୍

**ବାରଙ୍ଗ,୧୬।୧୧(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ପର୍ଯ୍ୟଟକମାନଙ୍କର ଅନ୍ୟତମ ଆକର୍ଷଣ ଟୟ୍ ଟ୍ରେନ୍ ମଙ୍ଗଳବାରଠାରୁ ବିଧିବଦ୍ଧଭାବେ ଚାଲିଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ସେମାନଙ୍କୁ ସୁଲଭ ମୂଲ୍ୟ ଓ ସୁବିଧାରେ ନନ୍ଦନକାନନ ବୁଲିବା ସୁଯୋଗ ଦେବା ଲକ୍ଷ୍ୟରେ ଏହି ଯୋଜନା ଆରମ୍ଭ କରାଯାଇଛି। ଏହି ଟୟ୍ ଟ୍ରେନ୍‌ରେ ବୁଲିବାକୁ ହେଲେ ଜଣେ ଶିଶୁଙ୍କୁ ୩୦ଟଙ୍କା ଓ ବଡ଼ ପର୍ଯ୍ୟଟକଙ୍କୁ ୫୦ଟଙ୍କା ଟିକେଟ ବାବଦରେ ଦେବାକୁ ପଡ଼ିବ। ପର୍ଯ୍ୟଟକଙ୍କ ସୁବିଧା ପାଇଁ ଦିନକୁ ୬ ଟ୍ରିପ୍ କରିବା ସହିତ ସକାଳ ୧୦ଟାରୁ ୪ଟା ମଧରେ ଟୟ୍ ଟ୍ରେନ୍ ଚାଲିବ। ଟ୍ରେନ୍ ଛାଡିବାର ଅଧାଘଣ୍ଟା ପୂର୍ବରୁ ପର୍ଯ୍ୟଟକମାନେ ଟିକଟ ସଂଗ୍ରହ କରିପାରିବେ। ମଙ୍ଗଳବାର ପ୍ରଥମ ଦିନରେ ୬ ଟ୍ରିପ୍‌ରେ ମୋଟ ୨୨୨ଜଣ ପର୍ଯ୍ୟଟକ ଟୟ୍ ଟ୍ରେନ୍‌ର ମଜା ଉଠାଇଥିଲେ। ଗତ ୧୪ତାରିଖରେ ଏହି ସେବା ଆରମ୍ଭ ହୋଇଥିବା ବେଳେ ୧୫ତାରିଖରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ବନ୍ଦ ରହିଥିଲା।

# ବେଆଇନ ପାହାଡ଼ ବ୍ଲାଷ୍ଟିଂକୁ ଲଗାମ ନାହିଁ



■ ଲିଜ୍ କଳାମୁଗୁନି ପଥର ଖଣିରେ ରହୁନି ସ୍ୱଚ୍ଛତା
■ ବର୍ଷକର ଟାର୍ଗେଟ ୧୫ ଦିନରେ ଶେଷ
■ ୩ ମାସରେ ଥରେ ହେଉନି ମାପଚୁପ

**ନୟାଗଡ଼ ଅଫିସ,୧୬।୧୧**

ନୟାଗଡ଼ ଜିଲାରେ ୧୫ଟି କଳାମୁଗୁନି ପଥର ଖଣି ଲିଜ୍ ଦିଆଯାଇଛି। ହେଲେ ଲିଜ୍ ଖଣିରେ ବେଆଇନ ଖନନ ଓ ବିସ୍ଫୋରଣରେ ଲଗାମ ନ ଥିବାରୁ ସରକାର କ୍ଷତି ସହୁଛନ୍ତି। ୩ ମାସରେ ଥରେ ମାପଚୁପ କରି ଅପଡେଟ୍ କରାଯିବାକୁ ନିୟମ ରହିଛି। କିନ୍ତୁ ମାପଚୁପ ଓ ଧରପଗଡ଼ କରା ନ ଯାଇ ଅନୁକମ୍ପା ଦେଖାଯାଉଛି। ଥରେ ଲିଜ୍ ହୋଇଗଲେ ତଦନ୍ତ ହେଉ ନ ଥିବାରୁ ଖଣିରେ ଅନିୟମିତତା ବଢୁଛି। ଏଣୁ ଲିଜ୍‌ଧାରୀ ବର୍ଷକୁ ୧୯୮୦ କ୍ୟୁବିକ୍ ମିଟର ଧାର୍ଯ୍ୟ ଲକ୍ଷ୍ୟକୁ ୧୫ ଦିନରେ ଶେଷ କରି ଅଧିକ ଖନନ କରି ଲାଭବାନ୍ ହେଉଛନ୍ତି। ଅନ୍ୟପକ୍ଷେ ପାହାଡ଼ରେ ବ୍ଲାଷ୍ଟିଂ ସମୟରେ ନିକଟବର୍ତ୍ତୀ ଗ୍ରାମର ଘରଗୁଡିକରେ ଲୋକେ ଭୂକମ୍ପ ହେଲା ଭଳି ଅନୁଭବ କରୁଛନ୍ତି। ସରକାରୀ ଭାବେ ବ୍ଲାଷ୍ଟିଂକୁ ମନା କରାଯାଇଥିବାବେଳେ ତାହାକୁ କେହି ମାନୁନାହାନ୍ତି।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରିଜିଓନାଲ ଶାଖା, ବ୍ରହ୍ମପୁରରୁ ମିଳିଥିବା ଆରଟିଆଇ ତଥ୍ୟ ଅନୁସାରେ ରଣପୁର ତହସିଲର କୋଟଗଡ଼ଠାରେ ୨ଟି ଛାଞ୍ଚୁଣିଆ ଓ ଛପାରି ପୋଇଲିମା, ଓଡ଼ଗାଁ ତହସିଲର ଟାଙ୍ଗରା ଓ ଧବଳାଇ କଳାମୁଗୁନି ପଥର ଖଣି ଲିଜ୍ ଦିଆଯାଇଛି। ସେହିପରି ଖଣ୍ଡପଡ଼ା ତହସିଲର ବରଗଣ୍ଡା, ଦଶପଲ୍ଲା ତହସିଲର ଭାତଗଡ଼, ଡିମିରିତାଡି, ଗୁଣ୍ଡାପାଙ୍କୁ ଓ ପୋଇବାଡ଼, ଭାପୁର ତହସିଲର କାଶିଆ ପାହାଡ଼ରେ ୨ଟି ଭୋକିଲାପଡ଼ା, ଗୋପାଳପ୍ରସାଦ ମୁଣ୍ଡିଆ ପ୍ରଭୃତି ୧୫ଟି କଳାମୁଗୁନି ପଥର ଖଣି ଲିଜ୍ ଦିଆଯାଇଛି। ହେଲେ ଅନେକ ଲିଜ୍ ଖଣିରେ ବେଆଇନ କାର୍ଯ୍ୟକୁ ଲଗାମ ନାହିଁ। ଓଡ଼ଗାଁ ତହସିଲର ପୁଆଣିଆ ନିକଟସ୍ଥ ଟାଙ୍ଗରା ଖଣିକୁ ଉଦାହରଣ ଭାବେ ନିଆଯାଇପାରେ। ଏଠାରେ ୧.୭୫ ଏକରରେ ଖଣି ଖନନ ହେବାକୁ ଲିଜ୍ ଦିଆଯାଇଛି। ହେଲେ ଲିଜ୍ ସ୍ଥାନକୁ ଛାଡ଼ି ଅନ୍ୟତ୍ର ଖୋଳାଯାଉଥିବା ଅଭିଯୋଗ ହୋଇଆସୁଛି। ସେହିପରି ବର୍ଷକୁ ୧୯୮୦ କ୍ୟୁବିକ ମିଟର ଖନନ ହେବାକୁ ଥିବାବେଳେ ମାସକୁ ୪ରୁ ୫ହଜାର କ୍ୟୁବିକ ମିଟର ଖନନ ହେଉଥିବା ଅଭିଯୋଗ ହେଉଛି। ଏଠାରେ ପୁଣି ବ୍ଲାଷ୍ଟିଂ ହେଉଥିବାରୁ ପୁଆଣିଆ, ଆଙ୍ଗିସିଙ୍ଗି ଅଞ୍ଚଳର କେତେଜଣ ଲୋକ ପ୍ରତିବାଦ କରୁଛନ୍ତି। ହେଲେ ସେମାନଙ୍କର ଅଭିଯୋଗକୁ ଅଣଦେଖା କରାଯାଇଛି। ଏ ନେଇ ପରିବେଶବିତ୍ ବିଭୂତି ଭୂଷଣ ଦାଶ କୁହନ୍ତି, ଟାଙ୍ଗରା ପାହାଡ଼ ପରି ଜିଲାର ଅନ୍ୟ ଲିଜ୍ ଖଣିରେ ଅନିୟମିତତା ବଢୁଥିବାରୁ ସରକାର ରାଜସ୍ୱ ହରାଉଛନ୍ତି। ମାପଚୁପ ଓ ଧରପଗଡ଼ ନ ଥିବାରୁ ଲିଜ୍‌ଧାରୀ ଲାଭବାନ୍ ହୋଇ ଚାଲିଛନ୍ତି। ପ୍ରଶାସନର ଅନୁକମ୍ପା ପଛର ବିଷୟକୁ ତଦନ୍ତ କରାଗଲେ ସ୍ୱଚ୍ଛତା ଧରାପଡ଼ିବ। ଏ ନେଇ ଉପଜିଲାପାଳ ଲମ୍ବୋଦର ରାଉତଙ୍କୁ ପଚାରିବାରେ କୁହନ୍ତି, ସରକାରୀ ନିୟମ ଅନୁସାରେ ଧରପଗଡ଼ ଓ କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କିଛି ଅନିୟମିତତାର ଅଭିଯୋଗ ଆସୁଛି, ଧରପଗଡ଼ କରାଯାଇ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି।

### ଏସ୍‌ଟିଏଫ୍ ତଦନ୍ତ ଦାବି କଲା କଂଗ୍ରେସ

ଓଡ଼ଗାଁ ତହସିଲ ପୁଆଣିଆ ଟାଙ୍ଗରା ପାହାଡ଼ରେ ଲିଜ୍‌ଧାରୀ ଆବଶ୍ୟକଠାରୁ ଅଧିକ ପଥର ଖନନ କରି ରାଜସ୍ୱ ଲୁଟ୍ କରୁଥିବା କଂଗ୍ରେସ ଅଭିଯୋଗ କରିଛି। ଏନେଇ ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ନୟାଗଡ଼ ଜିଲାପାଳ ଓ ଭୁବନେଶ୍ୱର ସ୍ୱତନ୍ତ୍ର ଟାସ୍କଫୋର୍ସ(ଏସ୍‌ଟିଏଫ୍) ଏସ୍‌ପିଙ୍କୁ ଅବଗତ କରାଯାଇଛି। କଂଗ୍ରେସର ଜିଲା ସଭାପତି ରଣଜିତ ଦାଶଙ୍କ ଅଭିଯୋଗ ଅନୁଯାୟୀ, ଟାଙ୍ଗରା ପାହାଡ଼ ୨୦୧୮ରୁ ୨୦୨୩ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଲିଜ୍ ଦିଆଯାଇଛି। ଲିଜ୍‌ଧାରୀ ବର୍ଷକୁ ୧୯୮୦ କ୍ୟୁବିକ ମିଟର ପଥର ଖନନ ପାଇଁ ସରକାରୀ ନିର୍ଦ୍ଦେଶ ରହିଛି। ହେଲେ ମାସକୁ ପ୍ରାୟ ୫ ହଜାର କ୍ୟୁବିକ ମିଟର ପଥର ବେଆଇନ ଭାବେ ଖନନ ଚାଲିଛି। ୩ବର୍ଷ ଭିତରେ ନିର୍ଦ୍ଧାରିତ ଲିଜ୍‌ଠାରୁ ୧୦୦ ଗୁଣା ପଥର ଉତ୍ତୋଳନ ହୋଇ ସାରିଲାଣି। ଅନ୍ୟପକ୍ଷେ ଏହି ମୁଣ୍ଡିଆରେ ଫେଟଏମ୍ ଇଣ୍ଡିଆ ଇନ୍‌ଫ୍ରା ନାମରେ ସ୍ୱୟଂଚାଳିତ କ୍ରଶର ବସାଯାଇଥିବାରୁ ଅତ୍ୟଧିକ ଭାବେ ପଥର ଖନନ ଚାଲିଛି, ଯାହାକି ବେନିୟମ। ପୁଣି କ୍ରଶର ମାଲିକ ଟାଙ୍ଗରା ପାହାଡ଼ ସୀମାରେ ଗୋଟିଏ ବଡ଼ ଗେଟ୍ କରି ସିକ୍ୟୁରିଟି ଗାର୍ଡ ନିୟୋଜିତ କରିଛନ୍ତି। ଫଳରେ ଲୋକମାନଙ୍କୁ ଭିତରକୁ ଛାଡୁନାହାନ୍ତି। ଏହି କ୍ରଶର ନ ଚାଲିବା ପାଇଁ ରହିତାଦେଶ ଜାରି କରାଯାଉ ବୋଲି ଦାଶ ଦାବି କରିଛନ୍ତି। ସେହିପରି ବେଆଇନ ଖନନ ନେଇ ଖଣି ବିଭାଗ ଓ ସ୍ୱତନ୍ତ୍ର ସ୍କ୍ୱାଡ୍ ମିଳିତ ଆନୁକୂଲ୍ୟରେ ସାଟେଲାଇଟ ମ୍ୟାପ୍ ଆଧାରରେ ମାପଚୁପ କରିବାକୁ ସେ ନିବେଦନ କରିଛନ୍ତି।

### ଟ୍ରକ୍ ମାଲିକଙ୍କୁ ହତ୍ୟା: ଭିଣୋଇ ଗିରଫ

**କେନ୍ଦୁଝର,୧୬।୧୧(ସ୍ୱ.ପ୍ର.):** କେନ୍ଦୁଝର ସଦର ଥାନା ଠାକୁରଡିହି ଗ୍ରାମରେ ଜଣେ ଟ୍ରକ୍ ମାଲିକଙ୍କୁ ନୃଶଂସ ଭାବେ ହତ୍ୟା କରାଯାଇଛି। ତାଙ୍କ ରକ୍ତ ଜୁଡୁବୁଡୁ ମୃତଦେହକୁ ମଙ୍ଗଳବାର ପୋଲିସ ଜବତ କରିଛି। ମୃତକ ହେଲେ ପଣ୍ଡାପଡ଼ା ଥାନା ଟାଙ୍ଗରପଡ଼ା ଗ୍ରାମର ରଞ୍ଜିତ ମହାକୁଡ଼। ବାପା ଚନ୍ଦ୍ରଭାନୁ ମହାକୁଡ଼ଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ରଞ୍ଜିତଙ୍କ ଭିଣୋଇ ଅନୁଗୋଳ ଜିଲା ଅଞ୍ଚଳର ବନ ଆପଟଙ୍କୁ ଗିରଫ କରିଥିବା ଏସ୍‌ଡିପିଓ ପି.ଜେ.ଟପ୍ପୋ ସୂଚନା ଦେଇଛନ୍ତି। ଥାନାରେ ଏକ ମାମଲା (ନଂ.୪୮୩/୨୧) ରୁଜୁ ହୋଇଛି। ପାରିବାରିକ ବିବାଦରୁ ହତ୍ୟାକାଣ୍ଡ ଘଟିଥିବା ସୂଚନା ମିଳିଛି। ସୋମବାର ରାତିରେ ଠାକୁରଡିହି ନିକଟରେ ଛିଡ଼ା ହୋଇଥିବା ଏକ ୧୦ ଚକିଆ ଟ୍ରକ୍‌ରେ ରଞ୍ଜିତ ଶୋଇଥିଲେ। ମଙ୍ଗଳବାର ସକାଳେ ବାପା ଚନ୍ଦ୍ରଭାନୁ ତାଙ୍କ ପାଖକୁ ଫୋନ କରିଥିଲେ। ମାତ୍ର ଫୋନ ସୁଇଚ୍ ଅଫ୍ ଥିବାରୁ ତାଙ୍କ ଡ୍ରାଇଭର ବାଇଧର ମୁଣ୍ଡାଙ୍କୁ ଫୋନ କରି ପୁଅ ରଞ୍ଜିତ ପାଖକୁ ଯିବା ପାଇଁ କହିଥିଲେ। ଡ୍ରାଇଭର ଟ୍ରକ୍ ପାଖକୁ ଯାଇ ରଞ୍ଜିତ ମୃତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ଏନେଇ ସେ ଚନ୍ଦ୍ରଭାନୁଙ୍କୁ ଜଣାଇଥିଲେ। ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

## କାଶ, ନିଃଶ୍ୱାସଜନିତ ସମସ୍ୟାକୁ ଅଣଦେଖା ଅନୁଚିତ




ଖବରଦାତା ସମ୍ମିଳନୀରେ କିମ୍ସର ବିଶେଷଜ୍ଞମାନେ ସିଓପିଡି ରୋଗ ସଂକ୍ରାନ୍ତରେ ପରାମର୍ଶ ଦେଉଛନ୍ତି।

**ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)**

**ଭାରତରେ ମୃତ୍ୟୁର ଦ୍ୱିତୀୟ ପ୍ରମୁଖ କାରଣ ସିଓପିଡି**

କାଶ ଓ କଫ ଦୀର୍ଘଦିନ ଧରି ଲାଗି ରହିଲେ କିମ୍ବା ନିଃଶ୍ୱାସ ପ୍ରଶ୍ୱାସ ନେବାରେ ସାମାନ୍ୟ କଷ୍ଟ ଅନୁଭବ କଲେ, ତାହାକୁ ଅଣଦେଖା କରିବା ଉଚିତ ନୁହେଁ। ପରବର୍ତ୍ତୀ ସମୟରେ ଏହା ଦୀର୍ଘକାଳୀନ ଶ୍ୱାସ ଅବରୋଧକାରୀ ରୋଗରେ ପରିଣତ ହୋଇ ଜୀବନ ପ୍ରତି ଘାତକ ସାବ୍ୟସ୍ତ ହୋଇଥାଏ। କୋଭିଡ୍ ପରବର୍ତ୍ତୀ ସମୟରେ ଏହି ରୋଗ ପ୍ରତି ସତର୍କ ଓ ସଚେତନତାର ଆବଶ୍ୟକତା ରହିଛି ବୋଲି କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (କିମ୍ସ)ର ଫୁସ୍‌ଫୁସ୍ ରୋଗ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ବିଶ୍ୱ ସିଓପିଡି (କ୍ରୋନିକ୍ ଅବ୍‌ଷ୍ଟ୍ରକ୍ଟିଭ୍ ପଲମୋନାରି ଡିଜିଜ୍) ଦିବସର ଅବ୍ୟବହିତ ପୂର୍ବରୁ ଏହି ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ କିମ୍ସର ବିଭାଗୀୟ ବିଶେଷଜ୍ଞ ଡା. ଅମୃତ ମହାପାତ୍ର କହିଲେ, ଦୀର୍ଘକାଳୀନ କାଶ ଓ କଫ, ଛାତି ଜାକି ହେବା ପରି ଲାଗିବା ଓ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା ହେଉଛି ସିଓପିଡି ରୋଗର ଲକ୍ଷଣ। ଅତ୍ୟଧିକ ଧୂମପାନ କିମ୍ବା ଧୂମପାନ କରୁଥିବା ଲୋକ ଓ କଳକାରଖାନାରୁ ନିର୍ଗତ ବିଷାକ୍ତ ଗ୍ୟାସ୍ ସଂସ୍ପର୍ଶରେ ଆସିଥାନ୍ତି ସେମାନେ ସାଧାରଣତଃ ଏହି ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ଏହା ଛଡ଼ା ଗ୍ରାମାଞ୍ଚଳରେ କାଠ ଓ ଘଷି ଜାଳେଣିରୁ ନିର୍ଗତ ଧୂଆଁ ଯୋଗୁ ଏହି ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ଅଧିକ। ସାଧାରଣତଃ ୪୦ବର୍ଷ ବୟସରୁ ଉର୍ଦ୍ଧ୍ୱ ବୟସର ଲୋକଙ୍କ ମଧ୍ୟରେ ସିଓପିଡି ରୋଗର ସମ୍ଭାବନା ଅଧିକ ଦେଖାଦେଇଥାଏ। ବିଶ୍ୱରେ ୬ ପ୍ରତିଶତ ଲୋକ ଏହି ରୋଗରେ ମୃତ୍ୟୁବରଣ କରୁଥିବାବେଳେ ଭାରତରେ ମୃତ୍ୟୁର ଦ୍ୱିତୀୟ ପ୍ରମୁଖ କାରଣ ହେଉଛି ସିଓପିଡି। ଏହି ରୋଗ ଯଦି ପ୍ରାଥମିକ ଅବସ୍ଥାରେ ଥାଏ, ତେବେ ରୋଗୀ ଘରେ ଥାଇ ଏହାର ଚିକିତ୍ସା ଓ ଖାଦ୍ୟ ପାନୀୟରେ ନିୟନ୍ତ୍ରଣ କରି ରୋଗର ଉପଶମ ପାଇପାରିଥାଏ। କିମ୍ସ ପଲମୋନାରି ବିଭାଗ ମୁଖ୍ୟ ଡା. ସି. ଏମ୍. ରାଓଙ୍କ ସମେତ ଡା. ପି. ସିଂହ, ଡା. ଦେବାଶିଷ ବେହେରା ଓ ଡା. ଏସ୍. ଆର୍. ପାଣିଗ୍ରାହୀ ପ୍ରମୁଖ ଏହି ରୋଗ ପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି।



କାର୍ତ୍ତିକ ମାସର ପଞ୍ଚକ ଅବସରରେ ମଙ୍ଗଳବାର ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ ଅନୁଷ୍ଠିତ ହୋଇଯାଇଛି।

### 'ସରକାରଙ୍କ ସତ୍ୟପାଠ ତାଲିକାଭୁକ୍ତ କର'

**କଟକ ଅଫିସ,୧୬।୧୧**

ରାଜ୍ୟରେ ମଦ ବ୍ୟବସାୟ ବନ୍ଦ କରିବା ନେଇ ଚାଲିଥିବା ଜନସ୍ୱାର୍ଥ ମାମଲାର ଶୁଣାଣି ମଙ୍ଗଳବାର ହାଇକୋର୍ଟରେ ହୋଇଥିଲା। ଏହି ମାମଲାରେ

**ରାଜ୍ୟ ମଦ ବ୍ୟବସାୟ ବନ୍ଦ ପ୍ରସଙ୍ଗ**

ରାଜ୍ୟ ସରକାର ଦାଖଲ କରିଥିବା ଜବାବ ସତ୍ୟପାଠ ଓ କମ୍ପ୍ଲାଏନସ ସତ୍ୟପାଠ ମାମଲାର ଲିଷ୍ଟରେ ସଂଲଗ୍ନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଏହି ଦୁଇ ସତ୍ୟପାଠର କପି ଆବେଦନକାରୀଙ୍କ ଓକିଲଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଏହାର ପ୍ରତିଜବାବ ଆସନ୍ତା ଶୁଣାଣି ପୂର୍ବରୁ ଦାଖଲ କରିବାକୁ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୨ ଜାନୁୟାରୀ ୨୭ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନାଯୋଗ୍ୟ, ରାଜ୍ୟରେ ମଦ ବ୍ୟବସାୟ ବନ୍ଦ କରିବା ନେଇ ୨୦୧୩ରେ ହାଇକୋର୍ଟରେ ଆଇନଜୀବୀ ଅରୁଣ କୁମାର ବୁଦ୍ଧିଆଙ୍କ ପକ୍ଷରୁ ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା। ଗତ ଜୁନ୍ ୨୨ ତାରିଖରେ ହାଇକୋର୍ଟ ଏହାର ଶୁଣାଣି କରି ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଅକ୍ଟୋବର ୨୬ ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଏହି ଦୁଇ ସତ୍ୟପାଠ ଦାଖଲ କରାଯାଇଥିଲା। ଆଇନଜୀବୀ ଗୌତମ କୁମାର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି।

## ସହର ଭିତରେ ଭାଲୁ, ଲୋକେ ଭୟଭୀତ



ସହର ଭିତରେ ବୁଲୁଥିବା ଭାଲୁ।

**ପାପଡ଼ାହାଣ୍ଡି,୧୬।୧୧(ଡି.ଏନ୍.ଏ.)**

ଦିନ ଦ୍ୱିପ୍ରହରରେ ସହର ଭିତରକୁ ପଶିଆସିଲା ଭାଲୁ। ହଠାତ୍ ଭାଲୁକୁ ନିଜ ଆଗରେ ଦେଖି ଲୋକେ ମଧ ଛାନିଆ। ଭାଲୁ ଭୟରେ ସମସ୍ତେ ଏଣେତେଣେ ଦୌଡୁଥିବା ଦୃଶ୍ୟ ମଙ୍ଗଳବାର ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ସହରରେ ଦେଖିବାକୁ ମିଳିଛି।

ମଙ୍ଗଳବାର ମଧାହ୍ନରେ ଭାଲୁଟି ଟୁରି ନଦୀପଟୁ ପାପଡ଼ାହାଣ୍ଡିର ବଙ୍କାସାହି ନିକଟରେ ଥିବା ମସ୍‌ଜିଦ ପାଖକୁ ଚାଲି ଆସିଥିଲା। ସାହିଲୋକେ ତାକୁ ଦେଖି ଚିତ୍କାର କରିବାରୁ ଭାଲୁଟି ନିକଟରେ ଥିବା ଆସ ପାଇକ ଘର ଗେଟ୍ ଭିତରକୁ ପଶିଥିଲା। ଲୋକେ ପାଟିତୁଣ୍ଡ କରିବାରୁ ଭାଲୁଟି ବଙ୍କାସାହି ଦେଇ ବସ୍‌ଷ୍ଟାଣ୍ଡ ପଟକୁ ଦୌଡ଼ି ଅଶୋକ ପଟ୍ଟନାୟକଙ୍କ ଘର ଆଡ଼କୁ ଯାଇଥିଲା। ଘର ବାରଣ୍ଡାରେ ଛିଡ଼ାହୋଇଥିବା ତାଙ୍କ ପୁଅ ଆଶୁତୋଷ(୧୨)କୁ କାମୁଡ଼ିଦେଇ ଦୁର୍ଗାମଣ୍ଡପ ଦେଇ ସିଧା ପାପଡ଼ାହାଣ୍ଡି ଭବାନୀପାଟଣା ଜାତୀୟ ରାଜପଥ ୨୬କୁ ଚାଲିଯାଇଥିଲା। ଲୋକେ ହଠାତ୍ ରାସ୍ତା ଉପରେ ଭାଲୁକୁ ଦେଖି ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। ଅଧିକ ସଂଖ୍ୟକ ଲୋକଙ୍କୁ ଦେଖି ଭାଲୁଟି ନବରଙ୍ଗପୁର ଯିବା ରାସ୍ତା କଡ଼ରେ ଥିବା ଚମ୍ପାବଣ ଭିତରକୁ ଚାଲିଯାଇଥିଲା ଫରେଷ୍ଟର ତଡ଼ିତ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଭାଲୁକୁ ଜଙ୍ଗଲ ଭିତରକୁ ଘଉଡ଼ାଇବାକୁ ଚେଷ୍ଟା କରୁଛନ୍ତି। ଏକ ଦଳ ଚମ୍ପାବନ ନିକଟରେ ପହରା ଦେଉଛନ୍ତି। ଭାଲୁ ରାସ୍ତାରେ ଦୌଡୁଥିବା ଭିଡିଓ ସିସିଟିଭିରେ କଏଦ ହୋଇଛି।

### ଟ୍ରାନ୍ସପଣ୍ଡର ସଂକ୍ରାନ୍ତ ତଥ୍ୟ ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ଅଲିଭ୍ ରିଡ୍‌ଲେ ସୁରକ୍ଷା ମାମଲା**

**କଟକ ଅଫିସ, ୧୬।୧୧:** ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ସମ୍ପର୍କିତ ମାମଲା ମଙ୍ଗଳବାର ହାଇକୋର୍ଟରେ ହୋଇଥିଲା। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ଏ.କେ. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ବୋଟ୍ ଓ ଟ୍ରଲରରେ ଟ୍ରାନ୍ସପଣ୍ଡର ଲଗାଇବା ସଂକ୍ରାନ୍ତୀୟ ତଥ୍ୟ ଦେବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ରାଜ୍ୟ ସରକାର ସତ୍ୟପାଠରେ ଉଲ୍ଲେଖ କରିଥିଲେ, ସମୁଦ୍ରରେ ମାଛ ମାରୁଥିବା ୧୭୪୦ ବୋଟ୍ ଓ ଟ୍ରଲରର ଗତିବିଧି ଲକ୍ଷ୍ୟ କରିବା ପାଇଁ ଟ୍ରାନ୍ସପୋଣ୍ଡର ଲଗାଯିବ। ଏନେଇ ଇସ୍ରୋ ସହ ଆଲୋଚନା କରାଯାଇ ପ୍ରକ୍ରିୟା ଆରମ୍ଭ ହୋଇଥିବା ସତ୍ୟପାଠରେ ଉଲ୍ଲେଖ ରହିଛି। ଆମିକସ କ୍ୟୁରି ମୋହିତ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

## ଓଡ଼ିଶା-ଛତିଶଗଡ଼ ପୋଲିସ ସମନ୍ୱୟ ବୈଠକ

**କଟକ ଅଫିସ,୧୬।୧୧**

**ମାଓବାଦୀ ଦମନ, ଡ୍ରଗ୍ସ କାରବାର ରୋକିବାକୁ ଗୁରୁତ୍ୱ**

କଟକସ୍ଥିତ ପୋଲିସ ମୁଖ୍ୟାଳୟ ପରିସରରେ ଓଡ଼ିଶା-ଛତିଶଗଡ଼ ପୋଲିସ୍ ମଧ୍ୟରେ ମଙ୍ଗଳବାର ଭିଡିଓ କନ୍‌ଫରେନ୍ସି ଜରିଆରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଭୟ ରାଜ୍ୟର ପୋଲିସ ଅଧିକାରୀଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା। ମାଓବାଦୀ ଦମନ ପାଇଁ ଅପରେଶନ୍‌କୁ ଜୋର୍‌ଦାର ଏବଂ ଡ୍ରଗ୍ସ ଚୋରା କାରବାର ରୋକିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଉଭୟ ରାଜ୍ୟର ଡିଜିପି ଏଥିରେ ଯୋଗଦେଇ ପରସ୍ପର ସହଯୋଗରେ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ମିଳିତ ଅପରେଶନ୍ ଓ ଅନ୍ୟ ପ୍ରସଙ୍ଗରେ ମଧ ବୈଠକରେ ଆଲୋଚନା ହୋଇଥିଲା। ପରବର୍ତ୍ତୀ ସମୟରେ ପୁଣି ବୈଠକ କରାଯିବାକୁ ନିଷ୍ପତ୍ତି ହୋଇଛି। ମାଓବାଦୀ ପ୍ରସଙ୍ଗରେ ଏଡିଜିପି(ଅପରେଶନ୍), ଛତିଶଗଡ଼ ଏବଂ ଆଇଜି(ଅପରେଶନ୍) ଓଡ଼ିଶା ନୋଡାଲ ଅଫିସର, ଏନ୍‌ଡିପିଏସ୍ ପ୍ରସଙ୍ଗରେ ଡିଆଇଜି (ଏସ୍‌ଟିଏଫ୍), ଓଡ଼ିଶା ଏବଂ ଡିଆଇଜିପି (ସିଆଇଡି-ସିବି), ଛତିଶଗଡ଼ ନୋଡାଲ ଅଫିସର୍ ଭାବେ କାର୍ଯ୍ୟ କରିବେ ବୋଲି ବୈଠକରେ ମତପ୍ରକାଶ ପାଇଥିଲା।

ବୈଠକରେ ଛତିଶଗଡ଼ ଡିଜିପି, ଅତିରିକ୍ତ ଡିଜିପି(ଅପରେଶନ୍), ଆଇଜି(ଗୁଇନ୍ଦା), ବିଭିନ୍ନ ରେଞ୍ଜ ଆଇଜିଙ୍କ ସମେତ ସୁକ୍‌ମା, ବସ୍ତର, ଗଡ଼ିଆବନ୍ଧ, ଧାମତରୀ, ମହାଶାମୁଣ୍ଡ ଜିଲାର ଏସ୍‌ପି ଯୋଗଦେଇଥିଲେ। ସେହିପରି ଓଡ଼ିଶା ପୋଲିସ ତରଫରୁ ଡିଜିପି ଅଭୟ, ଗୋଇନ୍ଦା ନିର୍ଦ୍ଦେଶକ ଲଳିତ ଦାସ, କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା, ଆଇଜି (ଅପରେଶନ୍) ଅମିତାଭ ଠାକୁରଙ୍କ ସମେତ ଡିଆଇଜି(ଏସ୍‌ଟିଏଫ୍), ଡିଆଇଜି (ଏସ୍‌ଆଇଡବ୍ଲ୍ୟୁ), ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା ଜିଲାର ଏସ୍‌ପି, ଏଡିଜି(ସିଆର୍‌ପିଏଫ୍), ଆଇଜି (ସିଆର୍‌ପିଏଫ୍) ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ପ୍ରକଳ୍ପ ବନ୍ଦ ନ ହେଲେ ଆଇନ ହାତକୁ ନିଆଯିବ

■ ଖରସ୍ରୋତା ନଦୀରୁ ଭଦ୍ରକକୁ ପାଣି ଦେବା ବିବାଦ
■ ଜନ ସମାବେଶରେ କମ୍ପିଲା ଜିଲାପାଳ କାର୍ଯ୍ୟାଳୟ
■ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦିଆଗଲା ଦାବିପତ୍ର

**କେନ୍ଦ୍ରାପଡ଼ା ଅଫିସ, ୧୬।୧୧**

ଖରସ୍ରୋତା ନଦୀ ପାଣି ବିବାଦ କେନ୍ଦ୍ରାପଡ଼ା ଜିଲାରେ ଏବେ ଜନଆନ୍ଦୋଳନର ରୂପ ନେଇଛି। ଗୋଟିଏ ପାର୍ଶ୍ୱରେ ଶାସକ ଦଳ ଓ ପ୍ରଶାସନର ସମର୍ଥନରେ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ନୂଆହାଟ ମେଗା ପାନୀୟ ଜଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ ପାଇଁ ଚେଷ୍ଟା ଚାଲିଛି। ଅପରପକ୍ଷେ କେନ୍ଦ୍ରାପଡ଼ା ଜିଲାର ପ୍ରକଳ୍ପ ଅଞ୍ଚଳବାସୀ ଏଥିରେ ଉତ୍କ୍ଷିପ୍ତ ହେଉଛନ୍ତି। ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତି ଆହ୍ୱାନରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଜନସମାବେଶ ହୋଇଛି। ଶାସକ ଦଳ ବିରୋଧୀ ସମସ୍ତ ରାଜନୈତିକ ଦଳ ଏକାଠି ହୋଇ ପ୍ରକଳ୍ପ କାର୍ଯ୍ୟ ବନ୍ଦ ନ ହେଲେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ବୋଲି ଚେତାଇଛନ୍ତି। ଏଥିସହ ସଂଗ୍ରାମ ସମିତି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଏଡିଏମ୍‌ଙ୍କୁ ପ୍ରଦାନ କରାଯାଇଛି।

ସଂଗ୍ରାମ ସମିତି ସଭାପତି ଦୁର୍ଯ୍ୟୋଧନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନ ସମାବେଶରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ଦୋଳଗୋବିନ୍ଦ ନାୟକ, ସଂଗ୍ରାମ ସମିତିର ବିଧାନ ଦାସ, ସବିତା ବରଜ, କମ୍ୟୁନିଷ୍ଟ ପାର୍ଟିର ଗୟାଧର ଧଳ, ରମଣୀରଞ୍ଜନ ରାଉତରାୟଙ୍କ ସମେତ ଶତାଧିକ ନେତା ସମାବେଶରେ ଯୋଗ ଦେଇ ପ୍ରକଳ୍ପକୁ ବିରୋଧ କରିଥିଲେ। ସେମାନେ କହିଥିଲେ, ଏହି ପ୍ରକଳ୍ପ ଆଳି ଓ ରାଜକନିକାର ଜୀବନ ଜୀବିକା ନଷ୍ଟ କରିବ। ଏଥିସହ ଭିତରକନିକା ଜୈବ ବିବିଧତାକୁ ଉଜାଡି ଦେବ। ଏହାବ୍ୟତୀତ



ସମାବେଶରେ ଯୋଗଦେଇଥିବା ଲୋକମାନେ।

ପ୍ରକଳ୍ପ ନିର୍ମାଣ କ୍ଷେତ୍ରରେ ଥିବା ବହୁ ଅନିୟମିତତା ସମ୍ପର୍କରେ ପ୍ରଶ୍ନ ଉଠାଇ ଥିଲେ। ଭଦ୍ରକ ଜିଲାର ୪ ବ୍ଲକ ଓ ୩ ସହରାଞ୍ଚଳକୁ ପାନୀୟ ଜଳ ଯୋଗାଣ ପାଇଁ ଏହି ପ୍ରକଳ୍ପ ନିର୍ମାଣ ହୋଇଛି। ଏଥିପାଇଁ ମାତ୍ର ଦୈନିକ ମାତ୍ର ୨୫ ମିଲିୟନ ଲିଟର ଆବଶ୍ୟକ ଥିବା ବେଳେ ୧୪୨ ମିଲିୟନ ଲିଟର କାହିଁକି ଉଠା ହେବ ବୋଲି ସେମାନେ ପ୍ରଶ୍ନ କରିଥିଲେ। ସେହିପରି ଏହି ପ୍ରକଳ୍ପ ବସୁଧା ଯୋଜନା ଅନ୍ତର୍ଗତ। ପ୍ରକଳ୍ପଟି ବ୍ୟକ୍ତିଗତ ଜମିରେ ନିର୍ମାଣ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାବ୍ୟତୀତ ପ୍ରକଳ୍ପ ପାଇଁ ବ୍ୟବହାର ହେଉଥିବା ନୂଆହାଟ ଓ ବରୁଣାଡିହ ସ୍ଥାନ ଭିତରକନିକା ଇକୋ ସେନ୍ସିଟିଭ ଜୋନରେ ଅଛି। ଏଠାରେ ପ୍ରକଳ୍ପ ପାଇଁ ପରିବେଶ ଓ ସାମାଜିକ ଅନୁଧ୍ୟାନ ରିପୋର୍ଟ ଆବଶ୍ୟକ। ତେବେ ଏହି ରିପୋର୍ଟ ଏବେ ମିଛ ବୋଲି ପ୍ରମାଣିତ ହୋଇଛି। ରିପୋର୍ଟଟି ଆଇଆଇଟି ହାଇଦ୍ରାବାଦର ବୋଲି ରାଜ୍ୟ ସରକାର ଦର୍ଶାଉଥିବା ବେଳେ ଏହି ଅନୁଷ୍ଠାନ ଏହାକୁ ଖାରଜ କରିଛି। ମିଛ ରିପୋର୍ଟକୁ ଆଧାର କରି ବ୍ୟକ୍ତିଗତ ଜମିରେ ପ୍ରକଳ୍ପ ନିର୍ମାଣ ସହ ଅତ୍ୟଧିକ ଜଳ ଉଠାଣକୁ ଆନ୍ଦୋଳନକାରୀ ସମାଲୋଚନା କରିଥିଲେ। ଏଥିସହ ଭିତରକନିକା ଇକୋ ସେନ୍ସିଟିଭ ଜୋନରେ ପ୍ରକଳ୍ପ ନିର୍ମାଣ ଫଳରେ ଜୈବ ବିବିଧତା ନଷ୍ଟ ହେବ ବୋଲି ସେମାନେ କ୍ଷୋଭ ପ୍ରକାଶ କରିଥିଲେ। ଏହି ପ୍ରକଳ୍ପ ନିର୍ମାଣ ଫଳରେ ଚାଷ, ପାନୀୟ ଜଳ, ମାଛ ଆଦିର କ୍ଷତି ହେବ ବୋଲି ଦର୍ଶାଇ ଥିଲେ। ତୁରନ୍ତ ପ୍ରକଳ୍ପ ବନ୍ଦ ନ ହେଲେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ବୋଲି ଜନସମାବେଶରେ ବକ୍ତାମାନେ ମତ ରଖିଥିଲେ।

ସୂଚନାଯୋଗ୍ୟ, ପ୍ରକଳ୍ପ ପାଇଁ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହ ନିକଟ ଖରସ୍ରୋତା ନଦୀରୁ ପାଣି ଉଠାଯିବ ବୋଲି ସ୍ଥିର ହୋଇଛି। ଏହାକୁ ଖରସ୍ରୋତା ବଞ୍ଚାଅ ସଂଗ୍ରାମ ସମିତି ଦୀର୍ଘ ଦୁଇବର୍ଷ ହେବ ବିରୋଧ କରି ଆସୁଛି।

**ପ୍ରଥମ ପୃଷ୍ଠାରୁ...**

## ପ୍ରକାଶ ପାଇଲା ...

ଏବଂ ମହିଳାଙ୍କ ପାଇଁ ୧୦୩୩ଟି ସ୍ଥାନ ସଂରକ୍ଷିତ ରହିଛି। ପଛୁଆ ବର୍ଗର ପୁରୁଷଙ୍କ ଲାଗି ୩୯୫ ଓ ମହିଳାଙ୍କ ପାଇଁ ୫୧୮ ସ୍ଥାନ ସଂରକ୍ଷିତ ରହିଛି। ଅଣସଂରକ୍ଷିତ ପୁରୁଷ ବର୍ଗରେ ୧, ୫୨୧ ଏବଂ ମହିଳାଙ୍କ ଲାଗି ୧୩୦୫ ସ୍ଥାନ ସଂରକ୍ଷିତ ରହିଛି। ୯୧,୯୧୬ ୱାର୍ଡମେମ୍ବର ମଧ୍ୟରୁ ଅନୁସୂଚିତ ଜାତି ପୁରୁଷଙ୍କ ଲାଗି ୬,୩୩୬ ଏବଂ ମହିଳାଙ୍କ ପାଇଁ ୧୦,୧୩୪ ସ୍ଥାନ ସଂରକ୍ଷିତ ରହିଛି। ଏସ୍‌ଟି ପୁରୁଷଙ୍କ ଲାଗି ୧୦,୫୫୯ ଏବଂ ମହିଳାଙ୍କ ପାଇଁ ୧୪,୨୩୬ ସ୍ଥାନ ସଂରକ୍ଷିତ ରହିଛି। ସେହିପରି ପଛୁଆ ବର୍ଗ ପୁରୁଷଙ୍କ ଲାଗି ୪,୮୦୪ ଏବଂ ମହିଳାଙ୍କ ପାଇଁ ୭,୨୨୭ ସ୍ଥାନ ସଂରକ୍ଷିତ ରହିଛି। ଅଣସଂରକ୍ଷିତ ବର୍ଗରେ ୨୦,୭୪୮ ଆସନ ପୁରୁଷ ଏବଂ ୧୭,୮୭୨ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି।

## ୬୭୯୪ ପଞ୍ଚାୟତରେ ...

ବାଦ୍ ଦିଆଯାଇଛି। ସେହିପରି ନୟାଗଡ଼ ଜିଲାର ଓଡ଼ଗାଁ ଓ ଦଲକ ଗ୍ରାମପଞ୍ଚାୟତ ଓଡ଼ଗାଁ ଏନ୍‌ଏସିରେ ଅନ୍ତର୍ଭୁକ୍ତ ହୋଇଥିବାରୁ ନୟାଗଡ଼ ଜିଲାର ଏହି ୨ ଗ୍ରାମ ପଞ୍ଚାୟତକୁ ତାଲିକାରୁ ବାଦ୍ ଦିଆଯାଇଛି । ବରଗଡ଼ ଜିଲାର ବିଜେପୁର ପଞ୍ଚାୟତ ବିଜେପୁର ଏନ୍‌ଏସିରେ ଅନ୍ତର୍ଭୁକ୍ତ ହୋଇଥିବାରୁ ଏହାକୁ ମଧ୍ୟ ତାଲିକାରୁ ବାଦ୍ ଦିଆଯାଇଛି। ୨୦୨୨ ନିର୍ବାଚନ ଲାଗି ୱାର୍ଡ ସଂଖ୍ୟା ମଧ୍ୟ ହ୍ରାସ ପାଇ ୯୧,୯୧୬ ରହିଛି। ୨୦୧୭ ପଞ୍ଚାୟତ ନିର୍ବାଚନରେ ୱାର୍ଡ ସଂଖ୍ୟା ୯୨,୦୨୭ ରହିଥିବା ବେଳେ ଏନ୍‌ଏସି, ମ୍ୟୁନିସିପାଲିଟି ଓ ମହାନଗର ନିଗମ ପୁନର୍ଗଠନ ପାଇଁ ୧୧୧ ୱାର୍ଡ ହ୍ରାସପାଇଛି। ଏଥିମଧ୍ୟରେ ରେମୁଣା ଏନ୍‌ଏସିରେ ୮ ପଞ୍ଚାୟତର ୫୭ ୱାର୍ଡ ଅନ୍ତର୍ଭୁକ୍ତ ହୋଇଥିବାରୁ ଏହି ୱାର୍ଡ ସବୁ ତାଲିକାରୁ ବାଦ୍ ପଡ଼ିଛି । ସେହିପରି ୩୨ଟି ୱାର୍ଡ ଓଡ଼ଗାଁ ଏନ୍‌ଏସିରେ ଅନ୍ତର୍ଭୁକ୍ତ ହୋଇ ପଞ୍ଚାୟତ ୱାର୍ଡ ତାଲିକାରୁ ବାଦ୍ ପଡ଼ିଛି। ବିଜେପୁର ଏନ୍‌ଏସିରେ ୧୯ଟି ୱାର୍ଡ ଏବଂ ହିଞ୍ଜିଳିକାଟୁ ମ୍ୟୁନିସିପାଲିଟିରେ ୨ଟି ଅନ୍ତର୍ଭୁକ୍ତ ହୋଇ ଗ୍ରାମପଞ୍ଚାୟତ ୱାର୍ଡ ତାଲିକାରୁ ବାଦ୍ ପଡ଼ିଛି। ଭୁବନେଶ୍ୱର ବ୍ଲକ୍ ଅନ୍ତର୍ଗତ କଳାରାହାଙ୍ଗ ପଞ୍ଚାୟତ ଉଚ୍ଛେଦ ଏବଂ ନୂଆ ଇଞ୍ଜାଣ ଗ୍ରାମପଞ୍ଚାୟତ ଗଠନ ଯୋଗୁ ଏଠାରୁ ମଧ୍ୟ ଗୋଟିଏ ୱାର୍ଡ ହ୍ରାସ ପାଇଛି ।

## କିପରି କମିବ ...

ମାଗ୍ନେଟ୍ ବ୍ୟବହାର କରେ। ଏହା ଗ୍ୟାସ୍ ରେଞ୍ଜ୍‌ଠାରୁ ସାମାନ୍ୟ ମହଙ୍ଗା। ଏଥିପାଇଁ ଅଲଗା ରୋଷେଇ ଶୈଳୀ ଏବଂ ସ୍ୱତନ୍ତ୍ର ଉପକରଣ ଆବଶ୍ୟକ। ବିଦ୍ୟୁତ୍‌ଚାଳିତ ଯାନର ମାଲିକ ପ୍ରାୟତଃ ଘରେ ଚାର୍ଜର ଇନ୍‌ଷ୍ଟଲ କରୁଛନ୍ତି, ଯାହା ବାହାରେ ଗାଡ଼ି ଚାର୍ଜ କରିବା ଜନିତ ଖର୍ଚ୍ଚରୁ ବଞ୍ଚାଉଛି। ଏହାଦ୍ୱାରା ବ୍ୟାଟେରି ମଧ୍ୟ ଅଧିକ ସମୟ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରୁଛି।

ଏ ଦିଗରେ ଆମେ ଅଧିକରୁ ଅଧିକ ଟେକ୍ନୋଲୋଜିର ସହାୟତା ନେଇପାରିବା। ସ୍ମାର୍ଟ ମିଟର, ପ୍ୟାନେଲ, ଥର୍ମୋଷ୍ଟାଟ୍ ଆଦି କେଉଁ ଜିନିଷ କେତେ ବିଦ୍ୟୁତ୍ ଖର୍ଚ୍ଚ କରୁଛି ଏବଂ ଏ ବାବଦରେ ଘରର ମୋଟ ଖର୍ଚ୍ଚ ଆମକୁ ଜଣାଇପାରିବ। ଏହା ଦ୍ୱାରା ସମ୍ପୃକ୍ତ ବ୍ୟକ୍ତି କେଉଁ ସମୟରେ ଗାଡ଼ି ଚାର୍ଜ କରିବା ଭଳି କାର୍ଯ୍ୟରେ ବିଦ୍ୟୁତ୍ ଖର୍ଚ୍ଚ କରିପାରିବେ ତାହା ଜାଣିପାରିବେ। ପାୱାରଗ୍ରୀଡ୍‌ରୁ ବିଦ୍ୟୁତ୍ କିଣିବା ପରିବର୍ତ୍ତେ ଘର ଛାତରେ ସୋଲାର ପ୍ୟାନେଲ ଇନ୍‌ଷ୍ଟଲ କରି ସେଥିରୁ ଉତ୍ପନ୍ନ ଶକ୍ତି ଖର୍ଚ୍ଚ ହେବ।

ଘରେ ବଗିଚା ସୃଷ୍ଟି କରିବା ଏକ ସର୍ବୋତ୍ତମ ମାଧ୍ୟମ। ଘର ଭିତରେ ମଧ୍ୟ ସ୍ନାଇଡର ପ୍ଲାଣ୍ଟ, ଆଲୋଭେରା ଭଳି ଅମ୍ଳଜାନ ସୃଷ୍ଟିକାରୀ ଗଛ ଲଗାଇପାରିବା।

## ମମିତାଙ୍କ ପରିବାର...

ପାଇଛି। ତେଣୁ ଘଟଣାର ନିରପେକ୍ଷ ତଦନ୍ତ ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ମମିତାଙ୍କ ପରିବାର ଉଚ୍ଚ ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି।

# ସ୍କୁଲ ଜୀବନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ: ମୁଖ୍ୟମନ୍ତ୍ରୀ

## ୧୩୦ ରୂପାନ୍ତରିତ ସ୍କୁଲ ଲୋକାର୍ପିତ

**ଭୁବନେଶ୍ୱର, ୧୬ା୧୧(ବ୍ୟୁରୋ)**

ରାଜ୍ୟରେ ଚାଲିଛି ୫-ଟି ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ। ପ୍ରଥମ ପର୍ଯ୍ୟାୟରେ ୧,୦୭୫ ରୂପାନ୍ତରିତ ହୋଇଥିବା ସ୍କୁଲ ଲୋକାର୍ପଣ କରାଯିବ। ଏହିକ୍ରମରେ ମଙ୍ଗଳବାର ୫ ଜିଲାରେ ନୂଆ ରୂପ ନେଇଥିବା ୧୩୦ ସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି। ତନ୍ମଧ୍ୟରେ ଗଞ୍ଜାମ ଜିଲାର ୮୩, ସମ୍ବଲପୁରର ୨୫, ନୟାଗଡ଼ର ୮, ନୂଆପଡ଼ାର ୭ ଏବଂ ରାୟଗଡ଼ାର ୭ ସ୍କୁଲ ରହିଛି। ସ୍କୁଲ ଜୀବନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ। ରୂପାନ୍ତରିତ ହୋଇଥିବା ବିଦ୍ୟାଳୟ ପରିବେଶ ପିଲାଙ୍କ ମଧ୍ୟରେ ପ୍ରତିଯୋଗୀ ମନୋଭାବ ବଢ଼ାଇଛି। ଶିକ୍ଷାକ୍ଷେତ୍ରରେ ରାଜ୍ୟରେ ଆରମ୍ଭ ହୋଇଥିବା ଏହି ନୂଆ ଯୁଗର ସୁଯୋଗ ନେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, ପିଲାଙ୍କ ପ୍ରତିଭା ବିକାଶ ପାଇଁ ସୁଯୋଗ ସୃଷ୍ଟି କରିବା ସମସ୍ତଙ୍କ ଦାୟିତ୍ୱ। ରାଜ୍ୟର ଛାତ୍ରୀଛାତ୍ର ସବୁକ୍ଷେତ୍ରରେ ଆଗୁଆ ହୁଅନ୍ତୁ। ଶିକ୍ଷା, କ୍ରୀଡ଼ା, ସଙ୍ଗୀତରେ ଗୌରବ ବଢ଼ାନ୍ତୁ। ନୂଆ ବୈଷୟିକ କୌଶଳ ବିଷୟରେ ଜାଣନ୍ତୁ। ଜୀବନର ସବୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ପାଇଁ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ନ୍ତୁ।




ନୂଆପଡ଼ା ଜିଲା ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି। ନିକଟରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍।

ଏହା ହିଁ ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ଏଭଳି ଅଭିନବ କାର୍ଯ୍ୟକ୍ରମ ସହର ଏବଂ ଗ୍ରାମାଞ୍ଚଳର ସ୍କୁଲ ମଧ୍ୟରେ ରହିଥିବା ତଫାତ୍‌କୁ ଦୂର କରିଛି। ମାତୃଭୂମି ଏବଂ ପରିବାର ପରେ ସ୍କୁଲ ହେଉଛି ବଡ଼ ପରିଚୟ। ଛାତ୍ରୀଛାତ୍ରମାନେ ଏହାକୁ ରାଜ୍ୟର ଗୌରବରେ ପରିଣତ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ଛାତ୍ରୀ ଭାରତୀ ସାହୁ, ସୌମ୍ୟାଶ୍ରୀ ବଡ଼ପଣ୍ଡା, ଭାଗ୍ୟଲକ୍ଷ୍ମୀ ପ୍ରଧାନ, ସ୍ମରଣିକା ପଟ୍ଟନାୟକ, ସରସ୍ୱତୀ ସାହୁ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ସେମାନଙ୍କ ଜୀବନର ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଜଗନ୍ନାଥ ସାରକା, ସରକାରୀ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ, ବିଧାୟକ ରାଜେନ୍ଦ୍ର ଢୋଲକିଆ, ସତ୍ୟନାରାୟଣ ସାହୁ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶିତାର ପ୍ରଶଂସା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସରକାରୀ ସ୍କୁଲରୁ ପାଠପଢ଼ି ଭାରତୀୟ ପୋଲିସ ସେବାରେ ଯୋଗଦେଇଥିବା ଉତ୍ତରାଞ୍ଚଳ ଡିଆଇଜି ସାର୍ଥକ ଷଡ଼ଙ୍ଗୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅରବିନ୍ଦ ଡାକୁଆ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଇଥିଲେ। ମୋ ସ୍କୁଲ କାର୍ଯ୍ୟକ୍ରମ ଅଧକ୍ଷା ସୁସ୍ମିତା ବାଗ୍‌ଚୀ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ସଚିବମାନେ ଉପସ୍ଥିତ ଥିଲେ।

## ଡିକିଭାଙ୍ଗି ୧.୮୦ ଲକ୍ଷ ଲୁଟ୍

**ଢେଙ୍କାନାଳ ଅଫିସ, ୧୬ା୧୧**

ଢେଙ୍କାନାଳ ଜିଲାରେ ପୁଣିଥରେ ସକ୍ରିୟ ହୋଇଉଠିଛନ୍ତି ଲୁଟେରା ଗ୍ୟାଙ୍ଗ୍। ଗତ ସୋମବାର ଜଣେ କମ୍ପାନୀ କର୍ମଚାରୀଙ୍କୁ ଭୟଭୀତ କରାଇ ୪ ଦୁର୍ବୃତ୍ତ ଅଢ଼େଇ ଲକ୍ଷ ଟଙ୍କା ନେଇଯାଇଥିବାବେଳେ ମଙ୍ଗଳବାର ଲୁଟ୍‌ର ଶିକାର ହୋଇଛନ୍ତି ଟ୍ରାନ୍ସପୋର୍ଟ କର୍ମଚାରୀ ବିଚିତ୍ରାନନ୍ଦ ମହାନ୍ତି। ଅଭିଯୁକ୍ତମାନେ ତାଙ୍କ ବାଇକ୍ ଡିକି ଭାଙ୍ଗି ୧.୮୦ ଲକ୍ଷ ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ଜନଗହଳିପୂର୍ଣ୍ଣ ସୁପରମାର୍କେଟ ନିକଟରେ ଏହି ଘଟଣା ଘଟିଥିବାବେଳେ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଷ୍ଟେଶନ ବଜାର ଅଞ୍ଚଳରେ ଥିବା ଗୋପାଳ ଟ୍ରାନ୍ସପୋର୍ଟରେ କାର୍ଯ୍ୟରତ କର୍ମଚାରୀ ବିଚିତ୍ରାନନ୍ଦ କମ୍ପାନୀରୁ ୧ ଲକ୍ଷ ୩୦ ହଜାର ଟଙ୍କା ଧରି ୟୁକୋ ବ୍ୟାଙ୍କ ଯାଇଥିଲେ। ୟୁକୋ ବ୍ୟାଙ୍କରୁ ୫୦ହଜାର ଟଙ୍କା ଉଠାଇ ମୋଟ ୧ ଲକ୍ଷ ୮୦ ହଜାର ଟଙ୍କା ବାଇକ୍ ଡିକିରେ ରଖି ସୁପରମାର୍କେଟଠାରେ ଥିବା ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ଶାଖାରେ ଏକ ଚେକ୍ ଡିପୋଜିଟ ପାଇଁ ଯାଇଥିଲେ। ଚେକ୍ ଡିପୋଜିଟ୍ କରି ଫେରିବା ପରେ ବାଇକ୍ ଧରି କିଛି ବାଟ ଆସିଥିଲେ। ବାଟରେ ଗାଡ଼ି ରଖି ଡିକିରେ ଥିବା ପାଣି ବୋତଲ ବାହାର କରିବା ବେଳକୁ ୧ଲକ୍ଷ ୮୦ହଜାର ଟଙ୍କା ନ ଥିବା ଜଣାପଡ଼ିଥିଲା। ସୁପରମାର୍କେଟ ନିକଟକୁ ଆସି ବହୁତ ଖୋଜାଖୋଜି କରିଥିଲେ ମଧ୍ୟ ଟଙ୍କା ମିଳି ନ ଥିଲା। ସୂଚନା ପାଇ ଟାଉନ ଥାନା ପୋଲିସ ପହଞ୍ଚି ସିସିଟିଭି ଯାଞ୍ଚ କରୁଛି। ସନ୍ଧ୍ୟା ସୁଦ୍ଧା ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ ହୋଇନାହିଁ।



## ନୟାଗଡ଼ରୁ ଭୁବନେଶ୍ୱର ଗଡ଼ିଲା ମେମୋ ଟ୍ରେନ

**ନୟାଗଡ଼ ଅଫିସ, ୧୬ା୧୧**

ମଙ୍ଗଳବାର ନୟାଗଡ଼ ଟାଉନ ରେଳ ଷ୍ଟେଶନରୁ ଭୁବନେଶ୍ୱରକୁ ଗଡ଼ିଛି ମେମୋ ଟ୍ରେନ । ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୬ଟାରୁ ମେମୋ ଟ୍ରେନ ନୟାଗଡ଼ ଛାଡିଥିଲା । ଏହାକୁ ନୟାଗଡ଼ ଜନସାଧାରଣ ସ୍ୱାଗତ କରିଥିଲେ। ଟ୍ରେନ ପୂର୍ବାହ୍ନ ୯ଟାରେ ଭୁବନେଶ୍ୱରରେ ପହଞ୍ଚି ଥିବା ସୂଚନା ମିଳିଛି । ସେହିପରି ମେମୋ ଟ୍ରେନ ଭୁବନେଶ୍ୱରରୁ ସନ୍ଧ୍ୟା ୬.୪୦ରେ ଷ୍ଟେଶନ ଛାଡ଼ି ରାତି ୮ଟା ୪୫ରେ ନୟାଗଡ଼ରେ ପହଞ୍ଚିଛି । ନୟାଗଡ଼ରୁ ଭୁବନେଶ୍ୱର ଭଡ଼ା ୪୫ ଟଙ୍କା ରହିଛି ।

# ପୁରୀ ଜିଲାପାଳ, ଏସ୍‌ପିଙ୍କୁ ବ୍ୟକ୍ତିଗତ ହାଜର ନିର୍ଦ୍ଦେଶ

## ଆର୍ଦ୍ରଭୂମି ସୁରକ୍ଷା ସମ୍ପର୍କିତ ମାମଲା

**କଟକ ଅଫିସ, ୧୬ା୧୧**

ଆର୍ଦ୍ରଭୂମି ସୁରକ୍ଷା ସମ୍ପର୍କିତ ମାମଲାର ଶୁଣାଣି ମଙ୍ଗଳବାର ହାଇକୋର୍ଟରେ ହୋଇଥିଲା। ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦର ଅଗ୍ରଗତି ସମ୍ପର୍କରେ ତଥ୍ୟ ରଖିବା ପାଇଁ ବୁଧବାର ପୁରୀ ଜିଲାପାଳ ଓ ଏସ୍‌ପି ଭର୍ଚୁଆଲରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ଏ.କେ. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ବୁଧବାର ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନାଯୋଗ୍ୟ, ଆର୍ଦ୍ରଭୂମି ସୁରକ୍ଷା ସମ୍ପର୍କିତ ମାମଲାରେ ଚିଙ୍ଗୁଡି ଘେରି ଉଚ୍ଛେଦ ନେଇ କି ପଦକ୍ଷେପ ନେଇଛ ବୋଲି ହାଇକୋର୍ଟ କେନ୍ଦ୍ରାପଡା, ଖୋର୍ଦ୍ଧା, ଗଞ୍ଜାମ ଓ ପୁରୀ ଜିଲାପାଳଙ୍କୁ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି କେତେଜଣଙ୍କ ନାଁରେ ମାମଲା ରୁଜୁ କରିଛ, କେତେ ଚିଙ୍ଗୁଡି ଘେରି ଉଚ୍ଛେଦ କରିଛ, ତାହାର ରିପୋର୍ଟ ଦାଖଲ ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ରାପଡାର ଭିତରକନିକା ଓ ଅନ୍ୟ ୩ ଜିଲା ଅନ୍ତର୍ଗତ ଚିଲିକାର ଚିଙ୍ଗୁଡି ଘେରି ଉଚ୍ଛେଦ ନେଇ କହିଥିଲେ। ଗତ ଜୁଲାଇ ୨୭ ତାରିଖରେ ଗଞ୍ଜାମ ଜିଲାପାଳ ସତ୍ୟପାଠ ଦାଖଲ କରିଥିବାବେଳେ ଆଉ କେହି ଦାଖଲ କରିପାରି ନ ଥିଲେ। ତେଣୁ ହାଇକୋର୍ଟ ବିରକ୍ତି ପ୍ରକାଶ କରିବା ସହ ସମସ୍ତ ଜିଲାପାଳଙ୍କୁ ଅଗଷ୍ଟ ୧୪ ତାରିଖରେ ଭିଡିଓ କନଫରେନ୍ସ ମାଧ୍ୟମରେ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଅନ୍ୟ ଜିଲାପାଳମାନେ ସତ୍ୟପାଠ ଦାଖଲ କରିଥିଲେ। ଆର୍ଦ୍ରଭୂମି ସୁରକ୍ଷାନେଇ ହାଇକୋର୍ଟ ନିଜ ଆଡୁ ମାମଲା ରୁଜୁ କରିବା ସହ ଚିଲିକା ଓ ଭିତରକନିକା ଅଞ୍ଚଳର ଜିଲା ପ୍ରଶାସନଙ୍କୁ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଗରୁଡ଼ଙ୍କ ଉତ୍ଥାପନ ନୀତି ସମ୍ପନ୍ନ

ପୁରୀ ଅଫିସ, ୧୬ା୧୧- କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ତିଥି ମଙ୍ଗଳବାର ଗରୁଡ଼ ଉତ୍ଥାପନ ନୀତି ସମ୍ପନ୍ନ ହୋଇଛି। ଦ୍ୱାଦଶୀ ତିଥି ଅବସରରେ ମହାପ୍ରଭୁଙ୍କର ବାଙ୍କଚୂଡ଼ା ବେଶ ପରେ ଅନ୍ୟାନ୍ୟ ନୀତିମାନ ହୋଇ ସକାଳ ଧୂପ, ବାଲଧୂପ, ଭୋଗମଣ୍ଡପ ପରେ ମହାସ୍ନାନ, ବେଶବଢ଼ି ମଧ୍ୟାହ୍ନ ଧୂପ ହୋଇଥିଲା। ପରେ ସନ୍ଧ୍ୟା ଆଳତି, ସନ୍ଧ୍ୟାଧୂପ ସରିବା ପରେ ଜଗମୋହନରେ ଅବସ୍ଥିତ ଶ୍ରୀଗରୁଡ଼ଙ୍କ ନିକଟରେ ମହାସ୍ନାନ ପୂଜା ହୋଇଥିଲା। ଏହା ପୂର୍ବରୁ ଚୂନରା ସେବକ ଗରୁଡ଼ଙ୍କୁ ମଇଲମ କରିଥିଲେ। ପରେ ପୂଜାପଣ୍ଡା ସେବକ ମହାପ୍ରଭୁଙ୍କୁ ମହାସ୍ନାନ କରିଥିଲେ ଚୂନରା ସେବକ ଗରୁଡ଼ଙ୍କୁ ଦହି, ପଞ୍ଚାମୃତ, ଚୂଆ ଆଦି ଦ୍ୱାରା ମାଜଣା କରି ନୂଆ ଲୁଗା ଲାଗି ସହିତ ମହାପ୍ରଭୁଙ୍କ ବାଡ଼ରୁ ଆସିଥିବା ମାଳଚୂଳ ଲଗାଇ ବେଶ କରିଥିଲେ। ପରେ ପାଣିପଡ଼ି ପଞ୍ଚୋପଚାରରେ ଶୀତଳଭୋଗ ମଣୋହି କରାଯାଇଥିଲା। ଉତ୍ଥାପନା ନୀତି ନିମନ୍ତେ ପ୍ରସାଦ ଲାଗି କରାଯାଇ ବନ୍ଦାପନା ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ଦକ୍ଷିଣ ଘରୁ ମଦନମୋହନ ସିଂହାସନକୁ ବିଜେ ହେବା ପରେ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ଜଗମୋହନରେ ପଡ଼ିଥିବା ଖଟକୁ ବିଜେ ହୋଇଥିଲେ। ସେଠାରେ ଶୀତଳ ଭୋଗ ଓ ବନ୍ଦାପନା ହୋଇ ଠାକୁର ଦକ୍ଷିଣ ଘରକୁ ବାହୁଡ଼ା ବିଜେ କରିଥିଲେ।


### ରାଜ୍ୟ ନିର୍ବାଚନ ଆୟୋଗ, ଓଡ଼ିଶା
**ତୋଷାଳୀ ଭବନ, ବି-୨, ପ୍ରଥମ ମହଲା, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭**
**ସୂଚନା**

No.D-190:- ଆଗାମୀ ତ୍ରି-ସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ରାଜ୍ୟ ନିର୍ବାଚନ କମିଶନ ୨୯ଟି ଜିଲାର (ବାଲେଶ୍ୱର ବ୍ୟତୀତ) ୱାର୍ଡୱାରି ଭୋଟର ତାଲିକା ପ୍ରସ୍ତୁତ ନିମନ୍ତେ ନିମ୍ନଲିଖିତ କାର୍ଯ୍ୟସୂଚୀ ଧାର୍ଯ୍ୟ କରିଛନ୍ତି।

| | | |
|---|---|---|
| ୧ | ପ୍ରାଥମିକ ଭୋଟର ତାଲିକା ଗ୍ରାମପଞ୍ଚାୟତ ସଦର ମହକୁମାରେ ପ୍ରକାଶନ । | ୧୬।୧୧।୨୦୨୧ |
| ୨ | ଦାବି ଓ ଆପତ୍ତି ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସରଙ୍କ ପାଖରେ ଦାଖଲ । | ୨୩।୧୧।୨୦୨୧ ପର୍ଯ୍ୟନ୍ତ |
| ୩ | ଦାବି ଓ ଆପତ୍ତିଗୁଡିକର ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସରଙ୍କ ଦ୍ୱାରା ତଦନ୍ତ ଓ ଫଇସଲା | ୨୪।୧୧।୨୦୨୧ ଠାରୁ ୨୬।୧୧।୨୦୨୧ ପର୍ଯ୍ୟନ୍ତ |
| ୪ | ଚିଠା ଭୋଟର ତାଲିକା ନିରୀକ୍ଷଣ ଓ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସରଙ୍କ ନିଷ୍ପତ୍ତି ବିପକ୍ଷରେ, ଯଦି ଥାଏ, ବି.ଡି.ଓ.ଙ୍କୁ ଦରଖାସ୍ତ ପ୍ରଦାନ । | ୨୯।୧୧।୨୦୨୧ ଠାରୁ ୩୦।୧୧।୨୦୨୧ ପର୍ଯ୍ୟନ୍ତ |
| ୫ | ବି.ଡି.ଓ. ତଥା ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସରଙ୍କ ଦ୍ୱାରା ଦରଖାସ୍ତ ଫଇସଲା । | ୦୧।୧୨।୨୦୨୧ ଠାରୁ ୦୨।୧୨।୨୦୨୧ ପର୍ଯ୍ୟନ୍ତ |
| ୬ | ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ । | ୦୪।୧୨।୨୦୨୧ |

ରାଜ୍ୟ ନିର୍ବାଚନ କମିଶନଙ୍କ ଦ୍ୱାରା ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ ନିମନ୍ତେ ତା୦୧।୧୧।୨୦୨୧ରିଖକୁ ଯୋଗ୍ୟ ତାରିଖ ରୂପେ ନିର୍ଦ୍ଧାରଣ କରାଯାଇଛି। ଏହି ତାରିଖ ସୁଦ୍ଧା ୧୮ ବର୍ଷ କିମ୍ବା ତା'ଠାରୁ ଊର୍ଦ୍ଧ୍ୱ ଓ ଭୋଟର ତାଲିକାରେ ପଞ୍ଜୀକରଣ ନିମନ୍ତେ ଯୋଗ୍ୟ ଯେ କୌଣସି ବ୍ୟକ୍ତି ସାଧାରଣ ଭାବେ ପଞ୍ଚାୟତରେ ଯେଉଁ ୱାର୍ଡରେ ବାସ କରୁଛନ୍ତି, ଉକ୍ତ ୱାର୍ଡର ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ଦରଖାସ୍ତ କରିପାରିବେ।

ନାମ ଦରଜ ଓ ସଂଶୋଧନ କରାଇବା ପାଇଁ ଫାରମ ନଂ. ୧୬ ଓ ତାଲିକାଭୁକ୍ତ ନାମ ସମ୍ବନ୍ଧରେ ଆପତ୍ତି ପାଇଁ ଫାରମ ନଂ. ୧୭ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସରଙ୍କଠାରୁ ଗ୍ରାମପଞ୍ଚାୟତର ସଦର ମହକୁମାରୁ ବିନା ମୂଲ୍ୟରେ ମିଳିପାରିବ । ଏଣୁ ଭୋଟର ତାଲିକାଭୁକ୍ତ ହେବା ପାଇଁ ସମସ୍ତ ଯୋଗ୍ୟ ବ୍ୟକ୍ତି ଏହାର ସୁଯୋଗ ନେବା ନିମନ୍ତେ ଅନୁରୋଧ କରାଯାଉଅଛି ।

ସଚିବ
ରାଜ୍ୟ, ନିର୍ବାଚନ କମିଶନ, ଓଡ଼ିଶା
OIPR12009/11/0002/2122

### OFFICE OF THE SUPERINTENDING ENGINEER R.W. DIVISION, ANANDAPUR, SALAPADA, KEONJHAR
**e-Procurement Notice for Building Works Identification No. Online - 07/EERW/AND/2021-22**

No. O-938
E-mail Address: eerw_anandapur@yahoo.co.in
No. 7629 // Dt.12.11.2021

1. Name of the work : Repair/Renovation/Construction of Building works for the year 2020-21.
2. Total No. of works : 04 (Four) Nos. (Percentage rate tender)
3. Estiamted Cost : Approx. Estiamte Cost 2.68 lakhs to 14.25 lakhs
4. Class of Contractor : Class 'C' & Class 'D'
5. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of opening of tender, Office of the Executive Engineer, R.W. Division, Anandapur | Date & Place of receipt of bid cost & bid security |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, R.W. Division, Anandapur | Online 07/ EERW/AND/ 2020-21 | 17.11.2021 at 10.00 A.M. | 24.11.2021 upto 5.00 P.M. | 23.11.2021 upto 5.00 P.M. | 25.11.2021 at 11.00 A.M. | The bidder shall transfer online the cost of bid and EMD in column No. 4 & 6 in Annexure-I, respectively through a process as mentioned in DTCN. |

Further details can be seen from the website **www.tendersorissa.gov.in** & **www.tenders.ori.nic.in**.
OIPR-25055/11/0006/2122 Sd./- Superintending Engineer, R.W. Division, Anandapur

### GOVERNMENT OF ODISHA
### "e"-PROCUREMENT NOTICE
No. B-632
Bid Identification No. S.E. GTN(R&B) - 12/2021-22
E-mail address: eeghatagaon2015@gmail.com
Letter No. 6266 Dt.12.11.21

1. The Superintending Engineer, Ghatagaon (R&B) Division on behalf of Governor of Odisha invites percentage rate bids in Single Cover System in Online mode from the eligible contractor's for road works as mentioned below.
2. Nature of the Work : Road Works
3. Numbers of Work : 01 (One) No.
4. Estimated Cost : Rs.43.59 lakhs (Approx.)
5. Period of Completion : 3 (Three) Calendar Months
6. Date & time of availability of bid document in the portal : From 11.30 A.M. of Dt.18.11.2021 to 05.00 P.M. of Dt.29.11.2021
7. Last Date/Time for receipt of bids in the portal : 05.00 P.M. of Dt.29.11.2021
8. Date of Opening of Bid : 11.00 A.M. of Dt.30.11.2021
9. Further details can be seen from the e-procurement portal **https://tendersodisha.gov.in**. Any addendum/corrigendum/cancellation of tender can also be seen in the same website only.

Sd./- Superintending Engineer
Ghatagaon (R&B) Division
OIPR-34140/11/0007/2122

### GOVERNMENT OF ODISHA
**"e" PROCUREMENT NOTICE NO. CCEKIP-(KCD)-10/2021-22**
**(Pertaining to Kanupur Canal Division No.I, Jhumpura)**

No. A-621:-

| | | |
|---|---|---|
| 1 | Name of the work | "Construction of Off-taking channels of Kanupur Main Canal from RD26135m to RD 29020m including structures of Kanupur Irrigation Project." |
| 2 | Estimated Cost | Rs. 409.17 Lakh |
| 3 | Period of Completion | 18 (Eighteen) calendar months including rainy season. |
| 4 | Date & Time of availability of bid document in the portal | 18.11.2021 from 10.00 Hours to Dt.02.12.2021 up to 17.00 Hours. |
| 5 | Last date / time for receipt of bids in the portal | 02.12.2021 up to 17.00 Hours. |
| 6 | Dae & Time of opening of tender | 03.12.2021 at 11.00 Hours. |
| 7 | Name & Address of the Officer inviting Bid | Er. Prasanna Kumar Pani, Chief Construction Engineer, Kanupur Irrigation Project, At/PO: Basudevpur, Dist.: Keonjhar, Odisha-758047 |

Further details can be seen from the e-Procurement portal "https://**www.tendersodisha.gov.in**"

Sd./- (Er. Prasanna Kumar Pani)
Chief Construction Engineer, Kanupur Irrigation Project,
OIPR-32236/11/0005/2122 Basudevpur, Keonjhar

### DISTRICT EDUCATION OFFICE, SONEPUR
Letter No. 6612/ Date16.11.2021

**ADVERTISEMENT**

**ENGAGEMENT OF JUNIOR CLERK-CUM-ACCOUNTANT IN ODISHA ADARSHA VIDYALAYAS, BINKA IN SUBARNAPUR DISTRICT**

Pursuant to Notification dated 31.03.2021 the provisional Merit list area available in the District Website of Subarnapur District **www.subarnapur.nic.in**. The candidates are directed to go through the list and file their objection if any in the prescribed proforma with relevant enclosure in the Office of the District Education Office, Sonepur in person or by post by 25.11.2021. Objection received after 25.11.2021 will not be entertained. The candidate is also directed to go through the detailed instruction available in the website.

Sd./- District Education Officer
Sonepur

### OFFICE OF THE NOTIFIED AREA COUNCIL, GANJAM
Letter No. 2244 Date: 15.11.21

**e-Procurement Notice No.-2243 Dt.13.11.2021**
**Tender reference No.-06/2021-22 GJM NAC**

No. C-1292:- The Ganjam NAC invites online bid in single cover system through e-Procurement.
**Total No. of works:-** 01. **Value of the works:-** Rs.3190873/-. **Date and time of availability of bids documents in the portal:-** from dtd 15.11.2021 at 10.00 A.M. to 25.11.2021 upto at 5.00 P.M. **Last date of receipt of bids in the portal:-** dt.25.11.2021 up to 5.00 PM. **Last date of submission of original documents in this office NAC Ganjam off line:-** 26.11.2021 up to 5.30 P.M. **Date and time of opening of tender:-** 29.11.2021 at 11.00 A.M. **Further details can be seen from the website:-** www.tendersorissa.gov.in

Executive Officer, NAC Ganjam
OIPR-13073/11/0005/2122

### OFFICE OF THE MUNICIPAL COUNCIL, CHOUDWAR
No.3754 Date: 15.11.2021
**"e" Procurement Notice**
No.C-1290 **Bid Reference No. - ChM-02/2021-22**

| | | |
|---|---|---|
| 1. | Name of the Work | CIVIL WORKS |
| 2. | No. of Work | 66 Nos. |
| 3. | Bid Value | Up to Rs.31.62 Lakh |
| 4. | Period of Completion | Forty Five Days |
| 5. | Date and Time of availability of the bid documents in the Portal | From 18.11.2021 to 01.12.2021 up to 05.00 P.M. |
| 6. | Last Date/ Time for receipt of bid in the portal | 01.12.2021 up to 05.00 P.M. |
| 7. | Bids received online shall be opened on | dt.06.12.2021 at 11.00 A.M. |
| 8. | Name and address of the officer inviting Bid | Executive Officer, Choudwar Municipality, Choudwar |

Further details can be seen from the procurement portal www.tendersorissa.gov.in

Sd./- Executive Officer, Choudwar Municipality
OIPR-13138/11/0004/2122

### GOVERNMENT OF ODISHA DEPARTMENT OF WATER RESOURCES OFFICE OF THE SUPERINTENDING ENGINEER, DRAINAGE DIVISION, PURI-752003
No.A-623
**e-Procurement Notice No.- SEDD-PURI-03/2021-22**
e-mail id:- eeddpuri@gmail.com

| | | |
|---|---|---|
| 1. | Name of works | **1) Renonvation of Drainage channel from Khandahata Cyclone Shelter to Dupur, out fall to Kajalaganda under DOAB-VII.** |
| 2. | Total No. of Works | **1 no. individual package.** |
| 3. | Tender Cost of the Work | **1. Rs.39,16,304.00** |
| 4. | Bid Identification No. | **1. DDP - 115/2021-22** |
| 5. | Period of Completion | **11 (Eleven)** Calendar months |
| 6. | Availability of Tender On-Line | **18.11.2021** from 11.00 Hours to **29.11.2021** upto 17.30 Hours. |
| 7. | Receipt of Bids in the Portal | **18.11.2021** from 11.00 Hours to **29.11.2021** upto 17.30 Hours. |
| 8. | Date of opening of Technical Bid & Financial Bid | **30.11.2021** at 11.30 Hours in the O/o the Superintending Engineer, Drainage Division, Puri |
| 9. | Date of Lottery (if Required) | **09.12.2021** at 11.30 Hours in the O/o the Superintending Engineer, Drainage Division, Puri |
| 10. | Procurement Officer | Superintending Engineer, Drainage Division, Puri |
| 11. | Class of Contractor | **'C' & 'B' Class** Tenders will be accepted **if registered under CDMS portal only** as per codal provision. Registration in any other manner will be cancelled. |

The bidders have to participate in on-line bidding only. Further details can be seen from the Govt. website **www.tendersorissa.gov.in.** Any addendum/ Corrigendum/ Cancellation of tender can also be seen in the same website.

Sd./- Superintending Engineer, Drainage Division, Puri
OIPR-32357/11/0003/2122

**ବିଶ୍ୱ ମଧୁମେହ ଦିବସ**

ବାହାନଗା, (ଡି.ଏନ.ଏ.):ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି। ଏଥିରେ ଖରାସାହାପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂଆ)ର ଡାକ୍ତର ଶିବାନୀ ମିଶ୍ର ଓ ଫାର୍ମାସିଷ୍ଟ ଜ୍ୟୋତିପ୍ରକାଶ ସ୍ୱାଇଁ ଉପସ୍ଥିତ ରହି ଜନସାଧାରଣଙ୍କୁ ମଧୁମେହ ବିଷୟରେ ଅବଗତ କରାଇବା ସହିତ ଏହି ରୋଗ ହେଲେ ତାର ଲକ୍ଷଣ କଣ ଏହାକୁ କିପରି ପ୍ରତିରୋଧ କରାଯାଇପାରିବ ସେ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ।

## ସଂକ୍ଷେପରେ

### ନିଖୋଜ ଅଟୋ ଡ୍ରାଇଭରଙ୍କ ମୃତଦେହ କୁଆଖାଇରୁ ଉଦ୍ଧାର

**ଭୁବନେଶ୍ୱର, ୧୬।୧୧(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ହଂସପାଳ ନିକଟ କୁଆଖିଆ ନଦୀରୁ ମଙ୍ଗଳବାର ଭାସମାନ ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ବାଲେଶ୍ୱର ଜିଲା ବସ୍ତା ଥାନା ଅଞ୍ଚଳର ସୁରେଶ ଆଦାକ୍ (୨୮)। ସେ ସ୍ଥାନୀୟ ଥାନା ନହରକଣ୍ଟାରେ ପରିବାର ସହ ରହି ଅଟୋ ଡ୍ରାଇଭର ଭାବେ କାମ କରୁଥିଲେ। ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇ ରିପୋର୍ଟକୁ ଅପେକ୍ଷା କରିଛି।

### କବିତା ହେଉଛି ସାହିତ୍ୟର ସ୍ପନ୍ଦନ

**ରୂପସା, ୧୬।୧୧(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଅଧୀନ କସିପଦା ପଞ୍ଚାୟତ ହାଇସ୍କୁଲରେ ରବିବାର ଆମ ପରିବାର ଆମ ପଞ୍ଚାୟତ ଅନୁଷ୍ଠାନ ପକ୍ଷରୁ ସାହିତ୍ୟ ଆସର ଓ କବିତାପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ମୁଖ୍ୟ ଭଗବାନ ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ଉତ୍ସବରେ ପଣ୍ଡିତ ନିରଞ୍ଜନ ପଣ୍ଡାଶର୍ମା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଇଓ ଜୟନ୍ତ କୁମାର ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ସମୟଚକ୍ର ପତ୍ରିକାର ସମ୍ପାଦକ ସର୍ବେଶ୍ୱର ଜେନା ଓ ସମ୍ମାନିତ ଅତିଥି ଭାବେ ଜଗଦୀଶ ପଟ୍ଟନାୟକ ଯୋଗଦେଇ କବିତା ଓଡ଼ିଆ ଭାଷା, ସାହିତ୍ୟର ସ୍ପନ୍ଦନ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ସାହିତ୍ୟିକ, କବି, କବୟିତ୍ରୀ ଯୋଗଦେଇ ସାହିତ୍ୟ ଚର୍ଚ୍ଚା ଓ କବିତା ଆବୃତ୍ତି କରିଥିଲେ।

### ଜିଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

**ବୈଶିଙ୍ଗା, ୧୬।୧୧(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବୈଶିଙ୍ଗା ନିକଟସ୍ଥ ବିଦୁକୁଡ଼ିଆଠାରେ ସିନ୍ଦୁରଗୌରା ଯୁବକ ସଂଘ ଆନୁକୂଲ୍ୟରେ ୨ଦିନିଆ ୨୬ତମ ଜିଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ପୁରୁଣା ବାରିପଦା ଦଳକୁ ପରାସ୍ତ କରି ପଦ୍ମନାଭପୁର ଦଳ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବିଧାୟକ ଗଣେଶ୍ୱର ପାତ୍ର, ସମ୍ମାନିତ ଅତିଥି ସାମଜିକକର୍ମୀ ଶୁଭ୍ରାନ୍ତ କୁମାର ତିଆଡ଼ି ଏବଂ ଶ୍ରୀଧର ପଣ୍ଡିତ ପ୍ରମୁଖ ଯୋଗ ଦେଇଥିଲେ। ସଞ୍ଜୀବ କୁମାର ସିଂ, ସୁଶାନ୍ତ ସିଂ, ଛୋଟରାୟ ସିଂ, ମହେଶ୍ୱର ସିଂ, ପ୍ରଭାକର ପାତ୍ର ପ୍ରମୁଖଙ୍କ ସଂଯୋଜନାରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

# ଭଡ଼ା ବଣ୍ଟନରେ ବିଳମ୍ବ, ଉତ୍ତେଜନା



ଭଡ଼ା ବଣ୍ଟନରେ ବିଳମ୍ବ ଯୋଗୁ ହିତାଧିକାରୀମାନେ ହୋହଲ୍ଲା କରୁଛନ୍ତି।

**ରୂପସା, ୧୬।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ଦୁଧହଂସା ପଞ୍ଚାୟତର ନଳବାହାରଠାରେ ମଙ୍ଗଳବାର ଭଡ଼ା ବଣ୍ଟନରେ ବିଳମ୍ବକୁ କେନ୍ଦ୍ର କରି ଉତ୍ତେଜନା ଦେଖାଦେଇଛି। ବୟସ୍କ ହିତାଧିକାରୀମାନେ ସକାଳୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଅପେକ୍ଷା କରି ଶେଷରେ ପାଟିତୁଣ୍ଡ କରିଥିଲେ।

ଏହି ପଞ୍ଚାୟତରେ ସୋମବାର ପରିବର୍ତ୍ତେ ମଙ୍ଗଳବାର ଭଡ଼ା ବଣ୍ଟନ କରାଯାଇଥିଲା। ଏହି ପଞ୍ଚାୟତରେ ନିଜର କାର୍ଯ୍ୟାଳୟ ନ ଥିବାରୁ ଏବଂ ୬୦ନଂ. ଜାତୀୟ ରାଜପଥ ଦୁଇ ଭାଗରେ ବିଭକ୍ତ କରୁଥିବାରୁ ଗୋଟିଏ ଦିନ ସୁନ୍ଦରହଟାରେ ଓ ଅନ୍ୟ ଏକ ଦିନ ନଳବାହାର ଦୁର୍ଗାମଣ୍ଡପରେ ଭଡ଼ା ବଣ୍ଟନ କରାଯାଏ। ମାତ୍ର ଆଜି ଭଡ଼ା ପାଇଁ ବହୁ ବୟସ୍କ ବୃଦ୍ଧ ଓ ବୃଦ୍ଧା ତଥା ଭିନ୍ନକ୍ଷମ ହିତାଧିକାରୀମାନେ ସକାଳୁ ଅପେକ୍ଷା କରିଥିବା ବେଳେ ୪ଟା ପର୍ଯ୍ୟନ୍ତ ଭଡ଼ା ପଇସା ଆସି ନ ଥିଲା। ଫଳରେ ଭୋକ ଉପାସରେ ଅପେକ୍ଷା କରିଥିବା ଲୋକେ ଅସନ୍ତୋଷ ବ୍ୟକ୍ତ କରି ପାଟିତୁଣ୍ଡ କରିଥିଲେ। ସାଢେ ୪ଟାରେ ବ୍ୟାଙ୍କରୁ ପଇସା ଆସିବା ପରେ ଲୋକଙ୍କୁ ଦିଆଯାଇଥିଲା। ତେବେ ଏଭଳି ଅସୁବିଧା ଅଧିକାଂଶ ସମୟରେ ହେଉଥିବା ହିତାଧିକାରୀମାନେ ଅଭିଯୋଗ କରିଥିଲେ। ଘଟଣା ସମ୍ପର୍କରେ ଭଡ଼ା ବଣ୍ଟନ ଦାୟିତ୍ୱରେ ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ସସ୍ମିତା ତରେଇଙ୍କୁ ପଚରାଯିବାରୁ ଭଡ଼ା ପଇସା ଜଳେଶ୍ୱର ଷ୍ଟେଟବ୍ୟାଙ୍କରୁ ଆସେ ଏବଂ ସେଠାରୁ ପଇସା ଆସିବା ବିଳମ୍ବ ହେଉଥିବାରୁ ଏଠାରେ ମଧ୍ୟ ବିଳମ୍ବ ହେଉଥିବା ସେ କହିଥିଲେ।

# ଅସହାୟ ଅଜୟ ଜିଲାପାଳଙ୍କ ଦ୍ୱାରସ୍ଥ

**ଭଦ୍ରକ ଅଫିସ, ୧୬।୧୧**

ଦୁଇଟି ଯାକ କିଡନି ହରାଇ ଅସହାୟ ହୋଇ ପଡ଼ିଛନ୍ତି ଧାମନଗର ବ୍ଲକ ବହୁଦରଡ଼ା ବିଷ୍ଣୁପୁର ଗ୍ରାମର ଅଜୟ କୁମାର ସାହୁ। ୨୦ ବର୍ଷର ଯୁବକ ଅଜୟ ପିତୃମାତୃହୀନ। ଗରିବ ପରିବାରର ହୋଇଥିବାରୁ ତାଙ୍କ ଚିକିତ୍ସା ପାଇଁ ଏବେ ଅର୍ଥ ପ୍ରତିବନ୍ଧକ ସାଜିଛି। ଆର୍ଥିକ ସହାୟତା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ସେ ନିବେଦନ କରିଛନ୍ତି। ଅଜୟ କହିଛନ୍ତି, ପିତାଙ୍କ ମୃତ୍ୟୁ ପରେ ସେ ଏକ ପେଟ୍ରୋଲ ପମ୍ପରେ କାମ କରୁଥିଲେ। ୫ ମାସ ପୂର୍ବେ ତାଙ୍କର ଦେହ ଅସୁସ୍ଥ ହୋଇ ପଡ଼ିବାରୁ ସେ ପ୍ରଥମେ ଜିଲା ଚିକିତ୍ସାଳୟ ଓ ପରେ କଟକ ଡାକ୍ତରଖାନାରେ ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ତାଙ୍କର ଦୁଇଟି ଯାକ କିଡନୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଭୁବନେଶ୍ୱର ସ୍ଥିତ ଏକ ମେଡିକାଲରୁ ଚିକିତ୍ସିତ ହୋଇ ଫେରିବା ପରେ ଏବେ ତାଙ୍କର ଜିଲା ଚିକିତ୍ସାଳୟରେ ନିୟମିତ ଭାବେ ଡାଏଲିସିସ ଚାଲିଛି। କିନ୍ତୁ ତାଙ୍କୁ ଲେଖାଯାଇଥିବା ଔଷଧ ନିରାମୟ କିମ୍ବା ଜନୌଷଧି କେନ୍ଦ୍ରରେ ଉପଲବ୍ଧ ନାହିଁ। ଏହି ଔଷଧ ଅତ୍ୟନ୍ତ ବ୍ୟୟବହୁଳ ହୋଇଥିବାରୁ ସେ ଠିକ ଭାବରେ ଔଷଧ ଖାଇ ପାରୁ ନାହାନ୍ତି। ତେଣୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

## ଖଇରା ବ୍ରାହ୍ମଣ ସମିତି ପକ୍ଷରୁ ବ୍ରହ୍ମଯଜ୍ଞ

**ଖଇରା, ୧୬।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବିଦ୍ୟାଧରପୁରଶାସନସ୍ଥିତ ହରିହର ମନ୍ଦିର ପ୍ରାଙ୍ଗଣରେ ବ୍ରାହ୍ମଣ ସମିତି ଆନୁକୂଲ୍ୟରେ ବ୍ରହ୍ମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରମାକାନ୍ତ ଶତପଥି ଯଜ୍ଞକର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ମୁକ୍ତିକାନ୍ତ ଶତପଥି ଓ ବିଭୂତି ତ୍ରିପାଠୀ ବ୍ରତୀ ଭାବେ ଘଟୋତ୍ତଳନ କରିଥିଲେ। ଅନାମାନନ୍ଦ ଦାଶ, ଶରତ ଚନ୍ଦ୍ର ପଣ୍ଡା, ମୁକ୍ତିକାନ୍ତ ପାଢୀ, ବିପିନ ବିହାରୀ ତ୍ରିପାଠୀ, ଦୁର୍ଯ୍ୟୋଧନ ଶତପଥି, ବିରଞ୍ଚି ନାରାୟଣ ପଣ୍ଡା ପ୍ରମୁଖ ଆଚାର୍ଯ୍ୟ ଭାବେ ଯଜ୍ଞାର୍ଚ୍ଚନା କରିଥିଲେ। ସଭାପତି ଜଳଧର ମିଶ୍ର, କାର୍ଯ୍ୟକାରୀ ସଭାପତି ବୁଦ୍ଧିରାମ ପାଣିଗ୍ରାହୀ, ଉପେନ୍ଦ୍ର ପ୍ରସାଦ ପାଢୀ, ବିଷ୍ଣୁମୋହନ ଶତପଥି, ଉପଦେଷ୍ଟା କୃଷ୍ଣଚନ୍ଦ୍ର ପତ୍ରୀ, ସମ୍ପାଦକ ଦ୍ୱାରିକାନାଥ ଶତପଥି, ଗୌରଚନ୍ଦ୍ର ପାଠୀ ପ୍ରମୁଖ ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ।

## ବାଲ୍ୟ ବିବାହ ରୋକିବାକୁ ବୁଲିଲା ରଥ



ଜିଲାପାଳ ବିନୀତ ଭରଦ୍ୱାଜ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

**ବାରିପଦା ଅଫିସ, ୧୬।୧୧**

ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ଶିଶୁ ଅଧିକାର ସପ୍ତାହ ପାଳନ ଅବସରରେ ଏକ ସଚେତନତା ରଥକୁ ଜିଲାପାଳ ବିନୀତ ଭରଦ୍ୱାଜ ଉଦ୍‌ଘାଟନ କରିଛନ୍ତି । ଏହି ସଚେତନତା ରଥ ଜିଲାର ୨୬ଟି ବ୍ଲକରେ ପହଞ୍ଚି ବାଲ୍ୟ ବିବାହ ରୋକିବା, ପୋଷ୍ୟ ସନ୍ତାନ ଗ୍ରହଣର ଆବଶ୍ୟକତା ଏବଂ ବିଭିନ୍ନ ଆଇନଗତ ଦିଗଗୁଡ଼ିକ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବ ବୋଲି କୁହାଯାଇଛି। ବାଲ୍ୟ ବିବାହ ମୟୂରଭଞ୍ଜ ଜିଲାରେ ସମସ୍ୟା ସୃଷ୍ଟି କରିଥିବା ବେଳେ ଏହାର ନିରାକରଣ ଅତ୍ୟନ୍ତ ଜରୁରୀ। ସମାଜର ବିଭିନ୍ନ ବର୍ଗର ଲୋକ, ଅଭିଭାବକ, ଜାତି, ମହିଳା, କିଶୋର, କିଶୋରୀ ଆଦି ସମସ୍ତଙ୍କର ସକ୍ରିୟ ଅଂଶ ଗ୍ରହଣ ଓ ଉଦ୍ୟମ ମାଧ୍ୟମରେ ଏହା ସମ୍ଭବ ହୋଇପାରିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଜିଲା ସମାଜମଙ୍ଗଳ ଅଧିକାରିଣୀ କୁସୁମମାଳା ମିଶ୍ର, ଶିଶୁ ମଙ୍ଗଳ ସମିତିର ସଦସ୍ୟ ଜୀବନକୃଷ୍ଣ ବେହେରା, ଆକ୍ସନ ଆଡ୍‌ର ଜିଲା ସଂଯୋଜକ ପ୍ରକାଶ କୁମାର ବାରିକ ଓ ଚାଇଲ୍ଡ ଲାଇନର ସଦସ୍ୟ ଅଜୟ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଭଲିବଲ ଖେଳାଳିଙ୍କୁ ସମ୍ବର୍ଦ୍ଧନା



**କେନ୍ଦୁଝର, ୧୬।୧୧(ଡି.ଏନ୍.ଏ.)**

୬୯ତମ ରାଜ୍ୟସ୍ତରୀୟ ପୁରୁଷ ଓ ମହିଳା ଭଲିବଲ ପ୍ରତିଯୋଗିତା କନ୍ଧମାଳ ଜିଲାରେ ଆୟୋଜିତ ହୋଇଥିଲା। ଏଥିରେ କେନ୍ଦୁଝର ଜିଲା ପୁରୁଷ ଭଲିବଲ ଦଳ ତୃତୀୟ ସ୍ଥାନ ହାସଲ କରି ଜିଲାକୁ ଗୌରବାନ୍ୱିତ କରିଥିବାରୁ ମଙ୍ଗଳବାର ସ୍ଥାନୀୟ କାଶଭି ହୋଟେଲ ସମ୍ମିଳନୀ କକ୍ଷରେ ଶଙ୍କର ସ୍ପୋର୍ଟିଂ କ୍ଲବ ପକ୍ଷରୁ ସମସ୍ତ ଖେଳାଳୀ, କୋଚ୍, ମ୍ୟାନେଜରଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଶଙ୍କର ସ୍ପୋର୍ଟିଂ କ୍ଲବର ଅଧ୍ୟକ୍ଷ ସୌମ୍ୟଶଙ୍କର ଚକ୍ର (ରାଜା) ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ କ୍ରୀଡାର ବିକାଶ ପାଇଁ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଇଂ ଦେବବ୍ରତ ସ୍ୱାଇଁ, ଜିଲା ରେଡକ୍ରସ ଯୁଗ୍ମ ସଂପାଦକ ଏଆର୍ ଖାନ, କ୍ରୀଡା ସଂସ୍ଥାର ସଂପାଦକ ଡ. ଜନାର୍ଦ୍ଦନ ଦାଶ, କୃଷିବିତ ସନ୍ଦୀପ ବେହେରା, କ୍ରୀଡା ସଂଗଠକ ରବୀନ୍ଦ୍ର ପାଢୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।


**OFFICE OF THE PANCHAYAT SAMITI, HARICHANDANPUR BLOCK**

No. i-208: The Block Development Officer, Harichandanpur invites sealed percentage rate tenders in Single Cover System on behalf of Governor of Odisha from registered and eligible class of civil contractor of the State PWD (R&B)/Water Resources/Rural Works/C.P.W.D. for the following work eventually to be drawn up in the P.W.D. F-2 forms in conformity with the Detailed Tender Call Notice.

| Sl. No. | Nos. of Works | Scheme | Est. Cost Lowest to Highest | Cost. of Tender Document (Non-refundable) (Rs.) | Class of Contractors | Time of Completion |
|---|---|---|---|---|---|---|
| 01 | 02 | 03 | 04 | 05 | 06 | 07 |
| 01 | 01 No. of Projects | OMC PD-CSR | 16,95,357 | 6000 | D & C | 04 (Four) Calendar Months |

Details may be send on district website **http://www.kendujhar.nic.in.** For further details contact with office during office hour.

**Sd./- Block Development Officer**
**Harichandanpur Block**
**OIPR-19117/11/0008/2122**

**ବୟନଶିଳ୍ପ ନିର୍ଦ୍ଦେଶାଳୟ**
**ଓଡ଼ିଶା, ଭୁବନେଶ୍ୱର**
**ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା-୨୦୨୧ରେ ଭାଗ ନେବା ସମ୍ବନ୍ଧରେ ସୂଚନା**

No.PP-୬୪:- ବିଗତ ବର୍ଷ ଭଳି ଚଳିତ ବର୍ଷ ଭୁବନେଶ୍ୱର ଜନତା ମଇଦାନରେ ତା୨୦.୧୨.୨୦୨୧ଠାରୁ ତା୦୧.୦୧.୨୦୨୨ ପର୍ଯ୍ୟନ୍ତ ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା ଆୟୋଜନ କରାଯାଉଛି । ଏହି ମେଳାରେ ହସ୍ତତନ୍ତ ଉତ୍ପାଦିତ ବସ୍ତ୍ରର ବିକ୍ରୟ ନିମନ୍ତେ ରାଜ୍ୟର ବୁଣାକାର ଉଦ୍ୟୋଗୀ / ଜାତୀୟ ଅଥବା ରାଜ୍ୟ ପୁରସ୍କାରପ୍ରାପ୍ତ ବୁଣାକାର/ଡିଜାଇନରମାନଙ୍କ ପାଇଁ ହସ୍ତତନ୍ତ ଉତ୍ପାଦର ବିକ୍ରୟ ନିମନ୍ତେ ଷ୍ଟଲର ବ୍ୟବସ୍ଥା କରାଯାଇଛି । ଏହି ବର୍ଗର ଇଚ୍ଛୁକ ପ୍ରାର୍ଥୀମାନେ ତା୦୨.୧୨.୨୦୨୧ ସୁଦ୍ଧା ନିମ୍ନଲିଖିତ ଫର୍ମରେ ତାଙ୍କ ଅଞ୍ଚଳରେ ଥିବା ବିଭାଗୀୟ ମଣ୍ଡଳ ସହକାରୀ ନିର୍ଦ୍ଦେଶକଙ୍କୁ ଆବେଦନ କରିବାକୁ ଅନୁରୋଧ । ଦିବ୍ୟାଙ୍ଗ ବ୍ୟକ୍ତିବିଶେଷ ତଥା ସଂସ୍ଥାମାନଙ୍କ ନିମନ୍ତେ ଷ୍ଟଲ ସଂରକ୍ଷଣ ବ୍ୟବସ୍ଥା ରହିଛି ।

**ନିର୍ଦ୍ଦେଶକ, ବୟନଶିଳ୍ପ ନିର୍ଦ୍ଦେଶାଳୟ**
OIPR-31003/11/0015/2122 **ଓଡ଼ିଶା, ଭୁବନେଶ୍ୱର**

**Office of the Superintendent**
**Sardar Vallavbhai Patel Post Graduate Institute of Pediatrics**
**Health & F.W. Department, Govt. of Odisha**
**Cuttack-753002, Tel/Fax: 0671-2508978**
**E-Mail ID- svppgip_cuttack@rediffmail.com**
**www.svppgip.org**
**TENDER CALL NOTICE NO. 3763 DT.11.11.2021**

No. E-635:- The Superintendent SVPPGIP, Cuttack invites sealed tenders from the manufacturing firms for refilling of Medical Oxygen, nitrous gas and carbon dioxide in the cylinder of this hospital. The last date of receipt of sealed tender by this office is fifteen days from the date of publication of this advertisement including Govt. holidays up to 04 PM of last date. The bid will be receive by Regd. Post/Speed Post only. **Period of this tender, term and condition etc. are mentioned in the tender paper which will be available from the office website www.svppgip.org.** The firms have to download the tender paper from the office website. The tender paper cost of Rs.1000/- in the form of BD to be submitted along with technical bid. The Bidders should specifically superscribe, "**Filling up of Oxygen Cylinder**" on the top of the outer envelope.

**Sd./- Superintendent, SVPPGIP, Cuttack**
OIPR-10017/11/0014/2122

**OFFICE OF THE DEPUTY DIRECTOR**
**SIMILIPAL SOUTH WILDLIFE DIVISION, BARIPADA**
**Phone: 06792-259126, Fax: 06792-256705**
**e-mail: ddsimilipal.od@gov.in**
**CORRIGENDUM**

No. MM-244: Tender Call Notice No. 4790 Dt.22.10.2021 for providing services of various categories of trained/experienced 450 Nos. of persons to work in Similipal South Wildlife Division, Baripada, Mayubhanj, the last date of submission of Tender Paper is hereby extended upto 23.11.2021 (upto 01.00 P.M.) and date of opening of Tender extended upto 23.11.2021 (03.30 P.M.). All other terms & conditions of the tender are remained unchanged.

**Sd./- Deputy Director**
**Similipal South WL Division, Baripada**
**OIPR-08127/11/0006/2122**

**OFFICE OF THE TRANSPORT COMMISSIONER-CUM-CHAIRMAN,**
**STATE TRANSPORT AUTHORITY, ODISHA, CUTTACK**
Ltr No.LXVII-214/2021/R.S./T.C. 11991 Dated: 06.11.2021
**TENDER CALL NOTICE FOR HIRE VEHICLE**

No. JJ-17:- Sealed tenders are invited for hiring vehicle of this office latest by 22.11.2021. For detailed tender notice go through this office website:- **http://odishatransport.gov.in**

**Sd./- Addl. Commissioner Transport (Admn)**
OIPR-38003/11/0010/2122 **STA, Odisha, Cuttack**

**GOVERNMENT OF ODISHA, "e"-PROCUREMENT NOTICE**
**Office of the Superintending Engineer**
**Puri (R&B) Division, Puri**
No. B-622 Phone/Fax: (06752) 223433; E-mail: eerbpuri@yahoo.co.in
**Invitation for Bids**
**Bid Identification No. S.E. (R&B) Puri-29/2021-22**

| | | | |
|---|---|---|---|
| 1 | The Superintending Engineer, Puri (R&B) Division, Puri, on behalf of Governor of Odisha, invites percentage rate bids in Single Cover system/Double Cover System in ONLINE MODE only. | | |
| 2 | Nature of work | : | Roads |
| 3 | No. of work | : | 5 Nos. |
| 4 | Tender Paper Cost | : | Rs.10,000/-, Rs.6,000/- & Rs.4,000/- to be remit online only. |
| 5 | Class of Contractor | : | "B" & "A" for Sl. No.1 and "C" & "B" for Sl. No. 2 & 3, "D" & "C" for Sl. No. 5 & 6. |
| 6 | Availability of Bid Documents in the website | : | From **Dt.16.11.2021 at 10.00 hours to Dt. 23.11.2021 at 17.00** |
| 7 | Date of opening of Bid | : | **Dt. 24.11.2021 at 11.30** |
| 8 | EMD/Bid Security | : | As specified in the notice to be remitted online only. |
| 9 | The Bidders shall have to participate in ONLINE bidding only. Further details can be seen from the website: **https://www.tendersodisha.gov.in.** Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

**Sd./- Superintending Engineer, Puri (R&B) Division, Puri**
OIPR-34064/11/0006/2122

**OFFICE OF THE GENERAL MANAGER,**
**WATCO DIVISION, CUTTACK**
No. C-1283 Telephone/e-mail/FAX: 0671-2547115/gmwatcoctc@gmail.com
**NATIONAL COMPETITIVE BIDDING THROUGH e-PROCUREMENT**
**Bid Identification No. WATCO(W)-09/2021-22 Dtd. 10.11.2021**

1. Name of the work : Provision for chlorine leak absorption system (Chloro Scrub) at 8 MLD WTP at Pratapnagari, Cuttack
2. Estimated cost : Rs.28.63 Lakhs (Approx.)
3. Period of completion : 3 (Three) Calendar Months
4. Date & time of availability of bid document in the portal : From 11 A.M. of dt.15.11.21 to 5.00 P.M. of dt.29.11.2021
5. Last date / time of receipt of bids in the portal : 29.11.2021 upto 05.00 P.M.
6. Date & time of opening of bids : 30.11.2021 at 12.30 P.M.
7. Name and address of the Officer Inviting Bid : The General Manager, WATCO Division, Cuttack- 753003, Odisha, Ph. (0671) 2547115, email: gmwatcoctc@gmail.com
8. The bidders have to participate in ONLINE bidding only.

**Further details can be seen from the website www.tendersodisha.gov.in**

**Sd./- GENERAL MANAGER,**
**OIPR-13170/11/0012/2122** **WATCO DIVISION, Cuttack**

**ZILLA SWASTHYA SAMITI, KEONJHAR**
**CHIEF DISTRICT MEDICAL & PUBLIC HEALTH OFFICER, KEONJHAR**
**Advt. No.8467** **Date 11.11.2021**
**SHORT TENDER CALL NOTICE**

No.E-632:- Sealed tenders are hereby invited from the interest firms/ agencies/ organizations for supply of morbidity management KIT under NVBDCP to CDM&PHO, Keonjhar.

The eligible bidders may submit their tender paper with all required documents on or before **02.12.2021 till 5.00 PM** through Regd/Speed Post/Courier to the undersigned. The technical bid documents will be opened on **03.12.2021 at 11.30 AM** in presence of Purchase committee members. The details of Tender Document is available in the district NIC website i.e. www.kendujhar.nic.in.

The authority will not be responsible for any postal delay. The undersigned reserves the right to reject or cancel any or all the Tenders without assigning any reason thereof.

**Sd./- Chief District Medical &**
OIPR-10033/11/0022/2122 **Public Health Officer, Keonjhar**

**DISTRICT RURAL DEVELOPMENT AGENCY, KALAHANDI**
**Notice No.-5960/R.H./Dated 13.11.2021**

No. CAD-1851:- DRDA, Kalahandi invites "Tender for selection of Manpower Service providing Agencies to provide manpower under Rural Housing Scheme". The bid documents containing last date for submission/ opening of tender/eligibility criteria and detail terms and conditions of the tender can be downloaded from the District website **https://kalahandi.nic.in**.

**Sd./- Project Director, DRDA, Kalahandi**
OIPR-19116/11/0005/2122

**NOTICE**

No. MM-242: It is hereby informed to all concerned that one Sri Sanjaya Kumar Dash, S/o. Sri Raghunath Dash, At: Sebatideipur, P.O.- Bikrampur, Dist.- Ganjam, Odisha State, PIN - 761029 while working as Forest Guard in Ghosaninuagaon Beat, Berhampur Section of Berhampur Range of this Division has expired on 07.07.2016 facing a road accident on 06.07.2016. His pensionary benefits and other dues as due and admissible under the rules are to be paid to the legal heir. No one came forward to submit the Death & Legal heir Certificate of the deceased employee, for which the Pensionary benefits and other dues could not be released. In this connection, the letters sent from this office throuhg post requesting his mother Smt. Sasi Dash to submit Death & Legal heir Certificate, received back undelivered with postal remark "addressee died, hence returned to sender".

In view of above, it is hereby informed to all concerned through this Notice that, any body who is the true legal heir of the above named deceased Govt. employee should submit Death & Legal heir Certificate in the Office of the undersigned within three months from the date of publication of this notice and claim for pension and other payable dues of the deceased Govt. employee, failing which the case shall be treated as closed.

**Sd./- Divisional Forest Officer**
**Berhampur Forest Division**
**OIPR-08038/11/0012/2122**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RWS&S DIVISION, SUNDARGARH**
**At: Near Womens College, Sundargarh - 770001**
**e-mail: rwss.sng@gmail.com**
**Quotation Call Notice No. 3793** **Dt.09.11.2021**

No. O-934: The Executive Engineer, RWS&S Division, Sundargarh on behalf of Governor of Odisha invites sealed quotations from interested reputed Travel Agencies/tour Operators or Private individuals for providing two nos. of latest model Diesel driven Mahindra Bolero, (Neo N 10) with Driver for official use under RWS&S Division, Sundargarh on monthly rent basis. The quotation call paper will be obtained from the Office of the Executive Engineer, RWS&S Division, Sundargarh on cash payment of Rs.400/- (Rupees four hundred) only during office hours from Dt.20.11.2021 to Dt.30.11.2021 in all working days upto 5.00 P.M. The quotation call paper completes in all respect should reach the undersigned on or before Dt.03.12.2021 upto 3.30 P.M. and shall be opened on Dt.03.12.2021 at 4.00 P.M. in presence of the bidders or their authorized representatives. All other details can be obtained in the Detail Quotation Call Notice. The authority reserves the right to reject any or all the quotations without assigning any reason thereof.

**Sd./- Executive Engineer**
**RWS&S Division, Sundargarh**
**OIPR-25009/11/0003/2122**

ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି
ORMAS BHUBANESWAR
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର
**Odisha Rural Development & Marketing Society**
*creating competence and values in rural Odisha*
**Panchayati Raj & Drinking Water Department**
**Government of Odisha**
**Notice No. 3090** **Dt. 12.11.2021**
**TENDER CALL NOTICE FOR PRINTING OF ANNUAL NOTE BOOK & ODIA PANJIKA WALL CALENDAR-2022**

No.CAD-1837:- ORMAS invites tender from interested reputed printing Firm/ Press/ Agencies for printing of Annual Note Book & Odia Panjika Wall Calendar-2022 of ORMAS. The details of the terms and conditions of the above work can be downloaded from www.ormas.org. The agencies will submit sealed proposals superscribing "**Tender call notice for Printing of Annual Note Book & Odia Panjika Wall Calendar - 2022**" to the office of the Chief Executive Officer, Odisha Rural Development & Marketing Society (ORMAS), SIRD & PR Campus, Unit-VII, Bhubaneswar-751012 by **02.12.2021 (03.30 P.M.).** The tender shall be opened on the same date at 4 P.M. in ORMAS Conference Hall. In case of any Addendum/ Clarification/ Corrigendum/ Extension regarding this tender call notice, the same will be published in the above website. Authority reserves the right to accept or reject any tender, and to cancel the procurement process at any time prior to the award of contract without assigning any reason thereof.

**Sd./- Chief Executive Officer**
OIPR-19004/11/0012/2122 **ORMAS, Bhubaneswar**

**ତହସିଲଦାରଙ୍କ କାର୍ଯ୍ୟାଳୟ, ଆସିକା**
**ଜିଲ୍ଲା- ଗଞ୍ଜାମ**
**ବିଜ୍ଞାପନ ସଂଖ୍ୟା 3992/ସୈରାତ** **ତାରିଖ: 13.11.21**
**ନିଲାମ ବିଜ୍ଞାପନ**

No. I-219:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଆସିକା ତହସିଲ ଇଲାକାରେ ନିମ୍ନରେ ଦିଆଯାଇଥିବା 5 ଗୋଟି ପଥର ସୈରାତ ଉତ୍ସଗୁଡ଼ିକର ଆଗାମୀ ପାଞ୍ଚବର୍ଷ ନିମନ୍ତେ (ଦୀର୍ଘମିଆଦୀ) ଲିଜ୍ ପାଇଁ ଜଉମୁଦଦିଆ ଟେଣ୍ଡର ମାଧ୍ୟମରେ ସର୍ବସାଧାରଣରେ ନିଲାମ କରାଯିବ । ସୈରାତ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଆବେଦନର ବିବରଣୀ ଓ ନିୟମାବଳୀ ଗଞ୍ଜାମ ଜିଲ୍ଲା ୱେବସାଇଟ୍ **www.ganjam.nic.in**ରେ ଉପଲବ୍ଧ ଅଛି । ଆବେଦନ ପାଇଁ ଇଚ୍ଛୁକ ବ୍ୟକ୍ତି ଆସିକା ତହସିଲଦାରଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ କାର୍ଯ୍ୟଦିବସରେ ଯୋଗାଯୋଗ କରିପାରନ୍ତି ।

ଦରଖାସ୍ତ ରେଜିଷ୍ଟ୍ରି/ସ୍ପିଡ୍ ପୋଷ୍ଟ କରିଆରେ କିମ୍ବା ତହସିଲଦାର, ଆସିକାଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ପକାଇପାରିବେ । ଦରଖାସ୍ତ ଗ୍ରହଣ ତାରିଖ ଆସନ୍ତା ତା**16.11.2021**ରିଖ ଠାରୁ ତା**30.11.2021**ରିଖ ଅପରାହ୍ନ **5.30** ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି । ଧାର୍ଯ୍ୟ ସମୟ ଗତେ ଦରଖାସ୍ତ ଗ୍ରହଣୀୟ ହେବନାହିଁ ।

ତହସିଲଦାରଙ୍କ ଦ୍ୱାରା ସୈରାତ ଉତ୍ସର ନିଲାମ ଆବେଦନକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ପ୍ରଥମ ଧାର୍ଯ୍ୟ ତା**01.12.2021**ରିଖ **11.00** ଘଟିକାରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ଚୂଡ଼ାନ୍ତ କରାଯିବ । କୌଣସି କାରଣରୁ ନିଲାମ ନ ହୋଇପାରିଲେ ଦ୍ୱିତୀୟ ତା**09.12.2021**ରିଖ ଏବଂ ଦ୍ୱିତୀୟ ତାରିଖରେ ନ ହୋଇପାରିଲେ ତୃତୀୟ ତା**18.12.2021**ରିଖରେ ନିଲାମ କରାଯିବ । କୌଣସି କାରଣ ନ ଦର୍ଶାଇ ନିଲାମକୁ ରଦ୍ଦ କରିବାର କ୍ଷମତା ନିମ୍ନସ୍ୱାକ୍ଷରକାରୀ ଏବଂ ଜିଲ୍ଲାପାଳ, ଗଞ୍ଜାମଙ୍କର କ୍ଷମତା ପରିସରଭୁକ୍ତ ଅଟେ ।

ଉପରଲିଖିତ ଯେକୌଣସି ସର୍ତ୍ତକୁ ଯେକୌଣସି ସମୟରେ ନିମ୍ନ ସ୍ୱାକ୍ଷରକାରୀ ପରିବର୍ତ୍ତନ କରିପାରିବେ ।

OIPR-24229/11/0001/2122 **ସ୍ୱା./- ତହସିଲଦାର, ଆସିକା**

See Career Appointment on every Wednesday & Saturday

## ଚିନାବାଦାମ ମଞ୍ଜି ବିଶୋଧନ

ହେକ୍ଟର ପ୍ରତି ୧୨୫ କି.ଗ୍ରା. ଚିନାବାଦାମ ମଞ୍ଜିକୁ ବିଶୋଧନ କରି ରାଇଜୋବିୟମ୍ କଲ୍‌ଚର ୨୫୦ ରୁ ୫୦୦ ଗ୍ରାମ୍ ୧୦ କି.ଗ୍ରା. ବିହନ ପ୍ରତି ଉପଚାର କରନ୍ତୁ । ହେକ୍ଟର ପ୍ରତି ୨୦:୪୦:୪୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗ କରି ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ବୁଣନ୍ତୁ । ଫସ୍‌ଫରସ୍ ପାଇଁ ସିଙ୍ଗଲ ସୁପର ଫସ୍‌ଫେଟ୍ ବଦଳରେ ଡି.ଏ.ପି. (୧୮-୪୬-୦) ବ୍ୟବହାର କରୁଥିଲେ ବୁଣିବା ସମୟରେ ଏକର ପ୍ରତି ୧୦୦ କି.ଗ୍ରା. ଜିପ୍‌ସମ୍



ଧାଡ଼ିରେ ପ୍ରୟୋଗ କରନ୍ତୁ । ଏହାର ଉନ୍ନତ କିସମ ମଧ୍ୟରେ ରହିଛି ଦେବୀ, ଜେ.ଏଲ୍.-୨୪, ଟି.ଏ.ଜି.-୨୪, ଟି.ଜି.-୩୮ ବି, ଟି.ଜି.-୩୭ ଏ, କାଦିରି-୩, କାଦିରି-୬ ଏବଂ ଧରଣୀ ।

## ଡାଲିଜାତୀୟ ଫସଲ ପାଇଁ ଜମିଚାଷ

ମାଟିର ବତର ଦେଖି ମୁଗ/ବିରି ଫସଲ ପାଇଁ ଜମି ଚାଷ କରନ୍ତୁ। ଧାନ କାଟିବାର ୭ ଦିନ ପୂର୍ବରୁ ମଧ୍ୟମ ଓ ଖାଲ ଜମିରେ ବତରଥିବା ଅବସ୍ଥାରେ ଏକର ପ୍ରତି ଅନୁମୋଦିତ ବିହନ ପରିମାଣର ଶତକଡ଼ା ୨୫ ଭାଗ ଅଧିକ ମୁଗ/ବିରି/ମଟର/ବୁଟ ଆଦି ବିହନ ଛଟାବୁଣା କରନ୍ତୁ। ବୁଣିବା ପୂର୍ବଦିନ ଏକର ପ୍ରତି ୪୦ କି.ଗ୍ରା. ଡିଏପି ଏବଂ ୧୩ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ଉନ୍ନତ ମୁଗ କିସମଗୁଡ଼ିକ ହେଉଛି- ଟାର୍ମ-୧, ଟାର୍ମ-୨, ଜ୍ୟୋତି, କାମଦେବ, ଧଉଳି, ଦୁର୍ଗା, ସୁଜାତା, ଆଇପିଏମ୍ ୨-୧୪, ଆଇପିଏମ୍ ୨-୩। ଉନ୍ନତ ବିରି କିସମଗୁଡ଼ିକ ମଧ୍ୟରେ ରହିଛି – ପିୟୁ୩୦, ଟିୟୁ ୯୪-୨, ସାରଳା, ପ୍ରସାଦ, ପି.ୟୁ.-୧୯, ଉଜାଲା, ମହୁରି, ଶଶି। ଉନ୍ନତ ବୁଟ କିସମ ମଧ୍ୟରେ ରହିଛି ଶ୍ୱେଥା, ଭାରତୀ,



ବିହାର, ଜେଜି-୬୨, ସି-୨୩୫, ଆଇସିସି-୪, ରାଧେ, ଆନେଗିରି, ଜେଜି-୧୪,ଏର୍-୨୦୮।

## ମଲ୍ଲୀ ଗଛ ବଂଶ ବିସ୍ତାର

ମଲ୍ଲୀ ଗଛର ବଂଶବିସ୍ତାର କଟା କଲମି କିମ୍ବା ଗୁଟି କଲମି ଦ୍ୱାରା ହୁଏ। କଟା କଲମି ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ। ଜୁଲାଇ ମାସରେ ପଟାଳି କରି କଲମିଗୁଡ଼ିକୁ ପୋତିଦେଲେ ଦୁଇ-ତିନି ମାସ ମଧ୍ୟରେ ଚେର ହୋଇଯାଏ। ମଲ୍ଲୀ ଗଛରେ ଅଧିକ ତଥା ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପିପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାର କରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍-ବି ଗୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ। ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡ଼ିକ ୬୦ସେ.ମି. ଲମ୍ବ, ୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ବିଶିଷ୍ଟ ହେବା ଦରକାର।



# ଧାନରୁ ମାଟିଆଗୁଣ୍ଡି ପୋକ ଦମନ



ପ୍ରତ୍ୟୁଷ ପଣ୍ଡା



ମାଟିଆଗୁଣ୍ଡି ପୋକ ଆମ ରାଜ୍ୟରେ ଉଭୟ ଖରିଫ ଓ ଡାଲୁଅ ଧାନ ଫସଲର ଏକ ମାରାତ୍ମକ ପୋକଙ୍କ ମଧ୍ୟରୁ ଅନ୍ୟତମ। ଚାଷୀ ଭାଇମାନେ ଏହି ମାଟିଆଗୁଣ୍ଡି ପୋକ ଆକ୍ରମଣ କଥା ଶୁଣିଲେ ଭୟଭୀତ ହୋଇଉଠନ୍ତି। ବିଗତ ବର୍ଷଗୁଡ଼ିକରେ ହୋଇଥିବା କ୍ଷତି କଥା ମନେପଡ଼ିଲେ ଭାରି ଭୟ ଲାଗେ। ଏହି ମାଟିଆଗୁଣ୍ଡି ପୋକ ଥରେ ଆକ୍ରମଣ କଲେ ସୁନାର କ୍ଷେତକୁ ମାଟିରେ ମିଶାଇ ଦେଇଥାଏ। ଅଳ୍ପ ଆକ୍ରମଣରେ ୧୦ ଭାଗ କ୍ଷତି ହେଉଥିବା ବେଳେ ମଧ୍ୟମରୁ ଅତି ବଡ଼ ଆକ୍ରମଣରେ ୬୦ରୁ ୧୦୦ ଭାଗ ପର୍ଯ୍ୟନ୍ତ କ୍ଷତି ହୋଇଥାଏ। ତେବେ ଏହି ଲେଖାରେ ଆମେ ମାଟିଆଗୁଣ୍ଡି ପୋକର ଉତ୍ପତ୍ତି, ଏହାର ଜୀବନଚକ୍ର, ଚିହ୍ନଟ ଲକ୍ଷଣ, କ୍ଷତିର ଲକ୍ଷଣ ଏବଂ ସମନ୍ୱିତ ପରିଚାଳନା ଉପରେ ଆଲୋଚନା କରିବା।

**ଉତ୍ପତ୍ତି :** ମାଟିଆଗୁଣ୍ଡି ପୋକ ଆକ୍ରମଣ ୧୯୫୮ରୁ ୧୯୬୪ ମଧ୍ୟରେ ପ୍ରଥମେ ଭାରତରେ ଦେଖା ଯାଇଥିବାର ପ୍ରମାଣ ଅଛି, ଯାହା କି କେବଳ କେରଳର କିଛି କିଛି ସ୍ଥାନରେ ଦେଖାଯାଉଥିଲା। ଏହା ସେତେବେଳେ ଏକ ଗୌଣ ପୋକ ହିସାବରେ ବହୁତ କମ୍ କ୍ଷତି କରୁଥିଲା। କିନ୍ତୁ ୧୯୭୩ ଏବଂ ୧୯୭୪ ମସିହାରେ ଏହି ପୋକ ଆକ୍ରମଣ ବହୁତ ଅଧିକ ହୋଇଥିଲା। ସେତେବେଳେ କେରଳର ତ୍ରିପୁରାପୁର ଜିଲାରେ ଏହି ଚକଡ଼ା ପୋକ ଆକ୍ରମଣ ଦ୍ୱାରା ପ୍ରାୟ ୮୦୦୦ ହେକ୍ଟର ଜମି ପୂରାପୂରି କ୍ଷତି ହୋଇଥିଲା। ଏହି ସମୟରେ ମଧ୍ୟ ଓଡ଼ିଶାରେ ଆକ୍ରମଣ ହେବାର ସୂଚନା ମିଳେ। କିନ୍ତୁ ପ୍ରଥମ ବଡ଼ ଆକ୍ରମଣ ଓଡ଼ିଶାରେ ୨୦୧୪ ମସିହାର ଖରିଫ ଧାନରେ ହୋଇଥିଲା ଏବଂ ଏହି ପୋକ ବ୍ୟାପକ କ୍ଷତି ଘଟାଇ ଅମଳ କମାଇବାରେ ସହାୟକ ହୋଇଥିଲା। ତା'ପରେ ୨୦୧୭ ମସିହାରେ ପଶ୍ଚିମ ଓଡ଼ିଶାରେ ମାଟିଆଗୁଣ୍ଡି ପୋକ ଆକ୍ରମଣ ବ୍ୟାପକ ହୋଇଥିଲା ଏବଂ ହେକ୍ଟର ହେକ୍ଟର ଧାନ ଜମି କ୍ଷତି ଘଟିଥିଲା ଏବଂ ସେତେବେଳେ ଏହି କଥାକୁ ନେଇ ରାଜନୀତି ଜୋର୍ ଧରିଥିଲା ; ଯାହା ଆଜି ଯାଏ ଓଡ଼ିଶାବାସୀଙ୍କ ମନରେ ଅଭୁଲା ସ୍ମୃତି ହିସାବରେ ରହିଥିବ। ଏହି ପୋକ କେବଳ ଭାରତରେ ନୁହେଁ ବରଂ ଏସିଆ ମହାଦେଶର ବାଂଲାଦେଶ, ଚାଇନା, ଫିଜି, ଜାପାନ, ଇଣ୍ଡୋନେସିଆ, କୋରିଆ, ମାଲେସିଆ, ପାକିସ୍ତାନ, ନେପାଳ ଏବଂ ଫିଲିପାଇନ୍ସରେ ବହୁତ ମାତ୍ରାରେ ଦେଖାଯାଏ।

**ଜୀବନଚକ୍ର ଓ ଚିହ୍ନଟର ଲକ୍ଷଣ :** ଏହା ଏକ ଛୋଟ ଧୂସର, ମାଟିଆ ବା ବାଦାମୀ ରଙ୍ଗର ମାଛି ଆଲଡିର ଗୁଣ୍ଡିପୋକ। ସାଧାରଣତଃ ଏମାନେ ଧାନ କ୍ଷେତର ପାଣି ଉପରକୁ ଥିବା ଧାନଗଛ ମୂଳ ଅଂଶରେ ବହୁ ସଂଖ୍ୟାରେ ରହନ୍ତି ଓ ରସ ଶୋଷି ଖାଆନ୍ତି। ଏମାନେ ପତ୍ରାଚ୍ଛଦର ବାହାର ଅଂଶକୁ ଚିରି ଏହା ମଧ୍ୟରେ ଅଣ୍ଡା ଦେଇଥାନ୍ତି। ଏହି କୀଟ ଯେଉଁ ଜାଗା ଚିରି ଅଣ୍ଡା ଦେଇଥାଏ ତାହା ବାଦାମୀ ରଙ୍ଗର ଦେଖାଯାଏ ଏବଂ ମାଟିଆଗୁଣ୍ଡି ପୋକ ରହିଥିବାର ସୂଚନା ଦେଇଥାଏ। ଅଣ୍ଡାରୁ ଅର୍ଭକ(ଛୋଟ ପୋକ) ୭ରୁ ୧୦ ଦିନ ମଧ୍ୟରେ ବାହାରିଥାଏ ଓ ରସଶୋଷଣ କରିବା ଆରମ୍ଭ କରେ। ଜୀବନକାଳ ମଧ୍ୟରେ ଏମାନେ ୫ଥର ଦେହରୁ କାତି ଛଡ଼ାଇ ବଢ଼ନ୍ତି ଓ ଅଣ୍ଡାରୁ ପୂର୍ଣ୍ଣାଙ୍ଗ କୀଟ ହେବାକୁ ୫ଟି ସ୍ତର ଅତିକ୍ରମ କରନ୍ତି। ୧୨ ରୁ ୧୩ ଦିନ ମଧ୍ୟରେ ଏହି ପୋକ ବୟସ୍କ ପୋକରେ ପରିଣତ ହୁଏ ଓ ଏହାର ୧ ରୁ ୩ ଦିନ ପରେ ମାଈପୋକ ଅଣ୍ଡାଦେବା ଆରମ୍ଭ କରେ। ଅନୁକୂଳ ବାତାବରଣରେ ପୋକ ସଂଖ୍ୟା କମ୍ ଥାଇ ଅଧିକ ଖାଦ୍ୟ ଥିଲେ ବୟସ୍କ ପୋକମାନଙ୍କ ଡେଣା ନ ଥାଏ କିନ୍ତୁ ପୋକ ସଂଖ୍ୟା ବଢ଼ିଲେ ଅଧିକ ଡେଣା ଥିବା ପୋକ ସୃଷ୍ଟି ହୁଅନ୍ତି ଓ ନୂଆ ନୂଆ ଅଞ୍ଚଳକୁ ଉଡ଼ିଯାଇ ଆକ୍ରମଣ କରନ୍ତି। ତେବେ ଏତେ କଥା ଶୁଣିଲା ପରେ ମନକୁ ବିଚାର ଆସେ ଯେ, ମାଟିଆଗୁଣ୍ଡି ପୋକ ଅଧିକ ଆକ୍ରମଣ କରିବାର କାରଣ କ'ଣ ? ଖରିଫ ଧାନରେ ସାଧାରଣତଃ ସେପ୍ଟେମ୍ବରରୁ ନଭେମ୍ବର ମାସ ମଧ୍ୟରେ ଏହି ପୋକ ଦେଖାଯାଏ। ତାପମାତ୍ରା ୨୮ରୁ ୩୦ ଡିଗ୍ରୀ ସେଲ୍‌ସିୟସ୍ ଓ ମଧ୍ୟମ ଧରଣର ବର୍ଷା ତଥା ଅଧିକ ଆର୍ଦ୍ରତା ରହିଲେ ଏହି ପୋକ ଅଧିକ ଦେଖାଯାଏ। ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ବିଲରେ ଅଧିକ ପାଣି ଜମି ଏହି ପୋକର ଆକ୍ରମଣ ବଢ଼େ। ଏହା ସହ ଦିନକୁ ମାତ୍ର ସାଢ଼େ ତିନିରୁ ଚାରି ଘଣ୍ଟା ପର୍ଯ୍ୟନ୍ତ ସୂର୍ଯ୍ୟାଲୋକ ରହିଲେ ମାଟିଆଗୁଣ୍ଡି ପୋକ ଲାଗିବାର ଆଶଙ୍କା ଥାଏ। ଅଧିକ ପବନ ହେଲେ ଗୋଟିଏ ବିଲରୁ ଅନ୍ୟ ବିଲକୁ ମାଟିଆଗୁଣ୍ଡି ପୋକ ସହଜରେ ଯାଇଥାଏ। ତେବେ ଦ୍ୱିତୀୟ କାରଣଟି ମଧ୍ୟ ଚାଷୀ ଭାଇମାନେ ଜାଣିବା ଉଚିତ୍, ତାହା ହେଲା ପୂଜା, ସ୍ୱର୍ଣ୍ଣ, ରାଣୀଧାନ, ପଦ୍ମିନୀ, ସିଆର-୧୦୧୪ ଆଦି ଅଧିକ ଲୋକପ୍ରିୟ କିସମ ଓ ମାଟିଆଗୁଣ୍ଡି ପୋକ ସହଣି ଶକ୍ତି ରହିଛି। ଧାନ ଚାଷ ଦ୍ୱାରା ଏହି ପୋକ ପ୍ରତି ବର୍ଷ ଦେଖାଯାଉଛି। ତୃତୀୟ କାରଣଟି ହେଲା ଅଧିକ ଅମଳ ଆଶାରେ ଗଛକୁ ଗଛ କମ୍ ଦୂରତାରେ ଲଗାଇବା। ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରିବା ଦ୍ୱାରା ପୋକ ବଂଶ ବୃଦ୍ଧିର ସମ୍ଭାବନା ବଢ଼ିଥାଏ ଏବଂ ଅନୁକୂଳ ବାତାବରଣରେ ବଂଶବୃଦ୍ଧି ଅଧିକ ହୋଇଥାଏ।

**କ୍ଷତିର ଲକ୍ଷଣ :** ପୂର୍ଣ୍ଣାଙ୍ଗ ଓ ଅର୍ଭକମାନେ ଧାନ ଗଛରୁ ରସ ଶୋଷି ଖାଆନ୍ତି ଓ ବିଶେଷ ଗତିଶୀଳ ନୁହନ୍ତି। ସାଧାରଣତଃ ଧାନ କିଆରିର ମଧ୍ୟ ଭାଗରୁ ଏହି ପୋକ ଦ୍ୱାରା ଆକ୍ରାନ୍ତ ଧାନ ଗଛର ପତ୍ରଗୁଡ଼ିକ ହଳଦିଆ ହୋଇଥାଏ। ଗଛ ଉପରେ ଏହି ପୋକଗୁଡ଼ିକ ମଧୁ ଶିଶିର ତ୍ୟାଗ କରନ୍ତି ଓ ଧାନ ଗଛ ମୂଳରୁ ରସ ଶୋଷଣ କରି ଖାଇଥାନ୍ତି। ଫଳରେ ଗଛ ଶୁଖି ମରିଯାଏ। କିଆରିରେ ଚକଡ଼ା ଚକଡ଼ା ହୋଇ ଧାନ ଗଛ ମରିଯାଏ, ଏହାକୁ ଗୁଣ୍ଡି ଜ୍ୱଳନ କୁହାଯାଏ। କ୍ରମେ ଧାନ କିଆରିର ମଧ୍ୟ ଅଂଶରୁ ଏହା ହିଡ଼ ପର୍ଯ୍ୟନ୍ତ ମାଡ଼ି ଆସେ ଓ ଦୂରରୁ ସମୁଦାୟ କିଆରିଟି ପୋଡ଼ି ଗଲା ଭଳି ଦେଖାଯାଏ। ଏହି ପୋକ ଧାନରୁ ଦୁଇଟି ଭୂତାଣୁ ରୋଗର ବାହାକ ହିସାବରେ କାମ କରେ ଗୋଟିଏ ଘାସୁଆରୁ ଗୁଡିଆ ରୋଗ ଏବଂ ଛିନ୍ନରୁ ଗୁଡ଼ିଆ ରୋଗ।

### ସମନ୍ୱିତ ପୋକ ପରିଚାଳନା

**ଚାଷ ପଦ୍ଧତି**

ଏହି ସବୁ କ୍ଷତିର ଲକ୍ଷଣ ଦେଖିବା ମାତ୍ରେ ଜମିରୁ ଜଳ ନିଷ୍କାସନ କରିବା ଉଚିତ। ଜମିରେ ପୋକର ଅଧିକ ଆକ୍ରମଣ ଦେଖାଦେଲେ ପ୍ରତି ୪ଫୁଟ୍‌ରେ ପାହି ମାରି ଦିଅନ୍ତୁ। ଧାନ ରୋଇବା ସମୟରେ ୨୦ଧାଡ଼ି ଧାନ ରୁଆ ପରେ ୧ଫୁଟ୍ ପଟି ଛାଡ଼ନ୍ତୁ। ପୋକ ସହଣିଶକ୍ତି ଥିବା ସଅଳ ଓ ମଧ୍ୟମ କିସମ ଧାନ ଚାଷ କରନ୍ତୁ। ଯେପରି ହଷନ୍ତ, ଏମ୍.ଟି.ୟୁ-୧୧୨୧, ଇମ୍ପ୍ରୁଭଡ୍ ତପସ୍ୱିନୀ। ଖରିଫ୍ ଧାନ ଜୁନ୍ ୩୦ ସୁଦ୍ଧା ରୋଇବା ଶେଷ କଲେ ଏହି ପୋକର ପ୍ରାଦୁର୍ଭାବ ବହୁତ ପରିମାଣରେ କମିଥାଏ। ପୋକ ଆକ୍ରମଣ ଦେଖାଦେଲେ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ନାହିଁ। ଚାଷ ଆରମ୍ଭରୁ ଜମି କିସମକୁ ବିଚାରକୁ ନେଇ ଉପଯୁକ୍ତ ମାତ୍ରାରେ ସାର ପରିମାଣ ନିର୍ଣ୍ଣୟ କରି ଯବକ୍ଷାରଜାନକୁ ଭାଗ କରି ତା' ସହିତ ଉପଯୁକ୍ତ ପରିମାଣର ପଟାସ୍ ସାର ପ୍ରୟୋଗ କରନ୍ତୁ।

-ଶେଷ ବର୍ଷ କୃଷି ଛାତ୍ର
ନୀଳାଦ୍ରି ବିହାର, ଭୁବନେଶ୍ୱର
ମୋ: ୭୮୭୩୮୨୭୮୩୦

## ପିଆଜ ତଳି ପ୍ରସ୍ତୁତି

ପିଆଜ ତଳି ପ୍ରସ୍ତୁତ କରୁଥିଲେ ଏକ ହେକ୍ଟର ଜମି ପାଇଁ ୫୦୦ ବର୍ଗମିଟର ପରିମିତ ଜମିରେ ତଳି ପକାନ୍ତୁ। ତଳି ପଟାଳି ଜମିଠାରୁ ୬ ଇଞ୍ଚ ଉଚ୍ଚ, ୧ ମିଟର ଓସାର ଏବଂ ସୁବିଧା ଅନୁଯାୟୀ ଲମ୍ବ ହେବା ଆବଶ୍ୟକ। ୨୦ କି.ଗ୍ରା. ଭଲ ଶଢ଼ା ଶୁଖିଲା ଗୋବର ଖତ ସହ ୧ କି.ଗ୍ରା. ଟ୍ରାଇକୋଡର୍ମା ଭିରିଡ଼େ ଜୀବାଣୁସାର ଭଲ ଭାବରେ ମିଶାଇ ଏହାକୁ ୨-୩ ଦିନ ଛାଇରେ ପଲିଥିନ୍ ଘୋଡ଼ାଇ ରଖି ତଳି ପଟାଳିରେ ପ୍ରୟୋଗ କରି ବିଶୋଧିତ ବିହନ ଧାଡ଼ିରେ ବୁଣନ୍ତୁ। ତଳିକୁ ଅଦିନିଆ ବର୍ଷାରୁ ରକ୍ଷା କରିବା ପାଇଁ ବାଉଁଶ କାଠି ଫ୍ରେମ୍‌ରେ ଜରି ଲଗାଇ ବର୍ଷାବେଳେ ଘୋଡ଼ାଇ ରଖନ୍ତୁ। ଜଳ ନିଷ୍କାସନ ପାଇଁ ପ୍ରତି ତଳି ପଟାଳି ମଝିରେ ୧ ଫୁଟ ଓସାରର ନାଳ ରଖନ୍ତୁ। ତଳି ୮-୧୦ ସପ୍ତାହ ହୋଇଥିଲେ ଜମିରେ ରୋପଣ କରନ୍ତୁ। ହେକ୍ଟର ପିଛା ୮ ରୁ ୧୦ କି.ଗ୍ରା. ବିହନ ଆବଶ୍ୟକ। ଏଗ୍ରି ଫାଉଣ୍ଡ୍ ଲାଇଟ୍ ରେଡ୍, ଏନ୍-୫୩, ଭୀମା ସୁପର, ଭୀମା ଶକ୍ତି ଆଦି ଅଧିକ ଅମଳକ୍ଷମ ବିହନ ବ୍ୟବହାର କରନ୍ତୁ।



## ଗୋରୁଙ୍କ ଯତ୍ନ ସମୟରେ...

- ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ। ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ।
- ବର୍ତ୍ତମାନ ଗୋ-ମହିଷିଙ୍କୁ ଅଢ଼େଇ ଦିନିଆ ଜ୍ୱର ହେବାର ଆଶଙ୍କା ରହିଛି। ଏହି ରୋଗ ହେଲେ ଗୋ-ମହିଷିଙ୍କ ଦେହରେ ଅଧିକ ତାତି ରହେ ଓ ଆକ୍ରାନ୍ତ ପ୍ରାଣୀ ଗୋଟିଏ ଗୋଡ଼ ଟେକି ରଖେ। ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ।
- ଗୁହାଳ ତଳ ଓଦା ରଖନ୍ତୁ ନାହିଁ। ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ। ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ। ବର୍ଷାଋତୁରେ ଗୋ-ମହିଷି ଓ ବାଛୁରିଙ୍କୁ ସାହାଣ ଓ ବଜବଜିଆ ରୋଗ ହେବାର ଆଶଙ୍କା ଥାଏ। ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ। ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ।



## ମାଛ ପୋଖରୀ ହୁଡ଼ା ଭାଙ୍ଗି ଯାଇଥିଲେ...

ବର୍ଷାରେ ମାଛ ପୋଖରୀ ହୁଡ଼ାଭାଙ୍ଗି ଯାଇଥିଲେ ତୁରନ୍ତ ମରାମତି କରନ୍ତୁ । ଏକ ହେକ୍ଟର ବିଶିଷ୍ଟ ମାଛପୋଖରୀର ୧୨୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୩ କି.ଗ୍ରା. ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ସମୁଦାୟ ଦୈନିକ ୭ କି.ଗ୍ରା. ୫୦୦ ଗ୍ରାମ୍ ଦାନା ଖାଇବାକୁ ଦିଅନ୍ତୁ। ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳୀ ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ ଓ ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ । ଶୀତଦିନ ପ୍ରାରମ୍ଭରୁ ପୋଖରୀରେ ୪୦ କି.ଗ୍ରା. ଚୂନ ସହିତ ୪ କି.ଗ୍ରା. ହଳଦୀଗୁଣ୍ଡ ମିଶାଇ ଦୁଇଟି କିସ୍ତିରେ ୧ ମାସ ଅନ୍ତରରେ ପକାଇଲେ ମାଛଙ୍କୁ ରୋଗ ହୋଇ ନ ଥାଏ ।



## ଚାଷୀଙ୍କ ପାଇଁ...

- ଫଳ ଚାଷ ପାଇଁ ବଗିଚାକୁ ବର୍ଷାପରେ ଭଲଭାବରେ ଚାଷ କରନ୍ତୁ ।
- ଫଳବଗିଚା ସଫାକରି ଅନୁମୋଦିତ ପ୍ରଣାଳୀରେ ଖତ, ରାସାୟନିକ ସାର ଓ ଅଣୁସାର ବର୍ଷା ଛାଡ଼ିବା ପୂର୍ବରୁ ଗଛରେ ଦିଅନ୍ତୁ ।
- ଫଳ ବଗିଚାରେ ଆବଶ୍ୟକ ଅନୁଯାୟୀ ଜଳସେଚନ କରନ୍ତୁ ।
- ପୁରୁଣା ଗଛକୁ କାଟଛାଣ୍ଟ କରନ୍ତୁ ଏବଂ ମାଆ ଗଛରୁ ବାହାରୁଥିବା କୁଆଁକୁ କାଟି ଦିଅନ୍ତୁ।
- ରୋଗପୋକ ନିୟନ୍ତ୍ରଣ କରନ୍ତୁ ଏବଂ ଉଇ ଆକ୍ରମଣ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।
- ଗଛ ମୂଳକୁ ଛାଦିକରଣ କରନ୍ତୁ ।
- ବର୍ତ୍ତମାନ କଦଳୀ ଗଛ ଲଗାଇପାରିବେ। ଏଥିପାଇଁ ଗ୍ରାଣ୍ଡ ନୈନ୍, ପାଟକପୁରା, ଡି.ସି. ପ୍ରଭୃତି କିସମ ନେଇପାରିବେ।
- ଆମ୍ବ ଗଛରେ ବଉଳ ଆସିବା ପାଇଁ ଜଳସେଚନ ବନ୍ଦ ରଖନ୍ତୁ ।



# ମୃତ୍ତିକାରେ ଥିବା ଜୀବଙ୍କ ପ୍ରଭାବ

(ଶେଷ ଭାଗ)

ମାଟିଭିତରେ ଅନେକ ଉପକାରୀ ଏବଂ ଅପକାରୀ ବୀଜାଣୁ ବା ବ୍ୟାକ୍ଟେରିଆ ଅଛନ୍ତି। ବିଶେଷତଃ ଉପକାରୀ ବୀଜାଣୁ ମଧ୍ୟରେ ରାଇଜୋବିୟମ, ଏକ ସହଯୋଗୀ ବୀଜାଣୁ। ଛୁଇଁ ଜାତୀୟ ଫସଲର ଚେ଼ରରୁ ନିର୍ଗତ ଟ୍ରିପଟୋଫ୍ୟାନ ନାମକ ଏକ ରାସାୟନିକ ଆମିନୋ ଅମ୍ଳ ପଦାର୍ଥ ପ୍ରତି ଆକୃଷ୍ଟ ହୋଇ ଉକ୍ତ ଗଛର ସୂକ୍ଷ୍ମ ଚେ଼ରମାନଙ୍କ ମଧ୍ୟରେ ପ୍ରବେଶ କରି ଭାତୁଡି ସୃଷ୍ଟି କରି ଭାତୁଡି ଭିତରେ ରହି ବାୟୁ ମଣ୍ଡଳରେ ଥିବା ନିଷ୍କ୍ରିୟ ଯବକ୍ଷାରଯାନକୁ ନିଜର କୋଷ ମଧ୍ୟକୁ ଆଣି ଫସଲ ଗ୍ରହଣ ଯୋଗ୍ୟ ଆମୋନିୟମ୍ ଏବଂ ନାଇଟ୍ରେଟ୍‌ରେ ପରିଣତ କରନ୍ତି। ରାଇଜୋବିୟମ ବୀଜାଣୁ ଗଛରେ ପ୍ରସ୍ତୁତ ଶର୍କରା ଜାତୀୟ ଖାଦ୍ୟ ଖାଇ ବଞ୍ଚନ୍ତି। ତେଣୁ ଉକ୍ତ ବୀଜାଣୁକୁ ସହଯୋଗୀ ବୀଜାଣୁ କହନ୍ତି। ଏମାନେ ମାଟିକୁ ଏକର ପ୍ରତି ପ୍ରାୟ ୨୦ ରୁ ୮୦ କିଲୋ ପର୍ଯ୍ୟନ୍ତ ଯବକ୍ଷାରଯାନ ଯୋଗାନ୍ତି। ଆଜୋସ୍ପିରିଲମ୍ ଏବଂ ଆଜୋଟବାକ୍ଟର ବୀଜାଣୁ ମାଟିରେ ମୁକ୍ତ ଭାବେ ରହି ତାଙ୍କର ସୂକ୍ଷ୍ମ କୋଷ ଦ୍ୱାରା ବାୟୁ ମଣ୍ଡଳର ନିଷ୍କ୍ରିୟ ଯବକ୍ଷାରଯାନକୁ ସିଧା ସଳଖ ଗ୍ରହଣ କରି ମାଟିରେ ବଢ଼ନ୍ତି ଏବଂ ଯବକ୍ଷାରଯାନକୁ ଆମୋନିୟମ୍‌ରେ ପରିଣତ କରନ୍ତି। ଆଜୋସ୍ପିରିଲମ ଉଭୟ ଓଦା ଏବଂ ଶୁଷ୍କ ମାଟିରେ ଥିବା ବେଳେ ଆଜୋଟବାକ୍ଟର ଡିପ କିସମ ଜମି ଓ କମ୍ ଓଦା ମାଟିରେ ରହନ୍ତି। ମାଟିରେ ଏମାନଙ୍କର ସଂଖ୍ୟା ବଢିଲେ ଯବକ୍ଷାରଯାନ ପରିମାଣ ଅଧିକ ବଢେ। ଉଭୟ ପ୍ରକାର ବୀଜାଣୁ ଏକର ପ୍ରତି ୮ରୁ ୧୦ କିଗ୍ରା ପର୍ଯ୍ୟନ୍ତ ଯବକ୍ଷାରଯାନ ଯୋଗାନ୍ତି। ରାଇଜୋବିୟମ ଛୁଇଁ ଜାତୀୟ ଫସଲ ମାଧ୍ୟମରେ ଯବକ୍ଷାରଯାନ ବାୟୁ ମଣ୍ଡଳରୁ ସଂଗ୍ରହ କରୁଥିବା ବେଳେ ମୁକ୍ତଭାବେ ରହୁଥିବା ଆଜୋଟବାକ୍ଟର ଏବଂ ଆଜୋସ୍ପିରିଲମ୍ ସବୁ ଫସଲକୁ ଯବକ୍ଷାରଯାନ ଯୋଗାନ୍ତି।



ମାଟିଭିତରେ ଅନେକ ବୀଜାଣୁ ଅଛନ୍ତି, ଯେଉଁମାନେ ଯବକ୍ଷାରଯାନ ଅଣୁକୁ ବିଭିନ୍ନ ରୂପରେ ରୂପାନ୍ତରିତ କରିଥାଆନ୍ତି। ସେମାନଙ୍କ ମଧ୍ୟରେ ନାଇଟ୍ରୋସୋମୋନାସ୍ ଶ୍ରେଣୀର ବୀଜାଣୁ ଆମୋନିୟମ୍‌କୁ ଜାରଣ କରି ନାଇଟ୍ରାଇଟ୍‌ରେ ପରିଣତ କରନ୍ତି, ଯାହାକୁ ଗଛ ଗ୍ରହଣ କରିପାରେ ନାହିଁ। ତେଣୁ ନାଇଟ୍ରୋବାକ୍ଟର ନାମକ ଅନ୍ୟ ଏକ ଅଣୁ ବୀଜାଣୁ ନାଇଟ୍ରାଇଟ୍‌କୁ ସଙ୍ଗେ ସଙ୍ଗେ ନାଇଟ୍ରେଟ୍‌ରେ ପରିଣତ କରନ୍ତି, ଯାହାକୁ ଗଛ ଶୀଘ୍ର ଗ୍ରହଣ କରିପାରେ। ୟୁରିଆ ଏକ ଜୈବ ଯବକ୍ଷାରଯାନ ଜାତୀୟ ସାର। ଉକ୍ତ ସାରରୁ ଯବକ୍ଷାରଯାନ ବାହାରିବା ପାଇଁ ମାଟି ଭିତରେ ଥିବା ମାଇକ୍ରୋକୋକସ୍, ବୀସିଲସ୍ , ସିଡୋମୋନା ଆଦି ଶ୍ରେଣୀର ବୀଜାଣୁ କାର୍ଯ୍ୟ କରିଥାନ୍ତି।

ଫସ୍‌ଫରସ୍ ଏକ ଉଦ୍ଭିଦ ଖାଦ୍ୟ, ଯାହା କି ମାଟିରେ ଅଧିକ ଜଟିଳ ଅବସ୍ଥାରେ ଥାଏ। ଏହାକୁ ଫସଲର ଗ୍ରହଣ ଉପଯୋଗୀ କରିବାକୁ ମାଟିରେ କେତେକ ଅଣୁଜୀବ ଏବଂ କବକ କାର୍ଯ୍ୟ କରିଥାଆନ୍ତି। ସେମାନଙ୍କ ମଧ୍ୟରୁ ଫସ୍‌ପୋବାକ୍ଟିରିନ୍ ଏବଂ ମାଇକୋରାଇଜା ମୁଖ୍ୟ। ଫସ୍‌ପୋବ୍ୟାକ୍ଟିରିନ୍ ଏକ ବୀଜାଣୁ, ମାଟିରେ ବାନ୍ଧିହୋଇଥିବା ଜଟିଳ ଫସ୍‌ଫେଟ୍‌କୁ ସରଳ କରି ବିଭିନ୍ନ ଶସ୍ୟ ଏବଂ ଅଣଶସ୍ୟ ଜାତୀୟ ଫସଲକୁ ଏକର ପ୍ରତି ୮ ରୁ ୧୦ କିଲୋ ଫସ୍‌ଫେଟ୍ ଯୋଗାନ୍ତି। ମାଇକୋରାଇଜା ଫସଲର ଚେର ଭିତରେ କିମ୍ବା ବାହାରେ ରହି ମାଟିର ଅଦ୍ରବଣୀୟ ଫସ୍‌ଫେଟ୍‌କୁ ଦ୍ରବୀଭୂତ କରି ଫସଲକୁ ଯୋଗାନ୍ତି। ମାଟି ଭିତରେ ଥିବା ଅନେକ ଉପକାରୀ ଜୀବ ଯଥା ଉଦ୍ଭିଦ, ବୀଜାଣୁ ଏବଂ କବକ ମାଟିର ଉର୍ବରତା ବଢାଇବା ସହିତ ପ୍ରଦୂଷଣ ମୁକ୍ତ ଜୈବ ଖାଦ୍ୟ ଆମକୁ ଯୋଗାନ୍ତି।

-ପ୍ର. ସୁବୋଧ କୁମାର ସାହୁ,
ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫



ଜୁନିୟର ହକି ବିଶ୍ୱକପ ଖେଳିବା ପାଇଁ ମଙ୍ଗଳବାର ଭୁବନେଶ୍ୱରରେ ପହଞ୍ଚିଥିବା ବେଲଜିୟମ ଦଳ।

# ବେଲ୍‌ଜିୟମ ଦଳ ପହଞ୍ଚିଲା

**ଭୁବନେଶ୍ୱର, ୧୬।୧୧(କ୍ରୀଡ଼ା ପ୍ରତିନିଧି)**

ଚଳିତ ମାସ ୨୪ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଏଫ୍‌ଆଇଏଚ୍ ଓଡ଼ିଶା ଜୁନିୟର ହକି ବିଶ୍ୱକପ ଖେଳିବା ପାଇଁ ପ୍ରଥମ ବିଦେଶୀ ଦଳଭାବେ ବେଲ୍‌ଜିୟମ ମଙ୍ଗଳବାର ଭୁବନେଶ୍ୱରରେ ପହଞ୍ଚିଛି। ଏଥିସହ ସ୍ୱାଭାବିକଭାବେ ଉତ୍ସାହ ଓ ଉଦ୍ଦିପନା ବଢ଼ିଛି। ଟାଇଟଲ ବିଜୟ ଦଳର ମୁଖ୍ୟ ଲକ୍ଷ୍ୟ ରହିଛି। ବେଲ୍‌ଜିୟମ ପୁଲ୍ 'ଏ'ରେ ଚିଲି, ମାଲେସିଆ ଓ ଦକ୍ଷିଣ ଆଫ୍ରିକା ସହିତ ସ୍ଥାନ ପାଇଛି। ତେଣୁ ଦଳ ପ୍ରଥମରୁ ହିଁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ନିଶ୍ଚିତ ହୋଇଛି। ''ଆମେ ମିଳିତଭାବେ ଟ୍ରେନିଂ କରିବା ସହ କ୍ଲବ ସ୍ତରୀୟ ପ୍ରତିଯୋଗିତା ଖେଳି ଏଠାକୁ ଆସିଛୁ। ମିଳିତ ଟ୍ରେନିଂ ଏବଂ କ୍ଲବ ପ୍ରତିଯୋଗିତା ମାଧ୍ୟମରେ ଆମେ ଏକ ସନ୍ତୁଳିତ ଦଳ ଗଠନ କରିବାକୁ ସକ୍ଷମ ହୋଇଛୁ। ୨୦୨୧ ଜୁଲାଇରେ ସ୍ପେନରେ ଆମେ ବନ୍ଧୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ଖେଳି ନିଜକୁ ପ୍ରସ୍ତୁତ କରିଛୁ। ତେଣୁ ଭୁବନେଶ୍ୱରରେ ପ୍ରଦର୍ଶନର ଛାପ ଛାଡ଼ିବାକୁ ଆଶା ରଖିଛୁ'' ବୋଲି ବେଲ୍‌ଜିୟମ ମୁଖ୍ୟ କୋଚ୍ ଜେରୋନ ବାର୍ଟ ପ୍ରକାଶ କରିଛନ୍ତି।

ବେଲଜିୟମ ଅଧିନାୟକ ଡାଇଲାନ ଏଙ୍ଗେଲବର୍ଟ ମଧ୍ୟ ଆଗାମୀ ଟୁର୍ନାମେଣ୍ଟକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ''ଆମେ କଳିଙ୍ଗ ଷ୍ଟାଡିୟମ ସମ୍ପର୍କରେ ଅନେକ କିଛି ଶୁଣିଛୁ। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ହକି ଷ୍ଟାଡିୟମରେ ଖେଳିବାକୁ ଆମେ ଅନେକ ସ୍ୱପ୍ନ ନେଇ ଆସିଛୁ। ପ୍ରଥମଥରପାଇଁ ଆମେ ଏପରି ଏକ ବଡ଼ ଷ୍ଟାଡିୟମରେ ଖେଳିବୁ। ତେଣୁ ଖୁବ୍ ଉତ୍ସାହିତ ଅଛୁ'' ବୋଲି ଡେଲାନ ପ୍ରକାଶ କରିଛନ୍ତି। ବେଲଜିୟମ ନଭେମ୍ବର ୨୪ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ଏପରି ଏକ ମର୍କ୍ୱି ଟୁର୍ନାମେଣ୍ଟରେ ବେଲଜିୟମର ସବୁଠାରୁ ବଡ଼ ପ୍ରତିଦ୍ୱନ୍ଦ୍ୱୀ ଭାରତ ବୋଲି କୋଚ୍ ବାର୍ଟ ବିବେଚନା କରୁଛନ୍ତି। ''ଭାରତୀୟ ଦଳରେ ଅନେକ କ୍ୱାଲିଟି ଖେଳାଳି ଅଛନ୍ତି। ଘରୋଇ ପରିବେଶରେ ଏହି ଦଳ ବିପକ୍ଷରେ ଖେଳିବା ନିଶ୍ଚିତ ଚ୍ୟାଲେଞ୍ଜପୂର୍ଣ୍ଣ ହେବ'' ବୋଲି ସେ କହିଛନ୍ତି। ଜର୍ମାନୀ ଓ ସ୍ପେନ ଦଳକୁ ଆମେ ଭଲଭାବେ ଜାଣିଛୁ। ଏହି ଦଳ ଗୁଡ଼ିକ ଉପରେ ନିଶ୍ଚିତ ନଜର ରହିବ। ନେଦରଲାଣ୍ଡ୍ସ ଦଳକୁ କେବେହେଲେ ହାଲ୍‌କାଭାବେ ନେଇ ହେବନି। ଏହା ବ୍ୟତୀତ ଏପରି ବଡ଼ ଟୁର୍ନାମେଣ୍ଟ ଗୁଡ଼ିକରେ ଆର୍ଜେଣ୍ଟିନା ବିପଜ୍ଜନକ ପ୍ରଦର୍ଶନ କରିଥାଏ। ତେଣୁ ଟୁର୍ନାମେଣ୍ଟ ନିଶ୍ଚିତ ସଂଘର୍ଷପୂର୍ଣ୍ଣ ଏବଂ ରୋମାଞ୍ଚକ ହେବ'' ବୋଲି ବାର୍ଟ ପ୍ରକାଶ କରିଛନ୍ତି।

> **''ଭାରତୀୟ ଦଳରେ ଅନେକ କ୍ୱାଲିଟି ଖେଳାଳି ଅଛନ୍ତି। ଘରୋଇ ପରିବେଶରେ ଏହି ଦଳ ବିପକ୍ଷରେ ଖେଳିବା ନିଶ୍ଚିତ ଚ୍ୟାଲେଞ୍ଜପୂର୍ଣ୍ଣ ହେବ। ଜର୍ମାନୀ ଓ ସ୍ପେନ ଦଳକୁ ଆମେ ଭଲଭାବେ ଜାଣିଛୁ। ଏହି ଦଳ ଗୁଡ଼ିକ ଉପରେ ନିଶ୍ଚିତ ନଜର ରହିବ। ନେଦରଲାଣ୍ଡ୍ସ ଦଳକୁ କେବେହେଲେ ହାଲ୍‌କାଭାବେ ନେଇ ହେବନି। ଏହା ବ୍ୟତୀତ ବଡ଼ ଟୁର୍ନାମେଣ୍ଟ ଗୁଡ଼ିକରେ ଆର୍ଜେଣ୍ଟିନା ବିପଜ୍ଜନକ ପ୍ରଦର୍ଶନ କରିଥାଏ। ତେଣୁ ଟୁର୍ନାମେଣ୍ଟ ନିଶ୍ଚିତ ସଂଘର୍ଷପୂର୍ଣ୍ଣ ହେବ''**
> **–ଜେରୋନ ବାର୍ଟ**



FIH ODISHA HOCKEY MEN'S JUNIOR WORLD CUP BHUBANESWAR 2021

**ଗ୍ରୁପ ପର୍ଯ୍ୟାୟ କାର୍ଯ୍ୟସୂଚୀ**

**ନଭେମ୍ବର ୨୪:** ବେଲଜିୟମ ବନାମ ଦକ୍ଷିଣ ଆଫ୍ରିକା

**ନଭେମ୍ବର ୨୬:** ବେଲଜିୟମ ବନାମ ମାଲେସିଆ

**ନଭେମ୍ବର ୨୭:** ବେଲଜିୟମ ବନାମ ଚିଲି

## ଦୀପ୍ ରଞ୍ଜନଙ୍କ ବିଜୟ ଅଭିଯାନ

**ଭୁବନେଶ୍ୱର, ୧୬।୧୧(କ୍ରୀଡ଼ା ପ୍ରତିନିଧି):** ଉଗାଣ୍ଡା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନରେ ଭାଗ ନେଇଥିବା ୩ ଓଡ଼ିଆ ଖେଳାଳିଙ୍କ ମଧ୍ୟରୁ ଦୀପ୍ ରଞ୍ଜନ ବିଶୋଇ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମ ଦିବସରେ ଅନୁଷ୍ଠିତ ଏସଏଲ-୪ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ସେ ନିଜ ଦେଶର ଦିନେଶ ରାଜାୟାଙ୍କୁ ୨୧-୪, ୨୧-୧୨ ପଏଣ୍ଟରେ ପରାସ୍ତ କରିଛନ୍ତି। ତେବେ ଅନ୍ୟତମ ଓଡ଼ିଆ ଜି .ଦିଲେଶ୍ୱର ରାଓ ଏସଏଲ-୩ ବର୍ଗ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ଅନ୍ୟତମ ଭାରତୀୟ ଖେଳାଳି ମନୋଜ ସରକାରଙ୍କଠାରୁ ୭-୨୧, ୧୪-୨୧ ପଏଣ୍ଟରେ ହାରି ଯାଇଛନ୍ତି। ଗ୍ରୁପ୍‌ରୁ ଆଗକୁ ଯିବାକୁ ହେଲେ ଦିଲେଶ୍ୱରଙ୍କୁ ଅନ୍ୟ ମ୍ୟାଚ୍ ଜିତିବାକୁ ପଡ଼ିବ। ପ୍ରମୋଦ ଭଗତଙ୍କ ଇଭେଣ୍ଟ ବୁଧବାର ଆରମ୍ଭ ହେବ।

# ଓଡ଼ିଶାରୁ ଭାଗନେବେ ୩ ପ୍ରତିଯୋଗୀ


ଭି.ରମେଶ ରାଓ


ରାଖାଲ୍ କୁମାର ସେଠୀ


ପୂଜାସ୍ୱିନୀ ନାୟକ

**ହୁଇଲ୍ ଚେୟାର ଫେନ୍‌ସିଂ ବିଶ୍ୱକପ୍**

**ଭୁବନେଶ୍ୱର, ୧୬।୧୧ (କ୍ରୀଡ଼ା ପ୍ରତିନିଧି):** ଇଟାଲୀର ପିସା ସହରରେ ଚଳିତ ମାସ ୧୮ରୁ ୨୧ ପର୍ଯ୍ୟନ୍ତ ହୁଇଲ୍ ଚେୟାର ଫେନ୍‌ସିଂ ବିଶ୍ୱକପ୍ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ଭାରତୀୟ ଦଳରେ ବିଭିନ୍ନ ରାଜ୍ୟରୁ ୧୧ ଖେଳାଳି ମନୋନୀତ ହେଇଛନ୍ତି। ସେମାନଙ୍କ ମଧ୍ୟରେ ଓଡ଼ିଶାର ୩ ପ୍ରତିଯୋଗୀ ସାମିଲ ଅଛନ୍ତି। ସେମାନେ ହେଲେ ଭି.ରମେଶ ରାଓ, ରାଖାଲ୍ କୁମାର ସେଠୀ ଓ ପୂଜାସ୍ୱିନୀ ନାୟକ। ରମେଶ ରାଓ ୨୦୨୦-୨୧ ଜାତୀୟ ଚାମ୍ପିୟନଶିପ୍‌ରେ ୪ ପଦକ ଜିତିଥିବା ବେଳେ ରାଖାଲ ଓ ପୂଜାସ୍ୱିନୀ ବ୍ୟକ୍ତିଗତ ଓ ଦଳଗତ ବିଭାଗରେ ୬ଟି ଲେଖାଏ ପଦକ ହାସଲ କରିଥିଲେ। ବିଶ୍ୱକପ୍ ପାଇଁ ହରିୟାଣାର କର୍ନାଲରେ ଜାତୀୟ ଅଭ୍ୟାସ ଶିବିର ୧ ମାସ ଧରି ଚାଲିଥିଲା। ଏଥିରେ ଉତ୍ତମ ଧରଣର ଅଭ୍ୟାସ କରିଛନ୍ତି ବୋଲି ଓଡ଼ିଶା ଖେଳାଳିମାନେ କହିଛନ୍ତି। ଓଡ଼ିଶା ଖେଳାଳି ମାନେ ବିଶ୍ୱକପରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା ରଖିଛନ୍ତି। ଓଡ଼ିଶା ପାରା ସ୍ପୋର୍ଟ୍ସ ସଂଘ ସଭାପତି କମଳା କାନ୍ତ ରଥ, ସମ୍ପାଦକ ଲୋକନାଥ ମହାନ୍ତି ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଝୋଉ ଚାଇନାର ପ୍ରଥମ ଫର୍ମୁଲା ୱାନ ଡ୍ରାଇଭର

**ହିନ୍‌ୱିଲ (ସୁଇଜରଲାଣ୍ଡ), ୧୬।୧୧ (ଏପି):** ଆଲ୍‌ଫା ରୋମିଓ ସହ ମଙ୍ଗଳବାର ଚୁକ୍ତି କରିବା ପରେ ଝୋଉ ଗୁଆନ୍ୟୁ ଚାଇନାର ପ୍ରଥମ ଫର୍ମୁଲା ୱାନ ଡ୍ରାଇଭର ହେବାର ଗୌରବ ଅର୍ଜନ କରିଛନ୍ତି। ଝୋଉ ଫର୍ମୁଲା-୨ରୁ ଆସି ଫର୍ମୁଲା-୧ରେ ପାଦ ଦେଇଛନ୍ତି। ଫର୍ମୁଲା-୨ ଷ୍ଟାଣ୍ଡିଂରେ ସେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଆସନ୍ତା ସିଜନରୁ ମର୍ସିଡିଜ୍‌ର ଭାଲ୍‌ଟେରି ବୋଟାସ ଆଲ୍‌ଫା ରୋମିଓ ଟମ୍‌ରୁ ପ୍ରତିନିଧିତ୍ୱ କରିବେ। ଝୋଉ ଏହି ୧୦ଥର ରେସ୍ ବିଜେତାଙ୍କ ପାର୍ଟନର ହେବେ। ଝୋଉ ପୂର୍ବରୁ ଆଲପାଇନ୍ ଟିମର ଜଣେ ଟେଷ୍ଟ ଡ୍ରାଇଭର ଥିଲେ। ଜୁଲାଇରେ ସେ ଅଷ୍ଟ୍ରେଲିଆନ ଗ୍ରାଁ ପ୍ରି ପ୍ରାକ୍ଟିସ ସେସନରେ ଡ୍ରାଇଭ୍ କରିଥିଲେ। ସେ କହିଛନ୍ତି, ଚାଇନିଜ ମୋଟର ସ୍ପୋର୍ଟ୍ସ ଇତିହାସରେ ପ୍ରଥମ ଫର୍ମୁଲା ୱାନ ଡ୍ରାଇଭର ହିସାବରେ ତାଙ୍କଠାରୁ ଅନେକ ଆଶା ରହିବ। ଏହାକୁ ଏକ ପ୍ରକାର ଉତ୍ସାହ ବୋଲି ମନେ କରି ସେ ସଫଳତା ହାସଲ କରିବାକୁ ଉଦ୍ୟମ କରିବେ। ଆଲ୍‌ଫା ରୋମିଓ ଟିମ୍‌ରେ ଝୋଉଙ୍କୁ ୩ବର୍ଷ ଧରି ଫୁଲଟାଇମ୍ ଡ୍ରାଇଭର ରହିଥିବା ଆଣ୍ଟୋନିଓ ଜିଓଭିନାଜିଙ୍କ ସ୍ଥାନରେ ସୁଯୋଗ ମିଳିଛି।



# ବିଦର୍ଭ କ୍ୱାର୍ଟରଫାଇନାଲରେ

**ନୂଆଦିଲ୍ଲୀ, ୧୬।୧୧ (ପି.ଟି.)**

ମହାରାଷ୍ଟ୍ର ବିପକ୍ଷରେ ଚମକପ୍ରଦ ୭ ଉଇକେଟରେ ବିଜୟ ହାସଲ କରି ବିଦର୍ଭ ସୟଦ ମୁସ୍ତାକ ଅଲି ଟ୍ରଫି ଜାତୀୟ ଟି୨୦ ଚାମ୍ପିୟନଶିପ୍‌ର କ୍ୱାର୍ଟରେ ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଖେଳାଯାଇଥିବା ମ୍ୟାଚରେ ବିଦର୍ଭ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନେଇଥିଲା। ୱାନ୍ ଡାଉନ୍‌ରେ ବ୍ୟାଟିଂ କରିବାକୁ ଆସିଥିବା ରାହୁଲ ତ୍ରିପାଠୀଙ୍କ ୪୫ ବଲ୍‌ରୁ ୬୬ ରନ ସତ୍ତ୍ୱେ ସେମାନେ ମହାରାଷ୍ଟ୍ରକୁ ୧୫୭/୮ରେ ସୀମିତ କରିଦେଇଥିଲେ। ପରେ ଅଥର୍ବ ଟାଇଡେ (୩୮ବଲ୍‌ରୁ ୫୬) ଓ ଅଧିନାୟକ ଅକ୍ଷୟ ୱାଡେକର (୪୭ବଲ୍‌ରୁ ୫୮ ନଟଆଉଟ)ଙ୍କ ଚମତ୍କାର ଅର୍ଦ୍ଧଶତକ ସହାୟତାରେ ବିଦର୍ଭ ୩ଟି ବଲ୍ ବାକିଥାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା।

ଅନ୍ୟପକ୍ଷରେ ଏକ ରୋମାଞ୍ଚକ ମ୍ୟାଚରେ କର୍ନାଟକ ୨ ଉଇକେଟରେ ସୌରାଷ୍ଟ୍ରକୁ ପରାସ୍ତ କରିଛି। ତୃତୀୟ ପ୍ରି-କ୍ୱାର୍ଟରଫାଇନାଲରେ କେରଳ ମହମ୍ମଦ ଆଝାରୁଦ୍ଦିନ ଓ ସଞ୍ଜୁ ସାମ୍‌ସନଙ୍କ ଅର୍ଦ୍ଧଶତକ ସହାୟତାରେ ୮ ଉଇକେଟରେ ହିମାଚଳ ପ୍ରଦେଶକୁ ହରାଇ ଦେଇଥିଲା।

**ସଂକ୍ଷିପ୍ତ ସ୍କୋର**

***ମହାରାଷ୍ଟ୍ର ଇନିଂସ:** ୧୫୭/୮ (ରାହୁଲ ତ୍ରିପାଠୀ-୬୬, ଯାଶ ନାହାର-୨୯ ;ଯାଶ ଠାକୁର-୩/୧୭, ଅକ୍ଷୟ କାର୍ନେୱାର-୨/୨୫)। **ବିଦର୍ଭ ଇନିଂସ:** ୧୬୦/୩ (ଅକ୍ଷୟ ୱାଡେକର-୫୮*, ଅଥର୍ବ ଟାଇଡେ-୫୬ ; ମୁକେଶ ଚୌଧାରୀ-୧/୨୪)।

*** ସୌରାଷ୍ଟ୍ର ଇନିଂସ:** ୧୪୫/୭ (ଶେଲଡନ ଜ୍ୟାକସନ-୫୦, ଅର୍ପିତ ବାସବାଦା -୨୬ ; ଭି. ବ୍ୟାଶକ-୨/୧୯)। **କର୍ନାଟକ ଇନିଂସ:** ୧୫୦/୮ (ଅଭିନବ ମନୋହର-୭୦* ; ଜୟଦେବ ଉନାଡକଟ୍-୪/୨୨)।

*** ହିମାଚଳ ପ୍ରଦେଶ ଇନିଂସ:** ୧୪୫/୬ (ରାଘବ ଧାୱନ-୬୫ ; ଏସ୍. ମିଥୁନ୍-୨/୨୬)। **କେରଳ ଇନିଂସ:** ୧୪୭/୨ (ମହମ୍ମଦ ଆଝାରୁଦ୍ଦିନ-୬୦, ସଞ୍ଜୁ ସାମସନ-୫୨* ; ପି.ପି. ଜସ୍ୱାଲ-୧/୧୩)।

## ସିନ୍ଧୁ, ଲକ୍ଷ୍ୟ ସେନ୍ ଦ୍ୱିତୀୟ ରାଉଣ୍ଡରେ

**ବାଲି, ୧୬।୧୧ (ପି.ଟି.):** ଇଣ୍ଡୋନେସିଆ ମାଷ୍ଟର୍ସ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଦୁଇଥର ଅଲିମ୍ପିକ ପଦକ ବିଜେତା ପି. ଭି. ସିନ୍ଧୁ ଓ ଫର୍ମରେ ଥିବା ଲକ୍ଷ୍ୟ ସେନ୍ ଉତ୍ସାହଜନକ ଆରମ୍ଭ କରିଛନ୍ତି। ଉଭୟେ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସରେ ଏଠାରେ ତୃତୀୟ ସିଡ୍ ମାନ୍ୟତା ଲାଭ କରିଥିବା ବିଶ୍ୱ ଚାମ୍ପିୟନ ସିନ୍ଧୁ ଥାଇଲାଣ୍ଡର ସୁପାନିଦା କାଟେଥଙ୍ଗଙ୍କ ବିପକ୍ଷରେ ୨୧-୧୫, ୨୧-୧୯ରେ ବିଜୟ ଲାଭ କରିଛନ୍ତି। ଏହି ମ୍ୟାଚ ୪୩ ମିନିଟରେ ଶେଷ ହୋଇଥିଲା। ଦ୍ୱିତୀୟ ରାଉଣ୍ଡରେ ସେ ସ୍ପେନର କ୍ଲାରା ଆଜୁରମେନ୍ଦିଙ୍କୁ ଭେଟିବେ। ତେବେ ମଙ୍ଗଳବାର ଲକ୍ଷ୍ୟଙ୍କ ପାଇଁ ଭଲ ଦିନ ଥିଲା। ପୁରୁଷ ସିଙ୍ଗଲ୍ସର ଏକ ପ୍ରଥମ ରାଉଣ୍ଡ ମ୍ୟାଚରେ ସେ ବିଶ୍ୱର ୧୦ ନମ୍ବର ଖେଳାଳି ଜାପାନର କାଣ୍ଟା ତିସୁନେୟାମାଙ୍କୁ ୨୧-୧୭, ୧୮-୨୧, ୨୧-୧୭ରେ ପରାସ୍ତ କରିଥିଲେ।

## ଟପ୍ ୧୦ରେ ରହିଲେ ମିଥାଲି, ମନ୍ଧାନା

**ଦୁବାଇ, ୧୬।୧୧ (ପି.ଟି.):** ଆଇସିସି ଅନ୍ତର୍ଜାତୀୟ ଦିନିକିଆ ମହିଳା ର୍ୟାଙ୍କିଂ ତାଲିକା ମଙ୍ଗଳବାର ପ୍ରକାଶ ପାଇଛି। ବ୍ୟାଟର ତାଲିକାରେ ଭାରତର ଦୁଇ ଖେଳାଳି ମିଥାଲି ରାଜ ଓ ସ୍ମୃତି ମନ୍ଧାନା ଟପ୍ ଟେନ୍‌ରେ ଯଥାକ୍ରମେ ୩ୟ ଓ ୬ଷ୍ଠ ସ୍ଥାନରେ ରହିଛନ୍ତି। ଅନ୍ତର୍ଜାତୀୟ ଦିନିକିଆ ବୋଲର ତାଲିକାରେ ଭେଟେରାନ ପେସ୍‌ର ଝୁଲଣ ଗୋସ୍ୱାମୀ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଅଲରାଉଣ୍ଡର ତାଲିକାରେ ଦୀପ୍ତି ଶର୍ମା ୫ମ ସ୍ଥାନ ପାଇଛନ୍ତି। ପାକିସ୍ତାନ ବିପକ୍ଷରେ ମ୍ୟାଚ ବିଜୟୀ ଶତକ ପାଇଁ ବ୍ୟାଟର ତାଲିକାରେ ୱେଷ୍ଟଇଣ୍ଡିଜ ଅଧିନାୟିକା ଷ୍ଟିଫାନି ଟେଲରଙ୍କର ପଦୋନ୍ନତି ଘଟିଛି। ସେ ୧୨ତମ ସ୍ଥାନରୁ ୨ସ୍ଥାନ ଉପରକୁ ଉଠିଛନ୍ତି। କରାଚୀଠାରେ ଅନୁଷ୍ଠିତ ତୃତୀୟ ଅନ୍ତର୍ଜାତୀୟ ଦିନିକିଆରେ ଟେଲର ୧୦୨ରନ କରି ଅପରାଜିତ ରହିଥିଲେ। ତାଙ୍କ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜ ୩-୦ରେ ବିଜୟୀ ହୋଇଥିଲା।

# ଘଣ୍ଟାର ମୂଲ୍ୟ ୫କୋଟି ନୁହେଁ ୧.୫ କୋଟି ଟଙ୍କା: ପାଣ୍ଡ୍ୟା



**ମୁମ୍ବାଇ, ୧୬।୧୧ (ପି.ଟି.):** ମୁମ୍ବାଇ ବିମାନବନ୍ଦରରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କଠାରୁ ୫ କୋଟି ଟଙ୍କା ମୂଲ୍ୟର ବିଳାସପୂର୍ଣ୍ଣ ଘଣ୍ଟା ଜବତ ହୋଇଥିବା ଯାହା କୁହାଯାଉଛି ତାହାକୁ ଭାରତର ଏହି କ୍ରିକେଟ ଅଲରାଉଣ୍ଡର ଖଣ୍ଡନ କରିଛନ୍ତି। ସେ କ୍ରୟ କରି ଆଣିଥିବା ବିଭିନ୍ନ ସାମଗ୍ରୀର ଏକ ତାଲିକା ବହିଃଶୁଳ୍କ ଅଧିକାରୀଙ୍କୁ ଦେଇଛନ୍ତି। କେବଳ ଗୋଟିଏ ଘଣ୍ଟାର ମୂଲ୍ୟ ୧.୫ କୋଟି ଟଙ୍କା ହେବ ବୋଲି ପାଣ୍ଡ୍ୟା ସଫେଇ ଦେଇଥିଲେ। ତେବେ ଘଣ୍ଟାଟିକୁ ମୂଲ୍ୟାୟନ ପାଇଁ ନିଆଯାଇଥିଲା। ଟି ୨୦ ବିଶ୍ୱକପ୍‌ରେ ଖରାପ ପ୍ରଦର୍ଶନ କରି ଭାରତୀୟ ଦଳର ପ୍ରତ୍ୟାବର୍ତ୍ତନ ବେଳେ ସେ ଦୁବାଇରୁ ଆସିଥିଲେ। ରିପୋର୍ଟରେ ପ୍ରକାଶ ପାଇଥିଲା ଯେ, ହାର୍ଦ୍ଦିକଙ୍କଠାରୁ ଜବତ ୨ଟି ଘଣ୍ଟାର ମୂଲ୍ୟ ୫କୋଟି ଟଙ୍କା ହେବ। ହାର୍ଦ୍ଦିକ ଦୁବାଇରୁ କିଣି କରି ଆଣିଥିବା ସାମଗ୍ରୀଗୁଡ଼ିକର ବିଲ୍ ବହିଃଶୁଳ୍କ ଅଧିକାରୀଙ୍କୁ ଦେଇଥିଲେ। ହେଲେ ସେଗୁଡ଼ିକ ପ୍ରକୃତ ମୂଲ୍ୟ ସହ ମେଳ ରହୁ ନ ଥିବା ମନେ ହେଉଥିଲା। ନିୟମାନୁସାରେ ଏହି କ୍ରିକେଟ ଅଲରାଉଣ୍ଡରଙ୍କୁ ଘଣ୍ଟାର ପ୍ରକୃତ ମୂଲ୍ୟ ଉପରେ ଡ୍ୟୁଟି ଫି' ଦେବାକୁ ହେବ।

# ଭାରତ ଆୟୋଜନ କରିବ ୩ ବଡ଼ ଟୁର୍ନାମେଣ୍ଟ

**ଦୁବାଇ,୧୬।୧୧**

**ଆଇସିସି ଇଭେଣ୍ଟ କାର୍ଯ୍ୟସୂଚୀ**

**ପାକିସ୍ତାନରେ ୨୦୨୫ ଚାମ୍ପିୟନ୍ସ ଟ୍ରଫି**

ଦୀର୍ଘ ୨ ଦଶନ୍ଧି ପରେ ପାକିସ୍ତାନରେ ଆଇସିସିର ବଡ଼ ଟୁର୍ନାମେଣ୍ଟ ଆୟୋଜନ ହେବ। ୨୦୨୫ରେ ପାକିସ୍ତାନରେ ଆୟୋଜନ ହେବ ଆଇସିସି ଚାମ୍ପିୟନ୍ସ ଟ୍ରଫି। ଏ ନେଇ ଆଇସିସି ବୋର୍ଡ ମଙ୍ଗଳବାର ଆନୁଷ୍ଠାନିକ ଭାବେ ଘୋଷଣା କରିଛି।

ସେହିପରି ଆମେରିକା ଓ ୱେଷ୍ଟଇଣ୍ଡିଜ୍ ମିଳିତ ଭାବେ ୨୦୨୪ ଟି୨୦ ବିଶ୍ୱକପ୍ ଆୟୋଜନ କରିବେ। ଏଥିପାଇଁ ଏହି ଦୁଇ ଦେଶକୁ ଆଇସିସି ଆୟୋଜନ ଅଧିକାର ପ୍ରଦାନ କରିଛି। ଏଥିସହି ପ୍ରଥମଥର ପାଇଁ ଉତ୍ତର ଆମେରିକାରେ ବିଶ୍ୱସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଖେଳାଯିବା ସ୍ପଷ୍ଟ ହୋଇଛି। ଆଇସିସିର ଘୋଷଣା ଅନୁଯାୟୀ ଆସନ୍ତା ସାଇକଲ(ଚକ୍ର)ରେ ଭାରତ ୨୦୨୬ ଟି୨୦ ବିଶ୍ୱକପ୍ ସମେତ ୩ଟି ବଡ଼ ଟୁର୍ନାମେଣ୍ଟ ଆୟୋଜନ କରିବ। ଏଥିରେ ୨୦୩୧ ଦିନିକିଆ ବିଶ୍ୱକପ୍ ସାମିଲ ରହିଛି ଓ ଏହି ଇଭେଣ୍ଟକୁ ଭାରତ, ବାଂଲାଦେଶ ଓ ଶ୍ରୀଲଙ୍କା ମିଳିତ ଭାବେ ଆୟୋଜନ କରିବେ। ସେହିପରି ଭାରତ ଏକା ୨୦୨୯ ଚାମ୍ପିୟନ୍ସ ଟ୍ରଫି ମଧ୍ୟ ଆୟୋଜନ କରିବ।

ଶେଷଥର ପାଇଁ ପାକିସ୍ତାନ ୧୯୯୬ ବିଶ୍ୱକପ୍ ଭାରତ ଓ ଶ୍ରୀଲଙ୍କା ସହିତ ମିଳିତ ଭାବେ ଆୟୋଜନ କରିଥିଲା। ୨୦୦୯ରେ ଲାହୋରରେ ଶ୍ରୀଲଙ୍କା ଟିମ୍ ବସ୍ ଉପରେ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନରେ ଆବଶ୍ୟକ ସଂଖ୍ୟାରେ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ଆୟୋଜନ ହୋଇ ନାହିଁ। ଶେଷଥର ପାଇଁ ଚାମ୍ପିୟନ୍ସ ଟ୍ରଫି ୨୦୧୭ରେ ୟୁନାଇଟେଡ କିଙ୍ଗଡମ୍ (ୟୁକେ)ରେ ଖେଳାଯାଇଥିଲା। ଦୀର୍ଘ ୮ ବର୍ଷ ପରେ ଚାମ୍ପିୟନ୍ସ ଟ୍ରଫି ଆଇସିସି କ୍ୟାଲେଣ୍ଡରରେ ସ୍ଥାନ ପାଇଛି। କିଛି ଦିନତଳେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ପାକିସ୍ତାନ୍ ଗସ୍ତରୁ ଶେଷ ମୁହୂର୍ତ୍ତରେ ଓହରିଯାଇଥିଲେ। ୨୦୨୩ରୁ ୨୦୩୧ ମଧ୍ୟରେ ଆଇସିସିର ୧୪ଟି ସଦସ୍ୟ ଦେଶ ପୁରୁଷ ଇଭେଣ୍ଟଗୁଡିକ ଆୟୋଜନ କରିବେ। ୧୧ଟି ପୂର୍ଣ୍ଣ ସଦସ୍ୟ ଓ ୩ଟି ଆସୋସିଏଟ ମେମ୍ବର ଦୁଇଟି ପୁରୁଷ ବିଶ୍ୱକପ, ୪ଟି ପୁରୁଷ ଟି୨୦ ବିଶ୍ୱକପ ଓ ୨ଟି ପୁରୁଷ ଚାମ୍ପିୟନ୍ସ ଟ୍ରଫି ଇଭେଣ୍ଟ ଆୟୋଜନ କରିବେ ବୋଲି ଆଇସିସି ତରଫରୁ କୁହାଯାଇଛି।

ଆମେରିକା ଓ ନାମ୍ବିଆ ପ୍ରଥମଥର ପାଇଁ ବିଶ୍ୱକପ ଆୟୋଜନ କରିବେ। ସେହିପରି ପୂର୍ବରୁ ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଆୟର୍ଲାଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ସ୍କଟଲାଣ୍ଡ, ଦକ୍ଷିଣ ଆମେରିକା, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ ଓ ଜିମ୍ବାୱେ ବଡ଼ ଟୁର୍ନାମେଣ୍ଟ ଆୟୋଜନ କରିଥିଲେ ମଧ୍ୟ ଆଗାମୀ ଦଶନ୍ଧିରେ ମଧ୍ୟ ଆଇସିସିର ମେଜର ଟୁର୍ନାମେଣ୍ଟ ଆୟୋଜନ କରିବେ।

## ୩ ପଦକ ନିଶ୍ଚିତ କଲେ ଭାରତୀୟ ତୀରନ୍ଦାଜ

**ଢାକା, ୧୬।୧୧ (ପି.ଟି.):** ଭାରତୀୟ ତୀରନ୍ଦାଜମାନେ ଏସିଆନ ଆର୍ଚେରୀ ଚାମ୍ପିୟନଶିପ୍‌ରେ ମଙ୍ଗଳବାର ୩ ପଦକ ନିଶ୍ଚିତ କରିଛନ୍ତି। ଭାରତ ପୁରୁଷ, ମହିଳା ଓ ମିକ୍ସଡ ଟିମ୍ ଇଭେଣ୍ଟ ଫାଇନାଲରେ ପ୍ରବେଶ କରିଛି। ପ୍ରତ୍ୟେକ ଅନ୍ତର୍ଜାତୀୟ ଇଭେଣ୍ଟରେ କୋରିଆ ପ୍ରତିଯୋଗୀମାନେ ଭାରତର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ସାଜିଛନ୍ତି। ଏଠାରେ ମଧ ତାହା ପରିଲକ୍ଷିତ ହୋଇଛି। ଭାରତ ଆହୁରି ମଧ ମହିଳା ଓ ପୁରୁଷ କମ୍ପାଉଣ୍ଡ ରିକର୍ଭ ମିକ୍ସଡ ଟିମ୍ ଇଭେଣ୍ଟର ସେମିଫାଇନାଲରେ ପରାଜିତ ହୋଇ ୩ ବ୍ରୋଞ୍ଜ ପଦକ ଦୌଡ଼ରେ ଅଛନ୍ତି। ଆର୍ଚେରୀ ହେଭିୱେଟ୍ ଦେଶ କୋରିଆ ଏଠାରେ କ୍ଲିନ୍‌ସୁଇପ୍ ହାସଲ ଲକ୍ଷ୍ୟରେ ରହିଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ